# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୩/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, April 3/2023 | Page 14 | ₹ 7.00

୪୯ଶ ଭାଗ ୧୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 128 ମୂଲ୍ୟ₹୭/-




**ଭର୍ଷ୍ଟାପେନ୍‌ଙ୍କୁ ଟାଇଟଲ**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ୧୨

୧୦ **କାର୍ତ୍ତିକଙ୍କ ସହ ଅଭିନୟ କରିବାରେ ଅସୁବିଧା ନାହିଁ**

କାର୍ତ୍ତିକ-ଆର୍ଯ୍ୟନଙ୍କ ଡେଟିଂରେ ପୂର୍ଣ୍ଣଚ୍ଛେଦ ପରେ ମଧ ତାଙ୍କ ସହ ଅଭିନୟ କରିବାରେ ଅସୁବିଧା ନ ଥିବା କହିଛନ୍ତି ଅଭିନେତ୍ରୀ ସାରା ଅଲି ଖାନ୍ ।





ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ପ୍ରବଳ ଖରାରେ ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ମରାଚିକୋଟ ଛକ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି। (ଫଟୋ: ଯଜ୍ଞେଶ୍ୱର)

# ଗାଁରେ ପଶିଲା ନାମିବ୍ୟା ଚିତା

## କୁନୋ ନ୍ୟାଶନାଲ ପାର୍କରୁ ଖସି ପଳାଇଛି



**ଶେଓପୁର,୨।୪**

ମଧ୍ୟପ୍ରଦେଶସ୍ଥିତ ଶେଓପୁରର କୁନୋ ନ୍ୟାଶନାଲ ପାର୍କ (କେଏନ୍‌ପି)ଠାରୁ ୧୫-୨୦ କି.ମି. ଦୂରରେ ଥିବା ବରୋଦା ଗାଁରେ ନାମିବ୍ୟାରୁ ଆସିଥିବା ଚିତା ଓବାନ୍ ପଶିଯାଇଛି। ରବିବାର ଜିଲା ଅଧିକାରୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗାଁରେ ଚିତା ପଶିବା ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। 'ପ୍ରୋଜେକ୍ଟ ଚିତା' ଅଧୀନରେ ଗତବର୍ଷ ସେପ୍ଟେମ୍ବରରେ ନାମିବ୍ୟାରୁ ୮ ଚିତାଙ୍କୁ ଭାରତ ଅଣାଯାଇଥିଲା। ଚିତାଗୁଡ଼ିକୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇଥିବାବେଳେ ଗତମାସରେ ସେମାନଙ୍କ ମଧ୍ୟରୁ ୪ଟି ଚିତାଙ୍କୁ କେଏନ୍‌ପିର ଫ୍ରି ରେଞ୍ଜରେ ଛଡ଼ା ଯାଇଥିଲା, ଯେଉଁଥିରେ ଓବାନ୍ ସାମିଲ ଥିବା ଶେଓପୁର ଡିଏଫ୍‌ଓ ପି.କେ. ବର୍ମା କହିଛନ୍ତି। ଓବାନ୍ ଦେହରେ ଲାଗିଥିବା କୋଲାର୍ ଡିଭାଇସ୍ ସିଗ୍ନାଲ୍ ଅନୁସାରେ ଶନିବାର ରାତିରୁ ସେ ଗାଁ ଆଡ଼କୁ ଚାଲିଯାଇଥିଲା। ଗାଁର ଗୋଟିଏ ସ୍ଥାନରେ ଓବାନ୍ ବସି ରହିଥିବାବେଳେ ସ୍ୱତନ୍ତ୍ର ପୋଲିସ ଟିମ୍ ତା' ଉପରେ ନଜର ରଖିବା ସହ ଗାଁ ଲୋକଙ୍କୁ ସତର୍କ ମଧ କରୁଛନ୍ତି। ଅନ୍ୟପକ୍ଷେ ଓବାନ୍‌କୁ ପୁଣିଥରେ କେଏନ୍‌ପି ଫେରାଇ ନେବାକୁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ମାର୍ଚ୍ଚ ୧୧ରେ ଓବାନ୍ ଏବଂ ଆଶାଙ୍କୁ କେଏନ୍‌ପି ଜଙ୍ଗଲ ଭିତରକୁ ଛଡ଼ାଯାଇଥିବାବେଳେ ୨୨ରେ ଇଲ୍‌ଟୋନ୍ ଓ ଫ୍ରେଡି ଜଙ୍ଗଲ ଭିତରେ ପ୍ରବେଶ କରିଥିଲେ। ନାମିବ୍ୟାରୁ ଆସିଥିବା ୫ ମାଈ ଏବଂ ୩ ଅଣ୍ଡିରା ଚିତା ମଧ୍ୟରୁ ସାଶାର ମୃତ୍ୟୁ ଘଟିଛି। ସେ ୨ ମାସ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲା। ଅନ୍ୟପକ୍ଷେ ଚିତା ସିୟାୟା କୁନୋ ନ୍ୟାଶନାଲ୍ ପାର୍କରେ ୪ ଶାବକଙ୍କୁ ଜନ୍ମ ଦେଇଛି। ସେହିପରି ଗତ ଫେବୃୟାରୀରେ ଦକ୍ଷିଣ ଆଫ୍ରିକାରୁ ୧୨ ଚିତାଙ୍କୁ ଭାରତ ଅଣାଯାଇଛି।

**ଆଜିର ସମ୍ପାଦକୀୟ**

**ଧୈର୍ଯ୍ୟ ସଙ୍କଟ**

# ଆଜିଠୁ ମାଟ୍ରିକ୍ ଖାତା ମୂଲ୍ୟାୟନ

**କଟକ ଅଫିସ,୨।୪**

ସୋମବାରଠାରୁ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାଖାତା ମୂଲ୍ୟାୟନ ଆରମ୍ଭ ହେବ। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ରବିବାର ସବୁ ମୂଲ୍ୟାୟନ କେନ୍ଦ୍ରରେ ପରୀକ୍ଷକମାନେ ଯୋଗଦେଇଛନ୍ତି। ଏଥିସହ ଜିଲା ଶିକ୍ଷାଧିକାରୀମାନଙ୍କ ତତ୍ତ୍ୱାବଧାନରେ ପରୀକ୍ଷକମାନଙ୍କୁ ନେଇ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୋର୍ଡ ଉପସଭାପତି ଡ. ନୀହାର ରଞ୍ଜନ ମହାନ୍ତିଙ୍କ ସୂଚନା ଅନୁଯାୟୀ, ମୂଲ୍ୟାୟନ ପାଇଁ ମୋଟ ୧୩ ହଜାର ପରୀକ୍ଷକଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସେମାନଙ୍କ ନିଯୁକ୍ତି ବିଷୟରେ ବୋର୍ଡ ☞ପୃଷ୍ଠା-୪

# ଅମ୍ପାୟରଙ୍କ ନିଷ୍ପତ୍ତିକୁ ନେଇ ହତ୍ୟା

**କ୍ଷଣିକ କ୍ରୋଧ ଯେ କେତେ ଭୟଙ୍କର ତାହା ରବିବାର କଟକ ଜିଲା ଚୌଦ୍ୱାର ଅଞ୍ଚଳରେ ଘଟିଥିବା ଏକ ଘଟଣାରୁ ଜଣାପଡ଼ିଛି। କ୍ରିକେଟ ମ୍ୟାଚ୍ ଚାଲିଥିବାବେଳେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ତାଙ୍କ ଭାଇଙ୍କୁ ୪ ଯୁବକ ହତ୍ୟା କରିଛନ୍ତି। ମୃତକ ହେଉଛନ୍ତି ଲକି ରାଉତ। ଏହି ଘଟଣାରେ ସ୍ଥାନୀୟ ଲୋକେ ଆକ୍ରମଣକାରୀ ଜଗା ଦାସଙ୍କୁ ପୋଲିସ ଜିମା ଦେଇଥିବାବେଳେ ଅନ୍ୟ ୩ଜଣ ଫେରାର ଅଛନ୍ତି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।**

**କ୍ରିକେଟ୍ ଖେଳବେଳେ ଗଣ୍ଡଗୋଳ**

## ଜଣେ ଅଭିଯୁକ୍ତ ଅଟକ, ୩ ଫେରାର

**କଟକ ଅଫିସ/ ମଙ୍ଗୁଳି/ ଚୌଦ୍ୱାର(ଡି.ଏନ୍.ଏ.), ୨।୪**

କଟକ ଜିଲା ଚୌଦ୍ୱାର ମଇଁଷାଲଣ୍ଡା ଫୁଟବଲ୍ ପଡ଼ିଆରେ ରବିବାର ସ୍ଥାନୀୟ ଅଞ୍ଚଳର ଶଙ୍କରପୁର ଏବଂ ବ୍ରହ୍ମପୁର ମଧ୍ୟରେ କ୍ରିକେଟ ମ୍ୟାଚ୍ ଚାଲିଥିଲା। ଏହି ସମୟରେ ଅମ୍ପାୟରଙ୍କ ଏକ ଆଉଟ୍ ନିଷ୍ପତ୍ତିକୁ ବିରୋଧ କରି ବ୍ରହ୍ମପୁର ଗ୍ରାମର କେତେଜଣ ଯୁବକ ନୋ' ବଲ୍ ଘୋଷଣା କରିବାକୁ ବାଧ କରିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ଏହାକୁ ଅମ୍ପାୟାରଙ୍କ ସମ୍ପର୍କୀୟ ଭାଇ ବିରୋଧ କରିବାରୁ ତାଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ମହିଷାଲଣ୍ଡାର ଲକି ରାଉତ(୨୨)।

ମିଳିଥିବା ସୂଚନାନୁସାରେ, ରବିବାର ଶଙ୍କରପୁର ଏବଂ ବ୍ରହ୍ମପୁର ମଧ୍ୟରେ ଚାଲିଥିବା ଫାଇନାଲ କ୍ରିକେଟ ମ୍ୟାଚ୍‌ରେ ଶଙ୍କରପୁର ପ୍ରଥମେ ବ୍ୟାଟିଂ କରି ୧୧୪ ରନ୍ ହାସଲ କରିଥିଲା। ଏହାର ଜବାବରେ ୧୧୫ରନ୍ ଲକ୍ଷ୍ୟ ନେଇ ବ୍ରହ୍ମପୁର ଟିମ୍‌ର ଓପନର ଦୁଇ ବ୍ୟାଟ୍‌ସମ୍ୟାନ ପଡ଼ିଆକୁ ଓହ୍ଲାଇଥିଲେ। ଦ୍ୱିତୀୟ ଇନିଂସର ପ୍ରଥମ ବଲ୍‌ରେ ବ୍ରହ୍ମପୁରର ଓପ୍‌ନର କ୍ୟାଚ୍ ଆଉଟ ହୋଇଥିଲେ। କିନ୍ତୁ ବ୍ରହ୍ମପୁର ଗ୍ରାମର ଜଗା ଦାସ (୨୧) ଓ ବାଦଲ



ମୃତ ଲକି ରାଉତ

କୈବଦୁଲ ଏହାକୁ ନୋ ବଲ୍ କହି ଆଉଟ ଭାବେ ଗ୍ରହଣ କରି ନ ଥିଲେ। ଏପରି କି ଅମ୍ପାୟାର ପ୍ରୀତିରଞ୍ଜନ ସାମଲଙ୍କୁ ନିଷ୍ପତ୍ତି ବଦଳାଇବାକୁ ବାଧ କରିଥିଲେ। ଏଥିରେ ଅମ୍ପାୟାର ରାଜି ନ ହେବାରୁ ଜଗା ଏବଂ ବାଦଲ ତାଙ୍କ ସହ ଯୁକ୍ତିତର୍କ କରିବା ସହ ମାଡ଼ ମାରିଥିଲେ। ଏହାଦେଖି ପ୍ରୀତିରଞ୍ଜନଙ୍କ ସମ୍ପର୍କୀୟ ଭାଇ ଲକି ଏବଂ ଗ୍ରାମର କେତେଜଣ ଯୁବକ ଏହାକୁ ପ୍ରତିବାଦ କରିଥିଲେ। ଏଥିରେ ରାଗିଯାଇ ଜଗା ତାଙ୍କ ଭାଇକୁ ଫୋନ୍ କରି ଡାକିଥିଲେ। କିଛି ସମୟ ପରେ ଜଗାଙ୍କ ପିଉସୀ ପୁଅ ଭାଇ ସ୍ମୃତିରଞ୍ଜନ ରାଉତ ଏବଂ ମୁଗୁନି ଓରଫ ସଞ୍ଜୟ ରାଉତ ଏକ ପଲ୍‌ସର ଗାଡ଼ିରେ ଆସି ପହଞ୍ଚିଥିଲେ। ମୁଗୁନି ଏବଂ ଜଗା ତୁରନ୍ତ ଲକିଙ୍କୁ ପଛପଟୁ କାବୁ କରିଥିବାବେଳେ ସ୍ମୃତି ହାତରେ ଧରିଥିବା ଛୁରିରେ ପେଟକୁ ଆକ୍ରମଣ କରିଥିଲେ। ଲକି ତଳେ ପଡ଼ିଯିବାରୁ ତାଙ୍କ ମୁଣ୍ଡକୁ ବ୍ୟାଟ୍‌ରେ ପିଟିଥିଲେ। ଏହାଦେଖି ସ୍ଥାନୀୟ ଲୋକେ ତୁରନ୍ତ ଲକିଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲ ପଠାଇଥିବାବେଳେ ଜଗାଙ୍କୁ କାବୁ କରିଥିଲେ। ଲକିଙ୍କୁ ଏସ୍‌ସିବି ମେଡିକାଲ୍‌ରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଗାଙ୍କୁ ନିଜ ହେପାଜତକୁ ନେବାକୁ ଚାହୁଁଥିବାବେଳେ ଗ୍ରାମବାସୀ ଜଗାଙ୍କୁ ଛାଡ଼ି ନ ଥିଲେ। ଘଟଣାର ଉପଯୁକ୍ତ ତଦନ୍ତ, ହତ୍ୟାକାରୀକୁ ଉଚିତ୍ ଶାସ୍ତି, ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଆଦି ଦାବି କରି ☞ପୃଷ୍ଠା-୪

# ଆଜି ଅତାବିରା, ହିନ୍ଦୋଳ ଏନ୍‌ଏସି ନିର୍ବାଚନ

- **ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି**
- **ସମ୍ବେଦନଶୀଳ ବୁଥ୍‌ରେ କଡ଼ା ନଜର**

**ସରଣ୍ଡା(ଡି.ଏନ.ଏ.)/ ଢେଙ୍କାନାଳ ଅଫିସ, ୨।୪**

ବରଗଡ଼ ଜିଲା ଅତାବିରା ଏବଂ ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ନିର୍ବାଚନ ପାଇଁ ସୋମବାର ଭୋଟ ଗ୍ରହଣ ହେବ। ଏହା ପୂର୍ବାହ୍ନ ୮ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ଯାଏ ଚାଲିବ। ମତଦାନ ଶୃଙ୍ଖଳିତ କରିବା ଲାଗି ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଥିବାବେଳେ ରବିବାର ପୋଲିଂ ପାର୍ଟି ଇଭିଏମ୍ ଏବଂ ଅନ୍ୟାନ୍ୟ ନିର୍ବାଚନ ସରଞ୍ଜାମ ଧରି ବୁଥ୍‌ରେ ପହଞ୍ଚିଛନ୍ତି।

ଅତାବିରା ଏନ୍‌ଏସିର ୧୨ଟି ୱାର୍ଡରେ ମତଦାନ ପାଇଁ ମୋଟ୍ ୧୬ଟି ବୁଥ୍ କରାଯାଇଛି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ୪ ପୋଲିଂ ଅଫିସର ଓ ଜଣେ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେଥିମଧ୍ୟରୁ ୭ଟି ସମ୍ବେଦନଶୀଳ, ୩ଟି ଅତି ସମ୍ବେଦନଶୀଳ ଚିହ୍ନଟ ହୋଇଛି। ଅତାବିରା ବାଳିକା ହାଇସ୍କୁଲର ୨ନଂ. ମତଦାନ କେନ୍ଦ୍ରକୁ ପିଙ୍କ୍ (ଗୋଲାପି) ବୁଥ୍ କରାଯାଇଛି। ଏହି ବୁଥ୍‌ରେ ସମସ୍ତ ନିର୍ବାଚନ କର୍ମଚାରୀ ଓ ଦଳୀୟ ଏଜେଣ୍ଟ ମହିଳା ରହିବେ ବୋଲି ନିର୍ବାଚନ ଅଧିକାରୀ ତଥା ବରଗଡ଼ ଉପଜିଲାପାଳ ଲଲାଟ ଲୁହା ପ୍ରକାଶ କରିଛନ୍ତି। ବରଗଡ଼ ଏସ୍‌ପି ପି. ଏସ୍. ମିନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାପାଳ ମୋନିଷା ବାନାର୍ଜୀଙ୍କ ନେତୃତ୍ୱରେ ଏଡିଏମ୍ ମିର୍ଦ୍ଧା ଟପ୍ପୋ, ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଲଲାଟ ଲୁହା, ପଦ୍ମପୁର ଉପଜିଲାପାଳ ସଦାକର କୁମ୍ଭାର, ସାଧାରଣ ନିର୍ବାଚନ ପର୍ଯ୍ୟବେକ୍ଷକ ନୃସିଂହ ଚରଣ ସ୍ୱାଇଁ, ଅତାବିରା ବିଡିଓ ପ୍ରମୋଦ କୁମାର ମେହେର ପ୍ରମୁଖ ନିର୍ବାଚନ ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ, ଅତାବିରା ଏନ୍‌ଏସି ନଗରପାଳ ଆସନ ଅନୁସୂଚିତ ଜନଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ପଦବୀରେ ବିଜେଡିରୁ ବନମାଳି ବରିହା, ଭାଜପାରୁ ଲକ୍ଷ୍ମୀ ବେହେରା, ☞ପୃଷ୍ଠା-୪

# କୋର୍ଟ ରାୟକୁ ଆଜି ଚ୍ୟାଲେଞ୍ଜ କରିବେ ରାହୁଲ



ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ, ୨।୪**

**ମାନହାନି ମାମଲା**

୨୦୧୯ର ଏକ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୁରଟର ଏକ କୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ହେବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇଥିଲେ, ଯେଉଁଥିପାଇଁ ତାଙ୍କୁ ଲୋକ ସଭା ସଦସ୍ୟତା ହରାଇବାକୁ ପଡ଼ିଛି। ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ରାହୁଲ ସୋମବାର ସୁରଟର ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିବେ। ପିଟିଶନର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଦଣ୍ଡାଦେଶ ଉପରେ ଅନ୍ତରୀଣ ରହିତାଦେଶ ଲଗାଇବାକୁ ରାହୁଲ କୋର୍ଟଙ୍କୁ ☞ପୃଷ୍ଠା-୪

# ଗିରଫ ଏସ୍‌ଆଇଙ୍କ ଲିଙ୍ଗକୁ ନେଇ ଦ୍ୱନ୍ଦ୍ୱ

**ଯୌନ କେଲେଙ୍କାରୀ ମାମଲା**

- **ବିବାହ ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ରଖିଥିଲେ ଶାରୀରିକ ସମ୍ପର୍କ**

**ଭଦ୍ରକ ଅଫିସ,୨।୪**

ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପ୍ରଲୋଭନ ଦେଖାଇ ଦୁଇବର୍ଷ ଧରି ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗରେ ଜଣେ ଏସ୍‌ଆଇଙ୍କୁ ଭଦ୍ରକ ଟାଉନ ପୋଲିସ ଗିରଫ ପରେ ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଚୂଡ଼ାମଣି ମେରାଇନ ଥାନାର ଏସ୍‌ଆଇ ତପସ୍ୱିନୀ ମହାପାତ୍ର। ତେବେ ଅଭିଯୁକ୍ତ ଏସ୍‌ଆଇ ଜଣେ ପୁରୁଷ ହୋଇ ମହିଳା ଭାବେ ସତ୍ୟପାଠ କରି ଚାକିରି କରିଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଏପରିକି ଅଭିଯୁକ୍ତ ଏସ୍‌ଆଇ ପୂର୍ବରୁ ବିବାହ କରିଥିବା ଓ ତାଙ୍କ ସ୍ତ୍ରୀ ଯାଜପୁର ଜିଲାର ଏକ ଥାନାରେ ଏସ୍‌ଆଇ ଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷେ ଅଭିଯୁକ୍ତ ଏସ୍‌ଆଇ ଜଣେ ମହିଳା ହୋଇଥିବା ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଛନ୍ତି। ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

ଭଦ୍ରକ ଅଞ୍ଚଳର ଉକ୍ତ ଯୁବତୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି ଯେ, ଏସ୍‌ଆଇ ମହାପାତ୍ର ପୂର୍ବରୁ ପୁରୁଣାବଜାର ଥାନାରେ ଥିବାବେଳେ ତାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ତାଙ୍କୁ ବିବାହ କରିବା ପାଇଁ ସେ ପ୍ରଲୋଭନ ଦେଖାଇଥିଲେ। ଏପରିକି ୨୦୨୧ ନଭେମ୍ବର ୨୩ରେ ପୁରୀ ଜଗନ୍ନାଥ ମନ୍ଦିରରେ ତାଙ୍କୁ ସିନ୍ଦୂର ପିନ୍ଧାଇ ବିବାହ କରିଥିଲେ। ବାସୁଦେବପୁର ଓ ପୁରୁଣାବଜାର ଭଡ଼ାଘରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏସ୍‌ଆଇ ମହାପାତ୍ର ପୂର୍ବରୁ ବିବାହ କରିଥିବା ଜାଣିବା ପରେ ଗତ ୩୧ ☞ପୃଷ୍ଠା-୪

# ଜନସଂଖ୍ୟା ସନ୍ତୁଳନ ପାଇଁ ସପ୍ତାହେ ଛୁଟି

**ଚାଇନା କଲେଜ ଛାତ୍ରୀଛାତ୍ରଙ୍କୁ 'ଟୁ ଫଲ୍ ଇନ୍ ଲଭ୍' ସୁବିଧା**

**ବେଜିଂ,୨।୪**

୨ ବର୍ଷ ହେଲା ଚାଇନାରେ ଜନ୍ମହାର କମିବାରେ ଲାଗିଛି। ଫଳରେ ଦେଶର ଜନସଂଖ୍ୟା ହ୍ରାସ ପାଇଛି। ଏହାକୁ ଦୃଷ୍ଟିରେ ରଖି ଜନସଂଖ୍ୟାରେ ସନ୍ତୁଳନ ଆଣିବା ଲାଗି ଚାଇନାର ୯ଟି କଲେଜ ଏକ ନିଆରା ଅଭିଯାନ ଆରମ୍ଭ କରିଛନ୍ତି। କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କୁ 'ଟୁ ଫଲ୍ ଇନ୍ ଲଭ୍' ବା 'ପ୍ରେମରେ ପଡ଼ିବା ପାଇଁ' ଗୋଟିଏ ସପ୍ତାହର ଛୁଟି ଦିଆଯାଇଛି। ମାର୍ଚ୍ଚ ୨୧ରେ ପ୍ରଥମକରି ମିଆନାଙ୍ଗ ଫ୍ଲାଇଂ ଭୋକେଶନାଲ କଲେଜ ରୋମାନ୍ସକୁ ଫୋକସ୍ କରି ଏହି ନିଆରା ଅଭିଯାନର ଘୋଷଣା କରିଥିଲା।

୭ ଦିନିଆ ଛୁଟିରେ ଛାତ୍ରୀଛାତ୍ର ପ୍ରକୃତିକୁ ଭଲପାଇବା ଏବଂ ବସନ୍ତ ଋତୁକୁ ମନଭରି ଉପଭୋଗ କରିବା ପାଇଁ କଲେଜ କର୍ତ୍ତୃପକ୍ଷଙ୍କ ତରଫରୁ କୁହାଯାଇଛି। ତେବେ ଏହି ଛୁଟି ଛାତ୍ରୀଛାତ୍ରଙ୍କୁ ଅବସାଦରେ ପକାଇବ ନାହିଁ, ବରଂ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ମିଆନାଙ୍ଗ ଫ୍ଲାଇଂ ଭୋକେଶନାଲ କଲେଜର ଡେପୁଟି ଡିନ୍ ଲିଆଙ୍ଗ ଜୁଓହୁଇ କହିଛନ୍ତି। ପିଲାମାନେ ଛୁଟିକୁ କିପରି କାଟିଲେ ସେ ନେଇ ହୋମୱର୍କ ମଧ ଦିଆଯାଇଛି। ନିଜ ଅନୁଭୂତି ଡାଏରୀରେ ଲେଖିବା ସହ ଯାତ୍ରାବେଳେର ଭିଡିଓ କରିବା ପାଇଁ କୁହାଯାଇଛି।



ଜନସଂଖ୍ୟା ବୃଦ୍ଧି ଦିଗରେ ଏହି ନିଆରା ଅଭିଯାନ ଉପକାରୀ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞ କହିଛନ୍ତି। ଜନ୍ମହାର ବୃଦ୍ଧି ସକାଶେ ସରକାରଙ୍କ ତରଫରୁ ୨୦ରୁ ଉର୍ଦ୍ଧ୍ୱ ଯୋଜନା ପ୍ରସ୍ତୁତ କରାଯାଇଥିବାବେଳେ ସେଥିରୁ କିଛି ସୁଫଳ ମିଳି ନ ଥିଲା। ୧୯୮୦ରୁ ୨୦୧୫ ମଧ୍ୟରେ ଦେଶରେ ଏକ-ଶିଶୁ ନୀତି ଯୋଗୁ ବର୍ତ୍ତମାନ ସମୟରେ ଚାଇନା ଜନସଂଖ୍ୟା ଦ୍ରୁତ ହ୍ରାସ ପାଇବାରେ ଲାଗିଛି। ଗତବର୍ଷ ଦେଶରେ ଜନ୍ମହାର ପ୍ରତି ୧୦୦୦ରେ ୬.୭୭ ଥିବାବେଳେ ୨୦୨୧ରେ ଏହା ୭.୫୨ ରହିଥିଲା। ଦୁଇବର୍ଷ ପୂର୍ବରୁ ସରକାର ଶିଶୁ ନୀତିରେ ପରିବର୍ତ୍ତନ କରି ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ୩ ଶିଶୁ ଜନ୍ମ କରିବାର ନୂଆ ନିୟମ ଲାଗୁ କଲେ। କମ୍ ରୋଜଗାର ସାଙ୍ଗକୁ ଚାଇଲ୍ଡ କେୟାର ଏବଂ ଶିକ୍ଷା ମୂଲ୍ୟ ବୃଦ୍ଧି ପାଇଁ ଦମ୍ପତିମାନେ ପିଲା ଜନ୍ମ କରିବା ଲାଗି ଅନିଚ୍ଛା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ମାତୃତ୍ୱକାଳୀନ ଛୁଟିରେ ରହୁଥିବା କର୍ମଚାରୀଙ୍କୁ ପିପୁଲ୍ସ ପଲିଟିକାଲ୍ କନ୍‌ସଲ୍‌ଟିଭ୍ କନ୍‌ଫରେନ୍ସ (ସିପିପିସିସି) ଦରମା ଦେବା ଲାଗି ଏକ ନୂଆ ନୀତି ପ୍ରଣୟନ କରିଥିଲା। ଜନ୍ମହାର ବୃଦ୍ଧି ପାଇଁ ନିଆଯାଇଥିବା ପଦକ୍ଷେପ ଫଳପ୍ରଦ ନ ହେବାରୁ ୨୦୨୨ରେ ଚାଇନା ଜନସଂଖ୍ୟା କମିଥିଲା, ଯାହାକି ୬୦ ବର୍ଷରେ ପ୍ରଥମ।



ଭାଇସ୍ ଆଡ୍‌ମିରାଲ ସୁରଜ ବେରୀ ରବିବାର ନୌସେନାର ଚିଫ୍ ଅଫ୍ ପର୍ସୋନେଲ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭାଇସ୍ ଆଡ୍‌ମିରାଲ୍ ସତିଶ କୁମାର ନାମଦେଓ ଘୁର୍ମେଡ ମାର୍ଚ୍ଚ ୩୧ରେ ଅବସର ନେବା ପରେ ଭାଇସ୍ ଆଡ୍‌ମିରାଲ୍ ବେରୀଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି। ୧୯୮୭ ଜାନୁୟାରୀ ୧ରେ ଭାଇସ୍ ଆଡ୍‌ମିରାଲ ବେରୀ ନୌସେନାରେ ଯୋଗ ଦେଇଥିଲେ। ଗନେରୀ ଏବଂ ମିଶାଇଲ୍ ୱେଲ୍‌ଫେୟାରରେ ସେ ଦକ୍ଷ।

## ସଂକ୍ଷେପରେ

### ସୁନାଖଣିରେ ପାଣି ମାଡ଼ିଯାଇ ୧୩ ମୃତ

**ନାଇରୋବି(କେନିଆ), ୨।୪:** କେନିଆର ଏକ ସୁନା ଖଣିର ଦୁଇଟି ଖାତରେ ବନ୍ୟାପାଣି ମାଡ଼ିଯିବାରୁ ସେଠାରେ କାର୍ଯ୍ୟରତ ୧୩ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଲଗାଣ ବର୍ଷା ଯୋଗୁ ଶୁକ୍ରବାର ରାତିରେ ପାଣି ପଶିଯାଇ ଖଣି ଭୁଶୁଡ଼ି ପଡ଼ିଥିଲା। ଫଳରେ କାର୍ଯ୍ୟରତ ଶ୍ରମିକମାନେ ସେଠାରୁ ବାହାରିପାରି ନ ଥିଲେ। ଅନ୍ୟ ଦୁଇଜଣ ଶ୍ରମିକ ନିଖୋଜ ଅଛନ୍ତି। ବର୍ଷାଦିନେ ଖଣି ଭିତରକୁ ନ ଯିବା ଲାଗି ସିବିଟୋକେ ପ୍ରଦେଶର ଜଣେ ଜିଲା ପ୍ରଶାସନିକ ଅଧିକାରୀ ପରାମର୍ଶ ଦେଇଛନ୍ତି।

### ଆମେରିକାରେ ଗୁଳିକାଣ୍ଡ: ୩ ମୃତ

**ୱାଶିଂଟନ, ୨।୪:** ଆମେରିକାର ଓକ୍ଲାହୋମା ସହରରେ ଥିବା ଏକ ବାର୍‌ରେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ରହିଛି। ପୋଲିସ୍ ଜଣେ ସନ୍ଦିଗ୍ଧଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସ୍ଥାନୀୟ ସମୟ ରାତି ୯ଟାରେ ହ୍ୱିସ୍କି ବାରେଲ ସେଲୁନ୍‌ରେ ଗୁଳିକାଣ୍ଡ ଘଟିଥିଲା।

### ମୁସଲମାନ ଯୁବକଙ୍କୁ ପିଟି ମାରିଦେଲେ ଗୋରକ୍ଷକ

**ବେଙ୍ଗାଲୁରୁ, ୨।୪:** କର୍ନାଟକର ଆତ୍ମଘୋଷିତ ଗୋରକ୍ଷକମାନେ ଶନିବାର ଜଣେ ମୁସଲମାନଙ୍କୁ ପିଟି ମାରିଦେଇଛନ୍ତି। ଇଦ୍ରିସ୍ ପାଶା ଶନିବାର ଅପରାହ୍ଣରେ ଏକ ଗାଡ଼ିରେ ଗୋରୁ ନେଇଯାଉଥିବାବେଳେ ପୁନୀତ୍ କେରେହାଲ୍ଲି ନାମକ ଅଭିଯୁକ୍ତ ତାଙ୍କୁ ଅଟକାଇଥିଲେ। ଇଦ୍ରିସ୍ ବଜାରରୁ ଗୋରୁ କିଣିଥିବାର କାଗଜପତ୍ର ଦେଖାଇଥିଲେ ମଧ ପୁନୀତ୍ ତାଙ୍କୁ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ସେ ଟଙ୍କା ଦେବାକୁ ମନା କରିବାରୁ ପୁନୀତ୍ ଓ ତାଙ୍କ ସହଯୋଗୀମାନେ ମାଡ଼ ମାରିଥିଲେ। ରାମନଗର ଜିଲା ସାଧନୁର ଗ୍ରାମ ରାସ୍ତା ପାର୍ଶ୍ୱରୁ ଇଦ୍ରିସ୍‌ଙ୍କ ମୃତଦେହ ମିଳିଥିବାବେଳେ ପୁନୀତ୍ ଫେରାର ହୋଇଯାଇଛନ୍ତି। ପୋଲିସ ପୁନୀତ୍‌ଙ୍କ ନାମରେ ହତ୍ୟା, ବେଆଇନ ଅଟକାଇବା, ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କରିବା ଏବଂ ଶାନ୍ତି ଭଙ୍ଗ ପାଇଁ ଉସୁକାଇବା ଅଭିଯୋଗରେ ମାମଲା ରୁଜୁ କରିଛି। କର୍ନାଟକ ପ୍ରଦେଶ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ନିର୍ବାଚନ ମଣ୍ଡଳୀରେ ଏହି ହତ୍ୟାକାଣ୍ଡ ଘଟିଛି।

### ଦିଲ୍ଲୀ ଆଇନଜୀବୀଙ୍କୁ ହତ୍ୟା

**ନୂଆଦିଲ୍ଲୀ, ୨।୪:** ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ଜଣେ ଆଇନଜୀବୀଙ୍କୁ ଶନିବାର ବିଚ୍ ରାସ୍ତାରେ ଗୁଳିକରି ହତ୍ୟା କରାଯାଇଛି। ଏହାର ପ୍ରତିବାଦରେ ନୂଆଦିଲ୍ଲୀ ବାର୍ ଆସୋସିଏଶନ (ଏନ୍‌ଡିବିଏ)ର ସଦସ୍ୟମାନେ ସୋମବାର ସମସ୍ତ ଜିଲା କୋର୍ଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୩୬ ବର୍ଷ ତଳର ଶତ୍ରୁତାକୁ କେନ୍ଦ୍ରକରି ଆଇନଜୀବୀ ବୀରେନ୍ଦ୍ର କୁମାର ନରୱାଲଙ୍କୁ ହତ୍ୟା କରାଯାଇଛି। ଆକ୍ରମଣକାରୀ ନରେଶ ଓ ପ୍ରଦୀପ ଦୁଇଟି ବାଇକରେ ଆସି ଗୁଳି ଚଳାଇଥିଲେ। ୨୦୧୭ରେ ମଧ ନରୱାଲଙ୍କୁ ହତ୍ୟା କରିବାକୁ ପ୍ରଦୀପ ଉଦ୍ୟମ କରିଥିଲେ। ସେ କୌଣସି ପ୍ରକାରେ ବର୍ତ୍ତିଯାଇଥିବାବେଳେ ତାଙ୍କ ଡ୍ରାଇଭର ଆହତ ହୋଇଥିଲେ। ଏହି ଆକ୍ରମଣ ପରେ ନରୱାଲଙ୍କୁ ପୋଲିସ ସୁରକ୍ଷା ମିଳୁଥିବାବେଳ କୋଭିଡ୍ ମହାମାରୀ ସମୟରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା।

### ଖାତରେ ବସ୍ ଖସି ୨ ମୃତ, ୩୮ ଆହତ

**ଡେରାଡୁନ୍, ୨।୪:** ଉତ୍ତରାଖଣ୍ଡର ମସୁରୀ-ଡେରାଡୁନ୍ ରାସ୍ତାରୁ ରବିବାର ଏକ ବସ୍ ଗଭୀର ଖାତକୁ ଖସିପଡ଼ିବାରୁ ଜଣେ ମହିଳା ଓ ତାଙ୍କ ଝିଅ ପ୍ରାଣ ହରାଇଥିବାବେଳେ ଅନ୍ୟ ୩୮ ଯାତ୍ରୀ ଆହତ ହୋଇଛନ୍ତି। ଆଇଟିବିପି କ୍ୟାମ୍ପ ନିକଟ ବୁଲାଣିଠାରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ବସ୍‌ଟି ୭୦ ମିଟର ଗଭୀର ଖାତକୁ ଖସିପଡ଼ିଥିଲା। ବସ୍‌ରେ ୫ ଶିଶୁଙ୍କ ସମେତ ୪୦ ଯାତ୍ରୀ ଥିଲେ ବୋଲି ମସୁରୀ ଥାନା ଏସ୍‌ଏଚ୍‌ଓ କହିଛନ୍ତି। ଆହତମାନଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ୨୬ ଜଣଙ୍କୁ ଡେରାଡୁନ୍‌ର ଡୁନ୍ ଓ ମାକ୍ସ ହସ୍ପିଟାଲକୁ ପଠାଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଯାତ୍ରୀଙ୍କ ମୃତ୍ୟୁ ଘଟଣାରେ ଦୁଃଖପ୍ରକାଶ କରିବା ସହ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୫ ରାଜ୍ୟରେ ରାମନବମୀ ହିଂସା

# ଉନ୍ମାଦର ଅଗ୍ନିକୁଣ୍ଡ

**ମାର୍ଚ୍ଚ ୩୦ ଓ ୩୧, ରାମନବମୀ। ସାରା ଦେଶ ଉତ୍ସବ ପାଳୁଥିବାବେଳେ ପଶ୍ଚିମବଙ୍ଗ, ବିହାର, ମହାରାଷ୍ଟ୍ର, ଗୁଜରାଟ ଓ ଝାଡ଼ଖଣ୍ଡରେ ଦେଖିବାକୁ ମିଳିଥିଲା ସାମ୍ପ୍ରଦାୟିକ ହିଂସା। ସବୁଠି ଗୋଷ୍ଠୀ ସଂଘର୍ଷ ସହ ଭଙ୍ଗାରୁଜା, ଜଳାପୋଡ଼ା, ଲୁଟ୍‌ପାଟ୍, ପୋଲିସ ଉପରକୁ ଟେକାମାଡ଼ ହୋଇଥିଲା। ଏହି ହିଂସାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ସ୍ଥିତି କ୍ରମଶଃ ଶାନ୍ତ ହେବାରେ ଲାଗିଥିବାବେଳେ ରାଜନୈତିକ ବୟାନବାଜି ଉନ୍ମାଦର ଅଗ୍ନିକୁଣ୍ଡରେ ଘିଅ ଢାଳିବା ଭଳି କାମ କରୁଛି। ବିଶେଷକରି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଶାସିତ ପଶ୍ଚିମବଙ୍ଗର ହାଓଡା ଓ ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତୃତ୍ୱାଧୀନ ମହାମେଣ୍ଟ ସରକାର ଚାଲିଥିବା ବିହାରର ନାଳନ୍ଦା ଜିଲାରେ ଲାଗିଥିବା ସାମ୍ପ୍ରଦାୟିକ ନିଆଁ ଏବେ ଲିଭିବା ଆରମ୍ଭ ହୋଇଛି। କିନ୍ତୁ ଏହି ଦୁଇ ସହରରୁ ଉଠୁଥିବା ଧୂଆଁକୁ ଫୁଙ୍କି ପୁଣି ଥରେ ଜଳାଇବା ପାଇଁ ଅପଚେଷ୍ଟା ଚାଲିଛି। ଏହି ପ୍ରସଙ୍ଗ କେବଳ ଦୁଇ ରାଜ୍ୟରେ ସୀମିତ ନ ରହି ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି। କାରଣ ମମତା ବାନାର୍ଜୀଙ୍କ ପଶ୍ଚିମବଙ୍ଗ ଓ ନୀତୀଶ କୁମାରଙ୍କ ବିହାରକୁ ଦଖଲ କରିବା ପାଇଁ ଭାଜପା କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହିଁ। ଶତାଧିକ ଉପଦ୍ରବୀଙ୍କ ଗିରଫଦାରି, ପୋଲିସର କଡ଼ା ପ୍ରହରା ସତ୍ତ୍ୱେ ପୁନର୍ବାର କାଣ୍ଡ ଭିଆଇବାକୁ ସୁଯୋଗ ଉଣ୍ଡୁଛନ୍ତି ସାମ୍ପ୍ରଦାୟିକ ତତ୍ତ୍ୱ। ମୋଟାମୋଟି ଭାବେ ଦେଖିଲେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ରାଜ୍ୟକୁ ଧ୍ରୁବୀକରଣର ପ୍ରୟୋଗଶାଳା ଭାବେ ବ୍ୟବହାର କରାଯାଉଥିବା ମନେହେଉଛି।**

## ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ





ବିହାରରେ ଭାଜପା କ୍ଷମତାକୁ ଆସିଲେ ଦଙ୍ଗାକାରୀଙ୍କୁ ଟାଙ୍ଗି ଝୁଲାଇ ଦିଆଯିବ।
**–ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

**ପାଟନା/କୋଲକାତା/ନୂଆଦିଲ୍ଲୀ,୨।୪**

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଗୃହଜିଲା ହେଉଛି ନାଳନ୍ଦା। ଏହାର ସଦର ମହକୁମା ବିହାରଶରିଫ୍‌ରେ ଶନିବାର ରାତିରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ଏହା ହେଉଛି ରାମନବମୀ ହିଂସାର ବର୍ଦ୍ଧିତ ସଂସ୍କରଣ, ଯହିଁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଟେକାମାଡ଼ ସାଙ୍ଗକୁ ବୋମାମାଡ଼ ନାଳନ୍ଦା ଓ ରୋହତାସ୍ ଜିଲାର ସାସାରାମରେ ଅଶାନ୍ତ ପରିବେଶ ସୃଷ୍ଟି କରିଛି। ଅଦ୍ୟାବଧି ୧୧୨ ଜଣଙ୍କୁ ଗିରଫ କରାଯାଇଛି। ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏଫ୍‌ଏସ୍‌ଏଲ୍) ଟିମ୍ ବୋମା ବିସ୍ଫୋରଣକୁ ନେଇ ତନାଘନା ଚଳାଇଛି। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ ଓ ପାଟ୍ରୋଲିଂ କାମ କରୁନାହିଁ। ଅନେକ ଗାଡ଼ି, ଘର ଓ ଦୋକାନକୁ ଉପଦ୍ରବୀମାନେ ଜାଳିପୋଡ଼ି ଛାରଖାର କରିଦେଇଛନ୍ତି। ଇଣ୍ଟରନେଟ୍ ସେବା ବାତିଲ କରାଯାଇଥିବାବେଳେ ସମସ୍ତ ସରକାରୀ ଓ ଘରୋଇ ସ୍କୁଲକୁ ଏପ୍ରିଲ ୪ ପର୍ଯ୍ୟନ୍ତ ବନ୍ଦ କରାଯାଇଛି। ପ୍ରଭାବିତ ଲୋକେ ଆତଙ୍କିତ ହୋଇ ଅନ୍ୟତ୍ର ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ଦୁଇ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବିହାର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କଠାରୁ ସ୍ଥିତି ସମ୍ପର୍କରେ ପଚାରି ବୁଝିଛନ୍ତି। ରାଜ୍ୟକୁ ଅତିରିକ୍ତ କେନ୍ଦ୍ରୀୟ ସୁରକ୍ଷା ବଳ ପଠାଇବା ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ପାଟନାସ୍ଥିତ ମୁଖ୍ୟାଳୟକୁ ଶାହାଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ କରାଯାଇଛି। ତେବେ ରବିବାର ନୱାଦା ଜିଲାରେ ପହଞ୍ଚି ଶାହା ନୀତୀଶଙ୍କୁ ଟାର୍ଗେଟ କରିଛନ୍ତି। ହିସୁଆରେ ଏକ ସଭାକୁ ସମ୍ବୋଧନ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି, ରାମନବମୀ ହିଂସା ରୋକିବାରେ ନୀତୀଶ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସାସାରାମରେ ଲୋକଙ୍କୁ ହତ୍ୟା କରାଯାଉଥିବାରୁ ସେ ସେଠାକୁ ଏବେ ଯିବେ ନାହିଁ। ଜଙ୍ଗଲରାଜର ସୂତ୍ରଧର ତଥା ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କ ସମର୍ଥନରେ ଚାଲିଥିବା ଏହି ମହାମେଣ୍ଟ ସରକାର ସହ ଏନେଇ ଆଲୋଚନା କରାଯାଇପାରିବ ନାହିଁ। ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଭାଜପା କ୍ଷମତାକୁ ଆସିଲେ ବିହାରଶରିଫ୍ ଓ ସାସାରାମର ଦଙ୍ଗାକାରୀଙ୍କୁ ଟାଙ୍ଗି ଝୁଲାଇ ଦିଆଯିବ। ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟର ସମସ୍ତ ୪୦ ଲୋକ ସଭା ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଦ୍ମ ଫୁଟିବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ନୀତୀଶ ପାଟନାରେ ଥାଇ ଦିଲ୍ଲୀ ଦରବାରକୁ ଚ୍ୟାଲେଞ୍ଜ କରିଛନ୍ତି। ରାଜ୍ୟର ହିଂସା ପାଇଁ ସେ ବାହାର ଲୋକଙ୍କୁ ଦାୟୀ କରିଛନ୍ତି।

ପଶ୍ଚିମବଙ୍ଗର ହାଓଡା ଜିଲାସ୍ଥିତ ଶିବପୁର ଓ କାଜିପୁରା ଅଞ୍ଚଳରେ ଘଟିଥିବା ରାମନବମୀ ହିଂସାର ନିଆଁ ରବିବାର ହୁଗୁଳି ଜିଲାକୁ ବ୍ୟାପିଛି। ହାଓଡାରୁ ୪୦ କି.ମି. ଦୂର ହୁଗୁଳିରେ ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଉଥିବାବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଦେଖବାକୁ ମିଳିଛି। ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦିଲୀପ ଘୋଷ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରୀମାନେ ଟେକାମାଡ଼ କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ରାଜ୍ୟ ଭାଜପା ସଭାପତି ସୁକାନ୍ତ ମଜୁମଦାର ହାଓଡା ଯାଉଥିବାବେଳେ ପୋଲିସ ତାଙ୍କୁ ଅଟକ ରଖିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଭାଜପା ଓ ଅନ୍ୟ ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକ ଏହି ହିଂସା ଭିଆଇଛନ୍ତି। ଅନ୍ୟପକ୍ଷେ ଭାଜପା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ତଦନ୍ତ ଦାବି କରିଛି। ଶାହା ଶୁକ୍ରବାର ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ସହ ଆଲୋଚନା କରିଥିଲେ। ରବିବାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ କଥା ହୋଇଛନ୍ତି। ପ୍ରଭାବିତ ଅଞ୍ଚଳରେ ରାପିଡ୍ ଆକ୍ସନ ଫୋର୍ସ (ଆର୍‌ଏଏଫ୍) ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଉତ୍ତର ଦିନାଜପୁର ଜିଲାର ଡାଲଖୋଲା ସହରରେ ଗୁରୁବାର ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁଇଟି ମାମଲାରେ ୩୮ ଜଣଙ୍କୁ ଗିରଫ କରାଯାଇଛି। ରାମନବମୀ ହିଂସାକାଣ୍ଡର ତଦନ୍ତ ଭାର ରାଜ୍ୟର କ୍ରାଇମ୍ ଇନ୍‌ଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟ (ସିଆଇଡି)କୁ ଦିଆଯାଇଛି।

ଗୁଜରାଟର ବଡ଼ୋଦରାରେ ରାମନବମୀ ହିଂସା ନ ଥମୁଣୁ ଗିରସୋମନାଥ ଜିଲା ଉନା ସହରରେ ପୁଣି ଅନୁରୂପ ସ୍ଥିତି ଉପୁଜିଛି। ଶନିବାର ରାତିରେ ଉନାରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ରବିବାର ଘୃଣା ମନ୍ତବ୍ୟ ଦେବା ଅଭିଯୋଗରେ ଦକ୍ଷିଣପନ୍ଥୀ ମହିଳା ସଙ୍ଗଠନ 'କାଜଲ ହିନ୍ଦୁସ୍ଥାନୀ' ର ୫୦ରୁ ଊର୍ଦ୍ଧ୍ୱ କର୍ମୀଙ୍କୁ ଅଟକ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଦୋକାନବଜାର ବନ୍ଦ ରହିଛି। ମ୍ୟୁନିସିପାଲିଟିର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଝାଡ଼ଖଣ୍ଡର ସାହିବଗଞ୍ଜ ଜିଲାରେ ଶନିବାର ରାତିରେ ଦୁର୍ଗା ମୂର୍ତ୍ତି ବିସର୍ଜନ ବେଳେ ଟେକାମାଡ଼ ହୋଇଥିଲା। ରାଜଧାନୀ ରାଞ୍ଚିରୁ ୪୦୦ କି.ମି. ଦୂର ସାହିବଗଞ୍ଜରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିବାରୁ ଅନେକେ ଆହତ ହୋଇଛନ୍ତି। ଦୋକାନଗୃହଗୁଡ଼ିକୁ ଜାଳି ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ୍ ଅଣ୍ଡାଳୁଛି। ମହାରାଷ୍ଟ୍ରର ଔରଙ୍ଗାବାଦ(ଛତ୍ରପତି ସମ୍ଭାଜୀନଗର)ରେ ରାମନବମୀ ହିଂସା ଉଗ୍ରରୂପ ଧାରଣ କରିଥିଲା। ପୋଲିସ ଗାଡ଼ି ଜାଳି ଦିଆଯାଇଥିଲା। ଏହି ହିଂସାର ଧୂଆଁ ଏବେ ବି ଉଠୁଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ସେଥିପ୍ରତି ଧ୍ୟାନଦେବା ପରିବର୍ତ୍ତେ ନିଜକୁ ହିନ୍ଦୁତ୍ୱବାଦୀ ଏବଂ ବିନାୟକ ଦାମୋଦର ସାବରକରଙ୍କ ଅନୁଗାମୀ ଦର୍ଶାଇବାକୁ ଯାଇ ଠାଣେ ସହରରେ ଗୌରବ ଯାତ୍ରାର ନେତୃତ୍ୱ ନେଇଛନ୍ତି। କାରଣ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ମୁଁ ଗାନ୍ଧୀ। ସାବରକର ନୁହେଁ ଯେ କ୍ଷମା ମାଗିବି।



ପଶ୍ଚିମବଙ୍ଗ ଓ ବିହାରରେ ସାମ୍ପ୍ରଦାୟିକ ହିଂସାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ କାହିଁକି? ଏହି ହିଂସା ପଛର କାରଣ ୨୦୨୪ ସାଧାରଣ ନିର୍ବାଚନ ନୁହେଁ ତ? ୨ ରାଜ୍ୟକୁ ଜଳିବାକୁ ଦିଆ ନ ଯାଉ। ଘୃଣାର ବିଷମଞ୍ଜି ବୁଣିବା ବନ୍ଦ କରାଯାଉ। ଏଥିରୁ କେବଳ ନେତାମାନଙ୍କୁ ଓ ରାଜନୈତିକ ବିଚାରଧାରାଗୁଡ଼ିକୁ ଫାଇଦା ମିଳିବ।
**–କପିଳ ସିବଲ, ରାଜ୍ୟ ସଭା ସଦସ୍ୟ**

### ଦୁର୍ଘଟଣାରେ କାର୍ଗିଲ ହିରୋଙ୍କ ପରଲୋକ



ସୁବେଦାର ମେଜର ସେୱାଙ୍ଗ ମୁରୋପ୍

**ନୂଆଦିଲ୍ଲୀ, ୨।୪**

ବୀରଚକ୍ର ପୁରସ୍କାରପ୍ରାପ୍ତ କାର୍ଗିଲ ହିରୋ ସୁବେଦାର ମେଜର ସେୱାଙ୍ଗ ମୁରୋପ୍‌ଙ୍କର ଏକ ସଡ଼କ ଦୁର୍ଘଟଣାରେ ପରଲୋକ ଘଟିଛି। ଶନିବାର ରାତିରେ ଲେହ ନିକଟରେ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ପରଲୋକରେ ସେନାମୁଖ୍ୟ ଜେନେରାଲ ମନୋଜ ପାଣ୍ଡେଙ୍କ ସମେତ ଭାରତୀୟ ସେନାର ସବୁ ର୍‍ୟାଙ୍କ୍‌ର ଅଧିକାରୀମାନେ ଶୋକବ୍ୟକ୍ତ କରିଛନ୍ତି। ଲେହସ୍ଥିତ ଫାୟାର ଆଣ୍ଡ ଫୁରି କର୍ପସ୍‌ର କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ରଶିମ ବାଲି ସେୱାଙ୍ଗଙ୍କ ପରିବାରକୁ ଭେଟି ସେନା ତରଫରୁ ସମବେଦନା ଜଣାଇଛନ୍ତି। ସେୱାଙ୍ଗଙ୍କ ବାପା ଅବସରପ୍ରାପ୍ତ ନାଏବ ସୁବେଦାର ଛେରିଙ୍ଗ୍ ମୁରୋପ ମଧ୍ୟ ଅଶୋକ ଚକ୍ର ସମ୍ମାନରେ ସମ୍ମାନିତ ହୋଇଥିଲେ।

### ରାମକୃଷ୍ଣ ମିଶନ୍ ଉପାଧ୍ୟକ୍ଷ ସ୍ୱାମୀ ପ୍ରଭାନନ୍ଦଙ୍କ ଦେହାନ୍ତ



**କୋଲକାତା,୨।୪**

କୋଲକାତାସ୍ଥିତ ସେବା ପ୍ରତିଷ୍ଠାନରେ ଶନିବାର ରାମକୃଷ୍ଣ ମଠ ଏବଂ ମିଶନ୍‌ର ଉପାଧ୍ୟକ୍ଷ ସ୍ୱାମୀ ପ୍ରଭାନନ୍ଦଙ୍କ ପରଲୋକ ଘଟିଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ଗତ ୬ ମାସ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ୱାମୀ ପ୍ରଭାନନ୍ଦଙ୍କ ଶେଷ ଦର୍ଶନ ପାଇଁ ରବିବାର ସକାଳ ୮ଟା ପର୍ଯ୍ୟନ୍ତ ତାଙ୍କ ପାର୍ଥିବ ଶରୀରକୁ ବେଲୁର ମଠରେ ରଖାଯାଇଥିଲା। ପ୍ରଭାନନ୍ଦଙ୍କ ପରଲୋକ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିଛନ୍ତି।



ଘୂର୍ଣ୍ଣିଝଡ଼ ଯୋଗୁ ମିସିସିପିର ରେଲିଂ ଫର୍କ ସହର କ୍ଷତିଗ୍ରସ୍ତ ହୋଇଛି।

### ଆମେରିକାରେ ଘୂର୍ଣ୍ଣିଝଡ଼: ୨୬ ମୃତ

**ୱିନେ, ୨।୪:** ଘୂର୍ଣ୍ଣିଝଡ଼ ଫଳରେ ଆମେରିକାର ମିଡ୍‌ୱେଷ୍ଟ ଏବଂ ଦକ୍ଷିଣାଞ୍ଚଳର ଛୋଟ, ବଡ଼ ସହରଗୁଡ଼ିକ ଅଧିକମାତ୍ରାରେ ପ୍ରଭାବିତ ହୋଇଥିବାବେଳେ ରବିବାର ସୁଦ୍ଧା ୨୬ ଜଣଙ୍କ ମୃତ୍ୟୁ ଘଟିଛି। ଆର୍କାନ୍ସ ସହରରେ ବହୁ କୋଠା ଓ ମାର୍କେଟ୍ ଧ୍ୱସ୍ତ ହୋଇଯାଇଛି। ସେହିପରି ଇଲିନୋଏଜରେ ଏକ ସିନେମାଘର ଛାତ ଭୁଶୁଡ଼ିବା ଫଳରେ ଅନେକ ଆହତ ହୋଇଥିବାବେଳେ ବହୁ ଲୋକ ପ୍ରାଣ ହରାଇଛନ୍ତି। ରବିବାର ଟେନେସି କଣ୍ଟିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୱିନେ ଓ ଆର୍କାନ୍ସରେ ୪, ସୁଲିଭାନ୍, ଇଣ୍ଡିୟାନାରେ ୩ ଏବଂ ଇଲିନୋଏଜରେ ୪ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶୁକ୍ରବାର ରାତିରୁ ହୋଇଥିବା ଘୂର୍ଣ୍ଣିଝଡ଼ ଯୋଗୁ ପାଖାପାଖି ୮ଟି ରାଜ୍ୟ କ୍ଷତିଗ୍ରସ୍ତ ହୋଇଯାଇଛି।

### ଲୋକଙ୍କୁ ଲୁଟିବାକୁ ମୋଦି ସୁପାରି ନେଇଛନ୍ତି :ଖାର୍ଗେ

**ନୂଆଦିଲ୍ଲୀ, ୨।୪(ପି.ଟି.)**



ମଲ୍ଲିକାର୍ଜୁନ ଖାର୍ଗେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଭୋପାଳରେ ଉଦ୍‌ବୋଧନ ଦେଲାବେଳେ ତାଙ୍କ ଛବିକୁ ଖରାପ କରିବା ପାଇଁ କେତେଜଣ ବଦ୍ଧପରିକର ଏବଂ ସେମାନେ ଏଥିପାଇଁ ସୁପାରି ଦେଇଛନ୍ତି ବୋଲି କହିଥିଲେ। ଭାରତରେ ତଥା ଦେଶ ବାହାରେ କେତେଜଣ ଏହି ଗୁପ୍ତ ଯୋଜନାରେ ସାମିଲ ଥିବା ସେ ଅଭିଯୋଗ କରିଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରବିବାର ଏହାର ଦୃଢ଼ ଜବାବ ଦେଇଛନ୍ତି। ଆପଣ ଲୋକଙ୍କ ପକେଟ ଲୁଟିବାକୁ ସୁପାରି ନେଇଛନ୍ତି ବୋଲି ଖାର୍ଗେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। କେତେକ ଅତ୍ୟାବଶ୍ୟକ ଔଷଧର ଦାମ୍ ବଢ଼ାଇ ଦିଆଯାଇଥିବାରୁ ଖାର୍ଗେ ଏଭଳି ଅଭିଯୋଗ ଆଣିଛନ୍ତି। ଏପ୍ରିଲ ୧ରୁ ୩୮୪ଟି ଅତ୍ୟାବଶ୍ୟକ ଔଷଧ ଏବଂ ୧,୦୦୦ରୁ ଊର୍ଦ୍ଧ୍ୱ ଫର୍ମୁଲେଶନର ଦାମ୍ ୧୧ ପ୍ରତିଶତ ବଢ଼ିବ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବାରୁ ଖାର୍ଗେ ପ୍ରଧାନମନ୍ତ୍ରୀଙ୍କ ଉପରେ ବର୍ଷିଛନ୍ତି।

ଛବି ମଳିନ କରିବା ଲାଗି କେଉଁମାନେ ସୁପାରି ଦେଇଛନ୍ତି, ପ୍ରଧାନମନ୍ତ୍ରୀ ସେମାନଙ୍କ ନାମ ପ୍ରକାଶ କରନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ରାଜ୍ୟ ସଭା ସଦସ୍ୟ କପିଳ ସିବଲ କହିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଦୈନିକ ସଂକ୍ରମଣ ୩,୮୨୩

**ସକ୍ରିୟ ମାମଲା ୧୮,୩୮୯**



**ନୂଆଦିଲ୍ଲୀ,୨।୪**

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୩,୮୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଶନିବାର ତୁଳନାରେ ରବିବାର ୨୭% ଅଧିକ ସଂକ୍ରମିତ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଦିଲ୍ଲୀ, ହରିୟାଣା, କେରଳ ଏବଂ ରାଜସ୍ଥାନରେ ଜଣେ ଲେଖାଏ କରୋନାରେ ପ୍ରାଣ ହରାଇଥିବାବେଳେ କେରଳରୁ ଜଣେ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ଅଦ୍ୟାବଧି ଦେଶରେ କରୋନା ସକ୍ରିୟ ମାମଲା ୧୮,୩୮୯ ରହିଛି। ସେହିପରି ଦେଶରେ କୋଭିଡ୍-୧୯ ରିପୋଭରି ରେଟ୍ ୯୮.୭୭% ରେକର୍ଡ କରାଯାଇଛି।

## ୨୦୦୨ ଗଣବଳାତ୍କାର, ହତ୍ୟା ମାମଲା

# ୨୬ ଅଭିଯୁକ୍ତ ଗୁଜରାଟ କୋର୍ଟରେ ନିର୍ଦ୍ଦୋଷ

**ଗୋଧ୍ରା, ୨।୪**

ଗୁଜରାଟରେ ୨୦୦୨ ଦଙ୍ଗା ବେଳେ କାଲୋଲରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା ଓ ଗଣବଳାତ୍କାର କରାଯାଇଥିଲା। ମାମଲାର ୨୦ ବର୍ଷ ପରେ ତଥ୍ୟ ପ୍ରମାଣ ଅଭାବରୁ ଗୁଜରାଟର ଏକ ଅଦାଲତ ସମସ୍ତ ୨୬ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଛନ୍ତି। ଉକ୍ତ ମାମଲାରେ ମୋଟ ୩୯ ଜଣ ଅଭିଯୁକ୍ତ ଥିବାବେଳେ ଇତିମଧ୍ୟରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବାରୁ ସେମାନଙ୍କ ବିରୋଧରେ ବିଚାର ପ୍ରକ୍ରିୟାକୁ ବନ୍ଦ କରିଦିଆଯାଇଥିଲା। ପଞ୍ଚମହଲ ଜିଲା ହାଲୋଲସ୍ଥିତ ଅତିରିକ୍ତ ସେସନ୍ସ ଜଜ୍ ଲୀଲାଭାଇ ଚୁଡାସମାଙ୍କ ଅଦାଲତ ଗଣବଳାତ୍କାର ଓ ହତ୍ୟା ମାମଲାର ସମସ୍ତ ୨୬ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରିଦେଇଥିଲେ।

୨୦୦୨ ଫେବୃୟାରୀ ୨୭ରେ ଗୋଧ୍ରା ଷ୍ଟେଶନରେ ସାବରମତୀ ଟ୍ରେନ୍ ପୋଡ଼ି ଘଟଣା ପରେ ମାର୍ଚ୍ଚ ୧ରେ ବନ୍ଦ ଡାକରା ଦିଆଯାଇଥିବାବେଳେ ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଥିଲା। ୨,୦୦୦ରୁ ଊର୍ଦ୍ଧ୍ୱ ଲୋକେ ମାରଣାସ୍ତ୍ର ଓ ଦାହ୍ୟ ସାମଗ୍ରୀ ଧରି ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଅଭିଯୁକ୍ତମାନେ ଅନ୍ତର୍ଭୁକ୍ତ ଥିଲେ। ପୋଲିସ ଗୁଳିରେ ଆହତ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଅଟୋରିକ୍ସା ସହ ଜୀବନ୍ତ ଜାଳିଦିଆଯାଇଥିଲା। ସେହିପରି ମସ୍‌ଜିଦରୁ ଫେରୁଥିବା ଜଣେ ବ୍ୟକ୍ତିଙ୍କୁ ଉତ୍ତ୍ୟକ୍ତ ଲୋକେ ମାରି ପୋଡ଼ିଦେଇଥିଲେ। ଅନ୍ୟପକ୍ଷରେ ଡେଲୋଲ ଗ୍ରାମରୁ କାଲୋଲ ଯାଉଥିବା ୩୮ ଜଣ ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଓ ସେମାନଙ୍କ ମଧ୍ୟରୁ ୧୧ ଜଣଙ୍କୁ ଜାଳିଦିଆଯାଇଥିଲା। ଜଣେ ମହିଳା ଖସିପଳାଇବାକୁ ଉଦ୍ୟମ କରୁଥିବାବେଳେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା। ମାର୍ଚ୍ଚ ୨ରେ କାଲୋଲ ଥାନା ପକ୍ଷରୁ ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ମାମଲାର ବିଚାର ବେଳେ ୧୯୦ ସାକ୍ଷୀଙ୍କ ବୟାନ ଏବଂ ୩୩୪ ଦସ୍ତାବିଜ୍ ପ୍ରମାଣକୁ ଅନୁଧ୍ୟାନ କରାଯାଇଥିଲା। ତେବେ ସାକ୍ଷୀମାନଙ୍କ ବୟାନରେ ତାଳମେଳ ରହୁ ନଥିବାରୁ ଏହା ମାମଲାର ପକ୍ଷଙ୍କ ଯୁକ୍ତିକୁ ସମର୍ଥନ କରୁନାହିଁ ବୋଲି ଅଦାଲତ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଏପ୍ରିଲ୍, ୨୦୨୩

**ଆଜିଠୁ ନୂଆ ଶ୍ରେଣୀରେ ପାଠପଢ଼ା**

ଭୁବନେଶ୍ୱର,୨।୪(ବ୍ୟୁରୋ): ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ସୋମବାରଠାରୁ ନୂଆ ଶିକ୍ଷାବର୍ଷ ୨୦୨୩-୨୪ ସହ ନୂଆ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହେବ। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସରକାରୀ ତଥା ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକ ତତ୍ପର ରହିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ଦାସ ସମସ୍ତ ଜିଲାପାଳ, ବିଭାଗୀୟ ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ପାନୀୟ ଜଳ, ଓଆରଏସ୍ ଆଦି ମହଜୁଦ୍ ରଖିବା ପାଇଁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଛି।



**ଜାଲ ସାର୍ଟିଫିକେଟ ମାମଲା**

# ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ

- ଟାଉନ୍ ଥାନା, ରିଲାଏନ୍ସ ଏଜୁକେଶନ କମ୍ପ୍ଲେକ୍ସ, ପ୍ରଧାନ ଡାକଘର ବୁଲିଲେ
- ସବୁ ଦିଗରୁ ହେବ ତଦନ୍ତ: କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି
- ରାଜ୍ୟ ବାହାରକୁ ବି ଯିବ କ୍ରାଇମବ୍ରାଞ୍ଚ ଟିମ୍

ବଲାଙ୍ଗୀର ଅଫିସ, ୨।୪

ବଲାଙ୍ଗୀର ଡାକମଣ୍ଡଳରେ ଚାକିରି ପାଇଁ ଜାଲ୍ ସାର୍ଟିଫିକେଟ୍ କାରବାର ଘଟଣା ଧରାପଡିବା ପରେ ରାଜ୍ୟବ୍ୟାପୀ ବିଛେଇ ହୋଇଥିବା ରାକେଟ୍ ଉପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି। ବଲାଙ୍ଗୀର ପହଞ୍ଚିଥିବା ୫ ଜଣିଆ କ୍ରାଇମବ୍ରାଞ୍ଚ ଟିମ୍ ରବିବାର ବଲାଙ୍ଗୀର ପୋଲିସଠାରୁ ବିଧିବଦ୍ଧ ଭାବେ ଜାଲ୍ ସାର୍ଟିଫିକେଟ ମାମଲା ଚାର୍ଜ ଗ୍ରହଣ କରିଥିଲା। ଏହାପରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କ ନେତୃତ୍ୱରେ ୪ ଜଣ ଅଧିକାରୀ ପୂର୍ତ୍ତବିଭାଗ ବଙ୍ଗଳାରୁ ବାହାରି ଟାଉନ୍ ଥାନାକୁ ଯାଇଥିଲେ। ସେଠାରେ ସଦର ଏସ୍‌ଡିପିଓ ତୋଫାନ ବାଗ, ଟାଉନ୍ ଥାନା ଆଇଆଇସି ବିଶ୍ୱଜିତ ମନବୋଧ ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁଙ୍କ ସହ ଆଲୋଚନା କରିଥିଲେ। ଚାର୍ଜ ଗ୍ରହଣ କରିବା ପରେ ଟାଉନ୍ ଥାନାରୁ ସିଧାସଳଖ ବଲାଙ୍ଗୀର-ପାଟଣାଗଡ ରାସ୍ତା କଡ ମିଶନ ପଡିଆ ସମ୍ମୁଖରେ ଥିବା ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସକୁ କ୍ରାଇମବ୍ରାଞ୍ଚ ଟିମ୍ ଯାଇଥିଲେ। ସେଠାରେ ବିଭିନ୍ନ କୋଣରୁ ଏହି କମ୍ପ୍ଲେକ୍ସର ଫଟୋ ନେବା ସହ ସମ୍ମୁଖ ତାଲା ଖୋଲି ଏହି କୋଚିଂ ସେଣ୍ଟର ଭିତରକୁ ପଶିଥିଲେ। କୋଚିଂ ସେଣ୍ଟର ଭିତରକୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ପଶିବାକୁ ଦେଇ ନ ଥିଲେ। ଭିତରେ ପ୍ରାୟ ଅଧଘଣ୍ଟା କାଳ ନିରୀକ୍ଷଣ କରିବା ପରେ ସେଠାରୁ ବାହାରି କୋଶଳ କଳାମଣ୍ଡଳ ପଡିଆ ସମ୍ମୁଖରେ ଥିବା ପ୍ରଧାନ ଡାକଘରକୁ ଯାଇଥିଲେ। ରବିବାର ପ୍ରଧାନ ଡାକଘର ଛୁଟି ଥିବାରୁ ଏବଂ ଡାକମଣ୍ଡଳ ଅଧୀକ୍ଷକ ରାଜେନ୍ଦ୍ର ପଟ୍ଟନାୟକ ଛୁଟିରେ ଥିବାରୁ ତାଙ୍କୁ ଭେଟ କରି ନ ପାରି ଉକ୍ତ ଟିମ୍ ପୁଣି ଟାଉନ୍ ଥାନାକୁ ଫେରିଯାଇଥିଲା। ଟାଉନ୍ ଥାନା, ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସ ଏବଂ ପ୍ରଧାନ ଡାକଘର ପରିସରରେ ଗଣମାଧ୍ୟମ ପ୍ରତିନିଧିମାନେ କ୍ରାଇମବ୍ରାଞ୍ଚ ଟିମ୍‌ର ଡିଏସ୍‌ପି ଚକ୍ରଙ୍କ ମତାମତ ନେବାକୁ ଚେଷ୍ଟା କରିଥିଲେ। ଜାଲ ସାର୍ଟିଫିକେଟ ସହ ଜଡିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ମଧ୍ୟ ବିଶେଷ କିଛି ସୂଚନା ନଦେଇ ଡିଏସ୍‌ପି ଚକ୍ର କହିଥିଲେ ଯେ, ଜାଲ୍ ସାର୍ଟିଫିକେଟ ରାକେଟ୍ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଛି। ବଲାଙ୍ଗୀର ପୋଲିସ ପାଖରେ ଥିବା ସମସ୍ତ ତଥ୍ୟ, ଜବତ ହୋଇଥିବା ସାମଗ୍ରୀ, ଡକ୍ୟୁମେଣ୍ଟକୁ କ୍ରାଇମବ୍ରାଞ୍ଚ ନିଜ ହେପାଜତକୁ ନେବ। ଏହାର ସମସ୍ତ ଦିଗକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ ବୋଲି କହିଥିଲେ। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସର ମାଲିକ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ରିମାଣ୍ଡରେ ଆଣିବ କି ବୋଲି ପ୍ରଶ୍ନ କରିବାରୁ ଏଦିଗରେ କିଛି ପ୍ରତିକ୍ରିୟା ରଖି ନ ଥିଲେ। ଜାଲ ସାର୍ଟିଫିକେଟ ଚେର ରାଜ୍ୟ ବାହାରକୁ ଲମ୍ବିଥିବାରୁ କ୍ରାଇମ୍ ବ୍ରାଞ୍ଚ ଟିମ୍ ରାଜ୍ୟ ବାହାରକୁ ଯିବ କି ବୋଲି ପ୍ରଶ୍ନ କରାଯିବାରୁ ନିଶ୍ଚିତ ରୂପେ ଏହି ଟିମ୍ ଯିବ ବୋଲି କହିଥିଲେ।

ମିଳିଥିବା ସୂଚନା ଅନୁସାରେ କ୍ରାଇମ୍ ବ୍ରାଞ୍ଚ ଟିମ୍ ପର୍ଯ୍ୟାୟକ୍ରମେ ଜାଲ୍ ସାର୍ଟିଫିକେଟ୍ କାରବାର ଉପରେ ତଦନ୍ତ କରିବ। କିଭଳି ଭାବେ ଦୁଇ ଅଭିଯୁକ୍ତ ରିଲାଏନ୍ସ ଏଜୁକେଶନ୍ କମ୍ପ୍ଲେକ୍ସରୁ ଜାଲ୍ ସାର୍ଟିଫିକେଟ କାରବାର ନିୟନ୍ତ୍ରଣ କରୁଥିଲେ, ଡାକବିଭାଗ ପଦବୀ ହାତେଇବାକୁ ଯୁବତୀ, ଯୁବକମାନେ ଦଲାଲ ଜରିଆରେ ସାର୍ଟିଫିକେଟ ନେଉଥିଲେ ଏବଂ ଅନ୍ୟ କେଉଁ ସବୁ ଚାକିରି ପାଇଁ ଏଭଳି ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରାଯାଇଛି ସେସବୁର ତଦନ୍ତ କରାଯିବ ବୋଲି ଜଣାପଡିଛି। ପୋଲିସ ହାତରେ ଧରାପଡିଥିବା ୫ ହଜାର ଜାଲ୍ ସାର୍ଟିଫିକେଟ, ଡାଏରୀ, କମ୍ପ୍ୟୁଟର, ହାର୍ଡଡିସ୍କକୁ କ୍ରାଇମବ୍ରାଞ୍ଚ ଛାନ୍‌ଭିନ୍ ଆରମ୍ଭ କରିଛି।



ବଲାଙ୍ଗୀର ଟାଉନ୍ ଥାନାରେ କ୍ରାଇମ୍ ବ୍ରାଞ୍ଚ ଟିମ୍ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛି।

## ଆଜି ଜାପାନ ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୪(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାରଠାରୁ ସପ୍ତାହବ୍ୟାପୀ ଜାପାନ ଗସ୍ତରେ ଯାଉଛନ୍ତି। ତାଙ୍କର ଏହି ବିଦେଶ ଗସ୍ତକାଳରେ ଏକାଧିକ କାର୍ଯ୍ୟକ୍ରମ ରହିଛି। ଟୋକିଓ, କ୍ୟୁଟୋ ଏବଂ ଓସାକା ଆଦି ୩ ସହରରେ ବାଣିଜ୍ୟିକ ସମ୍ମିଳନୀ ଏବଂ ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଜାପାନ୍ ଯିବେ ବୋଲି ଜଣାପଡ଼ିଛି। ଆସନ୍ତା ସପ୍ତାହ ଅର୍ଥାତ୍ ୧୦ କିମ୍ବା ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ରହିଛି। ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ସୋମବାର ପୂର୍ବାହ୍ନ ୯ଟା ୪୫ ମିନିଟ୍‌ରେ ଭୁବନେଶ୍ୱରରୁ ଜାପାନ ଗସ୍ତରେ ବାହାରିବେ। ଜାପାନିଜ୍ ନିବେଶକଙ୍କୁ ଆକୃଷ୍ଟ କରିବାକୁ ସେ ଗସ୍ତ କରୁଛନ୍ତି। ମେକ୍ ଇନ୍ ଓଡ଼ିଶା ସମ୍ମିଳନୀର ଗତ ୨ଟି ସଂସ୍କରଣ (୨୦୧୮ ଏବଂ ୨୦୨୨)ରେ ଜାପାନ ଏକ କଣ୍ଟ୍ରି ପାର୍ଟନର ରହିଥିଲା। ବିଦେଶୀ ପୁଞ୍ଜି ପାଇଁ ସେ କେତେକ ପ୍ରମୁଖ ନିବେଶକଙ୍କୁ ଭେଟିବାର କାର୍ଯ୍ୟକ୍ରମ ଥିବା କୁହାଯାଉଛି। ଜାପାନ ସହ ଅନେକ କ୍ଷେତ୍ରରେ ଓଡ଼ିଶାର ବାଣିଜ୍ୟିକ ସମ୍ପର୍କ ଥିବାରୁ ନିବେଶ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ।

## ବାପାଙ୍କୁ ଗୁଳି କଲେ ପୁଅ

**ମହଙ୍ଗା ପଡ଼ିଲା ବୋହୂ-ପୁଅଙ୍କ କଳି ସମାଧାନ**

ସୋନପୁର/ଡୁଙ୍ଗୁରିପାଲି/ବରପାଲି,୨।୪(ନି.ପ୍ର./ଡି.ଏନ.ଏ)

ବରଗଡ ଜିଲା ବରପାଲି ଥାନା କଦଳୀମୁଣ୍ଡା ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗାଁର ଗଙ୍ଗାଜଳ ମେହେର(୫୫)ଙ୍କୁ ତାଙ୍କ ପୁଅ ବିକ୍ରମ(୩୦) ଦେଶୀ ଚଢେଇମରା ବନ୍ଧୁକରେ ଗୁଳି ମାଡ଼ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଭିମ୍‌ସାର ବୁର୍ଲାରେ ଭର୍ତ୍ତି କରାଯାଇଛି। ଗଙ୍ଗାଜଳଙ୍କ ପତ୍ନୀ ରଜନୀଙ୍କ ଅଭିଯୋଗକ୍ରମେ ବରପାଲି ଥାନା ପୋଲିସ ଏକ ମାମଲା (ନଂ.୧୧୮।୨୩) ରୁଜୁ କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ବିକ୍ରମଙ୍କୁ ଗିରଫ କରିବା ସହ ବ୍ୟବହୃତ ବନ୍ଧୁକ ଜବତ କରିଛି ବୋଲି ବରପାଲି ଥାନା ଥାନା ଆଇଆଇସି ସବିତାଲତା ସେଠୀ କହିଛନ୍ତି।

ସୂଚନା ଅନୁସାରେ, ଶନିବାର ରାତିରେ ବିକ୍ରମ ନିଶାସକ୍ତ ଅବସ୍ଥାରେ ପତ୍ନୀ ଲକ୍ଷ୍ମୀଙ୍କ ସହ ପାଟିତୁଣ୍ଡ କରୁଥିଲେ। ଏହି ସମୟରେ ଗଙ୍ଗାଜଳ ବୋହୁ-ପୁଅଙ୍କ କଳି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ସବୁବେଳେ ବୋହୂ ସହ କାହିଁକି ଝଗଡା କରୁଛୁ ବୋଲି କହି ସେ ନିଜ ପୁଅକୁ ତାଗିଦ୍ କରିଥିଲେ। ଏଥିରେ ବିକ୍ରମ ଉତ୍ତ୍ୟକ୍ତ ହୋଇ ଘରେ ଥିବା ବନ୍ଧୁକ ଆଣି ଗଙ୍ଗାଜଳଙ୍କ ପଛପଟୁ ଗୁଳି କରିଥିଲେ। ଗୁଳି ତାଙ୍କ ପିଚାରେ ବାଜିଛି। ପରିବାର ଲୋକେ ଗଙ୍ଗାଜଳଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭିମ୍‌ସାର ବୁର୍ଲା ସ୍ଥାନାନ୍ତର କରାଯାଇଛି।

## ପେଣ୍ଠ ବେଳାଭୂମିରେ ସାଙ୍ଗ କାଟିଲେ ସାଙ୍ଗଙ୍କ ଯୌନାଙ୍ଗ

କେନ୍ଦ୍ରାପଡ଼ା ଅଫିସ/ ରାଜନଗର, ୨।୪(ଡି.ଏନ.ଏ.)



ଜବତ ଅଟୋ

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ପେଣ୍ଠ ବେଳାଭୂମିରେ ସାଙ୍ଗ ନିଜ ସାଙ୍ଗଙ୍କ ଯୌନାଙ୍ଗ କାଟିବା ଭଳି ଏକ ଅଭାବନୀୟ ଘଟଣା ରବିବାର ସମସ୍ତଙ୍କୁ ସ୍ତବ୍ଧ କରିଛି। ବେଳାଭୂମିରେ ମଉଜ ମଜଲିସ କରିବାକୁ ସାଙ୍ଗଙ୍କୁ ଡାକି ନେଇ ତାଙ୍କ ଯୌନାଙ୍ଗକୁ ଭୁଜାଲିରେ କାଟି ଦେଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫୋପାଡ଼ି ଫେରାର ହୋଇଯାଇଛନ୍ତି। ଗୁରୁତର ଅବସ୍ଥାରେ ଯୁବକ ଜଣକ ନିଜ ପରିବାର ଲୋକଙ୍କୁ ଫୋନରେ ଜଣାଇଥିଲେ। ଖବରପାଇ ପରିବାର ଲୋକେ ପେଣ୍ଠ ବେଳାଭୂମିରେ ପହଞ୍ଚି ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଛନ୍ତି।

ରାଜନଗର ଥାନା ଅନ୍ତର୍ଗତ ବେଲପାଳ ଗାଁର ସଞ୍ଜୟ ପଣ୍ଡା ଦେଇଥିବା ଏତଲା ମୁତାବକ, ପୂର୍ବାହ୍ନ ୧୦ଟାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବାଲିପାଟଣା ଗ୍ରାମରେ ଥିବା ତାଙ୍କ ଭଣଜା ଭାଗବତ ଦାଶ (୩୩)ଙ୍କୁ ସାଙ୍ଗ ଆଳି ଥାନା ଅନ୍ତର୍ଗତ ବାଙ୍କେଶ୍ୱର ଗାଁର ଅକ୍ଷୟ କୁମାର ରାଉତ ଏକ ଅଟୋ ଆଣି ପେଣ୍ଠ ବୁଲିଯିବାକୁ ଡାକିଥିଲେ। ଅକ୍ଷୟ ସହ ଭାଗବତ ପେଣ୍ଠ ବୁଲିବାକୁ ଓ ସମୁଦ୍ରରେ ଗାଧୋଇବା ପାଇଁ ଯାଇଥିଲେ। ଅକ୍ଷୟ ପେଣ୍ଠ ସମୁଦ୍ର କୂଳକୁ ତାଙ୍କ ଅନ୍ୟ କେତେଜଣ ସାଙ୍ଗଙ୍କୁ ଡକାଇ ଥିଲେ। ସମୁଦ୍ରରେ ଗାଧୋଇବା ବେଳେ ଭାଗବତଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅକ୍ଷୟ ଭୁଜାଲି ଆକ୍ରମଣ କରିବାରୁ ଭାଗବତଙ୍କ ଯୌନାଙ୍ଗରେ ଗଭୀର କ୍ଷତ ହୋଇଛି। ଭାଗବତଙ୍କ ଭଉଣୀ ସରସ୍ୱତୀଠାରୁ ଖବରପାଇ ମାମୁ ସଞ୍ଜୟ ପେଣ୍ଠ ବେଳାଭୂମିରୁ ଗୁରୁତର ଅବସ୍ଥାରେ ଭଣଜା ଭାଗବତଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ ବୋଲି କହିଛନ୍ତି। ପୂର୍ବ ଶତ୍ରୁତାରୁ ବୁଲିବା ବାହାନା କରି ଆକ୍ରମଣ କରାଯାଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ରାଜନଗର ଏସ୍ଆଇ ବିଭୂତି ଭୂଷଣ ରାଉତଙ୍କୁ ପଚାରିବାରେ ପୋଲିସ ବ୍ୟବହୃତ ଅଟୋ (ନଂ. ଓଆର ୨୯-୨୩୯୭)କୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ନେଇ ଥାନାରେ ନଂ.୨୯୯/୨୩ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ସହ ଅନ୍ୟମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ୧୪୪ କୋଟି ଚଳୁ, ପୁଣେରୁ ଜଣେ ଗିରଫ

**ଗେଟ୍‌ଶୋ' ରୋଜଗାର ଆପ୍ ଜରିଆରେ ବଡ଼ ଠକେଇ**

- ଅଭିଯୁକ୍ତ ସଖାରାମଙ୍କ ଆକାଉଣ୍ଟକୁ ଯାଇଛି ୯ କୋଟି
- ୧.୨୭ ଲକ୍ଷ ହରାଇ ଇଓଡବ୍ଲ୍ୟୁର ଦ୍ୱାରସ୍ଥ ହୋଇଥିଲେ ଦିବ୍ୟଜ୍ୟୋତି

ଭୁବନେଶ୍ୱର,୨।୪ (ବ୍ୟୁରୋ)

ଗେଟ୍ ଶୋ' ଆପ୍ ଜରିଆରେ କ୍ରିପ୍ଟୋ ମାଇନିଂରେ ଟଙ୍କା ବିନିଯୋଗ ନାଁରେ ସାରା ଦେଶରେ ବଡ଼ ଠକେଇ ହୋଇଛି। ଏହି ଠକେଇର ଚେର ବିଭିନ୍ନ ରାଜ୍ୟକୁ ଲମ୍ବିଥିବାବେଳେ ୧୪୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଛନ୍ତି ଠକ। ଦେଶର ପ୍ରାୟ ୧ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ଠକେଇର ଶିକାର ହୋଇଥିବାବେଳେ ଓଡ଼ିଶାରୁ ମଧ୍ୟ ୧୦୦ଜଣ ଟଙ୍କା ହରାଇଛନ୍ତି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖ (ଇଓଡବ୍ଲ୍ୟୁ) ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ମହାରାଷ୍ଟ୍ରର ପୁଣେ ଜିଲା ମୁଣ୍ଡୱା ଅଞ୍ଚଳରୁ ମାର୍ଚ୍ଚ ୩୦ରେ ଗିରଫ କରିବା ପରେ ଏହି ଠକେଇର ପର୍ଦ୍ଦାଫାସ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମହାରାଷ୍ଟ୍ର ରାତୁର ଜିଲାର ବିଶାଲ ସଖାରାମ ଉକ୍ରର। ଠକେଇର ଶିକାର ହୋଇଥିବା ନୟାପଲ୍ଲୀ ଅଞ୍ଚଳର ଦିବ୍ୟଜ୍ୟୋତିଙ୍କ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ଆଇପିସିର ଦଫା ୪୨୦, ୪୬୭, ୪୬୮, ୪୭୧, ୧୨୦ ବି, ଆଇଟି ଆକ୍ଟ ଭଳି ବିଭିନ୍ନ ଦଫାରେ ମାମଲା (ନଂ.୧୦/୨୩) ରୁଜୁ ତଦନ୍ତ ଚଳାଇଛି। ତେବେ ଅଭିଯୁକ୍ତ ସଖାରାମଙ୍କୁ ସ୍ଥାନୀୟ କୋର୍ଟରୁ ଟ୍ରାଞ୍ଜିଟ ରିମାଣ୍ଡରେ ଓଡିଶା ଆଣି କଟକ ଓପିଆଇଡି କୋର୍ଟରେ ହାଜର କରିଥିଲା। ଜାମିନ ନ ମିଳିବାରୁ ଅଭିଯୁକ୍ତ ସଖାରାମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକେଇ ଟଙ୍କାରୁ ୯ କୋଟି ଅଭିଯୁକ୍ତ ସଖାରାମଙ୍କ ଆକାଉଣ୍ଟକୁ ଆସିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

## ସୁପରସ୍ପେଶାଲିଟି ସର୍ଜରି ବିଭାଗରୁ ଖସିଲା ସିଲିଂ

**ବ୍ରହ୍ମପୁର ବଡ଼ ମେଡିକାଲ**

ବ୍ରହ୍ମପୁର ଅଫିସ,୨।୪




ଖସି ପଡ଼ିଥିବା ସିଲିଂ।

ବ୍ରହ୍ମପୁର ବଡ ମେଡିକାଲ ସୁପରସ୍ପେଶାଲିଟି ବ୍ଲକରୁ ଲଗାତର ସିଲିଂ ଖସୁଛି। ପୁଣିଥରେ ସର୍ଜରି ବିଭାଗର ୫ ନମ୍ବର ୟୁନିଟ ପ୍ରବେଶ ପଥର ସିଲିଂ ଖସିଛି। ରବିବାର ରୋଗୀ କମ୍ ଥିବା ଏବଂ ସମ୍ପର୍କୀୟ ମଧ୍ୟ ଅଳ୍ପ ଥିଲେ, ଏପରିକି ଡାକ୍ତର ଓ କର୍ମଚାରୀଙ୍କ ଯାତାୟାତ ମଧ୍ୟ ସେତେ ନ ଥିଲା। ଏଣୁ ଏଥିରେ କେହି ଆହତ ହୋଇ ନାହାନ୍ତି। ସିଲିଂ ଖସିବା ପରେ ଏହାକୁ ମେଡିକାଲ କର୍ମଚାରୀ ବାହାର କରିଦେଇଛନ୍ତି, କିନ୍ତୁ ଏହାକୁ ଯେଉଁ ସ୍ଥାନରେ ପକାଇଛନ୍ତି ସେଠାରେ ପାଣି ଜମି ରହିଛି, ତାକୁ ସଫା କରାଯାଇନାହିଁ। ସେହି ରାସ୍ତାରେ ଯାତାୟାତ ବେଳେ ରୋଗୀ ଓ ଅନ୍ୟମାନେ ଅସୁବିଧା ଭୋଗୁଛନ୍ତି। ପ୍ରକାଶଯେ, ପୂର୍ବରୁ ଉକ୍ତ କୋଠାର ବିଭିନ୍ନ ବିଭାଗରେ ସିଲିଂ ଖସିଥିଲା। ଏହି ଘଟଣାକୁ ନେଇ ସେହି ସମୟରେ ରୋଗୀ, ରୋଗୀ ସମ୍ପର୍କୀୟ ଭୟଭୀତ ହୋଇଥିଲେ। ଏହାପରେ ପ୍ରଶାସନର ଉଚ୍ଚସ୍ତରୀୟ ବୈଠକ କରି ସମାଧାନ ପନ୍ଥା ବାହାର କରାଯାଇ ଦୁର୍ବଳ ସ୍ଥାନଗୁଡିକର ମରାମତି କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ଉକ୍ତ ବ୍ଲକର ବିଭିନ୍ନ ସ୍ଥାନରେ ମରାମତି କାମ ଆରମ୍ଭ ହୋଇଥିଲା। ଦୁର୍ବଳ ଥିବା ସିଲିଂ ବାହାର କରାଯାଇ ତାହାର ମରାମତି ହୋଇଥିଲା। ହେଲେ ରବିବାର ପୁଣି ଉକ୍ତ ବ୍ଲକର ସର୍ଜରି କୋଠାରୁ ସିଲିଂ ଖସିଛି। ଏନେଇ ଅଧୀକ୍ଷକ ଡା. ସୁଚିତ୍ରା ଦାସଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ସୁପରସ୍ପେଶାଲିଟି ୪ର୍ଥ ମହଲାରେ ଥିବା ସର୍ଜରି ବିଭାଗର ୫ ୟୁନିଟର ସିଲିଂ ଖସିଥିବା ଜାଣିବାକୁ ପାଇଥିଲି। ଦୁର୍ବଳ ସିଲିଂ ବାହାର କରି ସେଠାରେ ମରାମତି କରିବାକୁ ପୂର୍ତ୍ତ (ପିଡବ୍ଲ୍ୟୁଡି)ଅଧିକାରୀଙ୍କୁ ଖବର କରାଯାଇଛି। ଉକ୍ତ ଟିମ୍ ସେଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୁବ୍‌ଶୀଘ୍ର ସେଠାରେ ମରାମତି କାମ ଆରମ୍ଭ ହେବ ବୋଲି ଅଧୀକ୍ଷକ ଦାସ ସୂଚନା ଦେଇଛନ୍ତି।

इंजीनियर्स इंडिया लिमिटेड (भारत सरकार का उपक्रम)
ENGINEERS INDIA LIMITED (A Govt. of India Undertaking)

**ଭୁବନେଶ୍ୱର (ଓଡ଼ିଶା)ଠାରେ ପ୍ରଶିକ୍ଷଣ ଅନୁଷ୍ଠାନ ନିମନ୍ତେ ସିଭିଲ, ଢାଞ୍ଚାଗତ, ସମ୍ମୁଖଭାଗ ଏବଂ ତତ୍-ସମ୍ବନ୍ଧୀୟ ବାହ୍ୟ ବିକାଶ କାର୍ଯ୍ୟ ଲାଗି ଘରୋଇ ବିଡର୍‌ମାନଙ୍କ ଲାଗି ପ୍ରାକ୍-ଟେଣ୍ଡର ବୈଠକ ଏବଂ ପ୍ରାକ୍-ନୋଟିସ ପାଇଁ ଆମନ୍ତ୍ରଣ**

ଏକ ପ୍ରମୁଖ ଆର୍ଥିକ କର୍ତ୍ତୃପକ୍ଷଙ୍କ ତରଫରୁ ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ (ଇଆଇଏଲ୍) ନିମ୍ନଲିଖିତ କାର୍ଯ୍ୟ ପାଇଁ ଘରୋଇ ବିଡର୍‌ମାନଙ୍କୁ ପ୍ରାକ୍-ଟେଣ୍ଡର ବୈଠକ ଲାଗି ଆମନ୍ତ୍ରଣ କରୁଛି:

| ବର୍ଣ୍ଣନା | ପ୍ରାକ୍-ଟେଣ୍ଡର ବୈଠକର ତାରିଖ ଓ ସମୟ | ଭିଡିଓ କନ୍‌ଫରେନ୍ସ ପ୍ରଣାଳୀ ଜରିଆରେ |
|---|---|---|
| ସିଭିଲ, ଢାଞ୍ଚାଗତ, ସମ୍ମୁଖଭାଗ ଏବଂ ତତ୍-ସମ୍ବନ୍ଧୀୟ ବାହ୍ୟ ବିକାଶ କାର୍ଯ୍ୟ (ପ୍ରାକ୍-ଟେଣ୍ଡର ବୈଠକ ପାଇଁ ଟେଣ୍ଡର ଆଇଡି: ୨୦୨୩_ଇଆଇଏଲ_୭୪୭୬୮୨) | ୦୫ ଏପ୍ରିଲ, ୨୦୨୩, ୧୫.୦୦ ଘଟିକା (ଆଇଏସ୍‌ଟି)ରେ | ୱେବେକ୍ସ ବିବରଣୀ ଇ-ଟେଣ୍ଡର ୱେବ୍‌ସାଇଟ୍: https://eprocure.gov.in/eprocure/app ରେ ଉପଲବ୍ଧ ହେବ |

ସବିଶେଷ ବିଡ୍ ଆମନ୍ତ୍ରଣ (ଆଇଏଫ୍‌ବି) ଏବଂ ବିଡିଂ ଦସ୍ତାବିଜ ସମେତ ଉକ୍ତ ଟେଣ୍ଡର ପାଇଁ ଅଣ-ପ୍ରଘଟନ ରାଜିନାମା (ଏନ୍‌ଡିଏ) ଖୁବ୍‌ଶୀଘ୍ର ୱେବ୍‌ସାଇଟ୍: http://eprocure.gov.in/eprocure/appରେ ପ୍ରକାଶିତ ହେବ। ଏନ୍‌ଡିଏକୁ କାର୍ଯ୍ୟକାରୀ କରିବା ପରେ ଆଇଏଫ୍‌ବି ତଥା ବିଡିଂ ଦସ୍ତାବିଜ ଡାଉନ୍‌ଲୋଡ୍ କରିବା ପାଇଁ ନିୟମିତ ଭାବେ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ବିଡର୍‌ମାନଙ୍କୁ ପରାମର୍ଶ ଦିଆଯାଉଛି। ଇଆଇଏଲ୍ ଟେଣ୍ଡର ୱେବ୍‌ସାଇଟ୍ http://tenders.eil.co.inରେ ମଧ୍ୟ ଲିଙ୍କ୍ ଉପଲବ୍ଧ ହେବ। ସଦ୍ୟତମ ସୂଚନା ପାଇବା ପାଇଁ ବିଡର୍‌ମାନେ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଆବଶ୍ୟକ।

ଏସ୍‌ଜିଏମ୍ (ଏସ୍‌ସିଏମ୍-ସି ଆଣ୍ଡ ପି), ଇଆଇଏଲ୍

## ଅଜଣା ଜନ୍ତୁ ଆକ୍ରମଣରେ ୩୨ ମେଣ୍ଢା ମୃତ

ମହାକାଳପଡ଼ା,୨।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର ପଞ୍ଚାୟତ କଳାଗଡ଼ ଗ୍ରାମରେ ଶନିବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ୩୨ ମେଣ୍ଢାଙ୍କ ମୃତ୍ୟୁ ଘଟିଛି। ଗାଁର ମହନୀ ଦାସଙ୍କ ଚାଷ ଜମି ନ ଥିବାରୁ ପରିବାର ପ୍ରତିପୋଷଣ ପାଇଁ ଧାରକରଜ କରି ୮୦ ମେଣ୍ଢା ପାଳିଥିଲେ। ସବୁଦିନ ପରି ଗାଁ ପାଖ ଦଣ୍ଡାରେ ମେଣ୍ଢା ଚରାଇ ସନ୍ଧ୍ୟାରେ ଗୁହାଳେ ପୂରାଇ ଥିଲେ। କିନ୍ତୁ ରାତି ୨ଟାରେ ବାଡ଼ି ପଛ ପାଖରେ କେତେଗୋଟି କୁକୁର ଭୁକି ଥିଲେ। ଏଥିରେ ସ୍ତ୍ରୀ ବନିତାଙ୍କ ନିଦ ଭାଙ୍ଗି ଯାଇଥିଲା। ଚୋର କାଳେ ଆସିଥିବ ଭାବି ବନିତା ଯାଇ ଗୁହାଳରେ ଦେଖନ୍ତି ତ ମେଣ୍ଢାମାନଙ୍କର ମୃତଦେହ ସବୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ରହିଥିଲା। ଏହା ଦେଖି ବନିତାଙ୍କ ହୋସ ଉଡ଼ିଯାଇଥିଲା। ମେଣ୍ଢାମାନଙ୍କ ତଣ୍ଟି ଓ ଅନ୍ତବୁଜୁଳାଗୁଡ଼ିକ ବାହାରି ପଡ଼ିଥିଲା। ଘର ଲୋକମାନଙ୍କୁ ଡାକି ସେ ଦେଖାଇଥିଲେ। ମେଣ୍ଢାମାନଙ୍କ ମୃତଦେହ ଦେଖି ମହନୀ ଚେତାଶୂନ୍ୟ ହୋଇପଡ଼ିଥିଲେ। ସକାଳେ ଏହି ଖବର ପ୍ରଚାରିତ ହେବାରୁ ମୃତ ମେଣ୍ଢାମାନଙ୍କୁ ଦେଖିବାକୁ ଲୋକମାନଙ୍କ ଭିଡ଼ ଜମିଥିଲା। ଏହି ଅଞ୍ଚଳରେ ଅନେକ ଲୋକ ଛେଳି, ମେଣ୍ଢା, ଗୋରୁ, ମଇଁଷି ଆଦି ପାଳନ କରି ପରିବାର ପୋଷଣ କରନ୍ତି। ମେଣ୍ଢାମାନଙ୍କ ମୃତ୍ୟୁ ପରେ ଅନ୍ୟ ଚାଷୀଙ୍କ ମଧ୍ୟରେ ଏବେ ଛନକା ପଶିଛି। କେଉଁ ପ୍ରକାରର ସେ ଅଜଣା ଜନ୍ତୁ, କ'ଣ ତା'ର ରୂପରେଖ, କାହିଁକି ମେଣ୍ଢାମାନଙ୍କୁ ଟାର୍ଗେଟ କରୁଛି, ତଣ୍ଟି କାଟି ରକ୍ତ ପିଇବା ସହ ପେଟରୁ ଅନ୍ତବୁଜୁଳା କାଢୁଛି ତାହାକୁ ନେଇ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

ଖବର ପାଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଲକ୍ଷ୍ମଣ କୁମାର ବେହେରା ଓ ପ୍ରାଣୀ ଚିକିତ୍ସକ ଡା. ସୁକାନ୍ତ କୁମାର ଶିଅଳ ଘଟଣାସ୍ଥଳରେ ପହଞ୍ଚି ମୃତ ମେଣ୍ଢାମାନଙ୍କ ରକ୍ତ ନମୁନା ସଂଗ୍ରହ କରିବା ସହ ବ୍ୟବଚ୍ଛେଦ କରାଇଛନ୍ତି। ଅଧିକ ତଥ୍ୟ ସଂଗ୍ରହ ପାଇଁ ଏକ ଚିକିତ୍ସକ ଟିମ୍ ଗଠନ କରାଯାଇଛି। ସବିଶେଷ ରିପୋର୍ଟ ଆସିଲେ ସମସ୍ତ ତଥ୍ୟ ପ୍ରକାଶ ପାଇବ ବୋଲି ଡା. ଶିଅଳ କହିଛନ୍ତି। ତେବେ ଗରିବ ମହନୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ଜେନା ଦାବି କରିଛନ୍ତି। ସୂଚନାଯୋଗ୍ୟ, ଏହି ବ୍ଲକର ବଉଳକଣୀ ପଞ୍ଚାୟତ ପ୍ରଭାକରପୁର ଗାଁରେ ୨୦୧୭ ନଭେମ୍ବରରେ ଅଜଣା ଜନ୍ତୁ ଆକ୍ରମଣରେ ୨୦ ମେଣ୍ଢାଙ୍କ ଏହିଭଳି ମୃତ୍ୟୁ ଘଟିଥିଲା।



**ଆଜିର ମନ୍ତବ୍ୟ**

"ଅନ୍ୟ ଦେଶର ଆଭ୍ୟନ୍ତରୀଣ ମାମଲାରେ ଟିପ୍ପଣୀ ଦେବା ଈଶ୍ୱର ପ୍ରଦତ୍ତ ଅଧିକାର ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ମନେକରୁଛନ୍ତି।

**-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ କୋଇଲି ଏକ ବର୍ଣ୍ଣ
ରା ବେଳେ ଭିନ୍ନଭିନ୍ନ ।**

କାଉ ଓ କୋଇଲି ଉଭୟେ ଦେଖିବାକୁ ଏକା ଭଳି। ହେଲେ ତାଙ୍କ ସ୍ୱର ବା ରାବର ଭିନ୍ନତା ହିଁ ଦୁହିଁଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ଆଣିଦେଇଥାଏ। ପରୋକ୍ଷରେ ବ୍ୟକ୍ତି ନିଜ ରୂପ ପାଇଁ ନୁହେଁ ଗୁଣ ପାଇଁ ନିନ୍ଦିତ ବା ପ୍ରଶଂସିତ ହୋଇଥାଏ। ରୂପ ଠାରୁ ଗୁଣ ଶ୍ରେଷ୍ଠତର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କହିଲେ କୁଳ କୁଟୁମ୍ବକୁ ଲାଜ
ନ କହିଲେ କୁଳ ଭାସି ଯାଉଛି ।**

ମଣିଷ ବେଳେବେଳେ ଏମିତି ଅଘଟଣ ଅବସ୍ଥାରେ ପହଞ୍ଚେ, ଯାହାର ସମ୍ମୁଖୀନ ହେଲେ ଅସୁବିଧାରେ ପଡ଼ିଥାଏ ଏବଂ ନ ହେଲେ ମଧ୍ୟ ଅପଦସ୍ଥ ହୋଇଥାଏ। ପରିବାରର ମଙ୍ଗଳ ପାଇଁ କୌଣସି ଲଜ୍ଜାକର ଘଟଣା ପ୍ରକାଶ କରିବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଦୁଇ ଘଣ୍ଟା ଅନ୍ଧାରରେ ରୋଗୀ

**ବ୍ରହ୍ମପୁର ଅଫିସ,୨।୪**

ବ୍ରହ୍ମପୁର ବଡ଼ ମେଡିକାଲରେ ୨୪ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ଶନିବାର ସେଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦୁଇଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ରୋଗୀ ଓ ସମ୍ପର୍କୀୟମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସନ୍ଧ୍ୟାରେ ଘଡ଼ଘଡ଼ି ସହ ବର୍ଷା ହେବା ଫଳରେ ସୁପର ସ୍ପେଶାଲିଟି ବ୍ଲକରେ କୌଣସି କାରଣରୁ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଏଣୁ ଦୀର୍ଘ ସମୟ ଧରି ରୋଗୀ, ସମ୍ପର୍କୀୟ ଓ କର୍ମଚାରୀମାନେ ଅନ୍ଧାରରେ ରହିଥିଲେ। ସେଠାରେ ରୋଗୀ ସମ୍ପର୍କୀୟମାନେ ମୋବାଇଲ ଲାଇଟ୍ ବ୍ୟବହାର କରିଥିଲେ। ଏନେଇ ଅଧୀକ୍ଷକ ଡା. ସୁଚିତ୍ରା ଦାସଙ୍କୁ ପଚାରିବାରୁ ଶନିବାର ସନ୍ଧ୍ୟାରେ ବର୍ଷା ସହ ଘଡ଼ଘଡ଼ିକ ପରେ ସର୍ଜରି ୱାର୍ଡ କିଛି ସମୟ ପାଇଁ ଅନ୍ଧାର ହୋଇଯାଇଥିଲା। ଟ୍ରାନ୍ସଫର୍ମର ପୋଡିଯିବାରୁ ଏହି ଅବ୍ୟବସ୍ଥା ଦେଖାଦେଇଥିଲା। ସଙ୍ଗେସଙ୍ଗେ ବିଦ୍ୟୁତ୍ ବିଭାଗକୁ ଖବର ଦିଆଯାଇଥିଲା, ନୂଆ ଟ୍ରାନ୍ସଫର୍ମର ଲାଗିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା ବୋଲି ସେ କହିଛନ୍ତି।

**ଏମ୍‌କେସିଜିରେ ବିଦ୍ୟୁତ୍ ବିଭ୍ରାଟ**

# ସେବାଶ୍ରମରେ ଛାତ୍ରଙ୍କୁ ନିର୍ଯାତନା

**ବାହାନଗା,୨।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଅନ୍ତର୍ଗତ ଆଳଦାସ୍ଥିତ ମଲିକା ଶିଶୁ ମଙ୍ଗଳ ସେବାଶ୍ରମରେ ଛାତ୍ରମାନଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ନିର୍ଯାତନା ସହି ନ ପାରି ଶୁକ୍ରବାରଠାରୁ ଲୁଚି ପଳାଇଥିବା ୩ ଛାତ୍ରଙ୍କୁ ୩ ଦିନ ପରେ ସୋର ଥାନା ପୋଲିସ ୧୬ନଂ. ଜାତୀୟ ରାଜପଥର ନାୟିକବନ୍ଧ ଛକରୁ ଉଦ୍ଧାର କରିଛି। ମାର୍କୋଣା ଅଞ୍ଚଳର ଉକ୍ତ ୩ ଛାତ୍ରଙ୍କୁ ସଫା କରିବା ପାଇଁ କହି ମାଡ଼ ମରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଭୋକ ବିକଳରେ ସେମାନେ ଗୋଟିଏ ଦୋକାନରୁ ବିସ୍କୁଟ ଓ ଚକୋଲେଟ ଲୁଚାଇ ଖାଇ ରାତିରେ ବିଲରେ ଶୋଇଥିଲେ। ରବିବାର ମଧ୍ୟାହ୍ନରେ ସେମାନେ ଜାତୀୟ ରାଜପଥର ନାୟିକବନ୍ଧ ଛକ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ପଚରାଉଚରା କରିବା ପରେ ଘଟଣା ବାବଦରେ ଜଣାପଡ଼ିଥିଲା। ଖବରପାଇ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରଙ୍କୁ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ୩ ଦିନ ବିତି ଯାଇଥିଲେ ମଧ୍ୟ ଆଶ୍ରମ କର୍ତ୍ତୃପକ୍ଷ ଛାତ୍ରମାନଙ୍କ ନିଖୋଜ ସମ୍ପର୍କରେ ଥାନାରେ ନ ଜଣାଇବା ସନ୍ଦେହ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଉକ୍ତ ଆଶ୍ରମରେ ୬ରୁ ୧୮ବର୍ଷ ପର୍ଯ୍ୟନ୍ତ ପ୍ରାୟ ୩୦ ଛାତ୍ରୀଛାତ୍ର ରହି ପାଠ ପଢ଼ନ୍ତି। କିଛିଦିନ ତଳେ ଅନ୍ୟଜଣେ ଛାତ୍ର ପାଚେରି ଡେଇଁ ପଳାଉଥିବା ବେଳେ ଗୋପାଳପୁର ବଜାରରୁ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ଆଶ୍ରମର ମୁଖ୍ୟ ପରିଚାଳକ ଦିବାକର ନାୟକଙ୍କୁ ପଚାରିବାରୁ ୩ ଛାତ୍ର ଆଶ୍ରମରୁ ଲୁଚି ପଳାଇଥିବା ଘଟଣା ସତ। ମାତ୍ର ସେମାନେ କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ। ପରୀକ୍ଷା ସରିବା ପରେ ସେମାନେ ଘରକୁ ଯିବା ପାଇଁ ଚାହିଁଥିଲେ, ମାତ୍ର ଘର ଲୋକ ଆସି ନ ଥିବାରୁ ସେମାନଙ୍କୁ ଛଡ଼ାଯାଇ ନ ଥିଲା । ଆମେ ଚାରିଆଡ଼େ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କୁ ପାଇ ନ ଥିଲୁ ବୋଲି କହିଛନ୍ତି।

**ଲୁଚି ପଳାଇଥିବା ୩ ଛାତ୍ରଙ୍କୁ ଉଦ୍ଧାର କଲା ପୋଲିସ**

# ବିହାରରୁ ୧୦ ଲକ୍ଷ ଟଙ୍କାର ନକଲି ଔଷଧ ଜବତ

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

କଟକରେ ଚିହ୍ନଟ ହୋଇଥିବା ନକଲି ଓ-୨ ଔଷଧ ମାମଲାରେ ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ରାଜ୍ୟ ବାହାରେ ଛାନ୍‌ଭିନ କରାଯାଇଛି। ଏହି ମାମଲାରେ ବାହାର ରାଜ୍ୟର ଲିଙ୍କ୍ ଥିବା ଜଣାପଡିବା ପରେ ଏକ ସ୍ୱତନ୍ତ୍ର ଟିମ୍ ଭୋପାଳ, ମଧ୍ୟପ୍ରଦେଶ ଓ ବିହାରର ମୁଜାଫରପୁରର ବିଭିନ୍ନ ସ୍ଥାନରେ ଚଢାଉ କରିଛି। ତେବେ ମୁଜାଫରପୁରରୁ ୧୦ଲକ୍ଷ ଟଙ୍କାର ନକଲି ଔଷଧ ଜବତ କରାଯାଇଛି। ତେବେ ଏହି ନକଲି ଔଷଧ କାରବାରରେ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ମନିଷ କୁମାର ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ବିକ୍ରି ହେଉଥିବା ନକଲି ଔଷଧ ବାହାର ରାଜ୍ୟରୁ ଆସୁଥିବା ତଦନ୍ତବେଳେ ଜଣାପଡିଥିଲା। ତେଣୁ ଚଢ଼ାଉ ସହ ର୍‍ୟାକେଟକୁ ଧରିବା ପାଇଁ କଟକ ସର୍କଲ-୧ର ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲୋର ଧର୍ମଦେବ ପୁହାଣ, କଟକ ସର୍କଲ-୨ର ତୁଷାର ରଞ୍ଜନ ପାଣିଗ୍ରାହୀ, ସର୍କଲ-୨ର ଡ୍ରଗ୍ସ ଇନ୍ସପେକ୍ଟର ହରିପ୍ରିୟା ମଲ୍ଲିକଙ୍କୁ ନେଇ ଏହି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା।

**ମୁଖ୍ୟ ଅଭିଯୁକ୍ତ ଫେରାର**

**ପ୍ରଥମ ପୃଷ୍ଠାରୁ...**

## ଆଜିଠୁ ମାଟ୍ରିକ୍ ଖାତା ...

ୱେବ୍‌ସାଇଟ୍‌ରେ ସୂଚନା ରହିଛି। ରାଜ୍ୟରେ ମୋଟ୍ ୫୫ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଥିବାବେଳେ ସବୁଠି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ମୂଲ୍ୟାୟନ ପରେ କେନ୍ଦ୍ରରୁ ଅନ୍‌ଲାଇନ୍‌ରେ ମାର୍କ ପୋଷ୍ଟିଂ କରାଯିବ। ମୂଲ୍ୟାୟନ କାର୍ଯ୍ୟ ୧୦ରୁ ୧୨ଦିନ ମଧ୍ୟରେ ଶେଷ କରିବାକୁ ବୋର୍ଡ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି ଉପସଭାପତି ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ, ମାଟ୍ରିକ୍, ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ମୋଟ ୫ଲକ୍ଷ ୪୧ହଜାର ୨୪୭ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ରାଜ୍ୟର ୩,୨୧୮ କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା। ପ୍ରଶ୍ନପତ୍ର ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର କରାଯାଇଥିଲା।

# ୩ ମହଲାରୁ ପଡ଼ି ବିଟେକ୍ ଛାତ୍ର ଗୁରୁତର

- **ସରାଙ୍ଗ ଆଇଜିଆଇଟିରେ ଅଘଟଣ**
- **ପ୍ରେମ ସମ୍ପର୍କକୁ ନେଇ ଗୋଷ୍ଠୀ ସଂଘର୍ଷ ଚର୍ଚ୍ଚା**

**ପରଜଙ୍ଗ, ୨।୪(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି (ଆଇଜିଆଇଟି)ରେ ଶନିବାର ବିଳମ୍ବିତ ରାତିରେ ଅଘଟଣ ଘଟିଛି। ଶିକ୍ଷାନୁଷ୍ଠାନର ଛାତ୍ରାବାସ 'ସୂର୍ଯ୍ୟଭବନ'ର ୩ ମହଲାରୁ ଖସିପଡ଼ି ଜଣେ ବି-ଟେକ୍ ଶେଷବର୍ଷ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ରାଉରକେଲା ଅଞ୍ଚଳର ସତ୍ୟମ୍ ଖାଲ୍‌କୋ। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଆଇଜିଆଇଟି ଅଧ୍ୟକ୍ଷ ଡ. ସତ୍ୟବ୍ରତ ମହାନ୍ତଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ଅଣଛାତ୍ରଙ୍କ ସମେତ ମୋଟ ୪ ଜଣଙ୍କୁ ଅଟକ ରଖି ତନାଘନା ଚଳାଇଛି। ପ୍ରେମ ବ୍ୟାପାରକୁ କେନ୍ଦ୍ରକରି ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ସଂଘର୍ଷରୁ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆଇଜିଆଇଟିର ମେଟେରୋଲୋଜିକାଲ ବିଭାଗର ଶେଷବର୍ଷ ଛାତ୍ର ହେଉଛନ୍ତି ସତ୍ୟମ୍। ଗତ ଶନିବାର ବିଭାଗୀୟ କାର୍ଯ୍ୟକ୍ରମ ଥିବାରୁ ଛାତ୍ରୀଛାତ୍ରମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ପାର୍ଟି କରିଥିଲେ। ହଷ୍ଟେଲ୍‌କୁ ଫେରିବା ପରେ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଯୁକ୍ତିତର୍କ ହୋଇ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ଏହି ସମୟରେ କେହି ଜଣେ ସତ୍ୟମଙ୍କୁ ଠେଲି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଅନ୍ୟ ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗଣ୍ଡଗୋଳ ବେଳେ ସତ୍ୟମ୍ ଭାରସାମ୍ୟ ହରାଇ ୩ ମହଲା କୋଠାରୁ ତଳକୁ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ତାଳଚେରସ୍ଥିତ ମଣ୍ଡାପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଅନୁଗୋଳ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ତାଙ୍କୁ ପରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଏହି ଘଟଣାକୁ କଲେଜ କର୍ତ୍ତୃପକ୍ଷ ଅତି ଗୁରୁତ୍ୱର ସହ ନେଇଛନ୍ତି। ଅଧ୍ୟକ୍ଷ ଡ. ମହାନ୍ତଙ୍କ ଅଭିଯୋଗକ୍ରମେ ପରଜଙ୍ଗ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ୨ ଜଣ ବି-ଟେକ୍ ତୃତୀୟ ବର୍ଷ ଛାତ୍ର ଏବଂ ୨ ଜଣ ଅଣଛାତ୍ରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଥିବା ଜଣାପଡ଼ିଛି।



ଆଇଜିଆଇଟି

# କ୍ରାଇମ୍ ସିନ୍ ରିକ୍ରିଏଟ୍ କଲା ପୋଲିସ

**ସମର୍ଥ ଅପହରଣ ଓ ହତ୍ୟା ମାମଲା**

**ଭେଡେନ,୨।୪(ଡି.ଏନ.ଏ.)**

ଝାରସୁଗୁଡାର ବହୁଚର୍ଚ୍ଚିତ ସମର୍ଥ ଅଗ୍ରୱାଲ ଅପହରଣ ଓ ହତ୍ୟା ମାମଲାରେ ପୋଲିସ ଦୁଇ ଅଭିଯୁକ୍ତ ଅମିତ ଶର୍ମା ଓ ଦିନେଶ ଅଗ୍ରୱାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ତିନିଦିନିଆ ରିମାଣ୍ଡରେ ଆଣିଛି। ସମର୍ଥଙ୍କୁ ହତ୍ୟା ପରେ ଯେଉଁ ଜାଗାରେ ପୋଡ଼ି ଦିଆଯାଇଥିଲା ପୋଲିସ ରବିବାର ଅଭିଯୁକ୍ତଙ୍କୁ ସେଠାକୁ ନେଇ ସିନ୍ ରିକ୍ରିଏଟ୍ କରିଛି।

ସୂଚନା ଅନୁସାରେ, ରବିବାର ଝାରସୁଗୁଡା ପୋଲିସ ଅଭିଯୁକ୍ତଙ୍କୁ ପ୍ରଥମେ ବୁର୍ଲା ନେଇଥିଲା। ସେଠାରୁ ସେମାନଙ୍କୁ ଘଟଣାସ୍ଥଳ ବରଗଡ ଜିଲା ଭେଡେନ ଥାନା ରକ୍ଷୁଡା ଫାଣ୍ଡି ଅଧୀନ ଗୋଡଭଗା-ସୋନପୁର ୫୫ ନମ୍ବର ରାଜ୍ୟ ରାଜପଥର ବଇପୁର-ଝାଇଁଯୋର ପୋଲ ନିକଟକୁ ନିଆଯାଇଥିଲା। ସେଠାରେ ଅଭିଯୁକ୍ତଙ୍କ ଡେମୋ ସହ ସିନ୍ ରିକ୍ରିଏଶନ କରାଯାଇଥିଲା। ଅଭିଯୁକ୍ତମାନେ ସମର୍ଥଙ୍କୁ କିପରି ଅପହରଣ କରି ହତ୍ୟା କରିଥିଲେ ଏବଂ ମୃତଦେହକୁ ପୋଡ଼ି ଦେଇଥିଲେ ତା'ର ଡେମୋ ଦେଖାଇଛନ୍ତି। ଏହି ଘଟଣାରେ ପୋଲିସ ଆଉ ଜଣଙ୍କୁ ଅଟକ ରଖିଥିବା ବେଳେ ହତ୍ୟାରେ ଆଉ କାହାର ହାତ ରହିଛି ଖୋଳତାଡ କରୁଛି। ଏହି ହତ୍ୟା ଟଙ୍କା ପାଇଁ ନା ଅନ୍ୟ କାରଣ ରହିଛି ସେ ନେଇ ଅଧିକ ତଥ୍ୟ ସଂଗ୍ରହ କରୁଛି ପୋଲିସ।

ଉଲ୍ଲେଖନୀୟ, ଗତ ମାର୍ଚ୍ଚ ୨୮ ତାରିଖ ସକାଳେ ସ୍ଥାନୀୟ ଗ୍ରାମର ଜଣେ ଚାଷୀ ଧାନ କିଆରିକୁ ପାଣି ମଡାଇବାକୁ ଯାଇଥିବା ବେଳେ ଝାଇଁଯୋର ପୋଲ ନିକଟ ରାସ୍ତା କଡରେ ହଠାତ୍ ହୁତୁହୁତୁ ନିଆଁ ଜଳି ଉଠିଥିଲା। କିଛି ସମୟ ପରେ ଦୁଇ ଜଣ ବ୍ୟକ୍ତି ସେଠାରୁ ବାହାରି କିଛି ଦୂରରେ ଛିଡା ହୋଇଥିବା ଏକ ନୀଳ ରଙ୍ଗର କାର୍‌ରେ ବସି ସୋନପୁର ପଟକୁ ଦ୍ରୁତବେଗରେ ପଳାଇଥିଲେ। ସନ୍ଦେହ ହେବାରୁ ଚାଷୀ ଜଣଙ୍କ ଘଟଣାସ୍ଥଳକୁ ଯାଇ ଏକ ମୃତଦେହ ପୋଡୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଭେଡେନ ପୋଲିସ ସେଠାରେ ପହଞ୍ଚି ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିବା ସହ ଏକ ମାମଲା (ନଂ.୯୭/୨୩) ରୁଜୁ କରିଥିଲା।


ଅଭିଯୁକ୍ତ ଘଟଣାସ୍ଥଳରେ ଡେମୋ ଦେଖାଉଛନ୍ତି ।

# ଆଗକୁ ଅସମ୍ଭାଳ ତାତି

- **୭୨ ଘଣ୍ଟାରେ ୬ ଡିଗ୍ରୀ ବଢ଼ିବ ପାରଦ**
- **୩୫ ଡିଗ୍ରୀ ଉପରେ ୧୪ ସହର**
- **ଉପକୂଳରେ ଆଂଶିକ ମେଘୁଆ ରହିବ ପାଗ**

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ମାର୍ଚ୍ଚ ୧୪ରୁ ରାଜ୍ୟରେ ପଶ୍ଚିମା ଝଡ଼ ପ୍ରବାହରେ ପୂର୍ବାହ୍ନରେ ଖରା ଓ ଅପରାହ୍ନରେ ଝଡ଼ବର୍ଷା ଓ କୁଆପଥର ମାଡ଼ ହେଉଥିଲା। ତେବେ ସମୁଦ୍ରପଟୁ କ୍ରମାଗତ ସ୍ଥଳଭାଗ ଆଡ଼କୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ଜାରି ରହିବାରୁ ରବିବାର ପାଗରେ ପରିବର୍ତ୍ତନ ହୋଇଛି। ବର୍ଷା କମିବା ସହ ତାତି ବଢ଼ିଛି। ବାଲେଶ୍ୱର, ପାରାଦ୍ୱୀପ, ହୀରାକୁଦ, ନୟାଗଡ଼, ଛତ୍ରପୁର ଓ ରାୟଗଡ଼ାରେ ବର୍ଷା ହୋଇଥିଲେ ମଧ୍ୟ ୧୪ ସହରରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ୩୬.୫ ଡିଗ୍ରୀ ସହ ମାଲକାନଗିରି ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ତେବେ ଆଗକୁ ତାତି ଧୀରେ ଧୀରେ ବଢ଼ିବ। ୭୨ ଘଣ୍ଟାରେ ପାରଦ ୬ ଡିଗ୍ରୀ ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରିଛି। ରବିବାର ସନ୍ଧ୍ୟା ରେ ଜାରି ବୁଲେଟିନ ଅନୁସାରେ, ଉତ୍ତରରୁ ଦକ୍ଷିଣ ଯାଏ ଏକ ନିମ୍ନଚାପରେଖା ବାୟୁମଣ୍ଡଳରେ ସମୁଦ୍ର ପତନରୁ ୧.୫ କିମି ଉପରେ ରହିଛି। ଏହା ଉତ୍ତର ଛତିଶଗଡ଼ରୁ ବାହାରି ଦକ୍ଷିଣ ଆଭ୍ୟନ୍ତରୀଣ ତାମିଲନାଡୁ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ବାୟୁମଣ୍ଡଳ ଦେଇ ଲମ୍ବିଛି। ଏହାର ପ୍ରଭାବରେ ସୋମବାରଠାରୁ ଉପକୂଳବର୍ତ୍ତୀ କିଛି ଜିଲାରେ ଆସନ୍ତା ୫ ତାରିଖ ଯାଏ ପାଗ ଆଂଶିକ ମେଘୁଆ ରହିବା ସହ ବର୍ଷା ସମ୍ଭାବନା ରହିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିରେ ପାଗ ମୁଖ୍ୟତଃ ଶୁଖିଲା ରହିବ, କିନ୍ତୁ ସ୍ଥାନେ ସ୍ଥାନେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ଆସନ୍ତା ୭୨ ଘଣ୍ଟା ମଧ୍ୟରେ ପର୍ଯ୍ୟାୟକ୍ରମେ ରାଜ୍ୟରେ ପାରଦ ୬ ଡିଗ୍ରୀ ଯାଏ ବୃଦ୍ଧି ପାଇବ ଓ ପଶ୍ଚିମ-ଦକ୍ଷିଣ ଆଭ୍ୟନ୍ତରୀଣ ତଥା ସୀମାନ୍ତ ଜିଲାଗୁଡ଼ିକରେ ପ୍ରବଳ ତାତି ଅନୁଭୂତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ରହିଛି।

## ଆଜି ଅତାବିରା, ହିନ୍ଦୋଳ ...

କଂଗ୍ରେସରୁ ସବିତା ଭୁଏ ଏବଂ ସ୍ୱାଧୀନ ଭାବେ ସାମନ୍ତ ଭୁଏ ନିର୍ବାଚନ ଲଢୁଛନ୍ତି। ସେହିପରି ୧୨ଟି ୱାର୍ଡରେ ନଗରପାଳ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୪୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୧୬ଟି ବୁଥ୍‌ରେ ମୋଟ ୧୩,୫୨୦ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରେ ୬,୭୭୭ ମହିଳା ଓ ୬,୭୪୩ ପୁରୁଷ ଭୋଟର ଅଛନ୍ତି। ଅନୁରୂପ ଭାବେ ହିନ୍ଦୋଳ ଏନ୍‌ଏସିର ୧୬ ୱାର୍ଡରେ ୧୬ଟି ବୁଥ୍ କରାଯାଇଛି। ଉତ୍ତେଜନାପ୍ରବଣ ଚିହ୍ନଟ ୫ନଂ. ଓ ୯ନଂ. ୱାର୍ଡ ବୁଥ୍‌ରେ ଭିଡିଓଗ୍ରାଫ ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଛନ୍ତି। ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା ମଧ୍ୟ କରାଯାଇଛି। ନଗରପାଳ ପଦବୀ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ଥିବାବେଳେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବିଜେଡିରୁ କେଶବ ଚନ୍ଦ୍ର ପ୍ରଧାନ, ଭାଜପାରୁ ସୌଭାଗିନୀ ପ୍ରଧାନ ଏବଂ କଂଗ୍ରେସରୁ ରୀତା ପଲେଇ ନିର୍ବାଚନ ଲଢୁଛନ୍ତି। ସେହିପରି ୧୬ଟି କାଉନ୍‌ସିଲର ପଦବୀ ପାଇଁ ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଶାଇ ୫୦ ଜଣ ଦାବିଦାର ରହିଛନ୍ତି। ମୋଟ ୯,୮୬୩ (୪,୮୧୭ ମହିଳା ଏବଂ ୫,୦୪୬ ପୁରୁଷ) ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏ ସଂକ୍ରାନ୍ତରେ ନିର୍ବାଚନ ଅଧିକାରୀ ତଥା ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ କୁହନ୍ତି, ଏନ୍‌ଏସି ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଭୋଟରଙ୍କ ସୁବିଧା ପାଇଁ ମତଦାନ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଆସନ୍ତା ୫ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ।

## ଅମ୍ବାୟରଙ୍କ ନିଷ୍ପତ୍ତିକୁ ...

ପୋଲିସକୁ ଗ୍ରାମବାସୀ ଘେରାଉ କରିଥିଲେ। ପରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଜଗାକୁ ଗ୍ରାମବାସୀଙ୍କ କବଳରୁ ଖସାଇ ଆଣି ଥାନାରେ ଅଟକ ରଖିଛନ୍ତି। ଏଥିସହ ଏକ ପଲସର ବାଇକ୍ ଏବଂ ବ୍ୟାଟ୍‌କୁ ପୋଲିସ ଜବତ କରିଛି। ପଲସର ଗାଡ଼ିରେ ବିଜେଡିର ଶଙ୍ଖ ଚିହ୍ନ ରହିଥିବାର ଦେଖିବାକୁ ମିଳିଥିବାବେଳେ ଏହି ଘଟଣାକୁ କେତେଜଣ ରାଜନୈତିକ ରଙ୍ଗ ମଧ୍ୟ ଦେଉଛନ୍ତି। ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ପୋଲିସ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ କରିଛି। ମୃତକଙ୍କ ବାପା ବାଇଧର ରାଉତଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ହତ୍ୟା ମାମଲା (ନଂ.୧୫୯/୨୩) ରୁଜୁ କରି ତଦନ୍ତ ଚଳାଇଛି । ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଚୌଦ୍ୱାର ଥାନା ଅଧିକାରୀ ବିରଞ୍ଚିନାରାୟଣ ପତି ସୂଚନା ଦେଇଛନ୍ତି। ଡିସିପି ପିନାକ ମିଶ୍ର କହିଛନ୍ତି ଯେ, ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲରେ ରହିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖୁବ୍ ଶୀଘ୍ର ସେମାନେ ଧରାପଡ଼ିବେ ବୋଲି ମିଶ୍ର କହିଛନ୍ତି।

## କୋର୍ଟ ରାୟକୁ ଆଜି ...

ନିବେଦନ କରିବେ ବୋଲି ଜଣାପଡ଼ିଛି। ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟ ବିରୋଧରେ ଅପିଲ୍ ପାଇଁ କଂଗ୍ରେସ ନେତାଙ୍କୁ ଜାମିନ ପ୍ରଦାନ କରାଯିବା ସହ ୩୦ ଦିନ ପାଇଁ ଦଣ୍ଡାଦେଶକୁ ସ୍ଥଗିତ ରଖାଯାଇଥିଲା। ଉଚ୍ଚତର ଅଦାଲତ ଯଦି ରାହୁଲଙ୍କ ଦୋଷୀସାବ୍ୟସ୍ତ ରାୟ ଉପରେ ସ୍ଥଗିତାଦେଶ ନ ଲଗାନ୍ତି, ତେବେ ନିର୍ବାଚନ କମିଶନ ତାଙ୍କ ୱାୟନାଡ୍ ଲୋକ ସଭା ଆସନରେ ସ୍ୱତନ୍ତ୍ର ନିର୍ବାଚନ ଘୋଷଣା କରିବେ। ଏଥିସହିତ ସେ ଆଗାମୀ ୮ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିପାରିବେ ନାହିଁ। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ କର୍ଣ୍ଣାଟକର ଏକ ରାଲିକୁ ଉଦ୍‌ବୋଧନ ଦେଇ ୱାୟନାଡ୍‌ର ପୂର୍ବତନ ଏମ୍‌ପି 'ସବୁ ଚୋରଙ୍କ ସାଙ୍ଗିଆ ମୋଦି କିପରି ହେଲା' ବୋଲି ପ୍ରଶ୍ନ କରିଥିଲେ। ଏନେଇ ଭାଜପା ବିଧାୟକ ତଥା ଗୁଜରାଟର ପୂର୍ବତନ ମନ୍ତ୍ରୀ ପୂର୍ଣ୍ଣେଶ ମୋଦି ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ।

## ଗିରଫ ଏସ୍‌ଆଇଙ୍କ ଲିଙ୍କୁ ...

ତାରିଖରେ ଭଦ୍ରକ ନୂଆବଜାରସ୍ଥିତ ଭଡ଼ାଘରକୁ ଯାଇ ଏ ବିଷୟରେ ପଚାରିବାରୁ ତାଙ୍କୁ ମାଡ଼ ମାରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୧୯୧/୨୩) ରୁଜୁ ହୋଇଛି। ତେବେ ଅଭିଯୋଗର ସତ୍ୟତା ନେଇ ତଦନ୍ତ ଚାଲିଥିବା ସିଟି ଡିଏସ୍‌ପି ଦ୍ୱିବେଦୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସ୍ୱାସ୍ଥ୍ୟ ଭଲ ଥିଲେ ମଧ୍ୟ ମନ ଅନୁଯାୟୀ କାମ ସମ୍ପନ୍ନ କରିବା କଷ୍ଟକର ହୋଇ ପଡ଼ିବ। ଆଜି ଯେତିକି ପାଇବେ ସେମିତି ଖର୍ଚ୍ଚ ମଧ୍ୟ କରିବେ। ଅବଶ୍ୟ ଅ-ନାମାକ୍ଷର ବ୍ୟକ୍ତିମାନେ ନିଜ ନିଜ କାମକୁ ଉତ୍ସାହର ସହ କରିବାରେ ସମର୍ଥ ହେବେ। ସତର୍କତା ଅଭାବରୁ ସାଧାରଣ ଘଟଣା ବିବାଦୀୟ ପରିସ୍ଥିତି କିମ୍ବା ଭିନ୍ନରୂପ ନେଇପାରେ।

**ବୃଷ** ଆନୁଷଙ୍ଗିକ ସହଯୋଗ ଲାଭକରି ଖୁସି ମିଜାଜରେ କାମ କରିବାର ସୌଭାଗ୍ୟ ଅର୍ଜନ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ ତଥା ଶିଳ୍ପ ଓ ଏଜେନ୍‌ସିପ୍ରୁ ମନ ଖୁସି ରହିବ। ବିବାଦୀୟ ଘଟଣାଠାରୁ ଦୂରେଇ ନ ରହିଲେ ଝମେଲା ହୋଇପାରେ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ।

**ମିଥୁନ** ଆଜିର ଗ୍ରହସ୍ଥିତି ବିଶେଷ ଅନୁକୂଳତା ପ୍ରଦର୍ଶନ କରୁଥିବାରୁ ପ୍ରତ୍ୟେକ କାର୍ଯ୍ୟ ସୁବିଧାରେ ସମ୍ପନ୍ନ ହେବ। କିନ୍ତୁ ଚନ୍ଦ୍ରଙ୍କ ଉପରେ ରାହୁଙ୍କ କୁପ୍ରଭାବରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହି ସମସ୍ୟାକୁ ଡାକି ଆଣିପାରନ୍ତି। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଲକ୍ଷ୍ୟ ହାସଲରେ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ସାମାନ୍ୟ ଅସୁବିଧା ହେଲେ ମଧ୍ୟ ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା ହେତୁ ମନୋବଳ ବୃଦ୍ଧି ପାଇବ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫଣଫଣ କରିପାରନ୍ତି। ଆନୁଷ୍ଠାନିକ କାମ, ମନୋରଞ୍ଜନ, ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ** ଆଜି ସତର୍କରେ ନ ଚଳିଲେ ଅର୍ଥହାନି ସାଙ୍ଗକୁ କଳହ ସମସ୍ୟାଗ୍ରସ୍ତ କରିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ହେବେ। ବ୍ୟବସାୟୀମାନେ ବିଶେଷଭାବେ ପରିବହନ, ମନୋରଞ୍ଜନ କାର୍ଯ୍ୟକ୍ରମାଦିରୁ ଲାଭବାନ ହେବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଭୁଲ୍ ବୁଝାମଣା କାରଣରୁ ବିବାଦୀୟ ପରିବେଶରେ ବାତାବରଣ ଅଶାନ୍ତ ହୋଇପାରେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ଲୋକଟି ଠିକଣା ସମୟରେ ସାମ୍ନାକୁ ଆସିବ ନାହିଁ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ନିରାକରଣ ପାଇଁ ଚିନ୍ତା ବଢ଼ିପାରେ। ପାରିବାରିକ, ଆନୁଷ୍ଠାନିକ, ବ୍ୟବସାୟିକ କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**ତୁଳା** ବିଭିନ୍ନ ଯୋଜନାର କାମ ଆର୍ଥିକ ସ୍ଥିତିକୁ ବିଗାଡୁଥିବାରୁ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ନିର୍ମାଣ କାର୍ଯ୍ୟ ମଧ୍ୟ ଅଟକିବ ନାହିଁ। ଆଜି ଆନୁଷ୍ଠାନିକ କ୍ଷେତ୍ରରେ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପୁତ୍ରକନ୍ୟାଙ୍କ ବିବାହ ବିଷୟକୁ କେନ୍ଦ୍ରକରି ସମସ୍ୟା ଲାଗି ରହିପାରେ।

**ବିଛା** ଆଜି ବିଗତ ଦିନର ସ୍ମୃତି ରୋମନ୍ଥନ କରି ବିଚଳିତବୋଧ କରିବେ। ପୁତ୍ର, କନ୍ୟାଙ୍କ ବିବାହ ପ୍ରସ୍ତାବ ସ୍ଥିରୀକୃତ ହେବାର ସୂଚନା ରହିଛି। ଜମିଜମା, କଳିତକରାଳ, ଗୃହସୀମା ପ୍ରଭୃତି ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ସାମାଜିକ ସ୍ତରରେ ନୀଚ ଜାତିର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି ।

**ଧନୁ** ଆଜିର ପାରିପାର୍ଶ୍ୱିକ ପରିସ୍ଥିତି ଉନ୍ନତ ରହିବା ହେତୁ କାର୍ଯ୍ୟ ସହଜରେ ସାଧିତ ହୋଇପାରିବ। ସାମାଜିକ ସ୍ତରରେ ଉପଯୁକ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ଆଣ୍ଠୁଗଣ୍ଠି ବାତ, ଗ୍ୟାଷ୍ଟ୍ରିକ, ବମନ ଜନିତ ରୋଗରେ କଷ୍ଟ ପାଇପାରନ୍ତି। ଆକସ୍ମିକ ଭାବରେ ଘରକୁ ବନ୍ଧୁ କେହି ଆସିପାରନ୍ତି।

**ମକର** ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି କୌଣସି ବ୍ୟକ୍ତି କାମ ହାସଲରେ ବିଘ୍ନ ଘଟାଇପାରନ୍ତି। ଧନିଷ୍ଠା ପାରିବାରିକ ଜଞ୍ଜାଳ ବୃଦ୍ଧି ହେତୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅବଶ୍ୟ ସାହାଯ୍ୟକାରୀ ମନୋବୃତ୍ତି ଓ କାର୍ଯ୍ୟଦକ୍ଷତା ହେତୁ ନିଜ ପରିସରରେ ପ୍ରଶଂସିତ ହେବେ।

**କୁମ୍ଭ** ପାରିବାରିକ ସହମତି ଓ ଅନ୍ୟମାନଙ୍କ ସାହାଯ୍ୟ ହେତୁ କାମଗୁଡ଼ିକ ହାତକୁ ନେଇ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଦୀର୍ଘ ଦିନରୁ ଅଟକି ରହିଥିବା କାମକୁ ସମ୍ପୂର୍ଣ୍ଣ କରିବେ। ଶତଭିଷା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରିୟ କଥା କହି ବିବାଦୀୟ ସମସ୍ୟାକୁ ସୁଧାରି ନେବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମୀନ** ପାରସ୍ପରିକ ମତଭେଦଜନିତ ପାରିବାରିକ ସ୍ଥିରତା ରକ୍ଷା କରିବାରେ ଅସମର୍ଥ ହୋଇପଡ଼ିବେ। ବିବାଦୀୟ ପରିସ୍ଥିତିରେ ଲଢ଼େଇ କଲେ ବାଦୀ ଓ ପ୍ରତିବାଦୀ ଉଭୟେ କ୍ଷତିଗ୍ରସ୍ତ ହେବା ବ୍ୟତୀତ କିଛି ଲାଭ ହେବନି। ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ଅଟକିବ ନାହିଁ। ବହୁତ ଦିନରୁ ମନେମନେ ଖୋଜୁଥିବା ଲୋକଟିର ଖବର ଆଜି ସାୟାହ୍ନେ ପାଇପାରନ୍ତି।

ଆଜି ଚୈତ୍ର ଶୁକ୍ଳପକ୍ଷର ଅନଙ୍ଗତ୍ରୟୋଦଶୀ ସୋମବାର, ଶ୍ରୀମନ୍ଦିରରେ କନ୍ଦର୍ପ ଅଧିବାସ, ମାୟାମୃଗ ଓ ସୀତାଚୋରି, ଏପ୍ରିଲ ୩ ତାରିଖ, ରାଶି ନକ୍ଷତ୍ର-ପୂର୍ବାଫାଲଗୁନୀ-ସିଂହ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ସକାଳ, ଘ.୦୫।୪୨ ଗତେ, ଘ.୦୭।୧୪ ମଧ୍ୟେ, ଘ.୧୦।୩୬ ଗତେ, ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭।୧୪ ଗତେ, ଘ.୦୮।୪୬ ମଧ୍ୟେ ରାହୁକାଳ।

**ସଂକ୍ଷେପରେ**

## ପୃଥକ୍ ପୃଥକ୍ ସ୍ଥାନରୁ ୫ ମାଓବାଦୀ ଗିରଫ



**ମାଲକାନଗିରି,୨।୪(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ପୃଥକ୍ ପୃଥକ୍ ସ୍ଥାନରୁ ରବିବାର ୫ ମାଓବାଦୀ ଗିରଫ ହୋଇଛନ୍ତି। ଛତିଶଗଡ଼ ଅନ୍ତାଗଡ ଜିଲାର କୋଏଲିବେଡା ଥାନା ଅଞ୍ଚଳର ଦତ୍ତା ଏବଂ ପାଣିଡୋବିର ଜଙ୍ଗଲରେ ମାଓବାଦୀ ଦମନ ନେଇ କୋମ୍ବିଂ ଅପରେଶନ ଚାଲିଥିଲା। ଏହି ସମୟରେ ଜଙ୍ଗଲରେ ୩ ମାଓବାଦୀ ଲୁଚି ରହିଥିଲେ। ସେମାନେ ପୋଲିସକୁ ଦେଖି ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ପୋଲିସ ସେମାନଙ୍କୁ କାବୁ କରି ଗିରଫ କରିଥିଲା। ଏହି ୩ ମାଓବାଦୀ ସୁମନ, ସଞ୍ଜୟ ଓ ପରସାରା ବୋଲି ଜଣାପଡିଛି। ସେମାନେ ମାଓବାଦୀ ସଙ୍ଗଠନରେ ସକ୍ରିୟ ଭାବରେ କାର୍ଯ୍ୟ କରୁଥିଲେ। ଗିରଫ ମାଓବାଦୀମାନେ ଆଇଇଡି ବିସ୍ଫୋରଣ, ପୋଲିସ ଉପରକୁ ଆକ୍ରମଣ, ଉନ୍ନୟନମୂଳକ କାର୍ଯ୍ୟରେ ବାଧା ଏବଂ ଅଗ୍ନିକାଣ୍ଡ ପରି ଘଟଣାରେ ସାମିଲ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ଛତିଶଗଡ଼ ସୁକ୍‌ମା ଜିଲାର ଲିଙ୍ଗମପାଲି ଅଞ୍ଚଳରେ କୋମ୍ବିଂ ବେଳେ ପୋଲିସ ୨ ମାଓବାଦୀଙ୍କୁ ଗିରଫ କରିଛି। ସେଠାରେ କୋମ୍ବିଂ ଅପରେଶନ ବେଳେ ଉଭୟେ ଖସିଯିବାକୁ ଉଦ୍ୟମ କରୁଥିବା ସମୟରେ ପୋଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ଦୁଇ ମାଓବାଦୀଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ପୁରୁଷ ଥିବା ଜଣାପଡିଛି।

## ୩୫ କେଜି ଚନ୍ଦନ କାଠ ଜବତ

**ନନ୍ଦପୁର, ୨।୪(ଡି.ଏନ୍.ଏ.):** କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଓ ମାଛକୁଣ୍ଡ ପୋଲିସ ଦୁଇ ପୃଥକ୍ ପୃଥକ୍ ସ୍ଥାନରେ ଧରପଗଡ଼ କରି ୩୫ କେଜି ଚନ୍ଦନକାଠ ଜବତ କରିଛି। ତେବେ ଏଥିରେ ସମ୍ପୃକ୍ତ ଖଗପତି ଖିଲ ଓ ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ଫେରାର ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ କିଛି ସୂଚନା ଦେଇନି। ଖବରରୁ ଜଣାପଡିଛି, ଚନ୍ଦନକାଠ ଚୋରାଚାଲାଣ ନେଇ ସୂଚନା ପାଇବା ପରେ ପାଡୁଆ ପୋଲିସ ବାଲଡ଼ା ପଞ୍ଚାୟତର ମାଳିଆମ୍ବେଲ ଗ୍ରାମରେ ଶନିବାର ରାତିରେ ଚଢ଼ାଉ କରି ଏକ ପରିତ୍ୟକ୍ତ ଘରୁ ଝିଅ ପିଲାଙ୍କ ଭ୍ୟାନିଟି ବ୍ୟାଗ ଭିତରେ ଥିବା ଗଞ୍ଜେଇ ଜବତ କରିଥିଲା। ସେହିପରି ମାଛକୁଣ୍ଡ ଥାନା ଖିଲପୁଟ ଗ୍ରାମରେ ମାଛକୁଣ୍ଡ ପୋଲିସ ଚଢ଼ାଉ କରି ଖଗପତି ଖିଲଙ୍କ ଘରୁ ୨ଟି ଚନ୍ଦନ କାଠ ଗଣ୍ଡି ଜବତ କରିଛି। ଉଭୟ ଥାନାରେ ଦୁଇଟି ପୃଥକ୍ ପୃଥକ୍ ମାମଲା ରୁଜୁ ହୋଇଛି। ପାଡୁଆ ଥାନାରେ ୪୭/୨୩ ଓ ମାଛକୁଣ୍ଡ ଥାନାରେ ୪୧/୨୩ରେ ମାମଲା ହୋଇଥିବା ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ପାଡୁଆ ଥାନାରେ ଜବତ ଭ୍ୟାନିଟି ବ୍ୟାଗ୍‌ଗୁଡ଼ିକରୁ ମିଳିଥିବା ଗଞ୍ଜେଇ ଓଜନ କରିବାରୁ ଏହା ୩୫ କିଲୋ ୧୦୦ ଗ୍ରାମ ହୋଇଥିବା ଜଣାପଡିଛି। ଏହାର ତଦନ୍ତ ଏସ୍‌ଆଇ ପରମାନନ୍ଦ ଦଳପତି କରୁଥିବା ଥାନାଧିକାରୀ ସବ୍ୟସାଚୀ ଶତପଥୀ କହିଛନ୍ତି। ମାଛକୁଣ୍ଡ ଥାନାରେ ଜବତ ହୋଇଥିବା ୨ ଚନ୍ଦନ କାଠ ଗଣ୍ଡିକୁ ଓଜନ କରିବାରୁ ଏହା ୩୫ କେଜି ହୋଇଥିଲା। ଏହାର ବଜାରମୂଲ୍ୟ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଥାନା ଭାରପ୍ରାପ୍ତ ଅଧିକାରୀ ଡି.ବତ୍ରିଆ ସୂଚନା ଦେଇଛନ୍ତି। ଏହାର ତଦନ୍ତ ଏସ୍‌ଆଇ ଟି. ଡି. ନାୟକ କରୁଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଖିଲପୁଟ ଗ୍ରାମରେ ଚଢ଼ାଉ କରି ପୋଲିସ ଖଗପତିଙ୍କ ଘରୁ ୭୬୨ କେଜି ଗଞ୍ଜେଇ ଜବତ କରିଥିଲା।

## ପାଣି କୁଣ୍ଡରେ ପଡ଼ି ଶିଶୁକନ୍ୟା ମୃତ

**ଫୁଲବାଣୀ ଅଫିସ, ୨।୪:** ଫୁଲବାଣୀ ସଦର ଥାନା ଅଞ୍ଚଳରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି । ପାଣି କୁଣ୍ଡରେ ବୁଡ଼ିଯାଇ ଜଣେ ଦେଢ଼ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ହାତିଗବା ଗ୍ରାମର ଗୋବର୍ଦ୍ଧନ କହଁରଙ୍କ ଝିଅ ପ୍ରଜ୍ଞାପ୍ରିୟା। ସୂଚନା ଅନୁସାରେ ପ୍ରଜ୍ଞାପ୍ରିୟା ନିଜ ଭାଇ ସହ ଘର ଅଗଣାରେ ଖେଳୁଥିଲା। ପରିବାର ଲୋକେ ଘର ଭିତରେ କାର୍ଯ୍ୟ ବ୍ୟସ୍ତ ଥିଲେ। ଏହି ସମୟରେ ପ୍ରଜ୍ଞା ପାଣି କୁଣ୍ଡରେ ପଡ଼ି ଯାଇଥିଲା। ଅନେକ ସମୟ ଧରି ଝିଅକୁ ନ ପାଇବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। ପରେ ସେ ପାଣିକୁଣ୍ଡରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାକୁ ଉଦ୍ଧାର କରି ପ୍ରଥମେ ଗୁମାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମୃତ ଶିଶୁଙ୍କ ଦାଦା ଚିତ୍ରସେନ କହଁରଙ୍କ ଏତଲା କ୍ରମେ ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନାଯୋଗ୍ୟ, ମୃତ ଶିଶୁଙ୍କ ବାପା ଏକ ଦୁର୍ଘଟଣାରେ ଆହତ ହୋଇ ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ଗାଁରେ ଶୋକର ଛାୟା ଖେଳାଇଦେଇଛି।

# ୨୦୨୩ରେ ଜିଏସ୍‌ଟି ସଂଗ୍ରହ ୧୫.୧୪% ବଢ଼ିଛି

**ଭୁବନେଶ୍ୱର, ୨।୪(ବ୍ୟୁରୋ)**

୨୦୨୩ ମାର୍ଚ୍ଚରେ ଓଡ଼ିଶା ମୋଟ ଜିଏସ୍‌ଟି ବାବଦକୁ ୪୭୪୯.୦୨ କୋଟି ଟଙ୍କା ସଂଗ୍ରହ କରିଛି। ୨୦୨୨ ମାର୍ଚ୍ଚରେ ଏହି ସଂଗ୍ରହ ପରିମାଣ ୪୧୨୪.୬୬ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ଗତ ବର୍ଷର ମାର୍ଚ୍ଚ ତୁଳନାରେ ୧୫.୧୪% ଅଭିବୃଦ୍ଧି ଘଟିଛି। ପୁନଶ୍ଚ ୨୦୨୩ ମାର୍ଚ୍ଚର ମୋଟ ଜିଏସ୍‌ଟି ବାବଦକୁ ଦ୍ୱିତୀୟ ସର୍ବାଧିକ ସର୍ବକାଳୀନ ସଂଗ୍ରହ ହୋଇଛି। ସେହିପରି ରାଜ୍ୟ ଜିଏସ୍‌ଟି (ଓଜିଏସ୍‌ଟି) ଓ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ଫଇସଲା ବାବଦକୁ ୨୦୨୩ ମାର୍ଚ୍ଚରେ ଓଡ଼ିଶାକୁ ୧୯୭୭.୪୫ କୋଟି ଟଙ୍କା ଜିଏସ୍‌ଟି ମିଳିବ। ୨୦୨୨ ମାର୍ଚ୍ଚରେ ଏହି ରାଶି ୧୭୦୯.୧୪ କୋଟି ଟଙ୍କା ଥିଲା। ଫଳରେ ଏ କ୍ଷେତ୍ରରେ ୧୫.୬୯ ପ୍ରତିଶତ ଅଭିବୃଦ୍ଧି ଘଟିଛି।

ଅନ୍ୟପଟେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ପାଇବାକୁ ଥିବା ମୋଟ ଜିଏସ୍‌ଟି ପରିମାଣ ୧୮,୭୬୬.୫୮ କୋଟି ଟଙ୍କା ହୋଇଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପରିମାଣ ୧୬,୩୯୨.୨୪ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ୧୪.୪୮ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୩ ମାର୍ଚ୍ଚରେ ପେଟ୍ରୋଲ ଓ ମଦରୁ ୧୯୧୭.୨୯ କୋଟି ଟଙ୍କାର ଭାଟ୍ ସଂଗ୍ରହ କରାଯାଇଥିବା ବେଳେ ୨୦୨୨ ମାର୍ଚ୍ଚରେ ଏହି ସଂଗ୍ରହ ପରିମାଣ ୧୬୭୩.୫୩ କୋଟି ଟଙ୍କା ଥିଲା। ଫଳରେ ଏ କ୍ଷେତ୍ରରେ ୧୩.୨୧ ପ୍ରତିଶତ ଅଭିବୃଦ୍ଧି ଘଟିଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ୧୧,୯୭୪.୬୫ କୋଟି ଟଙ୍କାର ଭାଟ ରାଜସ୍ୱ ସଂଗ୍ରହ କରାଯାଇଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ସଂଗ୍ରହ ପରିମାଣ ୯,୯୬୫.୬୦ କୋଟି ଟଙ୍କା ଥିଲା। ଏ କ୍ଷେତ୍ରରେ ୨୦.୧୬ ପ୍ରତିଶତ ଅଭିବୃଦ୍ଧି ହାସଲ ହୋଇପାରିଛି। ରାଜ୍ୟ ବାଣିଜ୍ୟକର ଏବଂ ଜିଏସ୍‌ଟି ସଂସ୍ଥା ଦ୍ୱାରା ସଂଗ୍ରହ କରାଯାଇଥିବା ବିଭିନ୍ନ ଟିକସ (ଜିଏସ୍‌ଟି, ଭାଟ, ବୃତ୍ତିଗତ କର, ପ୍ରବେଶ ଶୁଳ୍କ) ବାବଦକୁ ରାଜସ୍ୱ ପରିମାଣ ୨୦୨୨-୨୩ ଆର୍ଥିକ ବର୍ଷରେ ୩୧୧୫୮.୩୩ କୋଟି ଟଙ୍କା ହୋଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହା ୨୬୭୫୬.୧୮ କୋଟି ଟଙ୍କା ଥିଲା, ଫଳରେ ଏ କ୍ଷେତ୍ରରେ ୧୬.୪୫ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଇ-ୱେବିଲ୍ ନିର୍ଗମନ କ୍ଷେତ୍ରରେ ମଧ୍ୟ ୧୭.୯୩ ପ୍ରତିଶତ ଅଭିବୃଦ୍ଧି ଘଟିଛି। ୨୦୨୩ ମାର୍ଚ୍ଚରେ ୨୧.୯୧ ଲକ୍ଷ ସଂଖ୍ୟକ ଇ-ୱେବିଲ୍ ନିର୍ଗମନ କରାଯାଇଥିବାବେଳେ ୨୦୨୨ ମାର୍ଚ୍ଚରେ ୧୮.୫୮ ଲକ୍ଷ ଇ-ୱେବିଲ୍ ନିର୍ଗମନ କରାଯାଇଥିଲା।




ବିଶ୍ୱ ଅଟିଜିମ୍ ସଚେତନତା ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ରବିବାର ଭୁବନେଶ୍ୱର ରାମ ମନ୍ଦିର ଛକଠାରୁ କ୍ୟାପିଟାଲ୍ ହାଇସ୍କୁଲ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ପୁନର୍ଜୀବନ ପାଇଲା ଶିଶୁ

# ୩୦ ଫୁଟ କୂଅରୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

**ଢେଙ୍କାନାଳ ଅଫିସ, ୨।୪**



କୂଅରୁ ଉଦ୍ଧାର ହୋଇଥିବା ଶିଶୁ ଆମଭ।

ଅସାବଧାନତାରୁ ୩୦ଫୁଟ ଗଭୀର କୂଅରେ ଖସିପଡ଼ିଲେ ୩ବର୍ଷର ଅବୋଧ ଶିଶୁ। ଏହାକୁ ଦେଖି ସେଠାରେ ଉପସ୍ଥିତ ଜଣେ ବାଳକ କୂଅ ଭିତରକୁ ପଶିଗଲେ ଏବଂ ଶିଶୁଙ୍କ ହାତକୁ ଧରିପକାଇଲେ। ହେଲେ ବାହାରକୁ ଉଠାଇ ଆଣିବା ଥିଲା ତାଙ୍କ ସାମର୍ଥ୍ୟ ବାହାରେ। ତେଣୁ ସେ ମଧ୍ୟ ଶିଶୁଙ୍କ ସହ ଫସିଗଲେ। କୂଅ ଭିତରେ ୨୦ ମିନଟ୍ ଧରି ଜୀବନ-ମୃତ୍ୟୁର ଛକାପଞ୍ଝା ଚାଲିଥିବାବେଳେ ଆଶା ଆଶଙ୍କାରେ ପଡ଼ିଥିଲେ ପରିବାର ଲୋକେ। ଠିକ୍ ଏତିକି ବେଳେ ଦେବଦୂତ ସାଜିଲେ ଅଗ୍ନିଶମ କର୍ମଚାରୀ ଏବଂ ମୃତ୍ୟୁମୁଖରୁ ଫେରାଇ ଆଣିଲେ ଦୁଇ ଦୁଇଟି ଅମୂଲ୍ୟ ଜୀବନ। ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଧୀନ ବଳଦିଆବନ୍ଧ ଗ୍ରାମରେ ରବିବାର ଘଟିଥିବା ଏଭଳି ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଅଗ୍ନି ପ୍ରସାଦ ଲାଲାଙ୍କ ୩ ବର୍ଷର ପୁଅ ଆମଭ ଖେଳୁଥିବାବେଳେ ଅସାବଧାନତାରୁ ଏକ ଖୋଲା କୂଅରେ ଖସିପଡ଼ିଥିଲେ। ପୂର୍ବାହ୍ନ ୧୧ଟାରେ ଏହି ଘଟଣା ଘଟିଥିଲା। ଘଟଣାସ୍ଥଳରେ ଉପସ୍ଥିତ ଅଞ୍ଚଳରେ ଜଣେ ବାଳକ କୂଅ ଭିତରେ ପଶି ତତ୍‌କ୍ଷଣାତ୍ ଆମଭଙ୍କୁ ଧରିପକାଇଥିଲେ। ଅଧା ଶରୀର ପାଣିରେ ବୁଡ଼ି ରହିଥିବାବେଳେ ଶିଶୁଙ୍କୁ ବଞ୍ଚାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିଲେ। ହେଲେ ଆମଭଙ୍କୁ ବାହାରକୁ ଉଠାଇ ପାରି ନ ଥିଲେ। ସୂଚନା ପାଇ ଢେଙ୍କାନାଳ ଅଗ୍ନିଶମ ସଂସ୍ଥାର ଫାୟାରମ୍ୟାନ୍ ଲୋକନାଥ ଗୋଚ୍ଛାୟତ, ସ୍ମୃତିରଞ୍ଜନ ସାମଲ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଶିଡ଼ି ଏବଂ ଦଉଡ଼ି ସହାୟତାରେ ଉଭୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଆମଭ ସୁସ୍ଥ ଥିବା ଜଣାପଡ଼ିଛି।

# ଅଟିଜିମ୍ ଲୋକଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରାଯାଉ

**ବିଶ୍ୱ ଅଟିଜିମ୍ ସଚେତନତା ଦିବସ**

**ଭୁବନେଶ୍ୱର, ୨।୪ (ବ୍ୟୁରୋ)**

ଅଟିଜିମ୍ ବା ସ୍ୱପରାୟଣତା ରହିଥିବା ଲୋକଙ୍କୁ ସ୍ନାୟବିକ ସମସ୍ୟା କାରଣରୁ ସାମାଜିକ ଭାବବିନିମୟ ଓ ଯୋଗାଯୋଗ କରିବାରେ ସମସ୍ୟା ହୋଇଥାଏ। ତେଣୁ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସଚେତନତା ଓ ବିଭିନ୍ନ ପଦକ୍ଷେପର ରୂପାୟନ ଆବଶ୍ୟକ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ବିଭାଗ ପକ୍ଷରୁ ରବିବାର ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ ଅବସରରେ ଭୁବନେଶ୍ୱରଠାରେ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏହାର ଶୁଭାରମ୍ଭ କରି ମନ୍ତ୍ରୀ ପଣ୍ଡା କହିଲେ, ଅଟିଜିମ୍ ସମସ୍ୟା ରହିଥିବା ପିଲା ବା ଲୋକ ମାନସିକ ସ୍ତରରେ ଅନଗ୍ରସର ବା ଦୁର୍ବଳ ହୋଇଥାନ୍ତି। ହେଲେ ସେମାନଙ୍କୁ ନାନା ପ୍ରତିବନ୍ଧକରୁ ମୁକ୍ତ କରି ବିଭିନ୍ନ କାର୍ଯ୍ୟରେ ସାମିଲ କରାଯାଇ ପାରିବ ବୋଲି ସେ କହିଛନ୍ତି।

ଏହି ଶୋଭାଯାତ୍ରା ରାମ ମନ୍ଦିର ଛକଠାରୁ ବାହାରି କ୍ୟାପିଟାଲ୍ ହାଇସ୍କୁଲ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ବିଭାଗୀୟ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ଓ ଅନ୍ୟ ପଦାଧିକାରୀ ଯୋଗଦେଇଥିଲେ। କ୍ୟାଚ୍, ଓପନ୍ ଲର୍ନିଂ ସିଷ୍ଟମ୍, ଚେତନା ଇନ୍‌ଷ୍ଟିଚ୍ୟୁଟ୍, ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ ଓ ବିଭିନ୍ନ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନର ଅଟିଜିମ୍ ପିଲାଙ୍କ ସମେତ ସ୍ୱେଚ୍ଛାସେବୀ, ଶିକ୍ଷକ ଓ ଅଭିଭାବକ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ ପ୍ଲା-କାର୍ଡ ଧରି ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଲୋକସେବା ଭବନ ଓ ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନ (ଏସ୍‌ଆଇଇପି)କୁ ନୀଳ ଆଲୋକରେ ସଜ୍ଜିତ କରାଯାଇଥିଲା। ଅପରାହ୍ନରେ ଏକାମ୍ର ହାଟ ଓ ସନ୍ଧ୍ୟାରେ ଏସ୍‌ଆଇଇପିରେ ଅଟିଜିମ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗାଡ଼ି ଚଳାଇ ଧରାପଡ଼ିଲେ ବିଡିଓଙ୍କ ନାବାଳକ ପୁଅ: ୨୫ ହଜାର ଜରିମାନା

**ଫୁଲବାଣୀ ଅଫିସ, ୨।୪:** କନ୍ଧମାଳ ଜିଲାରେ ଯାନବାହନ ଯାଞ୍ଚ କଡ଼ାକଡ଼ି କରାଯାଇଛି। ରବିବାର ଜିଲାରେ କାର୍ଯ୍ୟରତ ଜଣେ ବିଡିଓଙ୍କ ନାବାଳକ ପୁଅ ଗାଡ଼ି ଚଳାଉଥିବା ବେଳେ ଧରାପଡିଛନ୍ତି । ସୂଚନା ଅନୁସାରେ, ଏବେ ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଳାଇବା ଉପରେ ପରିବହନ ବିଭାଗ ପକ୍ଷରୁ କଡ଼ା ନଜର ରଖାଯାଇଛି । ଫୁଲବାଣୀ ସଦର ଥାନା ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବିଶିପଡ଼ା ଛକ ଠାରେ ଯାଞ୍ଚ ଚାଲିଥିଲା। ଦୁଇ ଜଣ ନାବାଳକ ଗାଡ଼ି ଚଳାଇ ଯାଉଥିବା ବେଳେ ଧରାପଡ଼ିଥିଲେ। ଗାଡ଼ି ମାଲିକାନା ଥିବା ଅଭିଭାବକଙ୍କ ପାଖରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ନାବାଳକ ଚଳାଉଥିବା ସ୍କୁଟି ମଧ୍ୟ ଜବତ ହୋଇଛି ବୋଲି ପରିବହନ ଅଧିକାରୀ ଶିଶିର କୁମାର ସାହୁ କହିଛନ୍ତି । ଦୁଇ ଜଣଙ୍କ ମଧ୍ୟରୁ ଜଣେ ନାବାଳକ ଜିଲାର ଜଣେ ବିଡିଓଙ୍କ ପୁଅ ବୋଲି ଜଣାପଡିଛି।

# ପ୍ରମାଣ ଅଭାବରୁ ଖସି ଯାଉଛନ୍ତି ଅଭିଯୁକ୍ତ

**ନୟାଗଡ଼ ଅଫିସ,୨।୪**

**ନୟାଗଡ଼ ମାଓବାଦୀ ଆକ୍ରମଣ ଘଟଣା**

- ୧୯ରୁ ୧୬ ନିର୍ଦ୍ଦୋଷରେ ଖଲାସ
- ୯ରୁ ୫ମାମଲାରେ ଖଲାସ ହେଲେଣି ସବ୍ୟସାଚୀ
- କ୍ରାଇମବ୍ରାଞ୍ଚର କାର୍ଯ୍ୟଦକ୍ଷତା ଉପରେ ଉଠିଲା ପ୍ରଶ୍ନ
- ଯଦି ସମସ୍ତେ ନିର୍ଦ୍ଦୋଷ, କିଏ କରିଥିଲେ ଆକ୍ରମଣ

କୋର୍ଟରେ ପ୍ରମାଣ ଅଭାବରୁ ଖସି ଯାଉଛନ୍ତି ମାଓବାଦୀ। ବିଭିନ୍ନ ସମୟରେ ଗିରଫ ହୋଇଥିବା ୧୯ ଅଭିଯୁକ୍ତ ମାଓବାଦୀରୁ ୧୬ ଜଣ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଲେଣି। ଅନ୍ୟପକ୍ଷେ ଜେଲରେ ଥିବାବେଳେ ୨୦୦୯ରେ ଶୁଭଙ୍କର ଓ ୨୦୨୧ରେ ରବି ଦୁଲାରୀଙ୍କ ପରଲୋକ ଘଟିଛି। ଅନ୍ୟ ଜଣେ ହେଉଛନ୍ତି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା। ସବ୍ୟସାଚୀଙ୍କ ନାଁରେ ଥିବା ୯ ମାମଲା ମଧ୍ୟରୁ ୫ଟିରେ ସେ ନିର୍ଦ୍ଦୋଷରେ ଖଲାସ ହୋଇ ସାରିଲେଣି। ଯଦି ଗିରଫ ହୋଇ ଜେଲ ଯାଇଥିବା ୧୮ ଜଣ ବ୍ୟକ୍ତି ମାଓବାଦୀ ନୁହନ୍ତି ତେବେ ୨୦୦୮ ଫେବୃୟାରୀ ୧୫ ରାତିରେ କେଉଁମାନେ ନୟାଗଡ଼ ଆକ୍ରମଣ କରିଥିଲେ। ସେମାନଙ୍କୁ ଗିରଫ କରାଯାଉନି କାହିଁକି ବୋଲି ମତ ପ୍ରକାଶ ପାଇଛି। ଏଭଳିସ୍ଥଳେ କ୍ରାଇମବ୍ରାଞ୍ଚର ତଦନ୍ତ ଉପରେ ଉଠିଛି ପ୍ରଶ୍ନ।

ସୂଚନା ଅନୁଯାୟୀ, ମାଓବାଦୀଙ୍କ ନୟାଗଡ଼ ଆକ୍ରମଣ ଗତ ଫେବୃୟାରୀକୁ ୧୫ ବର୍ଷ ପୂରି ଯାଇଛି। ସେଦିନର କାଳ ରାତି କଥା ମନେ ପଡ଼ିଲେ ଲୋମ ଟାଙ୍କୁରି ଉଠୁଛି। ଭୁବନେଶ୍ୱର କାନ୍ଧ କୁହାଯାଉଥିବା ନୟାଗଡ଼ ଜିଲାରେ ୨୦୦୮ ଫେବୃୟାରୀ ୧୫ରେ ସଶସ୍ତ୍ର ମାଓବାଦୀ ଆକ୍ରମଣ କରି ତାଣ୍ଡବ ରଚିଥିଲେ। ଏଥିରେ ୧୫ ପୋଲିସଙ୍କ ସହ ଜଣେ ସାଧାରଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ମାଓବାଦୀଙ୍କ ଏହି ଆକ୍ରମଣ ସରକାର ଓ ପ୍ରଶାସନକୁ ଦୋହଲାଇ ଦେଇଥିଲା। ସେଦିନ ରାତିରେ ନୟାଗଡ଼ର ରିଜର୍ଭ ଅଫିସ, ପିଟିଏସ୍, ନୟାଗଡ଼ ଥାନା, ମହିପୁର ଫାଣ୍ଡି, ନୂଆଗାଁ ଥାନା ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ସେହିଭଳି ଦଶପଲ୍ଲା ଥାନା ପୋଡ଼ି, ନଡ଼ିଆ ଟ୍ରକ ଅପହରଣ ଓ ଆଇଆଇସିଙ୍କ ଘର ପୋଡ଼ି କରିଥିଲେ। ମାଓବାଦୀମାନେ ରିଜର୍ଭ ଅଫିସ ଓ ପୋଲିସ ଟ୍ରେନିଂ ସ୍କୁଲ ଆର୍ମୋରୀରୁ ୫୦ ହଜାରରୁ ଊର୍ଦ୍ଧ୍ୱ ଆମ୍ୟୁନିଶନ୍(ଜୀବନ୍ତ ଗୁଳି), ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରେନେଡ୍, ୩୬-ହାଇ ଏକ୍ସପ୍ଲୋସିଭ୍ ବୋମା, ଏକେ ୪୭ ବନ୍ଧୁକ ଅବାଧରେ ଲୁଟି ନେଇଥିଲେ। ଗୋଟିଏ ଘରୋଇ ବସ୍ ଓ ଏକ ମିନିଟ୍ରକ୍‌ରେ ଏସବୁକୁ ବୋହି ନେଇଥିଲେ। ଉପରୋକ୍ତ ସାମଗ୍ରୀ ନେବା ପାଇଁ ସେମାନେ ନୟାଗଡ଼ ଆକ୍ରମଣ କରିଥିଲେ ବୋଲି କୁହାଯାଉଛି। ତେବେ ମାଓବାଦୀ ଆକ୍ରମଣର ସ୍ମୃତି ଏଯାବତ ଅନେକ ସ୍ଥାନରେ ରହିଛି। ଆକ୍ରମଣର ୧୫ ବର୍ଷ ଭିତରେ ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ୍)ର ରୂପରେଖ କିଛିଟା ବଦଳିଛି। ମାଓବାଦୀ ଆକ୍ରମଣ ପରେ ଅସ୍ତ୍ରାଗାର ନୟାଗଡ଼ ଏସ୍‌ପି ଅଫିସ ନିକଟକୁ ସ୍ଥାନାନ୍ତରିତ ହୋଇଛି। ଅନ୍ୟପକ୍ଷେ ଜିଲାର ଥାନା ଓ ଫାଣ୍ଡିରେ ନୂଆ ଘର ନିର୍ମାଣ ହୋଇଛି। ହେଲେ ପୋଲିସ ଲୋକଙ୍କ ନିକଟତର ହେବାରେ ସକ୍ଷମ ହୋଇପାରି ନ ଥିବା ଅଭିଯୋଗ ହୋଇ ଆସୁଛି।

ଏନେଇ ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, କ୍ରାଇମବ୍ରାଞ୍ଚ ପ୍ରମାଣ ନ ଦେଇ କେବଳ ଗିରଫ କରି ଦାୟିତ୍ୱ ଶେଷ କରି ଦେଉଛି। ସାକ୍ଷ୍ୟ, ତଥ୍ୟ ଓ ପ୍ରମାଣ ଠିକ୍ ଭାବେ କୋର୍ଟରେ ଉପସ୍ଥାପନ କ୍ରାଇମବ୍ରାଞ୍ଚ କରିପାରୁ ନ ଥିବାରୁ ଅଭିଯୁକ୍ତ ମାଓବାଦୀମାନଙ୍କୁ ଖସିବା ସୁବିଧା ହେଉଛି। ଆଇନଜୀବୀ ରଣଜିତ ଦାଶ କୁହନ୍ତି, କ୍ରାଇମବ୍ରାଞ୍ଚ କେବଳ ଗିରଫ କରି ଦାୟିତ୍ୱ ଶେଷ କରିଦେବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ମାଓବାଦୀ ଆକ୍ରମଣ ଘଟଣାର ୧୫ ବର୍ଷ ପରେ ଲୋକମାନେ ଘଟଣା ଭୁଲିଗଲା ପରି ଜଣାପଡୁଛି। ଯେଉଁମାନେ ମାଓବାଦୀଙ୍କ ଆକ୍ରମଣର ଶିକାର ହୋଇଥିଲେ ସେମାନେ ମଧ୍ୟ ଗିରଫ ଅଭିଯୁକ୍ତମାନଙ୍କୁ ଚିହ୍ନି ପାରୁ ନ ଥିବା କହୁଛନ୍ତି। ଏଭଳିସ୍ଥଳେ ସରକାରଙ୍କ ଅଯଥାରେ ତଦନ୍ତ, କୋର୍ଟ କଚେରି ବାବଦକୁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। କ୍ରାଇମବ୍ରାଞ୍ଚର ତଦନ୍ତ ଦିଗହରା ବୋଲି ପ୍ରମାଣ ହୋଇଯାଉଛି। ଜଣେ ସାଧାରଣ ଲୋକ ନିଜର ନାଁ ଗୋପନ ରଖି କହିଛନ୍ତି, ମାଓବାଦୀ ଆକ୍ରମଣ ଘଟଣାରେ ପ୍ରକୃତରେ ଯେଉଁମାନେ ଦୋଷୀ ସେମାନଙ୍କୁ ଗିରଫ କରାଯାଇ ଦଣ୍ଡ ଦିଆଯାଉ। ନିର୍ଦ୍ଦୋଷ ବ୍ୟକ୍ତି ଦଣ୍ଡ ନ ପାଆନ୍ତୁ। ଯଦି ୧୯ଜଣରୁ ୧୬ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ତେବେ କ୍ରାଇମବ୍ରାଞ୍ଚ ଦୋଷୀଙ୍କୁ ଖୋଜି କୋର୍ଟ ଚାଲାଣ କରୁ ବୋଲି ସେ କହିଛନ୍ତି।

## ଟାଙ୍ଗିଆରେ ହାଣି ବୃଦ୍ଧଙ୍କୁ ହତ୍ୟା



ଗିରଫ ଅଭିଯୁକ୍ତ ଡମ୍ବୁ ସାକିଆ।

**କୋରାପୁଟ,୨।୪(ସ୍ୱ.ପ୍ର.)**

କୋରାପୁଟ ସହରର ସୁନାରିସାହିରେ ଶନିବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପଡ଼ିଶା ଘର କଳି ସମାଧାନ କରିବାକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ରାମ ପ୍ରସାଦ। ଅଭିଯୁକ୍ତ ଡମ୍ବୁ ସାକିଆ(୩୨)ଙ୍କୁ ପୋଲିସ ଗିରଫ କରି ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। କୋରାପୁଟ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି।

ସୁନାରିସାହିର ରାମ ପ୍ରସାଦ ଦୀର୍ଘଦିନ ଧରି ବସ୍‌ଷ୍ଟାଣ୍ଡରେ ଚଣା ବ୍ୟବସାୟ କରୁଥିଲେ। ଶନିବାର ରାତିରେ ପଡ଼ିଶା ଘରର ଡମ୍ବୁ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଚାଲିଥିଲା। ରାମ ପ୍ରସାଦ ସେମାନଙ୍କୁ ବୁଝାଇବାକୁ ଯାଇଥିବା ବେଳେ ଡମ୍ବୁ ତାଙ୍କ ମୁଣ୍ଡକୁ ଟାଙ୍ଗିଆ ହାଣି ଦେଇଥିଲେ। ଘଟଣାସ୍ଥଳରେ ରାମ ପ୍ରସାଦଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ପୁଅ ରବିବାର ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଡମ୍ବୁଙ୍କୁ ଗିରଫ କରିଛି। ପୋଲିସ ମୃତଦେହ ଜବତ କରି ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ୮୫/୨୩ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଥାନା ଆଇଆଇସି ପ୍ରକାଶ କରିଛନ୍ତି।

# ମଜୁରି ମାଗିବାରୁ ମାଡ଼

**ବେଙ୍ଗାଲୁରୁରୁ ଚାଲିଚାଲି ଫେରିଲେ ୩ ଶ୍ରମିକ**

**ପଟ୍ଟାଙ୍ଗି,୨।୪(ଡି.ଏନ୍.ଏ.)**



ଦାଦନ ଶ୍ରମିକଙ୍କୁ ଆର୍ଥିକ ସହାୟତା ଦିଆଯାଉଛି।

ନିଜ ଅଞ୍ଚଳରେ କାମ କଲେ ଟଙ୍କା ଠିକ ସମୟରେ ମଜୁରି ମିଳୁନାହିଁ। ବାହାର ରାଜ୍ୟରେ କାମ କଲେ ପରିଶ୍ରମର ଉଚିତ୍ ମଜୁରି ମିଳିବ ଏହି ଉଦ୍ଦେଶ୍ୟ ନେଇ ବାହାର ରାଜ୍ୟକୁ କାମ କରିବାକୁ ଯାଇଥିବା ଦାଦନ ଶ୍ରମିକମାନେ ନିର୍ଯାତନାର ଶିକାର ହୋଇଛନ୍ତି। ପାରିଶ୍ରମିକ ନ ପାଇ ମାଡ଼ ଖାଇ ଚାଲିଚାଲି ଗ୍ରାମକୁ ଫେରିଛନ୍ତି। ସେମାନେ ଫେରୁଥିବା ବେଳେ ସେମାନଙ୍କୁ କୋରାପୁଟ ଜିଲା ପଟ୍ଟାଙ୍ଗି ଛକରେ ଭେଟିଛନ୍ତି ଓଡ଼ିଶା ମୋଟର ଚାଳକ ସଂଘ କର୍ମକର୍ତ୍ତା ଓ ଖବରଦାତମାନେ। ସେମାନେ ଏହି ୩ ଶ୍ରମିକଙ୍କ ନବରଙ୍ଗପୁର ପର୍ଯ୍ୟନ୍ତ ଯିବା ବ୍ୟବସ୍ଥା କରିଛନ୍ତି।

ଖବରରୁ ଜଣାପଡିଛି, କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଟିଙ୍ଗପକାନ ଗ୍ରାମର ୧୨ଜଣ ଶ୍ରମିକ ଖୋର୍ଦ୍ଧା ଜିଲା ବାଲୁଗାଁ ଅଞ୍ଚଳର ଜଣେ ଠିକାଦାର ରାମକୃଷ୍ଣ ପ୍ରଧାନଙ୍କ ମାଧ୍ୟମରେ ଦାଦନ ଶ୍ରମିକ ରୂପେ କାମ କରିବାକୁ ୨ମାସ ତଳେ ବେଙ୍ଗାଲୁରୁ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ସମସ୍ତେ କାମ କରୁଥିଲେ। ତେବେ ଟିଙ୍ଗଲକାନ ଗ୍ରାମର ଶ୍ରମିକ କାତାର ମାଝୀ, ବୁଦୁ ମାଝୀ ଏବଂ ଭିକାରୀ ମାଝୀ ନିଜ ପାରିଶ୍ରମିକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ମାଗିବାରୁ ସେମାନଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ମାଡ଼ ମାରିବା ସହ ସେମାନଙ୍କ ଖାଇବା ବନ୍ଦ କରି ଦେଇଥିଲେ। ଏହା ସହି ନ ପାରି ଶେଷରେ ସେମାନେ କମ୍ପାନୀରୁ ଲୁଚି ୨୬ ତାରିଖରେ ନିଜ ଗ୍ରାମ ଟିଙ୍ଗପକାନ ଅଭିମୁଖେ ବାହାରି ଆସିଥିଲେ। ସେମାନେ ଚାଲିଚାଲି ଆସି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର ପଡାଲଗୁଡା ଗ୍ରାମ ଛକରେ ପହଞ୍ଚି ସେଠାରେ ଏକ ଦୋକାନ ମାଲିକଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଶ୍ରମିକମାନଙ୍କ ଦୁଃଖ ଶୁଣି ଦୋକାନ ମାଲିକ ତଥା ଓଡିଶା ମୋଟର ଚାଳକ ସଂଘ ପଟ୍ଟାଙ୍ଗି ଶାଖାର କାର୍ଯ୍ୟକାରୀ ସଭାପତି ଭଗବାନ ପଡାଲ ସେମାନଙ୍କ ଖାଇବା ବ୍ୟବସ୍ଥା କରିଥିଲେ। ଏସମ୍ପର୍କରେ ଖବର ପାଇ ଗଣମାଧ୍ୟମ ପ୍ରତିନିଧି ଓ ସଂଘ ସଭାପତି ଅର୍ଜ୍ଜୁନ ଖରା, ସାଧାରଣ ସମ୍ପାଦକ ଶରତ କୁମାର ଧଳ, କୋଷାଧ୍ୟକ୍ଷ ଏମ. ଉମା ମହେଶ୍ୱର ଓ ତ୍ରିନାଥ ଗେମେଲ ସେଠାରେ ପହଞ୍ଚିଥିଲେ। ସମସ୍ତେ ମିଶି ତିନି ଶ୍ରମିକଙ୍କୁ ୧୫ଶହ ଟଙ୍କା ସହାୟତା ଦେଇ ଏକ ଗାଡି ଯୋଗେ ସେମାନଙ୍କୁ ନବରଙ୍ଗପୁର ଜିଲା ପର୍ଯ୍ୟନ୍ତ ପଠାଇବା ବ୍ୟବସ୍ଥା କରିଥିଲେ।

## ପଥର ଖାଦାନରେ ପଡ଼ି ଜଣଙ୍କର ମୃତ୍ୟୁ

**ଧର୍ମଶାଳା/ଚଢ଼େଇଧରା, ୨।୪(ଡି.ଏନ୍.ଏ.):** ଯାଜପୁର ଜିଲା ଧର୍ମଶାଳା ତହସିଲ ଲୁଣିବର କଳାପଥର ଖାଦାନରେ ପଡ଼ି ଜଣେ ବ୍ୟକ୍ତିଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ନିହଲ ପ୍ରସାଦ ଥାନା ନୂଆପିଙ୍ଗୁଆ ଗ୍ରାମର ରବି ଦେହୁରିଙ୍କ ପୁଅ ରାଜୁ ଦେହୁରି(୩୦)। ଜେନାପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବକ ଜଣକ ଯାଜପୁର ରୋଡ୍‌ରେ ପାଣି ପାଇପ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ଘରକୁ ଫେରିବାକୁ ଚଢ଼େଇଧରା ତଳ ଛକରେ ଓହ୍ଲାଇଥିଲେ। ସେଠାରୁ ପାହାଡ଼ ଦେଇ ଚାଲିଚାଲି ଯାଉଥିବାବେଳେ ଅତଡ଼ା ଖସିବାରୁ ଖଦାନ ଭିତରକୁ ଖସି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

ଓଡ଼ିଶା ସରକାର
**ଉଚ୍ଚଶିକ୍ଷା ବିଭାଗ**
**ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ୧୫୦୦୦ ମେଧାବୀ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ କିଣିବା ନିମନ୍ତେ ଆର୍ଥିକ ସହାୟତା**

No. N-95: ୨୦୨୧-୨୨ ଶିକ୍ଷାବର୍ଷରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (CHSE) ଦ୍ୱାରା ପରିଚାଳିତ Annual Higher Secondary Examination, 2022, Vocational Education Examination, 2022 ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଉପଶାସ୍ତ୍ରୀ ପରୀକ୍ଷା, ୨୦୨୨ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ୧୫୦୦୦ ଛାତ୍ରଛାତ୍ରୀଙ୍କୁ ବିଜୁ ଯୁବ ସଶକ୍ତୀକରଣ ଯୋଜନାରେ ଲାପ୍‌ଟପ୍ କିଣିବା ନିମନ୍ତେ ୩୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ।

ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନଙ୍କର ଏକ ତାଲିକା ଏବଂ ନୂତନ ମାର୍ଗଦର୍ଶିକା ଉଚ୍ଚଶିକ୍ଷା ବିଭାଗର ୱେବ୍‌ସାଇଟ୍ **www.dhe.odisha.gov.in** ଓ **www.scholarship.odisha.gov.in**ରେ ଉପଲବ୍ଧ କରାଯାଇଅଛି। ଉକ୍ତ ଛାତ୍ରଛାତ୍ରୀମାନେ **www.scholarship.odisha.gov.in**ରେ ନିଜର ଆଧାର ନମ୍ବର ଓ ଆଧାର ସହିତ ସଂଯୋଗ ହୋଇଥିବା ମୋବାଇଲ୍ ନମ୍ବର ମାଧ୍ୟମରେ Registration କରି ନୂତନ ମାର୍ଗଦର୍ଶିକା ଅନୁଯାୟୀ ନିଜର ବିବରଣୀ ତା୦୫।୦୪।୨୦୨୩ରିଖ (ଆବେଦନର ଆରମ୍ଭ ତାରିଖ)ରୁ ତା୩୧।୦୫।୨୦୨୩ରିଖ (ଆବେଦନର ଶେଷ ତାରିଖ) ମଧ୍ୟରେ ପ୍ରଦାନ କରିବାକୁ ଅନୁରୋଧ।

**OIPR-11001/11/0059/2223** ସ୍ୱା./- ଯୁଗ୍ମ ଶାସନ ସଚିବ

ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା- ସଂକୀର୍ଣ୍ଣତା ଓ ସ୍ଥୂଳଦର୍ଶିତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। -ଶ୍ରୀଅରବିନ୍ଦ



# ଧୈର୍ଯ୍ୟ ସଙ୍କଟ

କ୍ରୋଧ ଅତ୍ୟନ୍ତ ଖରାପ ଓ ତାହା ନକାରାତ୍ମକ ଆବେଗ ସୃଷ୍ଟି କରିଥାଏ। ଅଚାନକ କୋପକୁ ନିୟନ୍ତ୍ରଣ କରାଯାଇ ନ ପାରିଲେ ବିଷମ ସ୍ଥିତି ଉପୁଜେ। କଟକ ଜିଲା ଚୌଦ୍ୱାର ଅଞ୍ଚଳର ମହିଷାଲଣ୍ଡାଠାରେ ୨ ଏପ୍ରିଲରେ ଆୟୋଜିତ ଏକ କ୍ରିକେଟ ମ୍ୟାଚ୍‌ରେ 'ନୋ ବଲ୍' ସଂକ୍ରାନ୍ତ ଏକ ନିଷ୍ପତ୍ତି ପାଇଁ ଅମ୍ପାୟରଙ୍କ ସମ୍ପର୍କୀୟଙ୍କୁ ହତ୍ୟା କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲାଭଳି ଏକ କାଣ୍ଡ। ମହିଷାଲଣ୍ଡା ଗ୍ରାମର ଯୁବକମାନେ ଏହି ଖେଳର ଆୟୋଜନ କରିଥିଲେ। ଦୁଇଟି ଟିମ୍ ଶଙ୍କରପୁର ଓ ଡାଳିଯୋଡ଼ା ବ୍ରହ୍ମପୁର ମଧ୍ୟରେ ଖେଳ ହେଉଥିବା ବେଳେ ଅମ୍ପାୟର ଭୁଲ୍ ନିଷ୍ପତ୍ତି ନେଇଥିବା ଅଭିଯୋଗରୁ ଗଣ୍ଡଗୋଳ ହୋଇଥିଲା। ଏହାର ପରିଣତି ଜଣଙ୍କ ହତ୍ୟାରେ ଶେଷ ହୋଇଥିଲା।

କୁହାଯାଇଥାଏ, କ୍ରିକେଟ ହେଉଛି 'ଭଦ୍ରଲୋକଙ୍କ ଖେଳ'। ବନ୍ଧୁତ୍ୱ ବୃଦ୍ଧି ଦିଗରେ ଏହି କ୍ରୀଡ଼ାର ସୁନାମ ରହିଛି। ଭାରତରେ ଅନ୍ୟାନ୍ୟ ଖେଳ ଅପେକ୍ଷା କ୍ରିକେଟ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଛି। ଗାଁ ଦାଣ୍ଡ, ସହରର ଗଳିଠାରୁ ବୃହତ୍ ଷ୍ଟାଡିୟମ୍ ଯାଏ ବ୍ୟାଟ୍ ଓ ବଲ୍‌ର ସଂଘର୍ଷ ଦେଖିବାକୁ ମିଳିଥାଏ। ବଡ଼ଧରଣର ଟୁର୍ନାମେଣ୍ଟରେ ଖେଳପଡ଼ିଆରେ ଉପସ୍ଥିତ ଅମ୍ପାୟରଙ୍କ ନିଷ୍ପତ୍ତି ଭୁଲ୍ କିମ୍ବା ସନ୍ଦେହଜନକ ହେଲେ ଥାର୍ଡ ଅମ୍ପାୟରଙ୍କ ସହାୟତା ନିଆଯାଇଥାଏ ଓ ତାହା ନିର୍ଣ୍ଣାୟକ ହୁଏ। ହେଲେ ଗ୍ରାମାଞ୍ଚଳରେ ହେଉଥିବା କ୍ରିକେଟରେ ଅମ୍ପାୟରଙ୍କ ନିଷ୍ପତ୍ତି ଉପରେ ଖେଳ ଆଗେଇଥାଏ। ମହିଷାଲଣ୍ଡାର କ୍ରିକେଟ ଖେଳରେ ଯଦିବା ଅମ୍ପାୟରଙ୍କ ନିଷ୍ପତ୍ତି ଭୁଲ୍ ହୋଇଥିବ, ତେବେ ସେହି ଘଟଣାରେ ଅମ୍ପାୟରଙ୍କ ସମ୍ପର୍କୀୟଙ୍କୁ ଛୁରି ଭୁସିବା ସହ ବ୍ୟାଟ୍‌ରେ ପିଟି ମାରି ଦେବା କ୍ରୋଧର ସ୍ତର କେତେ ଭୀଷଣ ଯେକେହି ବୁଝିପାରିବେ। ଆଜିର ସମୟରେ ଘରୋଇ ହିଂସା, ସଡ଼କରେ ଉପଦ୍ରବଠାରୁ ଆରମ୍ଭକରି ଆତ୍ମହତ୍ୟା ପ୍ରବଣତା ବଢ଼ିଚାଲିଛି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ପୁତ୍ର ପିତାଙ୍କୁ, ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିବା, ପ୍ରେମ କିମ୍ବା ପରୀକ୍ଷାରେ ବିଫଳ ହେବା ପରେ ଯୁବତୀଯୁବକ ଆତ୍ମହତ୍ୟା କରୁଛନ୍ତି। ଏକ ଅମୂଲ୍ୟ ଜୀବନ କେତେକଙ୍କୁ ଅସାର ଲାଗୁଛି ଭାବି ସୋସିଆଲ୍ ମିଡିଆରେ ଲାଇଭ୍ ଷ୍ଟ୍ରିମିଂ ଜରିଆରେ ପ୍ରାଣ ବିସର୍ଜନ କରି ଦେଉଥିବା ଖବର ଗଣମାଧ୍ୟମରୁ ଦେଖିବାକୁ ଓ ଶୁଣିବାକୁ ମିଳୁଛି। କୁହାଯାଇଥାଏ, ମଣିଷ ଜୀବନ ଥରୁଟିଏ ମିଳିଥିବାରୁ ସମୟର ସଦ୍‌ବିନିଯୋଗ କରି ଶେଷ ଯାଏ ଭଲରେ ବଞ୍ଚିବା କଥା। ହେଲେ କେତେକ ଲୋକ ଜୀବନର ମହତ୍ତ୍ୱ ବୁଝିବାରେ ଅସଫଳ ହୋଇଥାଆନ୍ତି। ଘରୋଇ ହିଂସା ଯୋଗୁ ଯେଉଁ କରୁଣ ପରିଣତି ଦେଖାଯାଉଛି ତାହାର ତାଲିକା କଲେ ଲମ୍ବିଚାଲିବ। ଗତ କିଛି ବର୍ଷ ହେବ ଭିଡ଼ ହିଂସା ଓ ସଡ଼କ ଉପରେ ପ୍ରକୋପ ପ୍ରକାଶ ପାଉଥିବାରୁ ଅନେକଙ୍କ ଜୀବନ ଚାଲିଯାଉଛି। 'ଗୋଠ ମାତିଲେ ଖଣ୍ଡିଆ ମାତେ' ଭଳି କୌଣସି ଗୁଜବକୁ ନେଇ କିଛି ସ୍ଥାନରେ 'ଘୋ' ସୃଷ୍ଟି ହେବା ପରେ ମାରପିଟ୍ ଓ ସ୍ଥଳବିଶେଷରେ ଲୋକଙ୍କୁ ହତ୍ୟା କରାଯାଉଥିବା ଦେଖାଯାଉଛି। ରାସ୍ତାରେ ଯାଉଥିବାବେଳେ ଯଦି କୌଣସି ଗାଡ଼ି ଆଉ ଏକ ଗାଡ଼ିରେ ଅସାବଧାନତାବଶତଃ ଘଷି ହୋଇଯାଉଛି କିମ୍ବା କୌଣସି କାରଣ ଯୋଗୁ ବଚସା ହେଉଛି, ତାହା ଉଗ୍ର ରୂପ ଧାରଣ କରି ମଣିଷର ଜୀବନ ନେଇଯାଉଛି।

**ଏବର ସ୍ଥିତିରେ ଯେଉଁଭଳି ଭାବେ ଘରୋଇ ସ୍ତରରୁ ସାଧାରଣ ଜୀବନ ଯାଏ ବିଶୃଙ୍ଖଳା ଦେଖାଦେଉଛି, କେବଳ କୋପକୁ ନିୟନ୍ତ୍ରଣ କରାଯାଇପାରିଲେ ଅନେକାଂଶରେ ସାମାଜିକ ଶୃଙ୍ଖଳା ବୃଦ୍ଧି ପାଇପାରନ୍ତା। ଅନ୍ୟଥା କ୍ରୋଧ ବୁଦ୍ଧିନାଶ କରି ଜୀବନହାନିର କାରଣ ସାଜୁଥିବ।**

ବର୍ତ୍ତମାନ ସମୟରେ ଧୈର୍ଯ୍ୟର ସଙ୍କଟ ବହୁଳ ମାତ୍ରାରେ ପରିଲକ୍ଷିତ ହେଉଛି। ଜଣେ କ'ଣ କହିବାକୁ ଚାହୁଁଛନ୍ତି, ତାଙ୍କୁ ଭଲ ଭାବେ ଶୁଣିବାକୁ ଅନେକେ ଅରାଜି। କାହାକୁ ସମାଲୋଚନା କରିବା କିମ୍ବା ଜଣଙ୍କ ଉପରେ ନିନ୍ଦା ଥୋପି ଦିଆଯିବା ଯୋଗୁ ମଧ୍ୟ ଉତ୍ତେଜନା ଦେଖାଯାଉଛି। ଅନିୟନ୍ତ୍ରିତ କ୍ରୋଧ ମଣିଷର ସ୍ୱାସ୍ଥ୍ୟ ଓ ସମ୍ପର୍କକୁ ନଷ୍ଟ କରିଦେଇଥାଏ। ମହିଷାଲଣ୍ଡାରେ କ୍ରିକେଟ ଖେଳରୁ ସୃଷ୍ଟି ହୋଇଥିବା ଉତ୍ତେଜନା ଅଚାନକ ଜଣଙ୍କ ଜୀବନ ନେଇଯିବ ବୋଲି ସେଠାରେ ଉପସ୍ଥିତ ଲୋକେ ବିଶ୍ୱାସ କରିପାରୁ ନ ଥିଲେ। ଶାରୀରିକ ସୁସ୍ଥତା ଓ ବନ୍ଧୁତ୍ୱ ସ୍ଥାପନ ଲାଗି ମହିଷାଲଣ୍ଡାବାସୀ ଯେଉଁ କ୍ରିକେଟ ଖେଳର ଆୟୋଜନ କରିଥିଲେ, ସେଥିରେ ଗଣ୍ଡଗୋଳ ସୃଷ୍ଟିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଦାବି ହୋଇଛି। ଏବର ସ୍ଥିତିରେ ଯେଉଁଭଳି ଭାବେ ଘରୋଇ ସ୍ତରରୁ ସାଧାରଣ ଜୀବନ ଯାଏ ବିଶୃଙ୍ଖଳା ଦେଖାଦେଉଛି, କେବଳ କୋପକୁ ନିୟନ୍ତ୍ରଣ କରାଯାଇପାରିଲେ ଅନେକାଂଶରେ ସାମାଜିକ ଶୃଙ୍ଖଳା ବୃଦ୍ଧି ପାଇପାରନ୍ତା। ଅନ୍ୟଥା କ୍ରୋଧ ବୁଦ୍ଧିନାଶ କରି ଜୀବନହାନିର କାରଣ ସାଜୁଥିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 9 | 4 | | 5 | | |
| 1 | | | | | 5 | | 2 | |
| 3 | | 2 | 8 | | | | 7 | |
| | | | | 5 | | | 9 | |
| | | | 3 | | | | | |
| 8 | | 4 | | 9 | | | | |
| | | 3 | | | 7 | 2 | 1 | |
| | | 1 | | 8 | | | | |
| | 7 | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 6 | 3 | 2 | 1 | 4 | 5 |
| 3 | 1 | 6 | 5 | 8 | 4 | 9 | 2 | 7 |
| 2 | 4 | 5 | 7 | 1 | 9 | 6 | 3 | 8 |
| 8 | 5 | 7 | 3 | 9 | 1 | 2 | 6 | 4 |
| 1 | 9 | 4 | 2 | 5 | 6 | 8 | 7 | 3 |
| 6 | 2 | 3 | 4 | 7 | 8 | 5 | 1 | 9 |
| 7 | 3 | 9 | 1 | 2 | 5 | 4 | 8 | 6 |
| 5 | 6 | 1 | 8 | 4 | 7 | 3 | 9 | 2 |
| 4 | 8 | 2 | 9 | 6 | 3 | 7 | 5 | 1 |

ଗତକାଲିର ଉତ୍ତର



# ଶୈଶବ ଓ କୈଶୋର ସମାନ ସୁଯୋଗ ପାଉ

ଅକ୍ଷୟ କୁମାର ମିଶ୍ର

ଓଡ଼ିଆରେ ଏକ ଲୋକବାଣୀ ଅଛି-''ଯେତେ କହିଲେ ଭାଗବତ, ତୋଷ ନ ହେଲା ମୋର ଚିତ୍ତ''। ସବୁଠି ସେହି ଚର୍ଚ୍ଚା। ସରକାରୀ ବିଦ୍ୟାଳୟ ସମ୍ପର୍କରେ ଆଲୋଚନା ଏହାର ଭିତ୍ତିଭୂମିକୁ ନେଇ,ଏହାର ଶିକ୍ଷାଦାନ ଉପରେ। ସଭାସମିତି, ଶୋଭାଯାତ୍ରା ମଧ୍ୟ ହୁଏ। ଖରାପ ଭିତ୍ତିଭୂମିର ପ୍ରତିବାଦରେ ଅଞ୍ଚଳର ଲୋକ, ଶିକ୍ଷକ ସଂଗଠନ, ଛାତ୍ର ସଂଗଠନ, ଏପରି କି ରାଜନୈତିକ ଦଳମାନଙ୍କ ତରଫରୁ ଆନ୍ଦୋଳନ ହେବାର ଦେଖାଯାଏ। ଶେଷରେ ଏମିତି ହେଲା ଉଚ୍ଚ ନ୍ୟାୟାଳୟଙ୍କୁ ହସ୍ତକ୍ଷେପ କରିବାକୁ ପଡିଲା। ସୂଚନାଥାଉ କି କୋର୍ଟମିତ୍ର(ଆମିକସ୍ କ୍ୟୁରି) ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ହାଇକୋର୍ଟ ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଓ ଜଷ୍ଟିସ୍ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ନିକଟରେ ଦାଖଲ ହୋଇଥିଲା। ଉକ୍ତ ରିପୋର୍ଟରେ ଦିଆଯାଇଥିବା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୟନୀୟ ଚିତ୍ରକୁ ଦେଖି ଉଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସହିତ ସମସ୍ତ ବିଦ୍ୟାଳୟକୁ ବିଭିନ୍ନ ମୌଳିକ ସୁବିଧା ତୁରନ୍ତ ଯୋଗାଇଦେବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମାରେ ଖଣ୍ଡପୀଠ ତିନୋଟି ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ପ୍ରଥମ ନିର୍ଦ୍ଦେଶ ହେଲା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ୩୦ ଜିଲାର ଜିଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ରାଜ୍ୟର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ସମ୍ପର୍କିତ ଫଟୋଗ୍ରାଫ ଓ ରିପୋର୍ଟ ତଲବ କରିବେ। ଦ୍ୱିତୀୟରେ ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ଭିତରେ ସବୁ ବିଦ୍ୟାଳୟରେ ମୌଳିକ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ଶିକ୍ଷା ସଚିବ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବେ। ତୃତୀୟରେ ଏହାର କାର୍ଯ୍ୟାୟନ ଦିଗରେ କ'ଣ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ସତ୍ୟପାଠ ଜରିଆରେ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଶିକ୍ଷା ସଚିବ ବିଚାରାଳୟକୁ ଅବଗତ କରାଇବେ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ପରବର୍ତ୍ତୀ ଶିକ୍ଷାବର୍ଷ ଆରମ୍ଭ ହେବା ପୂର୍ବରୁ ରାଜ୍ୟର ସମସ୍ତ ବିଦ୍ୟାଳୟର ଭିତ୍ତିଭୂମିଜନିତ ସମସ୍ୟାଗୁଡ଼ିକୁ ଦୂର କରିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଯାଇଥିବା ବେଳେ ସ୍ୱତନ୍ତ୍ର ଶ୍ରେଣୀଗୃହ ନିର୍ମାଣ,ବାଳକ ଓ ବାଳିକାଙ୍କ ନିମନ୍ତେ ଅଲଗା ଶୌଚାଳୟ, ପାନୀୟ ଜଳ ଯୋଗାଣ, ପିଲାଙ୍କ ବସିବା ପାଇଁ ବେଞ୍ଚ ଡେସ୍କ, ଖେଳ ପଡ଼ିଆ, ବିଦ୍ୟୁତ୍ ସଂଯୋଗ ହୋଇପାରୁଛି କି ନାହିଁ ସମୟ କହିବ। ଅବଶ୍ୟ ସରକାର ଚାହିଁଲେ ଏହା ଆଦୌ ଅସମ୍ଭବ ନୁହେଁ ବୋଲି ସାଧାରଣରେ ଆଲୋଚନା ଚାଲିଛି। କିନ୍ତୁ ଅତୀତକୁ ଯଦି ପର୍ଯ୍ୟାଲୋଚନା କରାଯାଏ ତେବେ ଦେଖାଯିବ ଆମ ରାଜ୍ୟରେ ଯିଏ ଯେତେବେଳେ ସରକାରକୁ ଆସିଛନ୍ତି ସମସ୍ତେ ଶିକ୍ଷା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସିଛନ୍ତି। ସମସ୍ତ ସମ୍ବଳର ସମୃଦ୍ଧି ଓ ସଦୁପଯୋଗ ଶିକ୍ଷାର ବିକାଶ ବିନା ସମ୍ଭବ ନୁହେଁ,ଏ କଥାଟି ଭାଷଣ ଭିତରେ ସୀମିତ ହୋଇ ରହିଯାଇଛି। ଅନ୍ତର ଭିତରେ ବସା ବାନ୍ଧିଛି 'ଶିକ୍ଷା ଏକ ଅଣଉତ୍ପାଦିତ କ୍ଷେତ୍ର'। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି, ଆମ ଦେଶ ତଥା ରାଜ୍ୟର ଶିକ୍ଷା ବଜେଟ। ଏଠାରେ ଯେତେ ଶିକ୍ଷା କମିଶନ ବସିଛି ଏବଂ ସେମାନେ ଯାହା ଯାହା ପରାମର୍ଶ ଦେଇଛନ୍ତି ସେଗୁଡିକୁ କୌଣସି ସରକାର ପାଳନ କରିନାହାନ୍ତି। ବ୍ୟୟବରାଦ ବାବଦରେ ଦେଇଥିବା ପରାମର୍ଶକୁ ସରକାରମାନେ ଗ୍ରହଣ କରିନାହାନ୍ତି। ପରନ୍ତୁ ଦେଖାଯାଉଛି ଶିକ୍ଷା ବଜେଟ କ୍ରମଶଃ ହ୍ରାସପାଇଛି। ଏଭଳି ମନୋଭାବ ଯଦି ରହେ ତେବେ ଦୁଇ ଶହ ବର୍ଷରେ ମଧ୍ୟ ସମସ୍ତ ବିଦ୍ୟାଳୟକୁ ମୌଳିକ ସୁବିଧା ଯୋଗାଇବା ସମ୍ଭବ ହେବ ନାହିଁ।



ଉଚ୍ଚଶିକ୍ଷା କଥା ଛାଡ, ଯେଉଁ ଶିକ୍ଷା ମୂଳଦୁଆ ଗଠନ କରେ ତା' ପ୍ରତି ଆମର ଲଗାତର ଅବହେଳା ତଥା ଅଣଦେଖା ଯୋଗୁ ତାକୁ ନିମ୍ନଗାମୀ କରିଛି। ବାରମ୍ବାର ପରୀକ୍ଷାନିରୀକ୍ଷା ଯୋଗୁ ତାହା ବିପର୍ଯ୍ୟସ୍ତ ହୋଇଛି। ଏପରି କି ସାକ୍ଷରତା ଦୃଷ୍ଟିକୋଣରୁ ମଧ୍ୟ ଆମେ ଜାତୀୟ ସ୍ତରଠାରୁ ପଛରେ। ଏବେ ବି ପାଖାପାଖି ୩୭ ପ୍ରତିଶତ ଲୋକ ନିଜ ଦସ୍ତଖତ କରିବାକୁ ଅକ୍ଷମ। ୬-୧୪ବର୍ଷର ଦୁଇ ଲକ୍ଷରୁ ଅଧିକ ପିଲା ବିଦ୍ୟାଳୟ ବାରଣ୍ଡା ମାଡୁନାହାନ୍ତି। ଅଥଚ ବିଦ୍ୟାଳୟରେ ପିଲା ସଂଖ୍ୟା କମ୍ ଦର୍ଶାଇ ୧୧,୫୧୭ ବିଦ୍ୟାଳୟକୁ ବନ୍ଦ ଅଥବା ମିଶ୍ରଣ କରିବା ସକାଶେ ସରକାର ନିଷ୍ପତ୍ତି ନେଇଛନ୍ତି। ୯୦୦୦ରୁ ଅଧିକ ବିଦ୍ୟାଳୟ ବନ୍ଦ କିମ୍ବା ନିକଟସ୍ଥ ବିଦ୍ୟାଳୟ ସହିତ ମିଶାଇ ଦିଆସରିଲାଣି। ଏ ବାବଦରେ ମଧ୍ୟ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟ ବନ୍ଦ ବିରୋଧରେ ରାୟ ଦେଇଥିଲେ। ସରକାର ପୁଣି ଏହି ରାୟ ବିରୋଧରେ ଅପିଲ କରିଛନ୍ତି। ଅର୍ଥାତ୍ ପିଲା ସଂଖ୍ୟା ହ୍ରାସର କାରଣ ନ ଖୋଜି ସରକାର ବିଦ୍ୟାଳୟ ବନ୍ଦ କରିବା ସପକ୍ଷରେ। ସେମିତି ଏବେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମିକୁ ନେଇ ଉଚ୍ଚ ନ୍ୟାୟାଳୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଏବଂ ନିର୍ଦ୍ଧାରିତ ସମୟ ଭିତରେ ସମସ୍ତ ଭିତ୍ତିଭୂମିର ବିକାଶ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଦେଖାଯାଉ ସରକାର ଏ ଦିଗରେ କେତେ ତତ୍ପରତା ପ୍ରକାଶ କରୁଛନ୍ତି ନା ଅନ୍ୟ କୌଣସି ନ୍ୟାୟିକ ପନ୍ଥା ଅବଲମ୍ବନ କରୁଛନ୍ତି। ତେବେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ହେଲେ ରାସ୍ତା କେତେ ଲମ୍ବା,ଏ ପର୍ଯ୍ୟନ୍ତ କେତେ ରାସ୍ତା ଆମେ ଅତିକ୍ରମ କରିଛେ ପୁଣି କେତେ ରାସ୍ତା ଅତିକ୍ରମ କରିବାକୁ ବାକି ଅଛି ଏବଂ କେତେ ବେଗରେ ଆମେ ଧାଇଁଛେ ତାହା ଜାଣିବା ନିହାତି ଆବଶ୍ୟକ।

ଆମ ରାଜ୍ୟରେ ନିମ୍ନ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୩୬,୭୬୦ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୨,୯୭୫ ଥିଲା। ବନ୍ଦବାନ୍ଦ ଓ ମିଶ୍ରଣ ପରେ ଏବେ ମୋଟ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୫୦,୫୨୬। ରିପୋର୍ଟରେ ପ୍ରକାଶ, ଏହା ଭିତରୁ ୪୦,୯୫୫ ବିଦ୍ୟାଳୟରେ ମୌଳିକ ସୁବିଧା ନାହିଁ। ଅର୍ଥାତ୍ ଦୀର୍ଘ ୭୬ ବର୍ଷ ଭିତରେ ଆମେ ମାତ୍ର ୯୫୬୯ ବିଦ୍ୟାଳୟକୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଇପାରିଛୁ। ୨୭ ପ୍ରତିଶତରୁ କମ୍ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ମୌଳିକ ସୁବିଧା ଯୋଗାଇବାରେ ଆମେ ସଫଳ ହୋଇଛେ। ଏଠାରେ ପଢୁଥିବା ୮୩ ପ୍ରତିଶତରୁ ଅଧିକ ପିଲାଙ୍କ ପାଇଁ ଥିବା ଶୈକ୍ଷିକ ପରିବେଶ ନିମ୍ନମାନର। ସ୍ୱତନ୍ତ୍ର ଶ୍ରେଣୀ କକ୍ଷ ନାହିଁ। ଶୌଚାଳୟ ନାହିଁ। ବସିବା ପାଇଁ ଘରୁ ଚଟି ନେବାକୁ ପଡ଼େ। ପାନୀୟ ଜଳର ବ୍ୟବସ୍ଥା ନାହିଁ। ଖେଳପଡିଆ ନାହିଁ। ଶିକ୍ଷାବର୍ଷ ଅଧାଅଧି ହେଲେ କିମ୍ବା ଶେଷ ହେବାକୁ ବସିଲେ ପାଠ୍ୟପୁସ୍ତକ ମିଳେ। ଆଉ ଶିକ୍ଷକ ସଂଖ୍ୟା ନ କହିବା ଭଲ। ଆଠଟି ଶ୍ରେଣୀକୁ ଜଣେ କିମ୍ବା ଦୁଇ ଜଣ ଶିକ୍ଷକରେ ଚାଲିଛି ଶିକ୍ଷାଦାନ ଭଳି ଖବର ଦେହସୁହା ହୋଇଗଲାଣି। ଅନୁରୂପ ଭାବେ ରାଜ୍ୟରେ ପୂର୍ଣ୍ଣ ସରକାରୀ, ଅର୍ଦ୍ଧ ସରକାରୀ,ଆଂଶିକ ସରକାରୀ ଉଚ୍ଚ ବିଦ୍ୟାଳୟ ସଂଖ୍ୟା ୯୪୫୪। ଆଧୁନିକ ଶିକ୍ଷା ପଦ୍ଧତିରେ ଏହି ସବୁ ବିଦ୍ୟାଳୟ ନିମନ୍ତେ ମୌଳିକ ଆବଶ୍ୟକତା କହିଲେ ସ୍ମାର୍ଟ କ୍ଲାସ୍‌ରୁମ୍, କମ୍ପ୍ୟୁଟର ଲ୍ୟାବ୍, ବିଜ୍ଞାନାଗାର, ଇ-ଲାଇବ୍ରେରି, ସ୍ୱଚ୍ଛ ପାନୀୟ ଜଳ ସହିତ ଖେଳପଡିଆ ସାଙ୍ଗକୁ ଇନ୍‌ଡୋର ଖେଳର ସୁବିଧା। ଅବଶ୍ୟ ସରକାର ତିନି ବର୍ଷ ହେଲା ଆମ ରାଜ୍ୟରେ ୫-ଟି ଜରିଆରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ହାତକୁ ନେଇଛନ୍ତି। ଏହି ତିନି ବର୍ଷ ଭିତରେ ୪୩୯୯ଟି ଉଚ୍ଚ ବିଦ୍ୟାଳୟରେ ଅତ୍ୟାଧୁନିକ ଶ୍ରେଣୀ କକ୍ଷ, ବିଜ୍ଞାନାଗାର, ପାଠାଗାର, କମ୍ପ୍ୟୁଟର ଲ୍ୟାବ୍ ହୋଇଛି। ପାନୀୟଜଳର ବ୍ୟବସ୍ଥା କରାଯାଇଛି। ଏହି ଧାରାରେ କାର୍ଯ୍ୟ ହେଲେ ଆହୁରି ତିନି ଚାରି ବର୍ଷ ଲାଗିବ କେବଳ ଉଚ୍ଚ ବିଦ୍ୟାଳୟଗୁଡିକରେ ଅଧ୍ୟୟନ କରୁଥିବା ପିଲାଙ୍କୁ ନ୍ୟାୟାଳୟର ନିର୍ଦ୍ଦେଶ ଅନୁସାରେ ମୌଳିକ ସୁବିଧା ଯୋଗାଇବାକୁ। ଗୋଟିଏ କଥାରେ କହିବାକୁ ଗଲେ ନାହିଁ ନାହିଁରେ ଚାଲିଛି ପ୍ରାଥମିକ ଶିକ୍ଷା। ଅଭାବ ଓ ଅବହେଳା ଭିତରେ ପେଷି ହେଉଛି ମାଧ୍ୟମିକ ଶିକ୍ଷା। ଧନତନ୍ତ୍ରର କବ୍‌ଜାରେ ଉଚ୍ଚଶିକ୍ଷା।

ପ୍ରାଥମିକ ଶିକ୍ଷା ଉପରେ ମାଧ୍ୟମିକ ଶିକ୍ଷା ଯେମିତି ସମ୍ପୂର୍ଣ୍ଣ ନିର୍ଭରଶୀଳ ସେମିତି ମାଧ୍ୟମିକ ସ୍ତରୀୟ ଗୁଣାତ୍ମକ ଶିକ୍ଷା ବିନା ଉଚ୍ଚଶିକ୍ଷାର ଦ୍ୱାର ରୁଦ୍ଧ। ସେଥିପାଇଁ କିଛି ଲୋକ ଅଭିଯୋଗ କରନ୍ତି, ପ୍ରାଥମିକ ଶିକ୍ଷାକୁ ଲଙ୍ଗଳା ରଖି ମାଧ୍ୟମିକ ଶିକ୍ଷାକୁ ଚକାଚକ କରିବାର ବ୍ୟବସ୍ଥା ଭିକ୍ଷୁକକୁ କୋଟ୍ ଦାନ ସହିତ ସମାନ। ତଥାପି ଆମ ରାଜ୍ୟର ବିଭାଗୀୟ ମନ୍ତ୍ରୀ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ବିଧାନସଭାରେ ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ସଜାଡ଼ିବା ବାବଦରେ ଯେଉଁ ବିବୃତି ରଖିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ ହେଉ ବୋଲି ଆମେ ଆଶା କରିବା। ସମାନ ସୁବିଧା ସୁଯୋଗ ଭିତର ଦେଇ ଶୈଶବ ଓ କୈଶୋର ଗଢ଼ାହେଲେ ମଣିଷର ପରବର୍ତ୍ତୀ ଅବସ୍ଥାରେ ସୁଖ, ଶାନ୍ତି, ସମୃଦ୍ଧି ବିରାଜିତ ହୁଏ-ଏହି ନିରାଟ ସତ୍ୟକୁ ସରକାର ଓ ପ୍ରଶାସନ ହୃଦୟଙ୍ଗମ କଲେ ଅବସ୍ଥାରେ ସୁଧାର ଆସିବ।

**ପ୍ରାକ୍ତନ ଯୁଗ୍ମ ସାଧାରଣ ସମ୍ପାଦକ, ଓଷ୍ଟା**
**ମୋ: ୭୦୦୮୦୭୩୫୯୯**



# ଓବିସି ଜନଗଣନା: ଆଶା ଓ ନିରାଶା

ଅଧ୍ୟାପକ ଗୋପବନ୍ଧୁ

ବିଳମ୍ବ ହେଲେ ବି ଓଡ଼ିଶା ସରକାର ଓବିସି ଜନଗଣନା ପାଇଁ ସବୁଜ ସଙ୍କେତ ଦେଇଛନ୍ତି। ଏ ବାବଦକୁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ମେ ୧ରୁ ଗଣନା ଆରମ୍ଭ ହୋଇ ମେ ୨୭ରେ ଶେଷ ହେବ। ଏହା ଏକ ସାଗତଯୋଗ୍ୟ ପଦକ୍ଷେପ। ଓବିସି ସଙ୍ଗଠନଗୁଡ଼ିକ ତରଫରୁ ବହୁଦିନରୁ ଏ ଦାବି ହୋଇଆସୁଥିଲା। ଏ ଦାବି ନିକଟରେ ସରକାର ମୁଣ୍ଡ ନୁଆଁଇଲେ କି ସରକାର ଓବିସିମାନଙ୍କ ବିକାଶ ପାଇଁ ଆଗ୍ରହୀ ତାହା ଏକ ଭିନ୍ନ ବିତର୍କ। ସରକାର କେତେ ଆନ୍ତରିକତାର ସହିତ ଏ ଜନଗଣନାକୁ ପରିଚାଳିତ କରିବେ, ତାହା ଜାଣିବା ପାଇଁ ଏହାର ସମୟ ଅବଧି ସମାପ୍ତ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସରକାରଙ୍କ ଓବିସିଙ୍କ ପ୍ରତି କେତେ ଆନ୍ତରିକତା ରହିଛି ତାହା ମଧ୍ୟ ଜନଗଣନା ଆକଳନ ପ୍ରାପ୍ତ ହେବାପରେ ଜଣାପଡ଼ିବ। ଶେଷ ଜାତିଭିତ୍ତିକ ଜନଗଣନା ବ୍ରିଟିଶ୍‌ରାଜ ସମୟରେ ୧୯୩୧ ମସିହାରେ ହୋଇଥିଲା, ଯେଉଁଥିରେ ଏମାନଙ୍କ ସଂଖ୍ୟା ଭାରତବର୍ଷରେ ୫୨% ବୋଲି କୁହାଯାଇଛି। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇ ନ ଥିଲା। ସେହି ଗଣନା ଆଧାରରେ ଏମାନଙ୍କ ସଂଖ୍ୟା ଓଡ଼ିଶାରେ ସାମାନ୍ୟ ଅଧିକ ଦର୍ଶାଇ ଏହା ୫୪% ବୋଲି କୁହାଯାଉଛି। ଓବିସି ଜନଗଣନା ପରେ ପ୍ରକୃତ ହାର ଜଣାପଡ଼ିବ, ଯଦି ସୂଚାରୁ ରୂପେ ଏହା ପରିଚାଳିତ ହୁଏ।

ଓବିସିଙ୍କ ସ୍ୱାର୍ଥ ଜନଗଣନାରେ ନାହିଁ। ଏମାନଙ୍କ ସ୍ୱାର୍ଥ ଏମାନଙ୍କୁ ରାଜ୍ୟରେ ମଣ୍ଡଳ କମିଶନଙ୍କ ସୁପାରିସ ମୁତାବକ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କରିବା ଉପରେ ରହିଛି। ଏହା ସହିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଓ ସହର ନିର୍ବାଚନରେ ମଧ୍ୟ ୨୭% ସଂରକ୍ଷଣ ସୁବିଧା ଦେବା ଓ ରାଜ୍ୟର ଓବିସି ନିଗମକୁ କ୍ରିୟାଶୀଳ କରି ଏମାନଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଉପରେ ରହିଛି। ଏହି ସୁବିଧାମାନ ଦିଆଯାଇ ନ ପାରିଲେ ଓବିସି ଜନଗଣନା ଫଳାଫଳ କେଉଁ କାମକୁ? ଧରାଯାଉ ଓବିସି ଜନଗଣନାର ଫଳାଫଳ ଅନୁସାରେ ରାଜ୍ୟରେ ଏମାନଙ୍କ ସଂଖ୍ୟା ବଢ଼ି ୬୦% ହେଲା କିମ୍ବା କମି ୪୦% ହେଲା ଏହା ଜାଣି ଓବିସି ଲୋକଙ୍କୁ କ'ଣ ଲାଭ ମିଳିବ? ଏ କଥା ତ ସମସ୍ତଙ୍କୁ ଜଣା ଯେ, ୧୯୩୧ ମସିହାରେ ଓବିସି ଜନସଂଖ୍ୟାର ଯେଉଁ ହାର ଥିଲା, ସେଥିରେ ବିଶେଷ ପରିବର୍ତ୍ତନ ହେବନାହିଁ ଯଦି ଏହାକୁ ଇଚ୍ଛାକୃତ ଭାବେ ପରିବର୍ତ୍ତନ କରାନଯାଏ। ଖୁବ୍ ବେଶିରେ ଏହା ଦୁଇ ଚାରି ପର୍ସେଣ୍ଟ ଏକଡ଼ ସେକଡ଼ ହୋଇପାରେ।

ଓବିସିମାନେ ଦ୍ୱୈତ ମାନଦଣ୍ଡର ଶିକାର ହୋଇଛନ୍ତି। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ୧୯୩୧ ମସିହା ଓବିସି ପରିସଂଖ୍ୟାନକୁ ଗ୍ରହଣ କରିଥିଲେ, ନୂଆ ପରିସଂଖ୍ୟାନ ରିପୋର୍ଟ ମାଗି ନ ଥିଲେ, ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ଘୋଷଣା କରିବା ପାଇଁ। ଉଚ୍ଚବର୍ଗର ଅର୍ଥନୈତିକ ଭାବେ ଦୁର୍ବଳମାନଙ୍କ ପାଇଁ ୧୦% ଇଡବ୍ଲ୍ୟୁଏସ୍ ସଂରକ୍ଷଣ ଦେବାବେଳେ ମଧ୍ୟ ତାଙ୍କ ପରିସଂଖ୍ୟାନ ଓ ବିଭିନ୍ନ ସ୍ଥିତିର ରିପୋର୍ଟ ମାଗି ନ ଥିଲେ। କିନ୍ତୁ ବିଗତ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ସହରୀ ନିଗମ ଓ ପୌରାଞ୍ଚଳ ନିର୍ବାଚନ ସମୟରେ ଓବିସିମାନଙ୍କ ପାଇଁ ଏ ପ୍ରକାର ରିପୋର୍ଟ ଅତ୍ୟାବଶ୍ୟକ ହୋଇପଡ଼ିଲା। ରାଜ୍ୟରେ ଓବିସିମାନଙ୍କୁ ମଣ୍ଡଳ କମିଶନର ସୁପାରିସ ମୁତାବକ ୨୭% ସଂରକ୍ଷଣ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଦେବା ପାଇଁ ଓବିସି ପରିସଂଖ୍ୟାନର ଆବଶ୍ୟକତା ଥିବାପରି ମନେହେଉ ନାହିଁ। ଏଥିପାଇଁ ସୁପ୍ରିମକୋର୍ଟଙ୍କ ପ୍ରଦତ୍ତ ସଂରକ୍ଷଣ ସୀମାରେଖାର ଉଚ୍ଛେଦ ଜରୁରୀ, ଯାହା ୫୦% ମଧ୍ୟରେ ସୀମିତ ରଖିବାର ନିର୍ଦ୍ଦେଶ ରହିଛି। ତାମିଲନାଡୁ ତୁଲ୍ୟ ଓଡ଼ିଶା ସରକାର ସ୍ୱତନ୍ତ୍ର ରାଜ୍ୟର ଦାବି ଜଣାଇ ଏହାକୁ ସମ୍ବିଧାନର ନବମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ପ୍ରଚେଷ୍ଟା କଲେ ସୁଫଳ ମିଳିପାରନ୍ତା। ଏ ଦିଗରେ ସୁପ୍ରିମକୋର୍ଟରେ ଯେଉଁ କେସ୍ ହୋଇଛି ତାକୁ ମଧ୍ୟ ରାଜ୍ୟ ସରକାର ଆନ୍ତରିକତାର ସହିତ ଲଢ଼ିବା ଜରୁରୀ।



ନିର୍ଦ୍ଧାରିତ ତାରିଖରୁ ସର୍ଭେ ବା ଗଣନା କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ସମସ୍ତ ଓବିସିଙ୍କୁ ତାଙ୍କ ଆଡୁ ଏହି ଗଣନାରେ ସାମିଲ ହେବା ପାଇଁ କୁହାଯାଇଛି। ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ର ଅଥବା ଖାଉଟି କେନ୍ଦ୍ରକୁ ଯାଇ ନିଜର ତଥା ନିଜ ପରିବାରର ଆବଶ୍ୟକ ବିବରଣୀ ପ୍ରଦାନ ପାଇଁ କୁହାଯାଇଛି। ଏହା ବ୍ୟତୀତ ଓବିସି ବ୍ୟକ୍ତିବିଶେଷ ଜନସେବା କେନ୍ଦ୍ରକୁ ଯାଇ କିମ୍ବା ଅନ୍‌ଲାଇନ ଯୋଗେ ନିଜ ବିବରଣୀ ପ୍ରଦାନ କରିପାରିବେ। ଏସବୁ ଠିକ୍ ବୋଲି ମନେହେଉଥିଲେ ହେଁ ଏହା କେତେ ସଫଳ ହୋଇପାରିବ, ଏହାକୁ ନେଇ ସନ୍ଦେହ ଜାତ ହେବା ସ୍ୱାଭାବିକ। ଯେଉଁ ଦେଶରେ ଶତପ୍ରତିଶତ ଲୋକ ନିଜେ ଯାଇ ଭୋଟଦେଇ ପାରୁନାହାନ୍ତି, ପୁଣି ପ୍ରଲୋଭନ ଓ ବୁହାହେବା ସତ୍ତ୍ୱେ ସେଠାରେ ଶତପ୍ରତିଶତ ଓବିସି ନିଜେ ଯାଇ ପ୍ରସ୍ତାବିତ କେନ୍ଦ୍ରଗୁଡ଼ିକରେ ନିଜର ବିବରଣୀ ପ୍ରଦାନ କରିବେ ବୋଲି ଅନେକେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ଘରକୁ ଘର ବୁଲି ଏପ୍ରକାର ସର୍ଭେ କରିଥିଲେ ଅଧିକ ଫଳପ୍ରଦ ହୋଇଥା'ନ୍ତା।

ରାଜ୍ୟ ସରକାର ପ୍ରକୃତରେ ଓବିସିମାନଙ୍କୁ କିଛି ସୁବିଧା ସୁଯୋଗ ଦେବା ପାଇଁ ଏ ଜନଗଣନା କରୁଛି ଅଥବା କାଳକ୍ଷେପଣ ନୀତିର ଅନୁସରଣରେ ଏହା କରୁଛି ଏଯାଏ ସ୍ପଷ୍ଟ ହୋଇନାହିଁ। ସରକାରଙ୍କ ଇଚ୍ଛା ଯାହାବି ହେଉ ଓବିସି ସମସ୍ୟା ଯେ ଏକ ରାଜନୈତିକ ମୁଦ୍ଦା ଭାବେ ରାଜ୍ୟରେ ଉଭା ହୋଇସାରିଛି, ଏଥିରେ କୌଣସି ସନ୍ଦେହ ନାହିଁ। ନିର୍ବାଚନ ସମୟରେ ଏହା ନିଶ୍ଚୟ ରାଜନୈତିକ ରୂପ ଦେଖାଇବ। ଓବିସି ସଙ୍ଗଠନ ବିଭିନ୍ନ ଅଞ୍ଚଳରେ ବଢ଼ିଚାଲିଛି। ତାଙ୍କ ମଧ୍ୟରେ ଜାଗରଣ ଆସିଲାଣି। ଓବିସି ଅନ୍ତର୍ଗତ ବିଭିନ୍ନ ଜାତିମାନେ ମଧ୍ୟ ସଙ୍ଗଠିତ ହେଉଛନ୍ତି। ନିଜର ସାମ୍ବିଧାନିକ ଅଧିକାର ପାଇବା ପାଇଁ ଦାବି ଉଠାଇଲେଣି। ବିଭିନ୍ନ ରାଜନୈତିକ ଦଳ ଏଥିରୁ ଫାଇଦା ନେବାପାଇଁ ତତ୍ପର ହେବା ପରି ପ୍ରତୀୟମାନ ହେଉଛି। ନିର୍ବାଚନ ଯେତେ ପାଖେଇବ ଏ ପ୍ରକ୍ରିୟା ସେତେ ବଢ଼ିବ। ସରକାର ନିଶ୍ଚିତରୂପେ ଏ ବିଷୟରେ ଅବଗତ ଅଛି। ନିର୍ବାଚନ ପୂର୍ବରୁ ଏମାନଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ସୁନିଶ୍ଚିତ ନକଲେ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ତୁଙ୍ଗ ନେତୃତ୍ୱ ଜାଣିଛନ୍ତି।

**ଦର୍ଶନ ବିଭାଗ(ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ: ୭୦୦୮୯୭୬୧୮୦**

## ଏଇ ଭାରତରେ

ପରୀକ୍ଷା ଖାତାରେ ଜଣେ ଉତ୍ତର ଲେଖିଲେ ତାଙ୍କୁ ନମ୍ବର ମିଳେ। କିନ୍ତୁ ବହୁ ସମୟରେ ଦେଖାଯାଏ ଛାତ୍ରୀଛାତ୍ରମାନେ ପରୀକ୍ଷା ଖାତା ଫାଙ୍କା ଛାଡ଼ିଦେଇଥାନ୍ତି କିମ୍ବା ଏଥିରେ ଅନେକ ଭୁଲ୍ ଉତ୍ତର ଲେଖିପକାନ୍ତି। କିନ୍ତୁ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରେ ଜଣେ ଛାତ୍ର ପରୀକ୍ଷା ଖାତାରେ ଉତ୍ତର ବଦଳରେ ଗୀତ ଲେଖିଥିଲେ। ତାହା ପୁଣି ସିନେମା ଗୀତ। ତେବେ ପୂରା ପରୀକ୍ଷା ଖାତାରେ ଛାତ୍ର ଜଣକ କେବଳ ତିନୋଟି ଉତ୍ତର ଲେଖିଛନ୍ତି, ତାହା ପୁଣି ପ୍ରଶ୍ନ ଅନୁଯାୟୀ ନୁହେଁ। ସେଥିରୁ ଦୁଇଟି ହେଉଛି ସିନେମା ଗୀତ। ଗୋଟିଏ ଥ୍ରି ଇଡିଅଟ୍‌ର ଗୀତ ଥିଲାବେଳେ ଅନ୍ୟଟି ଥିଲା ପିକେ ସିନେମାର। ଦ୍ୱିତୀୟ ଉତ୍ତର ଥିଲା ଶିକ୍ଷକଙ୍କ ନିକଟକୁ ବାର୍ତ୍ତା। ସେଥିରେ ସେ ଲେଖିଥିଲେ - ''ମାମ୍, ଆପଣ ଜଣେ ଜ୍ଞାନୀ ଶିକ୍ଷକ। ଏହା ମୋର ଦୋଷ ଯେ, ମୁଁ କଠିନ ପରିଶ୍ରମ କରିପାରିଲି ନାହିଁ। ହେ ଭଗବାନ୍! ମୋତେ କିଛି ବୁଦ୍ଧି ଦିଅ।'' କିନ୍ତୁ ଶିକ୍ଷକ ଏଥିରେ ଲେଖିଥିଲେ ଯେ, ତୁମେ ଏମିତି ଆହୁରି ଅଧିକ ଉତ୍ତର ଲେଖିବା ଉଚିତ। ବାସ୍ତବରେ ଛାତ୍ରଙ୍କ ଉତ୍ତର ଓ ଶିକ୍ଷକଙ୍କ ଏଭଳି ମଜାଦାର ମନ୍ତବ୍ୟ ଉଲ୍ଲେଖ ଥିବା ଏହି ଉତ୍ତରଖାତାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।

## ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଥଣ୍ଡାପାନୀୟ ହାନିକାରକ

ମହାଶୟ,

ଜିହ୍ୱା ସ୍ୱାଦଯୁକ୍ତ ଥଣ୍ଡାପାନୀୟ ଶିଶୁମାନଙ୍କ ପାଇଁ ମାତ୍ରାଧିକ ଅହିତକର। ଉକ୍ତ ପାନୀୟ ସ୍ୱାସ୍ଥ୍ୟପକ୍ଷେ କେତେ ଭଲ? ରାଜ୍ୟର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ମିଳୁଥିବା ବିଭିନ୍ନ ଥଣ୍ଡା ପାନୀୟ ମାନବସମାଜ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ସୂଚନାଯୋଗ୍ୟ, ପ୍ରତ୍ୟେକ ଥଣ୍ଡା ପାନୀୟରେ ରାସାୟନିକ କେମିକାଲ ପ୍ରୟୋଗ କରାଯାଉଛି। ବିଭିନ୍ନ ଥଣ୍ଡାପାନୀୟ କମ୍ପାନୀକୁ ତଦନ୍ତ ଯାଞ୍ଚ କରାଯାଉ, ତାହା ସ୍ୱାସ୍ଥ୍ୟପକ୍ଷେ କେତେ ହିତକର। ବଜାରରେ ମିଳୁଥିବା, ମହଜୁଦ ଥିବା ଥଣ୍ଡାପାନୀୟକୁ ଲାବରେଟୋରି ପରୀକ୍ଷା କରିବା ନିହାତି ଆବଶ୍ୟକ। କେତେକ ନ୍ୟସ୍ତସ୍ୱାର୍ଥଯୁକ୍ତ ଅନୁପଯୁକ୍ତ ଅଫିସରଙ୍କୁ ହାତରେ ରଖି ଯାହା ପାରୁଛନ୍ତି ତାହା କରିପାରୁଛନ୍ତି। ଏଥିରେ ରାଜ୍ୟ ସରକାର, ପ୍ରଶାସନ, ଏକାଧିକ ଥଣ୍ଡା ପାନୀୟକୁ ଉତ୍ତମ ପରୀକ୍ଷା ସହିତ ବିହିତ ତଦନ୍ତ ଆବଶ୍ୟକ। ନଚେତ୍ ଆଜିର ଥଣ୍ଡା ପାନୀୟ ମାନବ ଓ ଶିଶୁମାନଙ୍କର ସେବନ ଦ୍ୱାରା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ନିଶ୍ଚିତ। ଏଣୁ ପ୍ରଶାସନର ନୀରବଦ୍ରଷ୍ଟା ଅତ୍ୟନ୍ତ ଅଶୋଭନୀୟ ସଦୃଶ୍ୟ ହେବ।

**-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଢୁଛି ତାତି: ପକ୍ଷୀ ରାହା ଖୋଜୁଛନ୍ତି

■ ଖାଲ ପାଟିଆ ଶୋଷ ମେଣ୍ଟାଉଛି

■ ନଦୀ ଜଳ ଲୁଣିଆ


ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଥିବା ଖାଲ ପାଟରେ ଥିବା ମଧୁର ଜଳ ପକ୍ଷୀମାନଙ୍କ ଶୋଷ ମେଣ୍ଟାଉଛି।

ମହାକାଳପଡ଼ା, ୨।୪ (ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ତଟ ସଂଲଗ୍ନ ସବୁଜିମା ଭରା ହେନ୍ତାଳ ଜଙ୍ଗଲରେ ବସା ବାନ୍ଧି ବସବାସ କରୁଥିବା ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ପାଇଁ ଏବେ ଜଳକଷ୍ଟ ପ୍ରମୁଖ କାରଣ ପାଲଟିଛି। କାରଣ ଗହୀରମଥା ସମୁଦ୍ର ଓ ଏହାର ସଂଲଗ୍ନ ପ୍ରବାହିତ ହେଉଥିବା ନଦୀ ନାଳଗୁଡ଼ିକରେ ଜଳ ଏବେ ଲବଣାକ୍ତ। ଜୀବନ ବଞ୍ଚାଇବା ପାଇଁ ପକ୍ଷୀ ରାହା ଖୋଜୁଛନ୍ତି। ମଧୁର ଜଳ ମୁନ୍ଦେର ଠିକଣା ପାଇଁ ଏବେ ଗହୀରମଥା ଆକାଶରେ ପକ୍ଷୀ ଚକର କାଟୁଛନ୍ତି। କେଉଁଠି ଖାଲ ପାଟିଆ ଜୋରିରେ ସ୍ୱଳ୍ପ ମଧୁର ଗଚ୍ଛିତ ଅଛି ସେଠାରେ ଦଳ ଦଳ ହୋଇ ପକ୍ଷୀମାନେ ଶୋଷ ମେଣ୍ଟାଇବା ପାଇଁ ପହଞ୍ଚି ଯାଉଛନ୍ତି। ନଦୀ ନାଳଗୁଡ଼ିକରେ ସ୍ୱଳ୍ପ ଜଳ ଥିବାରୁ ପକ୍ଷୀମାନଙ୍କ ପାଇଁ ପ୍ରଚୁର ପରିମାଣରେ ଖାଦ୍ୟ (ଗେଣ୍ଡା, ଚୁନା ମାଛ, ଗଡ଼ିଶା, ସିପ, ତୋରି, ପୋକ ଯୋକ ଆଦି) ମିଳୁଛି। ପକ୍ଷୀମାନେ ଖାଦ୍ୟ ଖାଇବା ସହ ମଧୁର ଜଳ ପିଇ ଶୋଷ ମେଣ୍ଟାଉଛନ୍ତି। ଅନ୍ୟପକ୍ଷରେ ପକ୍ଷୀମାନେ ଜଙ୍ଗଲ ଛାଡ଼ି ଗାଁ ଗଣ୍ଡାର ଗହୀର ଖାଲ ପାଟ ଅଞ୍ଚଳକୁ ଶୋଷ ମେଣ୍ଟେଇବାକୁ ଆସୁଛନ୍ତି। ଏହି ସମୟରେ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟିକୁ ଏଡାଇ ଦିଆଯାଇ ନ ପାରେ। କାରଣ ବିଷ ଓ ଫାସ ବସାଇ ଏମାନଙ୍କୁ ଶିକାର କରିବାର ସମ୍ଭାବନା ଥିବାରୁ ବନ ବିଭାଗ ଏଥିପ୍ରତି ଯତ୍ନବାନ ହେବା ଦରକାର। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ଜଙ୍ଗଲ ମଧ୍ୟରେ ଯେଉଁ ପ୍ରଜାତିର ଦେଶୀ ପକ୍ଷୀ ରହୁଛନ୍ତି ସୁରକ୍ଷା ପାଇଁ ବ୍ଲକର ଉପକୂଳ ଅଞ୍ଚଳ ପ୍ରମୁଖ ସ୍ଥାନଗୁଡିକରେ ସଚେତନାତା ହୋଡ଼ିଂ ସ୍ଥାପନ କରାଯିବା ସହ କେଉଁ କେଉଁ ପକ୍ଷୀ ଶିକାର କଲେ ଆଇନ ଗତ ବ୍ୟବସ୍ଥା ବାବଦରେ ଉଲ୍ଲେଖ କରିବାକୁ ବିଭିନ୍ନ ମହଲରେ ଦାବି ଜୋର ଧରିଛି। ଏହି ଖାଲ ପାଟ ଅଞ୍ଚଳରେ ବିଶେଷ କରି ଗେଣ୍ଡଳିଆ, ସଳିର, କଳା ଓ ଧଳା ଦା ବେଣ୍ଟିଆ, ଚା' ଚଢ଼େଇ, ଟେ ଟେଇଁଆଁ, ଅନ୍ଧାରୁଆଁ ବଗ, କାୟମ ପକ୍ଷୀଙ୍କ ସମେତ ବିଭିନ୍ନ ପ୍ରଜାତିର ଦେଶୀ ପକ୍ଷୀ ଦେଖିବାକୁ ମିଳୁଛନ୍ତି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳର ହେଟା ମୁଣ୍ଡିଆ, ବରୁଣାଇ, ତଣ୍ଡା, ଲଞ୍ଚ ଘୋଲା ସମେତ ସଂରକ୍ଷିତ ଜଙ୍ଗଲରେ ଦେଶୀ ପକ୍ଷୀମାନେ ବସା ବାନ୍ଧି ଥାନ୍ତି। ଏହି ଜଙ୍ଗଲ ମଧ୍ୟସ୍ଥଳରେ ପୋଖରୀ ଖନନ କରାଗଲେ ଦେଶୀ ପକ୍ଷୀ ଓ ବନ୍ୟ ଜନ୍ତୁମାନେ ମଧୁର ଜଳ ପିଇ ଶୋଷ ମେଣ୍ଟେଇବେ ବୋଲି କୁହାଯାଇଛି। ଏମାନଙ୍କର ସୁରକ୍ଷା ଓ ସଚେତନତା ପାଇଁ ବନ ବିଭାଗ ନିକଟରେ ବୁଦ୍ଧିଜୀବୀ ଓ ପକ୍ଷୀ ପ୍ରେମୀ ସୁବାସ ସ୍ୱାଇଁ, ପରିବେଶବିତ୍ ସମରେନ୍ଦ୍ର ମାହାଳି ଦାବି କରିଛନ୍ତି।

# ବିଧବା ମା'ଙ୍କୁ ଘରୁ ତଡ଼ିଦେଲେ ୩ ପୁଅ

**ଉଦ୍ଧାର କଲା ଯାଜପୁର ଜିଲା ମହିଳା ସହାୟତା କେନ୍ଦ୍ର**

ବରୀ,୨।୪(ଡି.ଏନ.ଏ.):

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଭଔଁରା ପଞ୍ଚାୟତର ଜଣେ ବିଧବା ସଜନୀ କରଙ୍କୁ ତାଙ୍କ ୩ ପୁଅ ଘରୁ ତଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏବେ ସଜନୀଙ୍କୁ ଯାଜପୁର ଜିଲା ମହିଳା ସହାୟତା କେନ୍ଦ୍ରରେ ରଖାଯାଇଛି। ପୁଅମାନେ ଅଣଦେଖା କରିବାରୁ ସଜନୀ ପୁତୁରାଙ୍କ ଘରେ ଆଶ୍ରୟ ନେଇଥିଲେ। ମାତ୍ର ପୁତୁରାଙ୍କ ପରିବାର ତାଙ୍କୁ ଦୀର୍ଘଦିନ ଧରି ରଖିବାକୁ ଅକ୍ଷମତା ପ୍ରକାଶ କରିବାରୁ ସେ ଅସହାୟ ହୋଇପଡ଼ିଥିବା ରବିବାର ପୋଲିସ ଆଗରେ ପ୍ରକାଶ କରିଛନ୍ତି।

ସଜନୀଙ୍କ ଚାରି ପୁଅ ମଧ୍ୟରୁ ଜଣକର ମୃତ୍ୟୁ ହୋଇଛି। ୩ ପୁଅ ବିଗତ ଦିନରେ ମା'ଙ୍କୁ ପାଖରେ ନ ରଖିବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀଙ୍କ ଉପସ୍ଥିତିରେ ୩ ପୁଅ ତାଙ୍କୁ ପାଳିକରି ୪ ମାସ ଲେଖା ରଖିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଘଟଣାର ଆପୋଷ ସମାଧାନ ହୋଇଥିଲା। ମାତ୍ର ୩ ପୁଅଙ୍କ ମଧ୍ୟରେ ତିକ୍ତତା ଯୋଗୁ ସଜନୀ ଅସହାୟ ହୋଇ ପଡ଼ିଥିଲେ। ଏକଥା ଜାଣିବା ପରେ ତାଙ୍କ ଝିଅ ଜିଲା ମହିଳା ସହାୟତା କେନ୍ଦ୍ରକୁ ଫୋନ୍ କରିଥିଲେ। ଖବର ପାଇ ଏହି କେନ୍ଦ୍ରର ନିବେଦିତା ଶରଣ, ରଞ୍ଜିତା ବାରିକ ପହଞ୍ଚି ସଜନୀଙ୍କୁ ଉଦ୍ଧାର କରିବା ପରେ ଥାନାକୁ ଆଣି ଥାନା ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ନିରାଶ୍ରୟ ସଜନୀ ଶନିବାର ରାତିରୁ ଖାଇ ନ ଥିବା ଥାନା ଅଧିକାରୀଙ୍କ ନିକଟରେ ପ୍ରକାଶ କରିଥିଲେ। ପରେ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ତାଙ୍କୁ ବିସ୍କୁଟ ଖାଇବାକୁ ଦେବା ସହ ତାଙ୍କ ଦୁଃଖ କଥା ଶୁଣି ଭାବବିହ୍ୱଳ ହୋଇ ପଡ଼ିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ମହିଳା ସହାୟତା କେନ୍ଦ୍ର ତରଫରୁ ସଜନୀଙ୍କୁ ଥାନାକୁ ଅଣାଯାଇଥିଲା। ତାଙ୍କର ରହିବା ଖାଇବାର ଦାୟିତ୍ୱ ଉକ୍ତ କେନ୍ଦ୍ର ପକ୍ଷରୁ ନିଆଯିବାକୁ କୁହାଯିବାରୁ ସଜନୀଙ୍କୁ ତାଙ୍କ ଦାୟିତ୍ୱରେ ଛଡ଼ାଯାଇଛି। ମହିଳା ସହାୟତା କେନ୍ଦ୍ରର ମୁଖ୍ୟ ପରିଚାଳକ ନିବେଦିତା ଶରଣଙ୍କୁ ଫୋନଯୋଗେ ପଚାରିବାରେ ସେ କହିଛନ୍ତି, ଥାନା ମାଧ୍ୟମରେ ସଜନୀଙ୍କୁ ଆମେ ଦାୟିତ୍ୱରେ ଆଣିଛୁ। ତାଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥାଠାରୁ ଆରମ୍ଭ କରି ଖାଇବା ପିଇବା ଏବଂ ସମସ୍ତ ଦାୟିତ୍ୱ ବହନ କରାଯିବ।

# ଅନ୍ତର୍ଜାତୀୟସ୍ତରରେ ଆଇଶା ପ୍ରଥମ

**ଇଂଲିଶ ଅଲିମ୍ପିଆଡ୍ ପରୀକ୍ଷା**


ଆଇଶା ମଲ୍ଲିକ

ଝୁମ୍ପୁରୀ,୨।୪(ଡି.ଏନ୍.ଏ.):

ଯାଜପୁର ଜିଲା ଦଶରଥପୁର ବ୍ଲକ୍ ଚମ୍ପେଇପାଳ ପଞ୍ଚାୟତ ଓଡ଼େଇ(ନୂଆଗାଁ) ଗ୍ରାମର ପାର୍ଥସାରଥୀ ମଲ୍ଲିକ ଓ ବାଣୀଶ୍ରୀ ମଲ୍ଲିକଙ୍କ ଝିଅ ଆଇଶା ୨୦୨୨-୨୩ ଇଂଲିଶ ଅଲିମ୍ପିଆଡ୍ ପରୀକ୍ଷାରେ ଅନ୍ତର୍ଜାତୀୟସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସିଲଭରଜୋନ ଅନ୍ତର୍ଜାତୀୟ ଇଂଲିଶ ସେକେଣ୍ଡ ପରୀକ୍ଷାରେ ଆଇଶା ଶତ ପ୍ରତିଶତ ନମ୍ବର ରଖିଛନ୍ତି। ଆଇଶା ଯାଜପୁର ଟାଉନସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୭ମ ଶ୍ରେଣୀର ଛାତ୍ରୀ। ତାଙ୍କର ଏହି କୃତିତ୍ୱ ପାଇଁ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ଏହି ସଫଳତାକୁ ନେଇ ବିଦ୍ୟାଳୟର ଅଧ୍ୟକ୍ଷ ତରୁଣ କୁମାର ନାୟକ ଆଇଶାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଆଇଶାଙ୍କ କୃତିତ୍ୱରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସର୍ବଭାରତୀୟସ୍ତରରେ ମୋଟ୍ ୨୬ ରାଜ୍ୟର ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିବାବେଳେ ଅନ୍ତର୍ଜାତିକସ୍ତରରେ ୧୩ଟି ଦେଶର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

# ଯାଜପୁର-ମଙ୍ଗଳପୁର ରାସ୍ତା ଅବରୋଧ

**୨ ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳରୁ ଉତ୍ତେଜନା**


ଦୁଇ ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳରୁ ସୃଷ୍ଟି ହୋଇଥିବା ଉତ୍ତେଜନା ପରିସ୍ଥିତି।

ଯାଜପୁର ଟାଉନ,୨।୪ (ଡି.ଏନ.ଏ.)

ଯାଜପୁର ଥାନା ଅନ୍ତର୍ଗତ ବିରଜାପୁର ପଞ୍ଚାୟତ ବାମଦେବପୁର ଛକରେ ଥିବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସରେ ୨ଦୋକାନୀଙ୍କ ମଧ୍ୟରେ ଗଣ୍ଡଗୋଳକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ହୋଇଥିଲା। ପରେ ଗ୍ରାମବାସୀ ଏକତ୍ରିତ ହୋଇ ଦୋଷୀଙ୍କୁ ଦଣ୍ଡଦେବା ପାଇଁ ଦାବି କରିଥିଲେ। ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ଯାଜପୁର-ମଙ୍ଗଳପୁର ମୁଖ୍ୟ ରାସ୍ତାକୁ କିଛି ସମୟ ପର୍ଯ୍ୟନ୍ତ ଅବରୋଧ କରାଯାଇଥିଲା। ଫଳରେ ଉଭୟପାର୍ଶ୍ୱରେ ଗାଡ଼ିମଟର ଅଟକି ରହିଥିଲା। ଘଟଣାସ୍ଥଳରେ ଯାଜପୁର ଥାନା ଅଧିକାରୀ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଯାଜପୁର ପୋଲିସ ଉଭୟ ଦୋକାନୀଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

# ରେଳଧାରଣାରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

ଚଣ୍ଡିଖୋଲ/ଛତିଆ,୨।୪(ଡି.ଏନ.ଏ.):

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଛତିଆ ଅମରାବତୀ ପାଟଣା ଗ୍ରାମର ବୈଇନ ଖଣ୍ଡୁଆଳଙ୍କ ପୁଅ ଆନନ୍ଦ ଖଣ୍ଡୁଆଳ(୨୨)ଙ୍କ ମୃତଦେହ ରେଳଧାରଣାରୁ ମିଳିଛି। ଗତ ୩୦ ତାରିଖରେ ଆନନ୍ଦ ନିଖୋଜ ହୋଇ ଯାଇଥିଲେ। ରବିବାର ତାଙ୍କ ମୃତଦେହ କଟକ ବଡ଼ ମେଡିକାଲରେ ଥିବା ଜାଣିବା ପରେ ପରିବାର ଲୋକେ ଯାଇ ତାହାକୁ ଆଣିଥିଲେ। ତେବେ ଆନନ୍ଦଙ୍କ ମୃତ୍ୟୁକୁ ନେଇ ଗ୍ରାମରେ ସନ୍ଦେହ ସୃଷ୍ଟି ହୋଇଛି। ପୂର୍ବତଟ ରେଳପଥର କଟକ ଜିଲା ଝାଡେଶ୍ୱର କଡ଼େଇ ଷ୍ଟେଶନ ନିକଟରେ ଗତ ୩୧ ତାରିଖରେ ଏକ ଅଚିହ୍ନା ମୃତଦେହ ପଡ଼ିଥିଲା। କଟକ ରେଲ୍‌ୱେ ପୋଲିସ ତାହାକୁ ଜବତ କରି କଟକ ବଡ ଡାକ୍ତରଖାନା ନେଇଥିଲା। ଶନିବାର ସାମାଜିକ ଗଣମାଧ୍ୟମରେ ଆନନ୍ଦଙ୍କ ଫଟୋଦେଖି ପରିବାର ଲୋକେ ରେଲ୍‌ୱେ ପୋଲିସକୁ ଯୋଗାଯୋଗ କରିଥିଲେ। ମୃତଦେହର କୌଣସି କ୍ଷତ ଚିହ୍ନ ନ ଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଆନନ୍ଦଙ୍କ ଆତ୍ମହତ୍ୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହାର ଉଚିତ ତଦନ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୀଲ


@ ପ୍ରୀତି ପ୍ରଜ୍ଞା



@ ସ୍ମୃତିରଞ୍ଜନ


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କିଡ୍‌ନୀ ରୋଗରେ ଆକ୍ରାନ୍ତ ସଦାନନ୍ଦ

**ସହାୟତା ପାଇଁ ସରକାରଙ୍କ ନିକଟରେ ସ୍ତ୍ରୀଙ୍କ ନିବେଦନ**


ପରିବାର ସହ ସଦାନନ୍ଦ ମଲ୍ଲିକ।

ପ୍ରୀତିପୁର/ବିଞ୍ଝାରପୁର,୨।୪ (ଡି.ଏନ.ଏ.)

ଦିନେ ରାଜ୍ୟ ବାହାରେ ଦାଦନ ଖଟି ପରିବାର ମୁହଁରେ ଦେଉଥିଲେ ଦାନା। ଆଜି ସେ ମୃତ୍ୟୁ ସହ କରୁଛନ୍ତି ସଂଗ୍ରାମ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଚନ୍ଦ୍ରମୁଁ ପଞ୍ଚାୟତ ବଡ଼ମଲ୍ଲିପୁର ଗ୍ରାମର ସଦାନନ୍ଦ ମଲ୍ଲିକଙ୍କ କ୍ଷେତ୍ରରେ। ପରିବାର କହିଲେ ବାପା, ମା', ସ୍ତ୍ରୀ ଓ ଝିଅ। ସୁରୁଖୁରୁରେ ଚାଲିଥିଲା ସଂସାର। ହେଲେ ହଠାତ୍ ଦିନେ ସଦାନନ୍ଦଙ୍କୁ ଷ୍ଟ୍ରୋକ ହୋଇଥିଲା। ଏହାପରେ ଶରୀରର ଗୋଟିଏ ପାର୍ଶ୍ୱ ପାରାଲିସିସ୍ ହୋଇଗଲା। ସେ ମେଡିକାଲ ଯାଇ ପରୀକ୍ଷା କରିବାବେଳକୁ ତାଙ୍କର ୨ଟି ଯାକ କିଡ୍‌ନୀ ଖରାପ ହୋଇଥିବା ଡାକ୍ତର କହିଥିଲେ। ଆଉ ସେବେଠାରୁ ଦୀର୍ଘ ତିନିବର୍ଷ ହେବ ଘର ଦୁଆରେ ବସି ରହିଛନ୍ତି ସଦାନନ୍ଦ। ଗ୍ରାମବାସୀଙ୍କ ସହଯୋଗରେ ଚାଲିଛି ଚିକିତ୍ସା। ସ୍ତ୍ରୀ ସବିତା ମଲ୍ଲିକ କିଡ୍‌ନୀ ଦେଇ ସ୍ୱାମୀଙ୍କ ଜୀବନ ବଞ୍ଚାଇବାକୁ ଚାହୁଁଛନ୍ତି। ହେଲେ ସେଥିପାଇଁ ବିପୁଳ ଟଙ୍କାର ଆବଶ୍ୟକତା ରହିଛି। ସେ କେଉଁଠୁ ଏତେ ଟଙ୍କା ଆଣିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେଣୁ ସହାୟତା ପାଇଁ ସବିତା ସରକାରଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି। ଯଦି ସରକାର ଦୟା କରିବେ ତା'ହେଲେ ତାଙ୍କ ସ୍ୱାମୀ ଭଲ ହୋଇପାରିବେ ବୋଲି ସେ କହିଛନ୍ତି। ସଦାନନ୍ଦଙ୍କ ମା'ମୀନା ମଲ୍ଲିକ କହିଛନ୍ତି, ପୁଅ ତିନିବର୍ଷ ହେବ ଘରେ ବସି ରହିଛି। ଗାଁ ଲୋକ ଯାହା ଆର୍ଥିକ ସହାୟତା ଦେଉଛନ୍ତି ସେଥିରେ ତା'ର ଚିକିତ୍ସା ଚାଲିଛି। ଆମକୁ ସେ ପୋଷୁଥିଲା। ଏବେ ଆମେ ଓଳିଏ ଖାଇଲେ ଆର ଓଳିକୁ ଉପବାସ ରହୁଛୁ। ଆବାସ ଯୋଜନାରେ ଘର ଖଣ୍ଡେ ବି ମିଳିନାହିଁ। ଚାଳ ଘରେ ରହୁଛୁ। କୋଉଠୁ ଏତେ ପଇସା ଆଣିବୁ ପୁଅକୁ ଭଲ କରିବାକୁ। ସରକାରଙ୍କୁ ଗୁହାରି କରୁଛି, ଯଦି ସରକାର କିଛି ସାହାଯ୍ୟ କରନ୍ତେ ତା' ହେଲେ ମୋ ପୁଅ ବଞ୍ଚିପାରନ୍ତା।

# ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଆରମ୍ଭ

ରସୁଲପୁର,୨।୪(ଡି.ଏନ.ଏ.):

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳ କ୍ଷୀର ନଦୀ ପଠାରେ ରବିବାରଠାରୁ ମା' ବିରଜା ବିଶ୍ୱରୂପା ନବକୁଣ୍ଡୀୟ ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀ ଆରମ୍ଭ ହୋଇଛି। ଏହାକୁ ନେଇ ଗାଁ ଗଣ୍ଡା ଉତ୍ସବ ମୁଖର ହୋଇଉଠିଛି। ଏହି ଅଞ୍ଚଳରେ ବାଲାଙ୍ଗୀ-ବାଉଁଶ ଅଣ୍ଟା, ହିଙ୍ଗୁଳା, ଟିକରପଡା ହିଙ୍ଗୁଳା ଆଦି ପୀଠରେ ପ୍ରତ୍ୟେକ ବର୍ଷ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେଉଛି। ତେବେ ଏତେବଡ଼ ଯଜ୍ଞ କାର୍ଯ୍ୟ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକ ନୂଆ ଉତ୍ସାହ ଉନ୍ମାଦନା ଆଣି ଦେଇଛି। ସ୍ଥାନୀୟ ନଠୁଆବର, ଶ୍ରୀବନ୍ତପୁର, ଜବରା, ବଡ଼କଇଞ୍ଚି, ଗନ୍ଧଣ ଆଦି ପଞ୍ଚାୟତର ୨୦ଖଣ୍ଡ ଗାଁରେ ସାତ୍ତ୍ୱିକ ପରିବେଶ ସୃଷ୍ଟି ହୋଇଛି। ପ୍ରତ୍ୟେକ ଘରେ ଯଜ୍ଞର ପବିତ୍ରତା ବାତାବରଣ ଅନୁଭୂତ ହେଲାଣି। ବନ୍ଧୁବାନ୍ଧବ ଗାଁ ମୁହାଁ ହେଲେଣି। ୩ତାରିଖ ସକାଳ ସାଢେ ୭ଟାରେ ଅନୁଷ୍ଠିତ ହେବାକୁ ଥିବା କଳସ ଶୋଭାଯାତ୍ରାରେ ୩୦୦ ମହିଳା କଳସଧାରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ବ୍ରତଧାରୀ କଳସ ଶୋଭାଯାତ୍ରାରେ ସାମିଲ ହେବେ ବୋଲି ଯଜ୍ଞର ମୁଖ୍ୟ ପୁରୋଧା ବିରଜା ପୁତ୍ର ଉଦୟାନନ୍ଦ ପର୍ବତ ମହାରାଜ ସୂଚନା ଦେଇଛନ୍ତି। କଳସଧାରୀଙ୍କ ପାଇଁ ଶାଢ଼ି, ଧୋତି, ନାମାବଳୀର ବ୍ୟବସ୍ଥା କରାଯାଇଛି। ନିର୍ଦ୍ଧାରିତ ନିର୍ଘଣ୍ଟରେ ଖରସ୍ରୋତା ନଦୀର ଜୋକଡିଆପୀଠରୁ ଶୋଭାଯାତ୍ରା ଆରମ୍ଭ ହେବ। କଳସ ଶୋଭାଯାତ୍ରା ଓ ଯଜ୍ଞକାର୍ଯ୍ୟକୁ ଶୃଙ୍ଖଳିତ କରିବା ସକାଶେ ଜିଲା ପ୍ରଶାସନର ସହାୟତା ଲୋଡା ଯାଇଛି। ଉକ୍ତ ଯଜ୍ଞ କାର୍ଯ୍ୟକୁ ସୁପରିଚାଳନା ପାଇଁ ଗଠିତ ଆଞ୍ଚଳିକ କମିଟି, ସ୍ଥାନୀୟ ଅଞ୍ଚଳର ଯୁବ ବାହିନୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ସହଯୋଗ ଜାରି ରଖିଛନ୍ତି। ସପ୍ତାହ ବ୍ୟାପି ଗାଁ ଗଣ୍ଡାରେ ଆମିଷ ନିଷେଧ କରାଯାଇଛି। ଯଜ୍ଞ ପଡ଼ିଆରେ ମୀନା ବଜାର, ପିଲାଙ୍କ ପାଇଁ ଖେଳଣା ଦୋଳି ଓ ଜଳଖିଆ ଦୋକାନୀମାନେ ବ୍ୟବସାୟ ଆରମ୍ଭ କଲେଣି। ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାର ପଣ୍ଡିତମାନେ ଯୋଗଦେଇ ଯଜ୍ଞ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ସ୍ଥିର କରାଯାଇଛି।


ଯଜ୍ଞରେ ଯୋଗଦେବାକୁ ବିଭିନ୍ନ ରାଜ୍ୟରୁ ୧୫୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଆସି ପହଞ୍ଚିଛନ୍ତି।

# କୋଟିଏ ଟଙ୍କା ବ୍ୟୟ ପରେ ବି ପାନୀୟ ଜଳ ଯୋଗାଣ ସ୍ୱପ୍ନ

■ ଜିଲାପାଳଙ୍କୁ ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଶୂନ୍
■ ଅଧିକାଂଶ ଲୋକେ ପିଉଛନ୍ତି ଚୁଆପାଣି

ନୂଆଗାଁ,୨।୪(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲି ପଞ୍ଚାୟତରେ ପାନୀୟ ଜଳ ଯୋଗାଣକୁ ନେଇ ସନ୍ତୋଷ ପ୍ରକାଶ ପାଇଛି । ପ୍ରତି ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ହେଲେ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ଅପାରଗତା ଯୋଗୁ ସେହି ଅର୍ଥ ବ୍ୟୟର ସୁଫଳ ଜନସାଧାରଣ ପାଇ ପାରୁନାହାନ୍ତି। ଏପରି କି ଗ୍ରାମବାସୀଙ୍କ ତରଫରୁ ଜିଲାପାଳଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ପଞ୍ଚାୟତବାସୀ ଦର୍ଶାଇଛନ୍ତି।

ସୂଚନା ଅନୁଯାୟୀ, ନୂଆଗାଁ ବ୍ଲକର ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ୨୦୧୭ ପଞ୍ଚାୟତ ନିର୍ବାଚନ ପରେ ପ୍ରଥମ ସମିତି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଇତିମଧ୍ୟରେ ୬ ବର୍ଷ ବିତି ଯାଇଥିଲେ ବି ସେହି ସମସ୍ୟା ଦୂର ହୋଇ ପାରିନାହିଁ । ଏବେ ବି ଅଧିକାଂଶ ସ୍ଥାନରେ ଚୂଆ ପାଣିକୁ ଭରସା କରି ଲୋକମାନେ ଚଳୁଛନ୍ତି । ସିଙ୍ଗାରପଲି ପଞ୍ଚାୟତରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୦୧୩ରେ ପମ୍ପ ହାଉସ ନିର୍ମାଣ ସହ କୂଅ ଖୋଳା ଯାଇଥିଲା । ସେଠାରୁ ଆମ୍ବପଡା, ଯୋଡାସାହି ଓ ନୂଆଗାଁ ଗ୍ରାମର ୫୦୦ ପରିବାକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଓଭର ହେଡ୍ ଟାଙ୍କି ନିର୍ମାଣ ନିମନ୍ତେ ୭୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା । ୨୦୧୮ ମାର୍ଚ୍ଚରେ ତତ୍କାଳୀନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ଓ କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ଆମ୍ବପଡା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ମନ୍ଥର ଗତିରେ କାମ ଚାଲିଥିଲା । ତଥାପି ଇତିମଧ୍ୟରେ ୧ ବର୍ଷ ହେଲା ଓଭରହେଡ୍ ଟାଙ୍କି ନିର୍ମାଣ ଶେଷ ହୋଇଥିଲେ ବି ତାହା କାର୍ଯ୍ୟକ୍ଷମ କରାଯାଇନାହିଁ । ଜଳ ଯୋଗାଣ କରିବାର ନାଁ ଧରୁ ନାହାନ୍ତି ବିଭାଗୀୟ ଅଧିକାରୀ । ପାଣି ଯୋଗାଇ ଦେବା ପାଇଁ ବିଛା ଯାଇଥିବା ପାଇପ୍ ସବୁ ଫାଟି ନଷ୍ଟ ହୋଇ ଗଲାଣି ବୋଲି ଅଭିଯୋଗ କରିଛନ୍ତି ଉକ୍ତ ପଞ୍ଚାୟତର ପ୍ରଦୀପ୍ତ କୁମାର ସାହୁ, ମୂରଲୀଧର ସାହୁଙ୍କ ସମେତ ବହୁ ଗ୍ରାମବାସୀ । ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀମାନଙ୍କ ପାଖରେ ଗୁହାରୀ କରି ବିଫଳ ହେବାରେ ଜିଲାପାଳଙ୍କୁ ଭେଟିଥିଲେ। ଗତ ମାର୍ଚ୍ଚ ୨୦ ରେ ନୂଆଗାଁ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଗ୍ରାମବାସୀ ଜିଲାପାଳ ରବିନ୍ଦ୍ର କୁମାର ସାହୁଙ୍କୁ ଲିଖିତ ଅଭିଯୋଗ କରିଥିଲେ । ହେଲେ ଆଜି ପର୍ଯ୍ୟନ୍ତ ପାଇପ୍ ଯୋଗେ ପାନୀୟ ଜଳ ପାଇବା ଲୋକଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି । ଏ ସଂକ୍ରାନ୍ତରେ ଆମ୍ବପଡ଼ା ଗ୍ରାମ୍ୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ବାବଦରେ ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ଏସ୍‌ଡିଓ ରଶ୍ମିରଞ୍ଜନ ମାର୍ଥାଙ୍କୁ ପଚାରିବାରେ କାହିଁକି କାର୍ଯ୍ୟକ୍ଷମ ହେଉନି ଷ୍ଟାଫ୍ ପଠାଇ ଦେଖିବି ବୋଲି କହିଛନ୍ତି।



ଭିତ୍ତିପ୍ରସ୍ତର ଫଳକ ।


କାର୍ଯ୍ୟକ୍ଷମ ନ ହୋଇ ପଡିରହିଥିବା ପାଣି ଟାଙ୍କି ।

## ସଂକ୍ଷେପରେ

### ଇ-ପତ୍ରିକା ମାଟିର ସ୍ୱର ଉନ୍ମୋଚିତ

ଦଶପଲ୍ଲା,୨।୪(ଡି.ଏନ.ଏ.) : ସମାଜ କେନ୍ଦ୍ରିକ ସାହିତ୍ୟ ଅନୁଷ୍ଠାନ ମାଟିର ସ୍ୱର ତରଫରୁ ମାସିକ ଇ-ପତ୍ରିକା ମାଟିର ସ୍ୱରର ପ୍ରଥମ ବର୍ଷ ପ୍ରଥମ ସଂଖ୍ୟା ଶନିବାର ଓଡ଼ିଶା ଦିବସ ଅବସରରେ ସାହିତ୍ୟିକ ବନମାଳୀ ସାହୁଙ୍କ ଦ୍ୱାରା ଲୋକାର୍ପଣ ହୋଇଛି। ଏହି ଅବସରରେ ସାହୁ କହିଛନ୍ତି, ଏହି ପତ୍ରିକା ଅନେକ ଗୁରୁତ୍ୱ ବହନ କରେ । କାରଣ ଏଥିରେ ସାଧାରଣ ମାଟି ମଣିଷଙ୍କ ଅବ୍ୟକ୍ତ ଜୀବନୀ, ଦୁର୍ଦ୍ଦଶା,ହତାଶା ଓ ସମସ୍ୟା ଗୁଡ଼ିକ ଅତି ସରଳ ଭାଷାରେ କବିତା, ଗୀତ ମାଧମରେ ଉପସ୍ଥାପନ କରାଯାଇଛି। ଏହି ଅବସରରେ କବି ଶ୍ରୀକାନ୍ତ ଘଡ଼ାଇ, ରୋହିତ ଜେନା, ରାଖାଲ ସ୍ୱାଇଁ ପ୍ରମୁଖ ଓଡ଼ିଶା ଦିବସକୁ ନେଇ କବିତା ପାଠ କରିଥିଲେ। ଶରତ କୁମାର ବେହେରା, ଡ. ଲକ୍ଷ୍ମୀପ୍ରିୟା ଦେଇ, ବିନୋଦ ବିହାରୀ ମହାରଣା, ଭଗବାନ ପ୍ରଧାନ, କିଶୋର ଚନ୍ଦ୍ର ଦଳବେହେରା ଏବଂ ସଂଗ୍ରାମ କେଶରୀ ସାହୁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ସାହୁ ସଂଯୋଜନା କରିଥିବା ବେଳେ ରୋହିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକୁ କାୟାକଳ୍ପ ପୁରସ୍କାର

ନୟାଗଡ଼ ଅଫିସ,୨।୪: ନୟାଗଡ଼ ବ୍ଲକ ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୌନ୍ଦର୍ଯ୍ୟ କରଣ,ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ଔଷଧୀୟ ଉଦ୍ୟାନ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ୨୦୨୨-୨୩ ବର୍ଷର କାୟାକଳ୍ପ ପୁରସ୍କାର ମିଳିଛି। ପୁରସ୍କାର ବାବଦରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧ ଲକ୍ଷ ଟଙ୍କା ମିଳିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

# ଧନୁଭଗ୍ନ ପାଇଁ ଶ୍ରୀରାମଙ୍କ ଗଙ୍ଗାପାର

ଓଡ଼ଗାଁ,୨।୪(ସ୍ୱ.ପ୍ର.)

ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ୪ର୍ଥ ସନ୍ଧ୍ୟା

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରାର ରବିବାର ୪ର୍ଥ ସନ୍ଧ୍ୟାରେ ପ୍ରଭୁ ଧନୁଭଗ୍ନ ପାଇଁ ଗଙ୍ଗାପାର କରୁଥିବା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁ ଶ୍ରୀରାମ, ଅନୁଜ ଲକ୍ଷ୍ମଣ ଓ ଋଷି ବିଶ୍ୱାମିତ୍ରଙ୍କ ପୁରାଣ ବର୍ଣ୍ଣିତ ଜନକପୁରୀ ଗମନ କରୁଛନ୍ତି। ସନ୍ଧ୍ୟା ଆଳତି ସହିତ ମନ୍ଦିର ଖୋଲିବା ମାତ୍ରେ ବହୁ ମହିଳା ଓ ପୁରୁଷ ଭକ୍ତଙ୍କ ହୁଳହୁଳି ଓ ହରିବୋଲରେ ସେହି ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ପାଷାଣୀ ଆହଲ୍ୟା ପ୍ରଭୁଙ୍କ ପାଦସ୍ପର୍ଶ ପାଇ ଶାପମୁକ୍ତ ହୋଇ ନାରୀ ପାଲଟିଯିବା ପରେ ବିଜ୍ଞାନୀ କୈବର୍ତ୍ତ ପ୍ରଭୁଙ୍କୁ ଡଙ୍ଗାରେ ବସାଇବାକୁ ଅମଙ୍ଗ ହୋଇଥିଲେ । କାଳେ ତାଙ୍କ ଡଙ୍ଗା ନାରୀ ପାଲଟି ଯିବ, ବେଉସା ବୁଡିଯିବ ବୋଲି ସେ ଆଶଙ୍କା ବ୍ୟକ୍ତ କରିଥିଲେ। ଏହାପରେ ସେ ପ୍ରଭୁଙ୍କ ପାଦ ଧୋଇ ଡଙ୍ଗାରେ ବସାଇବାକୁ ସର୍ତ୍ତ ରଖିଥିଲେ। ଏଥିରେ ଶ୍ରୀରାମ ଭକ୍ତଙ୍କ ନିବେଦନକୁ ସାଦରରେ ଗ୍ରହଣ କରି ପଦ ଧୋଇବା ପାଇଁ ଅନୁମତି ପ୍ରଦାନ କରିଥିଲେ । ଏଥିରେ କୈବର୍ତ୍ତ ତାଙ୍କ ପୂର୍ବଜନ୍ମର ଫଳପ୍ରାପ୍ତି କରି ନିଜକୁ ଧନ୍ୟ ମନେ କରିଥିଲେ । ଭକ୍ତ ଓ ଭଗବାନଙ୍କ ମଧରେ ରୂପାୟିତ ହୋଇଥିବା ଭକ୍ତିଭାବର ଏକ ଜ୍ୱଳନ୍ତ ନିଦର୍ଶନ ସମସ୍ତଙ୍କୁ ଅଭିଭୂତ କରିଥିଲା । ଗଙ୍ଗାପାର ପରେ ସୋମବାର ସନ୍ଧ୍ୟାରେ ପ୍ରଭୁଙ୍କ ଶିବଧନୁ ଭଗ୍ନ ବା ସୀତା ବିବାହ ମହୋତ୍ସବ ମହାସମାରୋହରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।


ପାର ବେଶରେ ଶ୍ରୀରଘୁନାଥ ଜୀଉ ।

# ୪ ଘର ଭାଙ୍ଗିଲା ଦନ୍ତା

ଭଞ୍ଜନଗର,୨।୪(ଡି.ଏନ.ଏ)

ଗଞ୍ଜାମ ଜିଲା ଘୁମୁସର ଉତ୍ତର ବନଖଣ୍ଡରେ ଏକ ଦନ୍ତାହାତୀ କିଛିଦିନ ହେବ କର୍ମଚାରୀ ଏବଂ ଲୋକଙ୍କ ନିଦ ହଜାଇ ଦେଲାଣି । ଦୁଇଦିନ ପୂର୍ବେ ଦନ୍ତା ମାଣପୁର ଗ୍ରାମରେ ଏକାଧିକ ଲୋକଙ୍କ ଘରର କବାଟ ଭାଙ୍ଗି ବ୍ୟାପକ ନଷ୍ଟ କରିଥିବା ବେଳେ ଶନିବାର ରାତିରେ ପୁଣି ତିନିଛକିଆରେ ୪ଟି ଘରର କବାଟ ଭାଙ୍ଗି ଜିନିଷପତ୍ର ଭଙ୍ଗାରୁଜା କରିଛି। ଏହି ସମୟରେ ଉକ୍ତ ୪ ପରିବାର ଲୋକେ ଭୟରେ ଘର ଭିତରେ ରହି ପାଟି କରୁଥିଲେ। ପରେ ପଡ଼ୋଶୀ ଉଠି ହାତୀକୁ ଘଉଡ଼ାଇବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ହାତୀ ତାର ତାଣ୍ଡବ ଜାରି ରଖିଥିଲା। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ଯେଉଁ ଅଞ୍ଚଳରେ ବର୍ତ୍ତମାନ ହାତୀ ଏହିଭଳି ତାଣ୍ଡବ କରୁଛି ତାହା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ପ୍ରଥମ ଘଟଣା। ରବିବାର ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।



# ରାହୁଲ ଗାନ୍ଧୀଙ୍କ ଏମ୍‌ପି ପଦବୀ ରଦ୍ଦ ଅଗଣତାନ୍ତ୍ରିକ

ନୟାଗଡ଼ ଅଫିସ,୨।୪

ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ୱାଏନାଡ଼ ଏମ୍‌ପି ରାହୁଲ ଗାନ୍ଧୀଙ୍କ ଲୋକସଭା ସଦସ୍ୟତା ରଦ୍ଦ ପରେ ଭାଜପା ସରକାର ଏକଛତ୍ରବାଦ ଶାସନ ଚଳାଇଛି ବୋଲି ନୟାଗଡ଼ ଜିଲା କଂଗ୍ରେସ ଅଭିଯୋଗ କରିଛି। ଏଭଳି ଅଗଣତାନ୍ତ୍ରିକ ପଦ୍ଧତି ଭାଜପା ଆପଣେଇ ଦେଶରେ ଗଣତନ୍ତ୍ର ଶାସନକୁ ବିପଦ ମୁହଁକୁ ଠେଲି ଦେଇଛି ବୋଲି ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ ଦାଶ, ପିସିସି ପର୍ଯ୍ୟବେକ୍ଷକ କଂଗ୍ରେସ ନେତା ଦେବାଶିଷ ଭୂୟାଁ, ଅମିତ ମହାନ୍ତି, ପିସିସି ସମ୍ପାଦକ ହୁସେନ ଖାଁ ପ୍ରମୁଖ ମିଳିତ ବିବୃତ୍ତିରେ କହିଛନ୍ତି । ସେ ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶାସନରେ ଭାରତ ବର୍ଷର ଗଣତନ୍ତ୍ର ବିପଦରେ । ଏଭଳିସ୍ଥଳେ ସଂସଦରେ ମୋଦୀ,ଆଦାନୀ ସମ୍ପର୍କ କ'ଣ ତାହା ଦେଶବାସୀଙ୍କ ଆଗରେ ସ୍ପଷ୍ଟ କରାଯାଉ ବୋଲି ରାହୁଲ ଗାନ୍ଧୀ ସାହସର ସହ ପ୍ରଶ୍ନ ରଖିବା ପରେ କେନ୍ଦ୍ର ସରକାର ହଲଚଲ ହୋଇ ଯାଇଥିଲେ। ଆଦାନୀ ଅମ୍ବାନୀ ଦୁଇ ବ୍ୟବସାୟୀଙ୍କୁ ଦେଶର ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ'ଣ ପାଇଁ ପ୍ରଧାନମନ୍ତ୍ରୀ ଗୋଟିଏ ପରେ ଗୋଟିଏ ଶାଗମାଛ ଦରରେ ଟେକି ଦେଉଛନ୍ତି ସରକାର ଉତ୍ତର ଦେଉନାହାନ୍ତି। ତେବେ ସଚିବାଳୟ ପକ୍ଷରୁ ରାତିଅଧିଆ ଏମ୍‌ପି ପଦରୁ ଅଯୋଗ୍ୟ ଘୋଷଣା କରାଯିବା ଦେଶର ତମାମ ବିରୋଧୀ ଦଳ ପକ୍ଷରୁ ମୋଦୀରାଜକୁ ଦୃଢ଼କଣ୍ଠରେ ନିନ୍ଦା କରାଯାଇ କଳା ଦିବସ କୁହାଯାଇଛି । ଘଟଣାକ୍ରମରେ ଦେଶର ପ୍ରତ୍ୟେକ ବିରୋଧୀ ଦଳ ଗୋଟିଏ ମଞ୍ଚରୁ ରାଜନୈତିକ ପ୍ରତିବାଦ କରୁଥିବା ବେଳେ ସଭ୍ୟ ପଦ ରଦ୍ଦ ବିରୋଧରେ ନ୍ୟାୟ ପାଇଁ କଂଗ୍ରେସ ନ୍ୟାୟିକ ଲଢେଇ ମଧ ଜାରି ରଖିଛି ବୋଲି ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନୀଲ


@ ପ୍ରୀତି ପ୍ରଜ୍ଞା


@ ସ୍ମିତିରଞ୍ଜନ


@ ସୌରଭ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅସରାଏ ବର୍ଷାରେ ମଧୁବନ ମିନିଷ୍ଟାଡିୟମ ଜଳାର୍ଣ୍ଣବ


ମିନିଷ୍ଟାଡିୟମରେ ବର୍ଷାପାଣି ଜମି ରହିଛି ।

ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)

ଅଦିନିଆ ବର୍ଷାରେ ଖଣ୍ଡପଡ଼ା ମଧୁବନ ମିନିଷ୍ଟାଡିୟମ ପରିସରରେ ବର୍ଷା ପାଣି ଜମି ରହି ସମସ୍ୟା ସୃଷ୍ଟି କରୁଛି। ଅଦିନିଆ ଲଗାଣ ବର୍ଷା ପ୍ରଭାବରେ ଖେଳପଡ଼ିଆ ପରିସର ଜଳାର୍ଣ୍ଣବ ହୋଇ ଉଠୁଥିବାରୁ ଏ ନେଇ କ୍ରୀଡାବିତ୍ ଓ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷତମାମ ମଧୁବନ ମିନି ଷ୍ଟାଡିୟମ ପରିସରରେ କ୍ରୀଡ଼ା ପ୍ରତିଯୋଗୀତାଠାରୁ ଆରମ୍ଭକରି ମେଳା,ମହୋତ୍ସବ, ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ। ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ଏହି ଖେଳପଡ଼ିଆ ମିନିଷ୍ଟାଡିୟମର ମାନ୍ୟତା ପାଇବା ପରେ ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ଏନଏସି କର୍ତ୍ତୃପକ୍ଷଙ୍କ ଦ୍ୱାରା ସେଠାରେ ବିଭିନ୍ନ ବିକାଶ ମୂଳକ କାମ କରାଯାଇଛି । ଏପରିକି ଏନ୍‌ଏସି ପକ୍ଷରୁ ମୁକ୍ତା ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇ ମଧୁବନ ମିନିଷ୍ଟାଡିୟମ ପାରିପାର୍ଶ୍ୱିକ ଉନ୍ନତିକରଣ କାମ ଚାଲୁ ରହିଛି । ମାତ୍ର ଖେଳପଡ଼ିଆ ଭିତରେ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷାଜଳ ଜମି ରହୁଥିବାରୁ ଜଳାଶୟ ପରି ପ୍ରତୀୟମାନ ହେଉଛି । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଆଗାମୀ ବର୍ଷା ଋତୁରେ ଏହି ମିନିଷ୍ଟାଡିୟମ ପରିସର ଏକ ଜଳାଶୟରେ ପରିଣତ ହେବାର ଆଶଙ୍କା ପ୍ରକାଶ ପାଇଛି।

# ଦଣ୍ଡପର୍ବ ପାଇଁ ଉତ୍ସବମୁଖର ଦେବଦେବୀ ପୀଠ

ଖଣ୍ଡପଡ଼ା,୨।୪(ସ୍ୱ.ପ୍ର.)

ଉତ୍କଳୀୟ ସଂସ୍କୃତିର ପ୍ରାଚୀନ କାଳରୁ ଅନୁଷ୍ଠିତ ହେଉଥିବା ଦଣ୍ଡଯାତ୍ରା ପୁରପଲ୍ଲୀରେ ଆରମ୍ଭ ହୋଇଛି। ସେହିପରି ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଶୈବପୀଠ ଓ ଦେବାଦେବୀ ପୀଠରେ ପାରମ୍ପରିକ ଦଣ୍ଡ ପର୍ବକୁ ନେଇ ଗତ କିଛିଦିନ ଧରି ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ସ୍ଥାନରେ ଶତାଧିକ ମାନସିକଧାରୀ ଏହି ଦଣ୍ଡପର୍ବରେ ସାମିଲ ହୋଇଛନ୍ତି । ଖଣ୍ଡପଡ଼ା ସହର ସମେତ ଆଖପାଖ ଗାଁ,ଗଣ୍ଡାରେ ଦଣ୍ଡପର୍ବ ଯୋଗୁ ଏବେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। କେତେକ ଦେବଦେବୀ ପୀଠରେ ୨୧ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଥିବା ବେଳେ ଅନ୍ୟ ପୀଠରେ ୧୭ ଓ ୧୩ କିମ୍ବା ୧୧ ଦିନ ଧରି ଦଣ୍ଡପର୍ବ ପାଳିତ ହେଉଛି।

ଖଣ୍ଡପଡ଼ା ସହରର ଶ୍ରୀ ନୀଳକଣ୍ଠେଶ୍ୱରଙ୍କ ପୀଠ, ଖଳିସାହିସ୍ଥିତ ପ୍ରସିଦ୍ଧ ଶୈବପୀଠ, ବୋଦସାସ୍ଥିତ ବାବା ବାଲୁଙ୍କେଶ୍ୱରଦେବଙ୍କ ପୀଠ ସମେତ ଆଖପାଖ ଗ୍ରାମରେ ଅବସ୍ଥିତ ଦେବଦେବୀଙ୍କ ପୀଠରେ ଦଣ୍ଡୁଆମାନେ ମନସ୍କାମନା ପୂର୍ଣ୍ଣ ନିମନ୍ତେ ମାନସିକ କରି ବ୍ରତଧାରଣ କରିଛନ୍ତି । ପ୍ରତ୍ୟହ ଅପରାହ୍ନରେ ନଦୀପଠା, ପୋଖରୀ ତୁଠରେ ଦଣ୍ଡୁଆମାନେ ସ୍ନାନସାରି ମା'ଦଣ୍ଡକାଳୀଙ୍କୁ ପୂଜାର୍ଚ୍ଚନା କରିବାପରେ ମା'ଙ୍କ ପାଟ ଦଣ୍ଡୁଆ ଉଭା ହୋଇଥାଏ । ଉଭାପର୍ବ ଦେଖିବା ନିମନ୍ତେ ଜନସାଧାରଣଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ । ସେହିପରି କଣ୍ଟିଲୋ ଗ୍ରାମର ୩ ଦଣ୍ଡ କୋଠି ସମେତ ଆଖପାଖ ଗ୍ରାମ ବଡବାଣପୁର, ଘଣାଶାଳିଆ, ସିଧାମୂଳା, ଲକ୍ଷ୍ମୀପ୍ରସାଦ, ମାଧପୁର, କଳପଙ୍ଗି, ଧାନଚାଙ୍ଗଡା ଆଦି ଗ୍ରାମରେ ଅତ୍ୟନ୍ତ ନିଷ୍ଠାର ସହ ଏହି ପର୍ବ ପାଳନ ହେଉଥିବା ପରିଲକ୍ଷିତ ହୋଇଛି । ସନ୍ଧ୍ୟାରେ ଦଣ୍ଡ ଠାକୁର ଗ୍ରାମ ପରିକ୍ରମା କରୁଥିବା ବେଳେ ମନସ୍କାମନା ପୂରଣ ନିମନ୍ତେ ଭକ୍ତମାନେ ଠାକୁରଙ୍କ ସମ୍ମୁଖରେ ଗୁହାରିଆ ପଡିଥାଆନ୍ତି। ରାତିକାଳରେ ଦଣ୍ଡଯାତ୍ରାରେ ସାମିଲ ହୋଇଥିବା ମାନସିକଧାରୀମାନେ ପାରମ୍ପରିକ ଦଣ୍ଡନୃତ୍ୟ, ପୌରାଣିକ ନାଟକ ପରିବେଷଣ କରୁଛନ୍ତି । ଦିନ ସମୟରେ ଧୂଳିଦଣ୍ଡ ଓ ରାତିରେ ବିଭିନ୍ନ ସୁଆଙ୍ଗ ଯଥା ଚଢେୟା, ଯୋଗୀ-ଯୋଗିଆଣୀ, କେଳା-କେଳୁଣୀ, ପତରସୌରା ଆଦି ଲୋକ ନାଟକ ପରିବେଷଣ କରାଯାଉଛି ।



ଦଣ୍ଡଧାରୀମାନେ ମନ୍ଦିର ସମ୍ମୁଖରେ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ ସହ ପୂଜାର୍ଚ୍ଚନା କରୁଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ସରପଞ୍ଚଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

ବ୍ରହ୍ମବରଦା,୨।୪(ଡି.ଏନ.ଏ.): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ତାଙ୍କ ସ୍ୱାମୀ ପ୍ରତାପ ସାହୁ ଓ ଦିଅରଙ୍କୁ ମାଡ଼ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଶାନ୍ତ ପୃଷ୍ଟି। ଏକ ଜମି ବିବାଦକୁ ନେଇ କିଛି ଦିନ ତଳେ ରାଉତରାପୁର ଗ୍ରାମର କେତେଜଣ ଯୁବକ ଏହି ଘଟଣା ଘଟାଇଥିଲେ। ଶନିବାର ଅପରାହ୍ନରେ ଉଭୟ ପକ୍ଷଙ୍କୁ ଥାନା ତରଫରୁ ଡକାଯାଇଥିଲା। ସେଠାରେ ଯାଜପୁର ଏସଡିପିଓ ଉପସ୍ଥିତ ରହି ଉଭୟ ପକ୍ଷଙ୍କୁ ପଚରାଉଚରା କରିଥିଲେ। ପରେ ପ୍ରଶାନ୍ତଙ୍କୁ ନଂ.୨୮।୨୩ ମାମଲାରେ ଗିରଫ କରାଯାଇଥିଲା। ଘଟଣାରେ ଉଭୟ ପକ୍ଷଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

### ୨ ସ୍କର୍ପିଓ ସହ ଶାଳକାଠ ଜବତ

କେନ୍ଦୁଝର/ପାଟଣା/ଘଟଗାଁ,୨।୪(ସ୍ୱ.ପ୍ର./ଡି.ଏନ୍.ଏ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସେକ୍ସନ ତଣ୍ଡ ବିଟ୍ ଅନ୍ତର୍ଗତ ଚିନାମାଳି ରାସ୍ତାରେ ବନ ବିଭାଗ ଚଢ଼ାଉ କରି ଶାଳକାଠ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୨ ଲକ୍ଷ ହେବ ବୋଲି ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। କାଠ ଏକ ସ୍କର୍ପିଓରେ ତଣ୍ଡରୁ ଚିନାମାଳି ରାସ୍ତାରେ ଯାଉଥିଲା। ଡିଏଫ୍ଓ ଧନରାଜ ଏଚ.ଡିଙ୍କ ସୂଚନା କ୍ରମେ ପାଟଣା ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଗାଡ଼ି ସହ କାଠ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ମାଫିଆ ଫେରାର ହୋଇଯାଇଥିଲେ। ପରେ ଗାଡ଼ିକୁ ପାଟଣା ରେଞ୍ଜ ଅଫିସକୁ ଅଣାଯାଇଥିଲା। ଗାଡ଼ିରେ ଥିବା ୮୪ ଖଣ୍ଡ ସାଇଜ କାଠ ରହିଥିବା ବେଳେ କାଠ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାରୁ କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ସାନ୍ତରାପୁରକୁ ଚୋରାଚାଲାଣ ହେଉଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ରେଞ୍ଜରଙ୍କ ସହ, ପାଟଣା ବନପାଳ ଚିତରଞ୍ଜନ ପରିଡ଼ା, ପାରା ଷ୍ଟାଫ ଏମଡି ୱାସିମ, ତ୍ରିଲୋଚନ ମହାନ୍ତ, ସଞ୍ଜୟ ମହାନ୍ତ, କାର୍ତ୍ତିକ ମହାନ୍ତ, ଅଟଳ ସେଠୀ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଘଟଗାଁ ରେଞ୍ଜ ଅନ୍ତର୍ଗତ କୋଲିମାଟିରେ ୨୭ ପିସ୍ ଶାଳ କାଠ ବୋଝେଇ ସ୍କର୍ପିଓ ଗାଡ଼ି ବନ ବିଭାଗ ଜବତ୍ କରିଛି। ଘଟଗାଁ ରେଞ୍ଜର ପ୍ରଭାତ କୁଅଁର, ଫରେଷ୍ଟର ଯତିନ୍ଦ୍ର ସାହୁ, ଫରେଷ୍ଟ ଗାର୍ଡ ଖଗେଶ୍ୱର ରାଉତଙ୍କ ନେତୃତ୍ୱରେ ଏକ ଟିମ ରାତି ପ୍ରାୟ ୧ଟାରେ ସ୍କର୍ପିଓ ଗାଡ଼ି ଧରିବାକୁ ସକ୍ଷମ ହୋଇଥିଲେ। କାଠ ଗଣ୍ଡି ଯାଜପୁରର ଏକ ଟ୍ରକ୍ ଡାଲା ନିର୍ମାଣ କରୁଥିବା ଗ୍ୟାରେଜକୁ ଯାଉଥିଲା।

### ମାଂସ ଜବତ, ଛାନ୍‌ଭିନ୍ ଜାରି

ରାଜନଗର, ୨।୪ (ଡି.ଏନ୍.ଏ.): ରାଜନଗର ବ୍ଲକ କୃଷ୍ଣନଗର ବଜାର ଉପରେ ଶନିବାର ରାତିରେ ପ୍ରାୟ ୧ କିଲୋ ମାଂସ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। କେହି ଜଣେ ବାଇକ୍‌ରେ ଦ୍ରୁତଗତିରେ ଯିବାବେଳେ ଏହା ଗଳିପଡ଼ିଥିବା ଅନୁମାନ କରାଯାଉଛି। ଖବର ପାଇ ଫରେଷ୍ଟର ସୁନୀଲ ରଞ୍ଜନ ରାଉତଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ପଡ଼ିଥିବା ମାଂସ ଜବତ କରିଛନ୍ତି। ଏହି ମାଂସ ବନ୍ୟଜନ୍ତୁଙ୍କର ନା ଆଉ କାହାର ସେ ନେଇ ଛାନ୍‌ଭିନ୍ ଜାରି ରହିଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ଧିମା

କେନ୍ଦ୍ରାପଡ଼ା ଅଫିସ, ୨।୪

■ ବର୍ଷ ଆରମ୍ଭରୁ ପୂର୍ବ ୬୬,୦୮୩ ପ୍ରକଳ୍ପ ଯୋଡ଼ି ହେଲା
■ ଗତ ଆର୍ଥିକ ବର୍ଷରେ ମାତ୍ର ୧୨.୬୪ ପ୍ରତିଶତ କାର୍ଯ୍ୟ
■ ୨୦୨୧-୨୨ର ୧୭୩୮ ଲକ୍ଷ ଟଙ୍କା ପାଉଣା ମିଳିନି

ମାର୍ଚ୍ଚ ୩୧ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ସରିଛି। ଏହି ଆର୍ଥିକ ବର୍ଷରେ ଜିଲାର ମାତ୍ର ୧୨.୬୪ ପ୍ରତିଶତ ପ୍ରକଳ୍ପ ସାରିବାକୁ ଜିଲା ପ୍ରଶାସନ ସକ୍ଷମ ହୋଇଛି। ଫଳରେ ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭରେ ଜିଲା ପ୍ରଶାସନ ପାଇଁ ୬୬,୦୮୩ଟି ପ୍ରକଳ୍ପ ସାରିବାକୁ ଚାପ ପଡ଼ିଛି। ଗୋଟିଏ ପଟେ କେନ୍ଦ୍ରାପଡ଼ା ଜିଲାର ଦାଦନ ସମସ୍ୟା ବଢ଼ି ଚାଲିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକଙ୍କ ଲାଗି କର୍ମନିଯୁକ୍ତି ଯୋଜନା ଫସରଫାଟିଛି ବୋଲି ବହୁ ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ତ୍ରିଲୋଚନ ବେହେରା, ପବିତ୍ର କୁମାର ପାଣି, ନିରଞ୍ଜନ ପରିଡ଼ା, ପ୍ରକାଶ କୁମାର ଦାସ ପ୍ରମୁଖ କହିଛନ୍ତି ଯେ ଏହି ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯିବାକୁ ପଡୁଛି। ଦାଦନ ଯନ୍ତ୍ରଣା ନେଇ ବାରମ୍ବାର ଖବରକାଗଜରେ ପୃଷ୍ଠାମଣ୍ଡନ କରୁଛି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଏକ ଉପଯୁକ୍ତ ମାଧ୍ୟମ। ତେବେ ପ୍ରଶାସନର ଅସହଯୋଗ ପାଇଁ ପ୍ରକଳ୍ପ ସାରିବା ଓ ଶ୍ରମିକ ବିନିଯୋଗରେ ବ୍ୟତିକ୍ରମ ସୃଷ୍ଟି କରିଛି। ଏହି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ଏହି ବର୍ଷରେ ମୋଟ ୧,୫୯,୩୯୨ରୁ ୭୯,୬୯୬ଟି ପ୍ରକଳ୍ପ ସାରି ୯୭.୦୪ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲା। ତେବେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଯୋଜନାର ଲକ୍ଷ୍ୟ ହ୍ରାସ ପାଇଥିଲା। ଏହି ଆର୍ଥିକ ବର୍ଷରେ ମାତ୍ର ୩୦ ପ୍ରତିଶତ ପ୍ରକଳ୍ପ ସାରିଥିବା ବେଳେ ୨୦୨୨- ୨୩ ଆର୍ଥିକ ବର୍ଷରେ ଧାର୍ଯ୍ୟ ପ୍ରକଳ୍ପ ମଧ୍ୟରୁ ମାତ୍ର ୧୨.୬୪ ପ୍ରତିଶତ କାର୍ଯ୍ୟ ସରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମଞ୍ଜୁରୀ ପ୍ରାପ୍ତ ୧୪,୨୪୦ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମାତ୍ର ୭୧୨୦ଟି କାର୍ଯ୍ୟ ଶେଷ ହୋଇଛି। ଏହି ଜିଲାରେ ୨,୦୭,୧୫୬ଟି ହାଉସହୋଲ୍‌ଡ କାର୍ଡ ପ୍ରଦାନ କରାଯାଇଛି। ଜିଲାର ୩,୫୯,୧୦୬ ଜଣ ଏହି କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ପାଇଁ ସାମିଲ ହୋଇଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୭୮୩୪ଟି ଚାଲୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏଥିସହ ୨୭୨୧୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ୨୧୦୩୪ଟି ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ଅଛି। ଯୋଜନାର ଠିକ୍ କାର୍ଯ୍ୟକାରିତା କର୍ମନିଯୁକ୍ତି ସମସ୍ୟା ଦୂର କରିବା ସହିତ ଜିଲାର ଉନ୍ନୟନ କାର୍ଯ୍ୟ ଆଗେଇ ପାରିବ। ତେବେ ଏହି ଯୋଜନାରେ ଲୋକଙ୍କ ସହ ଖେଳ ହେଉଛି। ଉଦାହରଣ ଦେଇ ସେମାନେ କହିଛନ୍ତି, ଏହି ଯୋଜନାରେ ତୁରନ୍ତ ମଜୁରି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୨୦୨୧- ୨୨ ଆର୍ଥିକ ବର୍ଷର ୧୭୨୫ ମଷ୍ଟର ରୋଲର ୧୭୩୭.୯୭ ଲକ୍ଷ ଟଙ୍କା ଅଦ୍ୟାବଧି ପ୍ରଦାନ କରାଯାଇନାହିଁ। ଏଥିରେ ଶ୍ରମିକ ମଜୁରି ସହ ନିର୍ମାଣ ସାମଗ୍ରୀ ଅର୍ଥ ସାମିଲ ଅଛି। ଗତ ସପ୍ତାହରେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୨୧ ପୂର୍ବତନ ସରପଞ୍ଚ ପ୍ରାୟ ୧୦ କୋଟି ଟଙ୍କା ଯୋଜନା ଅର୍ଥ ମିଳିବା ଦାବିରେ ଗଣଧାରଣା ଦେଇଥିଲେ। ପୂର୍ବରୁ ଏହି ଯୋଜନା କେବଳ ମାଟି କାମ ପାଇଁ ମିଳୁଥିବା ବେଳେ ଏବେ ଏହାକୁ ବ୍ୟାପକ କରାଯାଇଛି। ଗୃହ ନିର୍ମାଣଠାରୁ ଆରମ୍ଭ କରି ଉଦ୍ୟାନ କୃଷିକୁ ଏଥିରେ ସାମିଲ କରାଯାଇଛି। ଏହାସତ୍ତ୍ୱେ ଜିଲାର ଶ୍ରମିକଙ୍କୁ ଦାଦନ ଖଟିବାକୁ ଯିବାକୁ ପଡୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ଗତ ଆର୍ଥିକ ବର୍ଷର ସର୍ବଶେଷ ରିପୋର୍ଟ ପହଞ୍ଚି ନ ଥିବାରୁ କାର୍ଯ୍ୟ ହାରର ପ୍ରତିଶତ କମ୍ ଉଲ୍ଲେଖ ହୋଇଛି।

## ବିପଜ୍ଜନକ ଅବସ୍ଥାରେ ଶଙ୍ଖଚିଲା ଏଟିଏମ୍

ଯାଜପୁର ରୋଡ,୨।୪(ଡି.ଏନ.ଏ.):



ଯାଜପୁର ରୋଡ୍ ଷ୍ଟେଟ ବ୍ୟାଙ୍କ ଅଧୀନରେ ଥିବା ଏଟିଏମ୍‌ଗୁଡିକରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। କେଉଁଠି ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କାମ କରୁନି ଆଉ କେଉଁଠି ଗ୍ରାହକ ଯିବା ପାଇଁ ଡ୍ରେନ୍ ଉପରେ ସ୍ଲାବ ନାହିଁ। ଏଟିଏମ୍ ଥିବା ଘରେ କାଚ କବାଟ ମଧ୍ୟ କାମ କରୁନି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଶଙ୍ଖଚିଲା ହାଟ ବଜାର ନିକଟରେ ଥିବା ଏଟିଏମ୍‌ରେ। ଏହି ଏଟିଏମ୍ ଘରେ ଲାଗିଥିବା କାଚ କବାଟ ବିପଦଜନକ ଅବସ୍ଥାରେ ରହିଛି। ହେଲେ ବ୍ୟାଙ୍କ ଅଧିକାରୀ କିମ୍ବା ଏହାର ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ପକ୍ଷରୁ ମରାମତି ନେଇ ପଦକ୍ଷେପ ନିଆଯାଉନାହିଁ। ଫଳରେ ଏଟିଏମ୍ ଗୃହରେ ବୁଲା କୁକୁର ଓ ଗାଈ ପଶି ରହୁଛନ୍ତି, ଯାହାକୁ ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଏଟିଏମ୍ ଉପରେ ପ୍ରାୟ ୬ ପଞ୍ଚାୟତର ଲୋକେ ନିର୍ଭରଶୀଳ ହୋଇ ଥାଆନ୍ତି। ତେଣୁ ଏହାକୁ ଶୀଘ୍ର ମରାମତି କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଅଧିକାରୀ ନିରାକାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହାର ମରାମତି ପାଇଁ ଠିକା ସଂସ୍ଥାକୁ ଚିଠି କରାଯାଇଛି। ହେଲେ ସେମାନେ ମରାମତି କରିନାହାନ୍ତି।

## ବୃଦ୍ଧଙ୍କ ମୃତ୍ୟୁକୁ ନେଇ ସନ୍ଦେହ, ଥାନାରେ ଏତଲା

ଯାଜପୁର ରୋଡ୍,୨।୪(ଡି.ଏନ.ଏ.):

ଯାଜପୁର ରୋଡ୍ ଆଦର୍ଶ ଥାନା ଅନ୍ତର୍ଗତ ଫେରୋକ୍ରମ କଲୋନୀ ଅଞ୍ଚଳର ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ସନ୍ଦେହ ଦେଖାଦେବାରୁ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, କଲୋନୀ ଅଞ୍ଚଳର ଟୁଲିସା ହାଁସଦା (୫୪) କିଛି ଦିନ ହେବ ଯକୃତ ଜନିତ ରୋଗରେ ପୀଡିତ ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ପରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ହଠାତ୍ ସେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ପରିବାର ତରଫରୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଦାନଗଦି ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ନଂ.୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




ଜି-୨୦ ଶିଖର ସମ୍ମିଳନୀ ନେଇ ଅନୁଷ୍ଠିତ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ଜି-୨୦ ଶିଖର ସମ୍ମିଳନୀ ନେଇ ସଚେତନତା ଶୋଭାଯାତ୍ରା

ବ୍ୟାସନଗର,୨।୪(ଡି.ଏନ.ଏ.):

ଜି-୨୦ ଶିଖର ସମ୍ମିଳନୀ ଚଳିତଥର ଭାରତରେ ଅନୁଷ୍ଠିତ ହେଉଥିବାରୁ ଏନେଇ ଦେଶରେ ଉତ୍ସୁକତା ପ୍ରକାଶ ପାଇଛି। ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଏବଂ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରୀ ଏକ ଶୋଭାଯାତ୍ରା କରି ଏହାର ସଚେତନତା ବାର୍ତ୍ତା ଦେଇଛନ୍ତି। ସଚେତନତା ଶିବିର ବିଦ୍ୟାଳୟରଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ସବ୍ୟସାଚୀ ଦେବାଶିଷ ପଲେଇ, କମ୍ଳେଶ ଦଳାକଟି, ମନୋଜ କୁମାର ଓ ଇପ୍ସିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସଚେତନତା ବାର୍ତ୍ତା ଦେଇଥିଲେ।

## ମା’ ବିରଜାଙ୍କ ନିକଟରୁ ଆଜ୍ଞାମାଳ ଯିବ

ଯାଜପୁର ଟାଉନ,୨।୪ (ଡି.ଏନ.ଏ.)

**ଶ୍ରୀବିରଜା ଲକ୍ଷ୍ମୀନୃସିଂହ ମହାଯଜ୍ଞ**

କଟକ ଜିଲା ନେମାଳର ନୂଆହାଟସ୍ଥିତ ଶ୍ରୀବିରଜା ଲକ୍ଷ୍ମୀନୃସିଂହ ମଠଠାରେ ୨୩ ବର୍ଷ ଧରି ଅନୁଷ୍ଠିତ ହେଉଥିବା ସଂସାର କଲ୍ୟାଣ ମହାଯଜ୍ଞ ଆସନ୍ତା ୨୩ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ହେବ। ଏହି ପରିପ୍ରେକ୍ଷୀରେ ଯଜ୍ଞର ଆୟୋଜକ ଅଧ୍ୟାପକ ନିତ୍ୟାନନ୍ଦ ଦେଓଙ୍କ ପୌରୋହିତ୍ୟରେ ଖବରଦାତା ସମ୍ମିଳନୀ ମା’ ବିରଜା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦେଓ ମା’ ବିରଜାଙ୍କଠାରୁ କିପରି ଆଜ୍ଞାମାଳ ପ୍ରାପ୍ତ କରିଥିଲେ ତାହା ସମ୍ମିଳନୀରେ ଅବଗତ କରାଇଥିଲେ। ମା’ଙ୍କ ମନ୍ଦିରକୁ ୧୫ଦିନ କାଳ ଆଜ୍ଞାମାଳ ପ୍ରାପ୍ତ ପାଇଁ ଯିବାପରେ ରାମ ନବମୀ ଦିନ ମା’ଙ୍କ ମନ୍ଦିରକୁ ଯାଇ ଯଜ୍ଞକାର୍ଯ୍ୟ ପାଇଁ ମା’ଙ୍କ ନିକଟରେ ଆକୁଳ ନିବେଦନ କରିଥିଲେ। ଅକସ୍ମାତ୍ ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା ପରିଧାନ କରିଥିବା ଗଜରା ଫୁଲ ହାର ଗୋଟି ଖସି ପଡ଼ିଥିଲା। ଯାହାକି ମା’ଙ୍କର ଆଜ୍ଞାମାଳ ପ୍ରାପ୍ତୀ ପରେ ଅତ୍ୟନ୍ତ ଆନନ୍ଦ ଅନୁଭବ କରିଥିବା ବ୍ୟକ୍ତ କରିଥିଲେ। ତେବେ ଏହି ଆଜ୍ଞମାଳ ଆସନ୍ତା ୬ ତାରିଖରେ ନେମାଳ ଅଭିମୁଖେ ଯାତ୍ରା କରିବ। ଏହି ସୁସଜ୍ଜିତ ରଥରେ ଯାଜପୁର ମା’ ବିରଜା ମନ୍ଦିର ନିକଟରୁ ବାହାରି ବରୁହାଁ ଛକ, ବ୍ରହ୍ମବରଦା, ବରୀ ରାମଚନ୍ଦ୍ରପୁର ଅତିକ୍ରମ କରି ମାହାଙ୍ଗା ଏବଂ ସାଲେପୁର ଅଭିମୁଖେ ଯାତ୍ରା କରି ନେମାଳଠାରେ ପହଞ୍ଚିବ। ଏହି ଯାତ୍ରା ସମୟରେ ଶଙ୍ଖ, ହୁଳହୁଳି, ବାଦ୍ୟ ସହିତ ଶତାଧିକ ଲୋକ ଯାତ୍ରାରେ ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ସୂଚନା ମିଳିଛି। ଆଜ୍ଞମାଳ ଯାତ୍ରା କରିବା ସମୟରେ ହାରାହାରି ୧୦୦ ଗ୍ରାମ ଅତିକ୍ରମ କରିବ। ପ୍ରତ୍ୟେକ ଗ୍ରାମଗୁଡିକରୁ ବିଭିନ୍ନ ପ୍ରକାରର ଶସ୍ୟ ସଂଗ୍ରହ ପୂର୍ବକ ପବିତ୍ର ବିଶ୍ୱାସରେ ମନ୍ତ୍ର ପାଠ ସହ ଦେବୀଦେବତାଙ୍କୁ ସମର୍ପଣ କରାଯାଇଥାଏ। ଏହି ରଥ ୧୦ ତାରିଖରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହେବାକୁ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମାହାଙ୍ଗାର ନାରାୟଣ ଚନ୍ଦ୍ର ସାମଲ, ଗାଦିର ମହନ୍ତ ଶ୍ରଦ୍ଧାନନ୍ଦ ଦାସ, ନେମାଳ ମଙ୍ଗଳପୁରରୁ ବଳରାମ ପଲେଇ, ଆଲୋକ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସାମଲ, ଅକ୍ଷୟ ମହାନ୍ତି, ମହେନ୍ଦ୍ର ରାଉତ, ସଞ୍ଜୟ ସୂତାର , ପରିକ୍ଷୀତ ବେହେରା ପ୍ରମୁଖ ପରିଚାଳନା କରିବେ ବୋଲି ସୂଚନା ମିଳିଛି।

## ବିଶ୍ୱ ଅଟିଜିମ୍ ଦିବସ

କେନ୍ଦ୍ରାପଡ଼ା ଅଫିସ, ୨।୪

ଅଟିଜିମ୍ ବା ସ୍ୱପରାୟଣତା ଏକ ଜଟିଳ ବ୍ୟବହାରିକ ତଥା ବିକାଶଗତ ବିଲକ୍ଷଣତା ଯାହା ଶିଶୁମାନଙ୍କ ସାମାଜିକ ଅର୍ନ୍ତଭୁକ୍ତିକୁ ପ୍ରତିହତ କରିଥାଏ। ପ୍ରାରମ୍ଭରୁ ଯଦି ଶିଶୁମାନଙ୍କଠାରେ ଏହି ଲକ୍ଷଣକୁ ଚିହ୍ନଟ କରାଯାଇ ଆବଶ୍ୟକ ଥେରାପି ପ୍ରଦାନ କରାଯାଏ ତେବେ ଏହାର ନିରାକରଣ ସମ୍ଭବପର ହୁଏ। ଏହାର ସଚେତନତା ନିମନ୍ତେ ପ୍ରତିବର୍ଷ ଏପ୍ରିଲ୍ ୨ ତାରିଖକୁ ବିଶ୍ୱ ଅଟିଜିମ୍ ଦିବସ ରୂପେ ପାଳିତ କରାଯାଇ ଆସୁଛି। ଭିନ୍ନକ୍ଷମଙ୍କ ପୁନଃ ପ୍ରତିଷ୍ଠା ଓ ସାମାଜିକ ଅନ୍ତର୍ଭୁକ୍ତି ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ପୁର୍ନବାସ’ ପକ୍ଷରୁ ଏହି ଦିବସକୁ ମାଧପୁରସ୍ଥିତ ଥେରାପି କେନ୍ଦ୍ରରେ ପାଳନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅକ୍ୟୁପେସ୍‌ନାଲ ଥେରାପିଷ୍ଟ ଶୁଭଶ୍ରୀ ଜେନା, ଗୁଞ୍ଜନ ସ୍ମିତା ବେହେରା ଅଟିଜିମ୍‌ର କାରଣ ଓ ନିରାକରଣ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ପୁର୍ନବାସର କାଉନସେଲର ସଞ୍ଜୀବ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ.ପ୍ରମୋଦ କୁମାର ସାହୁ, ଅଧ୍ୟାପିକା ତେଜସ୍ୱିନୀ ସାମଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଟିଜିମ୍ ପୀଡିତ ଶିଶୁମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ।

## ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ବାଲିଚନ୍ଦ୍ରପୁର,୨।୪(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅନ୍ତର୍ଗତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବାଲିଚନ୍ଦ୍ରପୁର ଶାଖା ଅଧୀନ ଚାରିନେଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାରିନେଙ୍ଗଳ ବଜାରସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ସମିତିର ସଭାପତି ପ୍ରତାପ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ପ୍ୟାକ୍ସର ସଭାପତି ତଥା କଟକ କେନ୍ଦ୍ର ସମବାୟ ବୋର୍ଡ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଦେବେନ୍ଦ୍ର କୁମାର ଦେଓ ଯୋଗଦେଇଥିଲେ। ସେମାନେ ଚାଷୀମାନଙ୍କୁ କିଭଳି ବିନା ସୁଧରେ ଋଣ ପ୍ରଦାନ କରାଯିବ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକ ପାଇଁ ସରକାର ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା କରିଛନ୍ତି ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ସମିତିର ଉପାଧ୍ୟକ୍ଷା କଳ୍ପନା ପଣ୍ଡା, ନିର୍ଦ୍ଦେଶକ ସଭ୍ୟ ଭିମସେନ୍ ରାଉତ, ହିମାଂଶୁ ଶେଖର ଦାସ, ସେକ୍ ଜ୍ୟାଉଲ୍ଲା, କୋତବୁଦ୍ଦିନ ଖାଁ, ହିମାଂଶୁ ଶେଖର ବଳ, ସେକ୍ ଇମାମୁଦ୍ଦିନ୍, ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଳୀପୁର ସରପଞ୍ଚ ସେକ୍ ଅବଦୁଲ ଗନି, ପ୍ରାକ୍ତନ ସମିତି ସଭ୍ୟ ସେକ୍ ମୋଇନ ଅହେମଦ୍, ପ୍ରାକ୍ତନ ସରପଞ୍ଚ ମନ୍ମଥ କେଶରୀ ସାହେବରାୟ, ସମିତିର ସମ୍ପାଦକ ଜୟଶ୍ରୀ ଦାସ, ଡ଼ାଟା ଏଣ୍ଟି ଅପରେଟର ମନୋଜ କୁମାର ମହାରଣା ପ୍ରମୁଖଙ୍କ ସହ ସମିତିର ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ୮ ବାଇକ ଜବତ, ୨ ଅଭିଯୁକ୍ତ ଗିରଫ

ଠାକୁରମୁଣ୍ଡା,୨।୪(ଡି.ଏନ.ଏ.):

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ବାଇକ ଚୋରି ଘଟଣାରେ ପୋଲିସ ୨ଜଣକୁ ଗିରଫ କରିଛି। ଏଥିସହିତ ୮ ଚୋରି ବାଇକ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ବାଲେଶ୍ୱର ଜିଲା ନୀଳଗିରିର ରାଜେନ୍ଦ୍ର ସ୍ୱାଇଁ ଓ କପ୍ତିପଦା ଉପଖଣ୍ଡ ଶରତ ଥାନା ଲାବଣ୍ୟଦେଇପୁରର ଗଣ୍ଡ ସିଂ ସମାଡ଼ ବୋଲି ଜଣାପଡ଼ିଛି। ରବିବାର ସନ୍ଧ୍ୟାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ନଭେମ୍ବର ୧୧ ତାରିଖରେ ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ସାପ୍ତାହିକ ହାଟରୁ ଅସନବଣି ଗ୍ରାମର ସହିରାମ ମହାନ୍ତଙ୍କ ଏକ ବାଇକ ଚୋରି ହୋଇଯାଇଥିଲା। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ (ନଂ. ୨୬/୩)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କଳାକାର ଓଡ଼ିଶା ପକ୍ଷରୁ ଓଡ଼ିଶା ଦିବସ



ଓଡ଼ିଶା ଦିବସ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବାଲିଚନ୍ଦ୍ରପୁର,୨।୪(ସ୍ୱ.ପ୍ର.):

କଳାକାର ଓଡ଼ିଶା ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ପଞ୍ଚାୟତର ଟିଗିରିଆ-ଦେକୁଡ଼ି ସଂଗ୍ରାମୀ ପୀଠରେ ଶିକ୍ଷାବିତ୍ ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍ସବକୁ ବୌଦ୍ଧ ଗବେଷକ ଡ. ହରିଶ ଚନ୍ଦ୍ର ପୃଷ୍ଟି ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଅରକ୍ଷିତ ଦାଶ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ପରିଡ଼ା, ଗୟାଧର ପ୍ରଧାନ, ଡ. ଜିତେନ୍ଦ୍ର କୁମାର ଭଞ୍ଜ, ଗିତିକବି ବସନ୍ତ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜର ମତପ୍ରକାଶ କରିଥିଲେ। ଏହି ଅବସରରେ ବହୁ କବି, କଳାକାର ଯୋଗଦେଇ ସ୍ୱରଚିତ କବିତାପାଠ କରିବା ସହିତ ନୃତ୍ୟ ସଂଗୀତ ପରିବେଷଣ କରିଥିଲେ। ସନ୍ତୋଷ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଦିବାକର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସଞ୍ଜୟ ରାଉତରାୟ, ସର୍ବଜିତ୍ କ୍ରାନ୍ତି କେଶରୀ ପୁହାଣ, ମିହିର ଜେନା, ପ୍ରକାଶ ରାଉତରାୟ, ସରୋଜ ଜେନା, ବିକ୍ରମ ରାଉତରାୟ, ସଞ୍ଜୟ ସାହୁ, ବିପିନ ସାହୁ, ପ୍ରଶାନ୍ତ ମଲ୍ଲିକ, ସୁଶାନ୍ତ ମଲ୍ଲିକ, ମାନଗୋବିନ୍ଦ ଦାସ ଓ ଦିବାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭଜକିଶୋର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବର୍ଷା, କୁଆପଥର ମାଡ଼ରେ ବ୍ୟାପକ ଫସଲ କ୍ଷତି

ସିଂହପୁର,୨।୪(ଡି.ଏନ.ଏ.):

ଅଦିନିଆ ବର୍ଷା ଓ କୁଆପଥର ମାଡ଼ ଯୋଗୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ବ୍ୟାପକ ଚିନାବାଦାମ, ମୁଗ ଓ ଅନ୍ୟାନ୍ୟ ଫସଲ କ୍ଷୟକ୍ଷତି ହୋଇଛି। ଅମଳ ସମୟରେ ଫସଲ କ୍ଷତି ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ହଜାରହଜାର ଟଙ୍କା ସାହୁକାରଠୁ ଧାର, ଉଦ୍ଧାର ଓ ସମବାୟ ସମିତିରୁ ଋଣ ଆଣି ଚାଷୀ ଫସଲ କରିଥିଲେ। ହେଲେ ଅମଳ ସମୟରେ ଏପରି ଅବସ୍ଥା ଚାଷୀ ମୁହଁରୁ ହସ ଛଡ଼ାଇ ନେଇଛି। ଚାଷୀଙ୍କୁ ମିଳୁଥିବା ଇନ୍‌ପୁଟ ସବସିଡ୍ କାହାକୁ ମେଞ୍ଚେ ତ କାହାକୁ କେଞ୍ଚେ। ବାରମ୍ବାର ଏ ଅଞ୍ଚଳରେ ଫସଲ କ୍ଷତି ଯୋଗୁ ଚାଷୀ ଚାଷ ଛାଡ଼ି ଦାଦନ ଖଟିବାକୁ ଯିବାକୁ ବାହାରିଲେଣି। ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ ଓଡ଼ିଶା କୃଷକ ବିକାଶ ମଞ୍ଚ ଆଗାମୀ ଦିନରେ ଚାଷୀଙ୍କୁ ଏକତ୍ର କରି ରାଜରାସ୍ତାକୁ ଓହ୍ଲାଇବ ବୋଲି ମଞ୍ଚର ରବୀନ୍ଦ୍ର ଜେନା, ଶନାତନ ସାହୁ, ଗୋବିନ୍ଦ ପରିଡ଼ା, ଭୁବନାନନ୍ଦ ସାମଲ, ବଳରାମ ବଳ, ରବୀନ୍ଦ୍ର ଧଳ, କୁଞ୍ଜ ବିହାରୀ ବେହେରା, ସନ୍ତୋଷ ଧଳ, ଉପେନ୍ଦ୍ର ରାଉତ, ଅମୂଲ୍ୟ ଦେବତା, ଗୋପାଳ ସାମଲ ଓ ପ୍ରମୁଖ ଚେତାବନୀ ଦେଇଛନ୍ତି।



କ୍ଷତିଗ୍ରସ୍ତ ଫସଲ କିଆରିରେ ଜଣେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩ ଏପ୍ରିଲ, ୨୦୨୩



## ସଂକ୍ଷେପରେ

### ୨ ସ୍କର୍ପିଓ ସହ ଶାଳକାଠ ଜବତ

କେନ୍ଦୁଝର/ପାଟଣା/ଘଟଗାଁ,୨।୪(ସ୍ୱ.ପ୍ର./ଡି.ଏନ୍.ଏ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ପାଟଣା ସେକ୍ସନ ତଣ୍ଡ ବିଟ୍ ଅନ୍ତର୍ଗତ ଚିନାମାଳି ରାସ୍ତାରେ ବନ ବିଭାଗ ଚଢ଼ାଉ କରି ଶାଳକାଠ ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୨ ଲକ୍ଷ ହେବ ବୋଲି ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି। କାଠ ଏକ ସ୍କର୍ପିଓରେ ତଣ୍ଡରୁ ଚିନାମାଳି ରାସ୍ତାରେ ଯାଉଥିଲା। ଡିଏଫ୍‌ଓ ଧନରାଜ ଏଚ.ଡିଙ୍କ ସୂଚନା କ୍ରମେ ପାଟଣା ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଗାଡ଼ି ସହ କାଠ ଜବତ କରିଥିଲା। ଅନ୍ଧାରର ସୁଯୋଗ ନେଇ ମାଫିଆ ଫେରାର ହୋଇଯାଇଥିଲେ। ପରେ ଗାଡ଼ିକୁ ପାଟଣା ରେଞ୍ଜ ଅଫିସକୁ ଅଣାଯାଇଥିଲା। ଗାଡ଼ିରେ ଥିବା ୮୪ ଖଣ୍ଡ ସାଇଜ କାଠ ରହିଥିବା ବେଳେ କାଠ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡାରୁ କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ସାନ୍ତରାପୁରକୁ ଚୋରାଚାଲାଣ ହେଉଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ାଉରେ ରେଞ୍ଜରଙ୍କ ସହ, ପାଟଣା ବନପାଳ ଚିତରଞ୍ଜନ ପରିଡ଼ା, ପାରା ଷ୍ଟାଫ ଏମଡି ୱାସିମ, ତ୍ରିଲୋଚନ ମହାନ୍ତ, ସଞ୍ଜୟ ମହାନ୍ତ, କାର୍ତ୍ତିକ ମହାନ୍ତ, ଅଟଳ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।
ସେହିପରି ଘଟଗାଁ ରେଞ୍ଜ ଅନ୍ତର୍ଗତ କୋଲିମାଟିରେ ୨୭ ପିସ୍ ଶାଳ କାଠ ବୋଝେଇ ସ୍କର୍ପିଓ ଗାଡ଼ି ବନ ବିଭାଗ ଜବତ୍ କରିଛି। ଘଟଗାଁ ରେଞ୍ଜର ପ୍ରଭାତ କୁଅଁର, ଫରେଷ୍ଟର ଯତିନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଟିମ ରାତି ପ୍ରାୟ ୧ଟାରେ ସ୍କର୍ପିଓ ଗାଡ଼ି ଧରିବାକୁ ସକ୍ଷମ ହୋଇଛି। କାଠଗଣ୍ଡି ଯାଜପୁରର ଏକ ଟ୍ରକ୍ ଡାଲା ନିର୍ମାଣ କରୁଥିବା ଗ୍ୟାରେଜକୁ ଯାଉଥିଲା।

### ୮ ବାଇକ୍ ଜବତ, ୨ ଅଭିଯୁକ୍ତ ଗିରଫ

**ବାଇକ୍ ଚୋରି ରାକେଟ୍ ଠାବ**

ଠାକୁରମୁଣ୍ଡା,୨।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ଏକ ବାଇକ୍ ଚୋରି ଘଟଣାରେ ପୋଲିସ ଅନୁସନ୍ଧାନ କରି ଚୋରି ରାକେଟ୍‌କୁ ଧରିବାରେ ସକ୍ଷମ ହୋଇଛି। ରାକେଟରେ ସମ୍ପୃକ୍ତ ୨ଜଣକୁ ଗିରଫ କରିଛି। ଏଥିସହ ୮ ଚୋରି ବାଇକ୍ ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ବାଲେଶ୍ୱର ଜିଲା ନୀଳଗିରିର ରାଜେନ୍ଦ୍ର ସ୍ୱାଇଁ ଓ କପ୍ତିପଦା ଉପଖଣ୍ଡ ଶରତ ଥାନା ଲାବଣ୍ୟଦେଇପୁରର ଗଣ୍ଡ ସିଂ ସମାଡ଼ ବୋଲି ଜଣାପଡ଼ିଛି। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଡିପିଓ ସୁଦର୍ଶନ ଗାଙ୍ଗଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ମତାବକ, ୨୦୨୨ ନଭେମ୍ବର ୧୧ରେ ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣି ସାପ୍ତାହିକ ହାଟରୁ ଅସନବଣି ଗାଁର ସହିରାମ ମହାନ୍ତଙ୍କ ବାଇକ ଚୋରି ହୋଇଥିଲା। ଏ ସମ୍ପର୍କରେ ଥାନାରେ ଅଭିଯୋଗ ପରେ ପୋଲିସ (ନଂ. ୨୬/୩)ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। କୌଣସି ସୂତ୍ରରୁ ଖବରପାଇ ଆଇଆଇସି ରଞ୍ଜୁ ହସିନା କୁଲୁଙ୍କ ନେତୃତ୍ୱରେ ପୋଲିସ ଟିମ୍ ବାଇକ୍ ଚୋରି ରାକେଟରେ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ସୂଚନା ପାଇ ଶରତ ଓ କପ୍ତିପଦା ଥାନା ଅଞ୍ଚଳରୁ ୮ଟି ଚୋରି ବାଇକ୍ ଜବତ କରିଥିଲା। ଅନୁସନ୍ଧାନରେ ପୋଲିସ ୭ ଟି ବାଇକ୍‌ର ନମ୍ବର ପ୍ଲେଟ ଭୁଲ ଥିବାର ଜାଣି ପରିବହନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ସଠିକ ବାଇକ ମାଲିକଙ୍କ ନାମ ଜାଣିବାକୁ ଉଦ୍ୟମ ଜାରି ରଖିଛି। ଅନ୍ୟ ଏକ ବାଇକ୍ ଅଭିଯୋଗକାରୀ ଆସନବଣି ଗ୍ରାମର ସହିରାମ ମହାନ୍ତଙ୍କ ବୋଲି ଜଣାପଡ଼ିଛି।

# ଜିଲାରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଧିମା

କେନ୍ଦ୍ରାପଡ଼ା ଅଫିସ, ୨।୪

- ବର୍ଷ ଆରମ୍ଭରୁ ପୂର୍ବ ୬୬,୦୮୩ ପ୍ରକଳ୍ପ ଯୋଡ଼ି ହେଲା
- ଗତ ଆର୍ଥିକ ବର୍ଷରେ ମାତ୍ର ୧୨.୬୪ ପ୍ରତିଶତ କାର୍ଯ୍ୟ
- ୨୦୨୧-୨୨ର ୧୭୩୮ ଲକ୍ଷ ଟଙ୍କା ପାଉଣା ମିଳିନି

ମାର୍ଚ୍ଚ ୩୧ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ସରିଛି। ଏହି ଆର୍ଥିକ ବର୍ଷରେ ଜିଲାର ମାତ୍ର ୧୨.୬୪ ପ୍ରତିଶତ ପ୍ରକଳ୍ପ ସାରିବାକୁ ଜିଲା ପ୍ରଶାସନ ସକ୍ଷମ ହୋଇଛି। ଫଳରେ ୨୦୨୩-୨୪ ଆର୍ଥିକ ବର୍ଷ ଆରମ୍ଭରେ ଜିଲା ପ୍ରଶାସନ ପାଇଁ ୬୬,୦୮୩ଟି ପ୍ରକଳ୍ପ ସାରିବାକୁ ଚାପ ପଡ଼ିଛି। ଗୋଟିଏ ପଟେ କେନ୍ଦ୍ରାପଡ଼ା ଜିଲାର ଦାଦନ ସମସ୍ୟା ବଢ଼ି ଚାଲିଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକଙ୍କ ଲାଗି କର୍ମନିଯୁକ୍ତି ଯୋଜନା ଫସରଫାଟିଛି ବୋଲି ବହୁ ବୁଦ୍ଧିଜୀବୀ ଆପତ୍ତି ଉଠାଇଛନ୍ତି।
ଏ ସମ୍ପର୍କରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର କେନ୍ଦ୍ରାପଡ଼ା ଜିଲା ଆବାହକ ପ୍ରତାପ କୁମାର ମହାନ୍ତି, ତ୍ରିଲୋଚନ ବେହେରା, ପବିତ୍ର କୁମାର ପାଣି, ନିରଞ୍ଜନ ପରିଡ଼ା, ପ୍ରକାଶ କୁମାର ଦାସ ପ୍ରମୁଖ କହିଛନ୍ତି ଯେ ଏହି ଜିଲାରେ ଖଣି କିମ୍ବା ଶିଳ୍ପ ନାହିଁ। କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯିବାକୁ ପଡୁଛି। ଦାଦନ ଯନ୍ତ୍ରଣା ନେଇ ବାରମ୍ବାର ଖବରକାଗଜରେ ପୃଷ୍ଠାମଣ୍ଡନ କରୁଛି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ଏକ ଉପଯୁକ୍ତ ମାଧ୍ୟମ। ତେବେ ପ୍ରଶାସନର ଅସହଯୋଗ ପାଇଁ ପ୍ରକଳ୍ପ ସାରିବା ଓ ଶ୍ରମିକ ବିନିଯୋଗରେ ବ୍ୟତିକ୍ରମ ସୃଷ୍ଟି କରିଛି। ଏହି ଯୋଜନାରେ ୨୦୨୦-୨୧ ଆର୍ଥିକ ବର୍ଷରେ ରେକର୍ଡ ପରିମାଣର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିଲା। ଏହି ବର୍ଷରେ ମୋଟ ୧,୫୯,୩୯୨ରୁ ୭୯,୬୯୬ଟି ପ୍ରକଳ୍ପ ସାରି ୯୭.୦୪ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିଲା। ତେବେ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଯୋଜନାର ଲକ୍ଷ୍ୟ ହ୍ରାସ ପାଇଥିଲା। ଏହି ଆର୍ଥିକ ବର୍ଷରେ ମାତ୍ର ୩୦ ପ୍ରତିଶତ ପ୍ରକଳ୍ପ ସାରିଥିବା ବେଳେ ୨୦୨୨- ୨୩ ଆର୍ଥିକ ବର୍ଷରେ ଧାର୍ଯ୍ୟ ପ୍ରକଳ୍ପ ମଧ୍ୟରୁ ମାତ୍ର ୧୨.୬୪ ପ୍ରତିଶତ କାର୍ଯ୍ୟ ସରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମଞ୍ଜୁରୀ ପ୍ରାପ୍ତ ୧୪,୨୪୦ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ମାତ୍ର ୭୧୨୦ଟି କାର୍ଯ୍ୟ ଶେଷ ହୋଇଛି। ଏହି ଜିଲାରେ ୨,୦୭,୧୫୬ଟି ହାଉସହୋଲ୍‌ଡ କାର୍ଡ ପ୍ରଦାନ କରାଯାଇଛି। ଜିଲାର ୩,୫୯,୧୦୬ ଜଣ ଏହି କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟ ପାଇଁ ସାମିଲ ହୋଇଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ୧୭୮୩୪ଟି ଚାଲୁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ଏଥିସହ ୨୭୨୧୫ଟି ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି। ୨୧୦୩୪ଟି ପ୍ରକଳ୍ପ ମଞ୍ଜୁରୀ ଅପେକ୍ଷାରେ ଅଛି। ଯୋଜନାର ଠିକ୍ କାର୍ଯ୍ୟକାରିତା କର୍ମନିଯୁକ୍ତି ସମସ୍ୟା ଦୂର କରିବା ସହିତ ଜିଲାର ଉନ୍ନୟନ କାର୍ଯ୍ୟ ଆଗେଇ ପାରିବ। ତେବେ ଏହି ଯୋଜନାରେ ଲୋକଙ୍କ ସହ ଖେଳ ହେଉଛି। ଉଦାହରଣ ଦେଇ ସେମାନେ କହିଛନ୍ତି, ଏହି ଯୋଜନାରେ ତୁରନ୍ତ ମଜୁରି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ୨୦୨୧- ୨୨ ଆର୍ଥିକ ବର୍ଷର ୧୭୨୫ ମଷ୍ଟର ରୋଲର ୧୭୩୭.୯୭ ଲକ୍ଷ ଟଙ୍କା ଅଦ୍ୟାବଧି ପ୍ରଦାନ କରାଯାଇନାହିଁ। ଏଥିରେ ଶ୍ରମିକ ମଜୁରି ସହ ନିର୍ମାଣ ସାମଗ୍ରୀ ଅର୍ଥ ସାମିଲ ଅଛି। ଗତ ସପ୍ତାହରେ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୨୧ ପୂର୍ବତନ ସରପଞ୍ଚ ପ୍ରାୟ ୧୦ କୋଟି ଟଙ୍କା ଯୋଜନା ଅର୍ଥ ମିଳିବା ଦାବିରେ ଗଣଧାରଣା ଦେଇଥିଲେ। ପୂର୍ବରୁ ଏହି ଯୋଜନା କେବଳ ମାଟି କାମ ପାଇଁ ମିଳୁଥିବା ବେଳେ ଏବେ ଏହାକୁ ବ୍ୟାପକ କରାଯାଇଛି। ଗୃହ ନିର୍ମାଣଠାରୁ ଆରମ୍ଭ କରି ଉଦ୍ୟାନ କୃଷିକୁ ଏଥିରେ ସାମିଲ କରାଯାଇଛି। ଏହାସତ୍ତ୍ୱେ ଜିଲାର ଶ୍ରମିକଙ୍କୁ ଦାଦନ ଖଟିବାକୁ ଯିବାକୁ ପଡୁଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ଗତ ଆର୍ଥିକ ବର୍ଷର ସର୍ବଶେଷ ରିପୋର୍ଟ ପହଞ୍ଚି ନ ଥିବାରୁ କାର୍ଯ୍ୟ ହାରର ପ୍ରତିଶତ କମ୍ ଉଲ୍ଲେଖ ହୋଇଛି।

# ଡିଜିଟାଲ ଘର ନମ୍ବର ପାଇଁ ଟଙ୍କା ଆଦାୟ: ବିଡିଓଙ୍କୁ ଅଭିଯୋଗ




ଡିଜିଟାଲ ଘର ନମ୍ବର ପାଇଁ ଦିଆଯାଉଥିବା ରସିଦ୍।

ରାଜନଗର, ୨।୪ (ଡି.ଏନ.ଏ.)

ରାଜନଗର ବ୍ଲକ ବିଭିନ୍ନ ପଞ୍ଚାୟତରେ ଗାଁଗୁଡ଼ିକର ଲୋକମାନଙ୍କୁ ଡିଜିଟାଲ ଘର ନମ୍ବର କରାଇ ଦେବାକୁ କହି ଟଙ୍କା ଆଦାୟ କରୁଥିବା ନେଇ ଅଭିଯୋଗ ହୋଇଛି। ଏହି ବ୍ଲକ ଅନ୍ତର୍ଗତ କଣ୍ଡିରା ପଞ୍ଚାୟତର ବାରୁଣା ଓ ଜଗନ୍ନାଥପୁର ଗ୍ରାମର ପ୍ରଫୁଲ୍ଲ କୁମାର ରାଉତ, ମଧୁସ୍ମିତା ବିଶ୍ୱାଳ, ତ୍ରିଲୋଚନ ବିଶ୍ୱାଳ, ଚଞ୍ଚଳା ବାଗ୍, ମିନତି ବିଶ୍ୱାଳ, ବଉଳ ବିଶ୍ୱାଳ, ରୋହିତ ବିଶ୍ୱାଳ ପ୍ରମୁଖ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ କଣ୍ଡିରା ପଞ୍ଚାୟତରେ ୩ଜଣଙ୍କ ବ୍ୟକ୍ତି ନୂତନ ଡିଜିଟାଲ ଘର ନମ୍ବର କରିବା ବାବଦକୁ ୨୫୦ଟଙ୍କା ଓ ପୁରୁଣା ଘରର ଡିଜିଟାଲ ନମ୍ବର କରିବାକୁ ୫୦ ଟଙ୍କା ଲେଖାଏ ନେଉଛନ୍ତି। ଏହି ଡିଜିଟାଲ ଘର ନମ୍ବର ଠିକ୍ କି ଭୁଲ ଜାଣିବାକୁ ଚାହିଁ ତାଙ୍କୁ ରସିଦ୍ ମାଗିବାରୁ ସେ କହୁଛନ୍ତି ବିଡିଓ ସାର୍ ଆମକୁ ଅନୁମତି ପ୍ରଦାନ କରିଛନ୍ତି ଆମକୁ ରସିଦ ବହି ଦିଆଯାଇନାହିଁ। ପରେ ଆମେ ରସିଦ୍ ଆଣି ଦେବୁ ବୋଲି କହୁଛନ୍ତି। ଏ ସମ୍ପର୍କରେ ବିଡିଓ ସମୀର କୁମାର ବେହେରାଙ୍କୁ ପଚାରିବାରୁ ଅଭିଯୋଗ ପାଇଛି। କିନ୍ତୁ ଏ ଡିଜିଟାଲ ଘର ନମ୍ବର ବିଷୟରେ କିଛି ଜାଣିନାହିଁ କିମ୍ବା କାହାକୁ ଅନୁମତି ଦେଇନାହିଁ ବୋଲି ସେ କହିଛନ୍ତି।

# ଅଦିନିଆ ବର୍ଷା ଡାଲୁଅ ଧାନ ଉଜାଡ଼ିଲା



ବର୍ଷାରେ ଡାଲୁଅ ଧାନ ନଷ୍ଟ ହୋଇଯାଇଛି।

ରାଜକନିକା, ୨।୪ (ଡି.ଏନ୍.ଏ.)

**ଚାଷୀଙ୍କୁ ଋଣ ଶୁଝିବା ଚିନ୍ତା ଘାରିଛି**

କାଳ ବୈଶାଖୀ ପ୍ରଭାବରେ ୩ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଅମଳ ହେବାକୁ ଥିବା ଶତାଧିକ ଏକର ଡାଲୁଅ ଧାନ ଉଜୁଡ଼ି ଯାଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏମିତି ଅବସ୍ଥା ଦେଖିବାକୁ ମିଳିଛି ରାଜକନିକା ତହସିଲ ଅଧୀନ ହାଟସାହି ଓ ନହୁଣୀ ପଞ୍ଚାୟତରେ। ଚାଷୀମାନେ ହାତଉଧାରୀ, ବ୍ୟାଙ୍କ ଓ ସମିତିରୁ ଋଣ କରି ଡାଲୁଅ ଭଳି ବ୍ୟୟ ବହୁଳ ଧାନ ଚାଷ କରିଥିଲେ। ଧାନ ମୁଠେ ପାଇଥିଲେ ସଂସାରର ଗୁଜୁରାଣ ସାଙ୍ଗକୁ ପିଲାଙ୍କ ପାଠପଢା ଖର୍ଚ୍ଚରେ ଲାଗିଥାନ୍ତା। ଠିକ୍ ଅମଳ ସମୟରେ କାଳ ବୈଶାଖୀ ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ଧାନ ବିଲରେ ଆଣ୍ଠୁଏ ଲେଖାଏ ପାଣି ଜମିବା ସାଙ୍ଗକୁ ଧାନ କେନ୍ଦାରୁ ଧାନ ଝଡ଼ିଯିବା ସହ ଗଛ ଗୁଡ଼ିକ ପାଣିରେ ଲୋଟି ଥିବା ଦେଖିବାକୁ ମିଳିଛି। କିଛି କିଛି ଧାନ ଗଜା ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ସଂଗ୍ରହ ସମୟରେ ନହୁଣୀ ଓ ହାଟସାହି ପଞ୍ଚାୟତର ସରପଞ୍ଚଙ୍କ ସହ ବର୍ଷା ଜଳ ଓ ଡାଲୁଅ ଧାନ କ୍ଷୟକ୍ଷତି ବାବଦରେ ପଚାରିବାରୁ ସେମାନଙ୍କ ସୂଚନା ମୁତାବକ, ନହୁଣୀ ପଂଚାୟତର ପ୍ରାୟ ୬୦ ଏକର ଓ ହାଟସାହିରେ ପ୍ରାୟ ଶହେ ଏକର ଡାଲୁଅ ଧାନ ଚାଷ ହୋଇଥିବା ଜମିରେ ବର୍ଷାଜଳ ଏବେ ବି ଜମି ରହିଛି। ଚାଷୀମାନଙ୍କ କହିବାନୁଯାୟୀ, ଶାରଦ ଚାଷ ଉପରେ ଆମେ ନିର୍ଭରଶୀଳ ହୋଇ ନ ଥାଉ। ଡାଲୁଅ ଚାଷରୁ ହିଁ ପରିବାର ପ୍ରତିପୋଷଣ ହେବା ସହ ପିଲାମାନଙ୍କ ପାଠପଢା ଖର୍ଚ୍ଚ ସହ ତେଲଲୁଣ ସଂସାର ଚାଲେ। ବର୍ଷକର ଦାନା ଛଡ଼େଇ ନେଇଛି କାଳବୈଶାଖୀ ବର୍ଷା। ଆମେ କେମିତି ପିଲାଛୁଆ ସଂସାର ସମ୍ଭାଳିବୁ, କେମିତି କରିଥିବା ଋଣ ଶୁଝିବୁ, ଏ ନେଇ ଚିନ୍ତାରେ ପଡିଛୁ। ତୁରନ୍ତ ତହସିଲଦାର, ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ତ୍ରିଲୋଚନ ବିଶ୍ୱାଳ, ରବୀନ୍ଦ୍ର ସାହୁ, ଶ୍ରୀକାନ୍ତ ବିଶ୍ୱାଳ, ଗୁଆଁ ବିଶ୍ୱାଳ, ଶ୍ରୀବଚ୍ଛ ମଲିକ୍, ମାନସ ବେହେରା, ସୁଜିତ୍ ବେହୁରିଆ ପ୍ରମୁଖ ଗୁହାରି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଅଶୋକ କୁମାର ଦେହୁରୀଙ୍କୁ ପଚାରିବାରୁ ସେ ତୁରନ୍ତ ଏ ବାବଦରେ ପଦକ୍ଷେପ ନେବେ ବୋଲି କହିଛନ୍ତି।

### ମାଂସ ଜବତ, ଛାନ୍‌ଭିନ୍ ଜାରି

ରାଜନଗର, ୨।୪ (ଡି.ଏନ୍.ଏ.)

ରାଜନଗର ବ୍ଲକ କୃଷ୍ଣନଗର ବଜାର ଉପରେ ଶନିବାର ରାତିରେ ପ୍ରାୟ ୧ କିଲୋ ମାଂସ ବିଛାଡ଼ି ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। କେହି ଜଣେ ବାଇକ୍‌ରେ ଦ୍ରୁତଗତିରେ ଯିବାବେଳେ ଏହା ଗଳିପଡ଼ିଥିବା ଅନୁମାନ କରାଯାଉଛି। ଖବର ପାଇ ଫରେଷ୍ଟର ସୁନୀଲ ରଞ୍ଜନ ରାଉତଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ପଡ଼ିଥିବା ମାଂସ ଜବତ କରିଛନ୍ତି। ଏହି ମାଂସ ବନ୍ୟଜନ୍ତୁଙ୍କର ନା ଆଉ କାହାର ସେ ନେଇ ଛାନ୍‌ଭିନ୍ ଜାରି ରହିଛି।

# ଉଦ୍ଧାର ଆହତ ହରିଣର ମୃତ୍ୟୁ

ବାରିପଦା ଅଫିସ, ୨।୪

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ବାଟବଣା ହୋଇଥିବା ଏକ ହରିଣକୁ ବନ ବିଭାଗ ଉଦ୍ଧାର କରିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ବନ ବିଭାଗ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତ ହରିଣର ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି। ରବିବାର ବାରିପଦା ମଞ୍ଚାବନ୍ଧାସ୍ଥିତ ଲେଡି ହେମିଲଟନ ଆମ୍ବ ବାଗାନରେ ଏକ ହରିଣ ଗୁରୁତର ଅବସ୍ଥାରେ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ତାକୁ ଉଦ୍ଧାର କରି ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହରିଣର ମୃତ୍ୟୁ ଘଟିଛି। ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହେଉଥିବା ବନ୍ୟଜନ୍ତୁଙ୍କର ହୃଦ୍‌ଘାତଜନିତ କାରଣରୁ ମୃତ୍ୟୁ ଘଟୁଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଜଙ୍ଗଲରେ ଖାଦ୍ୟ ଓ ପାଣି ଅଭାବରୁ ପ୍ରାଣୀମାନେ ଖାଇବାକୁ ପାଉନାହାନ୍ତି। ତେଣୁ ଜନବସତି ମୁହାଁ ଜଙ୍ଗଲୀ ପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବନ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ହଂସୁଆ କଳା ପ୍ରତିଷ୍ଠାନର ପ୍ରତିଷ୍ଠା ଉତ୍ସବ

ରାଜନଗର,୨।୪ (ଡି.ଏନ.ଏ.)

ରାଜନଗର ବ୍ଲକର କଳା ଶିକ୍ଷାନୁଷ୍ଠାନ ହଂସୁଆ କଳାପ୍ରତିଷ୍ଠାନର ୧୦ମ ପ୍ରତିଷ୍ଠା ଉତ୍ସବ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କବି ପ୍ରମୋଦ କୁମାର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ରବିନ୍ଦ୍ର ନାଥ ମହାନ୍ତି ଯୋଗଦେଇ କଳା ସଂସ୍କୃତି ଓ ସାହିତ୍ୟକୁ ଆଗେଇ ନେବାରେ ଏଭଳି ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି। ହଂସୁଆ କଳା ପ୍ରତିଷ୍ଠାନର ଉଦ୍ୟମ ଖୁବ୍ ପ୍ରଶଂସନୀୟ ଏବଂ କୁନି କୁନି ପିଲାମାନଙ୍କ ସୁପ୍ତ ପ୍ରତିଭାକୁ ବିକାଶ ଦିଗରେ ଅନୁଷ୍ଠାନର ଅବଦାନ ଅତୁଳନୀୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ କବି ଶତ୍ରୁଘନ ତରାଇ ବାର୍ଷିକ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗୀତ ଗୁରୁ ମନୋଜ କୁମାର ଦାଶ, ବାଦ୍ୟଗୁରୁ ବାଲ୍ମିକୀ ଜେନା, ଚିତ୍ରଶିଳ୍ପୀ କଳ୍ପତରୁ ଖଣ୍ଡୁଆଳ ପ୍ରମୁଖ ଯୋଗଦେଇଥିଲେ। ସଚିନ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଶିଳ୍ପୀ ବିଶ୍ୱମୋହିନୀ ଦାସ, ଛାତ୍ରୀ ଗୀତା ରାଉତ, ମଧୁସ୍ମିତା ସିଂ, ପୂଜାରାଣୀ ରାଉତ, ବିନୋରୀ ଜେନା, ଗୌତମ ରାଉତଙ୍କ ସମେତ ଅଭିଭାବକମାନେ ଯୋଗଦେଇଥିଲେ।

# ପୁନର୍ବାସ ପକ୍ଷରୁ ବିଶ୍ୱ ଅଟିଜିମ୍ ଦିବସ




ଅଟିଜିମ୍ କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ପିଲାମାନେ।

କେନ୍ଦ୍ରାପଡ଼ା ଅଫିସ, ୨।୪

ଅଟିଜିମ୍ ବା ସ୍ୱପରାୟଣତା ଏକ ଜଟିଳ ବ୍ୟବହାରିକ ତଥା ବିକାଶଗତ ବିଲକ୍ଷଣତା ଯାହା ଶିଶୁମାନଙ୍କ ସାମାଜିକ ଅର୍ନ୍ତଭୁକ୍ତିକୁ ପ୍ରତିହତ କରିଥାଏ। ପ୍ରାରମ୍ଭରୁ ଯଦି ଶିଶୁମାନଙ୍କଠାରେ ଏହି ଲକ୍ଷଣକୁ ଚିହ୍ନଟ କରାଯାଇ ଆବଶ୍ୟକ ଥେରାପି ପ୍ରଦାନ କରାଯାଏ ତେବେ ଏହାର ନିରାକରଣ ସମ୍ଭବପର ହୁଏ। ଏହାର ସଚେତନତା ନିମନ୍ତେ ପ୍ରତିବର୍ଷ ଏପ୍ରିଲ୍ ୨ ତାରିଖକୁ ବିଶ୍ୱ ଅଟିଜିମ୍ ଦିବସ ରୂପେ ପାଳିତ କରାଯାଇ ଆସୁଛି। ଭିନ୍ନକ୍ଷମଙ୍କ ପୁନଃ ପ୍ରତିଷ୍ଠା ଓ ସାମାଜିକ ଅନ୍ତର୍ଭୁକ୍ତି ନିମନ୍ତେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପୁର୍ନବାସ' ପକ୍ଷରୁ ଏହି ଦିବସକୁ ମାଧପୁରସ୍ଥିତ ଥେରାପି କେନ୍ଦ୍ରରେ ପାଳନ କରାଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଅକ୍ୟୁପେସ୍‌ନାଲ ଥେରାପିଷ୍ଟ ଶୁଭଶ୍ରୀ ଜେନା, ଗୁଞ୍ଜନ ସ୍ମିତା ବେହେରା ଅଟିଜିମ୍‌ର କାରଣ ଓ ନିରାକରଣ ସମ୍ପର୍କିତ ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ। ପୁର୍ନବାସର କାଉନସେଲର ସଞ୍ଜୀବ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ.ପ୍ରମୋଦ କୁମାର ସାହୁ, ଅଧ୍ୟାପିକା ତେଜସ୍ୱିନୀ ସାମଲ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଟିଜିମ୍ ପୀଡିତ ଶିଶୁମାନଙ୍କ ଅଭିଭାବକମାନେ ମଧ୍ୟ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କ ଡାକ୍ତରୀମାଇନା ହେଲା

ପଟ୍ଟାମୁଣ୍ଡାଇ,୨।୪(ସ୍ୱ.ପ୍ର.)

**ନାବାଳିକା ଅପହରଣ: ଅଭିଯୁକ୍ତ ଗିରଫ ଘଟଣା**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୋଲିସ ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଥିଲା। ଉକ୍ତ ନାବାଳିକାଙ୍କୁ ନେଇ ଶିଶୁ ସୁଧାର ଗୃହରେ ରଖିଥିଲା। ରବିବାର ପୋଲିସ ଅଭିଯୁକ୍ତଙ୍କର ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଡାକ୍ତରୀମାଇନା କରାଇଛି। ସୋମବାର ନାବାଳିକାଙ୍କ ବୟାନ ରେକର୍ଡ ଓ ଡାକ୍ତରୀ ମାଇନା କରାଯିବ। ଏଥିସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଅନ୍ତର୍ଯ୍ୟାମୀ ବିଶ୍ୱାଳ କହିଛନ୍ତି।
ସୂଚନା ଅନୁଯାୟୀ, ମାର୍ଚ୍ଚ ୬ରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ କେହି ଅପହରଣ କରିନେବା ସହ ୧ ଲକ୍ଷ ଟଙ୍କା ଦାବି କରୁଥିବା ଥାନାରେ ତାଙ୍କ ବାପା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ.୨୧୬/୨୩ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଆଇଆଇସି ବିଶ୍ୱାଳ ମୋବାଇଲ ଫୋନ୍ ନମ୍ବରକୁ ଟ୍ୟାଗିଂ କରି ଲୋକେଶନ ପତ୍ତା କରିଥିଲେ। ପରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ବିଶ୍ୱାଳ ପୁରୀ ଚନ୍ଦନପୁର ଯାଇଥିଲେ। ସେଠାରୁ ଅଭିଯୁକ୍ତ ସୁମନ୍ତ ମଲିକ(୨୫)ଙ୍କୁ ଗିରଫ କରିବା ସହ ଅପହୃତା ନାବାଳିକାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ଅଭିଯୁକ୍ତ ସୁମନ୍ତଙ୍କ କହିବା ମୁତାବକ, ଉଭୟଙ୍କ ମଧ୍ୟରେ ୩ ବର୍ଷ ହେଲା ପ୍ରେମସମ୍ପର୍କ ଥିଲା।

# ଆଳିରେ ପୋଲିସ ପକ୍ଷରୁ ଗାଡ଼ି ଚେକିଂ

ଆଳି,୨।୪ (ଡି.ଏନ.ଏ.)

ଚଳିତ ମାସ ପ୍ରଥମ ସପ୍ତାହରେ ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁରେ ରୋକ ଦେବା ନିମନ୍ତେ ଆରମ୍ଭ ହୋଇଛି ମୃତ୍ୟୁ ଶୂନ୍ୟ ସପ୍ତାହ। ଏହି ନିର୍ଦ୍ଦେଶ ମିଳିବା ପରେ ଆଳି ପୋଲିସ ପକ୍ଷରୁ ୧ ତାରିଖଠାରୁ ରାସ୍ତାରେ ଚେକିଂ କଡାକଡ଼ି କରାଯାଉଛି। ରାସ୍ତାରେ ହେଲମେଟ ପିନ୍ଧି ନ ଥିବା, ଦ୍ରୁତଗତିରେ ଗାଡ଼ି ଚଳାଉଥିବା, ସିଟ ବେଲ୍ଟ ବାନ୍ଧି ନ ଥିବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା, ନାବାଳିକାନାବାଳକ ଗାଡ଼ି ଚାଳକଙ୍କୁ ଚେକିଂ କରାଯାଉଥିବା ଦେଖିବାକୁ ମିଳିଛି। ଥାନା ଏସ୍‌ଆଇ ମମତା ବିଶ୍ୱାଳ, କନଷ୍ଟେବଳ ହରେକୃଷ୍ଣ ଦାସ, ବୈଲୋଚନ ବଳ, ପ୍ରମୋଦ ବେହେରା, ନମିତା ସ୍ୱାଇଁ, ପବିତ୍ର ସାମଲ, ହୋମଗାର୍ଡ ପ୍ରଶାନ୍ତ ସିଂହ ପ୍ରମୁଖ ଥାନା ଛକରେ ଏହି ଚେକିଂ କରୁଛନ୍ତି। ୨ ଦିନରେ ଗାଡି ଚାଳକମାନଙ୍କଠରୁ ୫୭ ହଜାର ଟଙ୍କାର ଫାଇନ ଆଦାୟ କରାଯାଇଥିବା ଥାନା ପକ୍ଷରୁ ସୂଚନା ମିଳିଛି।




ପୋଲିସ ପକ୍ଷରୁ ଆଳି ଥାନା ଛକରେ ବାଇକ୍‌ର ଯାଞ୍ଚ ଚାଲିଛି।

# ଶୀତଳ ଭଣ୍ଡାର ନ ଥିବାରୁ ଚାଷୀ ହତାଶ

ପଟ୍ଟାମୁଣ୍ଡାଇ,୨।୪(ସ୍ୱ.ପ୍ର.)

- ଶିକ୍ଷିତ ଯୁବତୀ,ଯୁବକ ନିଯୁକ୍ତି ଅଭାବରୁ ବେକାର
- ଦାଦନ ଖଟିବାକୁ ଯାଉଛନ୍ତି ଶ୍ରମିକ ଶ୍ରେଣୀୟ ଲୋକେ
- ଚାଷ କରି ବି ଚାଷୀମାନେ ଉଠାଇ ପାରୁନାହାନ୍ତି ଲାଭ

ରାଜ୍ୟର ପ୍ରମୁଖ ଜିଲା ଭାବେ କେନ୍ଦ୍ରାପଡ଼ାର ସ୍ୱତନ୍ତ୍ର ପରିଚୟ ରହିଛି। ଏକଦା ମନ୍ତ୍ରୀପଡ଼ା ଭାବେ ପରିଚିତ କେନ୍ଦ୍ରାପଡ଼ା ଆଜି ବି ଶିଳ୍ପବିହୀନ। ଜିଲାର ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ଶିକ୍ଷିତ ଯୁବତୀଯୁବକମାନେ ନିଯୁକ୍ତି ଅଭାବରୁ ବେକାର ହୋଇ ବସିଥିବାବେଳେ କାମଧନ୍ଦା ନ ପାଇ ଶ୍ରମିକ ଶ୍ରେଣୀର ଲୋକମାନେ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ଅଧିକନ୍ତୁ ଯେଉଁମାନେ କୃଷି ଉପରେ ଭରସା କରି ନିଜର ଆଗାମୀ ଭବିଷ୍ୟତ ଓ ତେଲଲୁଣର ସଂସାରକୁ ଗଢିବା ପାଇଁ ସ୍ୱପ୍ନ ଦେଖୁଛନ୍ତି ସେମାନେ ମଧ୍ୟ ବହୁ ସମୟରେ ହତାଶ ହେଉଛନ୍ତି। କୃଷି ସାମଗ୍ରୀର ଉଚିତ ଦର ମିଳୁ ନ ଥିବାବେଳେ ଶୀତଳଭଣ୍ଡାର ଅଭାବରୁ ଅଧିକାଂଶ ସମୟରେ ଉତ୍ପାଦିତ ସାମଗ୍ରୀ ନଷ୍ଟ ହେଉଛି। ଅର୍ଥକରୀ ଫସଲ ଭାବେ ପରିଚିତ ପନିପରିବା ରକ୍ଷଣାବେକ୍ଷଣ ଅଭାବରୁ ପଚି ନଷ୍ଟ ହେଉଛି। କିଛିଦିନ ହେବ ଅଦିନିଆ ବର୍ଷା କାରଣରୁ ପନିପରିବା ଫସଲ ପଚିଯିବା ଭୟରେ ଚାଷୀମାନେ ତୋଳି କମ୍ ମୂଲ୍ୟରେ ବିକ୍ରି କରିବା ପାଇଁ ବାଧ୍ୟ ହୋଇଛନ୍ତି ବୋଲି ଅଭିଯୋଗ ହୋଇଛି।
ଶୀତଳଭଣ୍ଡାର ସୁବିଧା ନ ଥିବାରୁ କଷ୍ଟଲବ୍ଧ ଫସଲକୁ ମଧ୍ୟ ରକ୍ଷା କରାଯାଇପାରୁନାହିଁ ବୋଲି କୃଷକ ନେତା ବିଜୟ ଦାସ, ସୁରେନ୍ଦ୍ର ପରିଡା, ସୁଶାନ୍ତ ସାମଲ, ଭାସ୍କର ରାଉତ, କୁଞ୍ଜବିହାରୀ ନାୟକ ପ୍ରମୁଖ କହିଛନ୍ତି। ସେହିପରି ନରେନ୍ଦ୍ର ଧଳ, ହିମାଂଶୁ ବିଶ୍ୱାଳ, ଚିତ୍ତରଞ୍ଜନ ମଲ୍ଲିକ ପ୍ରମୁଖ କୁହନ୍ତି, ପଟ୍ଟାମୁଣ୍ଡାଇ ବ୍ଲକର ଧୋୟାଞ୍ଚଳରେ ଥିବା ଅଣ୍ଡରା, ଅମୃତମଣୋହୀ, ବଲୁରିଆ, ପେଣ୍ଠପାଳ, ତରଡିପାଳ, ସିଂହଗାଁ, ନୀଳକଣ୍ଠପୁର, ଡାମରପୁର, ବାଲିପାଟଣା, ବାଛରା, ଶ୍ରୀରାମପୁର, ବଳଭଦ୍ରପୁର ଆଦି ପଞ୍ଚାୟତ ଓ ଭେଡ଼ା ଅଞ୍ଚଳରେ ଥିବା ନରସିଂହପୁର, ଡିହାପଡା, ମୂଳବସନ୍ତ, ଗଙ୍ଗାରାମପୁର, ସାନଜରିଆ, ଦିହୁଡ଼ିପୁର, ବଡପଡା, ବଡମୋହନପୁର, ଖଡିଅଣ୍ଠା ଆଦି ପଞ୍ଚାୟତ ଏବଂ ପୌରାଞ୍ଚଳ ବାଲିପଡା, କଷଣଅଣ୍ଠା, ଷଣ୍ଢପଲ୍ଲୀ, ତନୁପୁର, କାକୁଡିପଲ୍ଲୀ, ଅଳଭା ଆଦି ଧୋୟାଞ୍ଚଳରେ ବହୁଳ ଭାବେ ପନିପରିବା ଫସଲ କରାଯାଇଥାଏ। ଏହି ଫସଲକୁ ପଟ୍ଟାମୁଣ୍ଡାଇ ସମେତ ଆଖପାଖ ବିଭିନ୍ନ ହାଟ ବଜାରରେ ବିକ୍ରି କରାଯାଇଥାଏ। ଚାଷୀମାନେ ବହୁ କଷ୍ଟରେ ଚଢ଼ା ଦାମରେ ମଞ୍ଜି, ଚାରା, ପୋକମରା ଔଷଧ, ରାସାୟନିକ ସାର ବ୍ୟବହାର କରି ପନିପରିବା ଫସଲ କରିଥାନ୍ତି। ଏପରି କି ଜଳସେଚନ ସୁବିଧା ନ ଥିବା ଅଞ୍ଚଳରେ ଟେଣ୍ଡାରେ ବହୁ ପରିଶ୍ରମ କରି ଜମିକୁ ଜଳସେଚିତ କରିବା ସହିତ ଆଳୁ, ବାଇଗଣ, ଟମାଟୋ, ପୋଟଳ, କଖାରୁ, ଭେଣ୍ଡି, ପିଆଜ ଓ ରସୁଣ ଆଦି ଫସଲ କରିଥାନ୍ତି। ହେଲେ ଶୀତଳଭଣ୍ଡାର ନ ଥିବାରୁ ଚାଷୀମାନେ ଉଚିତ ମୂଲ୍ୟରେ ପନିପରିବା ବିକ୍ରି କରିବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଥିପାଇଁ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇଠାରେ ୨ଟି ଶୀତଳଭଣ୍ଡାର ଖୋଲିବା ପାଇଁ କୃଷକମାନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି ହେଉଛି।

## ସଂକ୍ଷେପରେ

### 'ମୋ ଓଡ଼ିଶା' ଗୀତ ଗାଇଲେ ଗଜପତିର ଦୀପଶିଖା



ପାରଳାଖେମୁଣ୍ଡି,୨।୪(ଡି.ଏନ୍.ଏ.)-ପବିତ୍ର ଉତ୍କଳ ଦିବସ ଅବସରରେ ମୁକ୍ତିଲାଭ ହୋଇଯାଇଛି ଓଡିଶାର ସଂଗୀତ 'ମୋ ଓଡିଶା'। ଏହି ସଂଗୀତ ଏକ ଭିନ୍ନ ଧରଣର ହୋଇଛି। ଓଡିଶାର ୩୦ଟି ଜିଲାରୁ ୩୦ଜଣ କଣ୍ଠଶିଳ୍ପୀ ଏଥିରେ କଣ୍ଠଦାନ କରିଛନ୍ତି। ଏହି ୩୦ଜଣ ମଧ୍ୟରୁ ଗଜପତି ଜିଲା ପାରଳାଖେମୁଣ୍ଡି ସହରର କରଣସାହି ନିବାସୀ କଣ୍ଠଶିଳ୍ପୀ ଜ୍ୟୋତି ପଟ୍ଟନାୟକଙ୍କ କନ୍ୟା ଦୀପଶିଖା ସୁଯୋଗ ପାଇ କଣ୍ଠ ଦାନ କରିଛନ୍ତି। ଏହି ସଂଗୀତକୁ ସୂର୍ଯ୍ୟ ମହାପାତ୍ର ରଚନା କରିଛନ୍ତି। ଓଲିଉଡର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଗୁଡୁଲି ରଥ ଭୁବନେଶ୍ୱର ସ୍ଥିତ ସୋମେଶ ଷ୍ଟୁଡିଓରେ ଏହା ଡବିଙ୍ଗ ହୋଇଥିବାର ଜଣାପଡିଛି । ଦୀପଶିଖା ବର୍ତ୍ତମାନ ହିନ୍ଦୁସ୍ଥାନୀ ସଂଗୀତ ଶିକ୍ଷାରେ ଶେଷ ବର୍ଷର ଛାତ୍ରୀ । ଓଡିଶା ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ମଧ ଅନେକ ମଞ୍ଚରେ ସେ ନିଜର ପାରିଦର୍ଶିତା ପ୍ରଦାନ କରି ଆସୁଛନ୍ତି ।

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଚାଳକ ମୃତ

**ଖଲ୍ଲିକୋଟ,୨।୪(ଡି.ଏନ.ଏ.):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଲଙ୍ଗଳେଶ୍ୱର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ରବିବାର ମଧ୍ୟାହ୍ନରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ବାଇକ୍ ପିଟି ହୋଇଯିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ପାତ୍ରପଡ଼ା ଅଞ୍ଚଳର ରାମେଶ୍ୱର ଦାସ। ରମେଶ୍ୱର ବାଇକ (ନଂ ଓଡି ୩୩ ଏସି ୯୪୬୭) ଯୋଗେ ଆସିକା ଅଭିମୁଖେ ଯାଉଥିବା ବେଳେ ଲଙ୍ଗଳେଶ୍ୱର ରିଲାଏନ୍ସ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ ପିଟି ହୋଇଯାଇଥିଲେ। ଦୁର୍ଘଟଣା ପରେ ଭୟରେ ଟ୍ରକ୍ ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତରେ ଗୁରୁତରଙ୍କୁ ପ୍ରଥମେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାମେଶ୍ୱରଙ୍କ ମୃତ୍ୟୁ ଘଟିଥିଲା

### ସୋରଡ଼ାରେ ଦଣ୍ଡଯାତ୍ରା ଶୁଭାରମ୍ଭ

**ସୋରଡ଼ା,୨।୪(ଡି.ଏନ୍.ଏ.):** ସୋରଡ଼ାରେ ପାରମ୍ପରିକ ଦଣ୍ଡଯାତ୍ରାର ରବିବାର ଶୁଭାରମ୍ଭ ହୋଇଛି। ସୋରଡ଼ାର ୩ ଦଳ ସମେତ ସୁରମଣୀ, ଲାଠିପଡ଼ା, କୁଲାଙ୍ଗୀ, ବଡ଼ଗଡ, ସିଦ୍ଧପୁର, ମେରିକୋଟ, ଖଜୁରିପଲି, ହୁକୁମା, ଭାଲିଆପଡାଠାରେ ଆରମ୍ଭ ହୋଇଛି। ଏଥିପାଇଁ ଅଞ୍ଚଳ ଚଳ ଚଞ୍ଚଳ ହୋଇଛି। ପୋଲିସ ତରଫରୁ ମଧ କଡ଼ା ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଶିଶୁ ଗୁରୁତର

**ଦିଗପହଣ୍ଡି,୨।୪(ଡି.ଏନ.ଏ.):** ପାଟପୁର ଥାନା ଅନ୍ତର୍ଗତ ଗୁମ୍ମା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଜଣେ ଶିଶୁ ଗୁରୁତର ହୋଇଛି। ସେ ଲିସା ଗୌଡ(୭)। ଶନିବାର ରାତିରେ ଗାଁରେ ଦଣ୍ଡନାଚ ଅପେରା ଚାଲିଥିଲା। ଅପେରା ଦେଖିବା ପାଇଁ ଶିଶୁଟି ପାହାନ୍ତିଆ ସମୟରେ ଯାଇଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ଶିଶୁକୁ ଦଗିପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରିଥିଲେ।

### ପିକ୍‌ଅପ୍ ଭ୍ୟାନ୍-ବାଇକ୍ ଧକ୍କା, ଯୁବକ ଗୁରୁତର

**ଦିଗପହଣ୍ଡି,୨।୪(ଡି.ଏନ.ଏ.):** ଜଣେ ମାନସିକଧାରୀ ଯୁବକ ନିଜର ମାନସିକ ପୂରଣ କରିବାକୁ ଦଣ୍ଡନାଚରେ ସାମିଲ ହେବାକୁ ସ୍ଥାନୀୟ ଥାନା ଚୁଡୁଙ୍ଗପୁର ଗ୍ରାମକୁ ଯାଉଥିବା ବେଳେ ରବିବାର ଗାଁ ନିକଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ସେ ହେଲେ କେ.ନୂଆଗାଁ ଥାନା ଅନ୍ତର୍ଗତ ଲାଲ୍‌ମେଣ୍ଟା ଗ୍ରାମର ଏଲ୍.ବାଇଲଡୁ(୨୪)। ଏଲ୍.ବାଇଲଡୁ ନିଜର ମାନସିକ ପୁରଣ କରିବା ପାଇଁ ଦଣ୍ଡନାଚରେ ସାମିଲ୍ ହେବା ପାଇଁ ବାଇକ୍ ଯୋଗେ ଚୁଡୁଙ୍ଗପୁର ଗ୍ରାମକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଗାଡି ସହ ଧକ୍କା ହୋଇଥିଲା। ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଛେନାପୋଡ଼ କାଟି ପାଳନ ହେଲା ଜିଲା ପ୍ରତିଷ୍ଠା ଦିବସ

**ନୟାଗଡ଼ ଅଫିସ,୨।୪**

ଜିଲାସଦର ମହକୁମାର ଖେଳପଡିଆରେ ନୟାଗଡ଼ ଜିଲାସ୍ତରୀୟ ଓଡ଼ିଶା ଦିବସରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ଜିଲା ପ୍ରତିଷ୍ଠା ଦିବସରେ କାର୍ଯ୍ୟକ୍ରମ ଶେଷ ହୋଇଛି। ଜିଲା ପ୍ରତିଷ୍ଠା ଦିବସକୁ ଛେନାପୋଡ଼ କାଟି ସେଲିବ୍ରେଶନ କରାଯାଇଛି। ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ କହିଥିଲେ ନୟାଗଡ଼ ଜିଲାର କଣ୍ଟେଇମୁଣ୍ଡି ବାଇଗଣ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବାକୁ ଯାଉଥିବାବେଳେ ଛେନାପୋଡ଼କୁ ମାନ୍ୟତା ଦେବା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଜିଲା ପ୍ରଶାସନ ପକ୍ଷରୁ



**କଣ୍ଟେଇମୁଣ୍ଡି ବାଇଗଣ, ଛେନାପୋଡ଼ ଜିଆଇ ଟ୍ୟାଗ୍ ଦୌଡରେ**



ଛେନାପୋଡ଼ କାଟି ଅତିଥିମାନେ ନୟାଗଡ଼ ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି ।

ଏନେଇ ଆବେଦନ ହୋଇ ସାରିଛି । ଏଣୁ ଏପ୍ରିଲ ୧୧ରେ ଛେନାପୋଡ଼ର ପ୍ରସ୍ତୁତକର୍ତ୍ତା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିବସକୁ ଛେନାପୋଡ଼ ଦିବସ ରୂପେ ପାଳନ କରାଯିବ । ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ବକ୍ତବ୍ୟରେ କହିଥିଲେ ଆମ ଜିଲାରେ ଖଣିଜ ସମ୍ପଦ ନ ଥିଲେ ମଧ ମହାନଦୀ, ଜଗନ୍ନାଥଙ୍କ ଆଦିକ୍ଷେତ୍ର ନୀଳମାଧବ ଅଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଓ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷ ନିରୁପମା ଖଟେଇ, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ ପ୍ରମୁଖ ଯୋଗଦେଇଥିଲେ। ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ ମଞ୍ଚ ପରିଚାଳନା କରିଥିଲେ। ନୟାଗଡ଼ ବନ୍ଦନା ଦର୍ଶକଙ୍କୁ ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ସେହିଭଳି ସାଇ ସଙ୍ଗମ କଟକ ପକ୍ଷରୁ ମେଲୋଡି ପରିବେଷଣ ହୋଇଥିଲା। ନୟାଗଡ ବିଡିଓ ପଦ୍ମ ଚରଣ ସାହୁ, ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

### ଖବରଦାତାଙ୍କୁ ଅଣଦେଖା

ଓଡିଶା ଦିବସ ଓ ଜିଲାପ୍ରତିଷ୍ଠା ଦିବସରେ ଖବରଦାତାଙ୍କ ପାଇଁ ବସିବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ହେଲେ ଖବରଦାତାଙ୍କ ସିଟ୍‌ରେ ଅନ୍ୟମାନେ ଅକ୍ତିଆର କରି ଉତ୍ସବର ମଜା ଉଠାଉଥିଲେ । ଖବରଦାତା ଫଟୋ ଉଠାଇ ଭିଜୁଆଲ ସଂଗ୍ରହ କରି ସିଟ୍‌କୁ ଫେରିବାବେଳେ ସିଟ୍ ମିଳୁ ନ ଥିଲା । ୨ଦିନ ଧରି ଅବ୍ୟବସ୍ଥା ଲାଗି ରହିଥିଲା। ଜିଲା ପ୍ରଶାସନ ଓ ଲୋକ ପ୍ରତିନିଧି ବସିବା ପାଇଁ ଅନୁରୂପଭାବେ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲାବେଳେ ସେମାନଙ୍କର ଅସୁବିଧା ନ ଥିଲା । ହେଲେ ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

### ତ୍ରୁଟିକୁ ସଂଶୋଧନ କରାଗଲାନି

ଜିଲା ପତିଷ୍ଠା ଦିବସରେ କେତେଜଣ ଅତିଥିଙ୍କ ବିବୃତି ଓ ଆଙ୍କରିଂ ହେଉଥିବାବେଳେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଥିଲା । ହେଲେ ତ୍ରୁଟିକୁ ସଂଶୋଧନ କରାଯାଇ ନ ଥିଲା। ସେହିପରି ଶବ୍ଦ ପ୍ରଦୂଷଣକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଅତ୍ୟାଧିକ ସାଉଣ୍ଡରେ ସଭାସ୍ଥଳ ପ୍ରକମ୍ପିତ ହେଉଥିଲା। ଅନେକ ଏହାକୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷେ ସାଂସ୍କୃତିକ କମିଟିର ନିର୍ଦ୍ଦେଶକୁ ଅଣଦେଖା କରି ମନଇଚ୍ଛା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ କରାଯିବାକୁ ଉଦ୍ୟମ କରାଯାଉଥିଲା। ଏପରିକି ସ୍ୱଚ୍ଛ ନୟାଗଡ କାର୍ଯ୍ୟକ୍ରମ କରିବାକୁ ଆଙ୍କରିଂ ହେଉଥିବାବେଳେ ପ୍ରତିବାଦ ଉଠିଥିଲା। ପରେ କାର୍ଯ୍ୟକ୍ରମ ପରିବର୍ତ୍ତନ କରି ମେଲୋଡି ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆଙ୍କରିଂ କରି ଅଯଥା ସମୟ ନଷ୍ଟ କରାଯାଉଥିବାରୁ ପ୍ରତିବାଦ ଉଠିଥିଲା ।

# ବକ୍ତୃତାରେ ପ୍ରତ୍ୟାଶା ରାଜ୍ୟରେ ପ୍ରଥମ




ଅତିଥିମାନେ ପ୍ରତ୍ୟାଶାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ନୟାଗଡ଼ ଅଫିସ,୨।୪**

ନୟାଗଡ଼ ବ୍ଲକ ନୋତର ଆଦର୍ଶ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରତ୍ୟାଶା ଶତପଥୀ ଓଡିଶା ଦିବସ ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାରୀ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି । ହାଇସ୍କୁଲ ସ୍ତରରେ ପ୍ରତ୍ୟାଶା ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ପ୍ରତ୍ୟାଶାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତ ଉଜ୍ଜଳ କାମନା କରିଛନ୍ତି । ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁ ପ୍ରଶାସନ ପକ୍ଷରୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ପ୍ରତ୍ୟାଶା ରାଜ୍ୟରେ ପ୍ରଥମ ହୋଇଥିବାରୁ ନୋତର ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପ୍ରିନ୍ସପାଲ ପ୍ରତ୍ୟାଷାକୁ ଶୁଭେଚ୍ଛା ଜଣାଇଛନ୍ତି । ଶନିବାର ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ପ୍ରତ୍ୟାଶାଙ୍କୁ ଟ୍ରଫି, ସାର୍ଟିଫିକେଟ ସହ ୫ ହଜାର ଟଙ୍କା ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ । ରାଜ୍ୟରେ ପୁରସ୍କୃତ ହେବା ଖୁସିରେ ରବିବାର ଜିଲା ପ୍ରତିଷ୍ଠା ଦିବସରେ ପ୍ରତ୍ୟାଶାଙ୍କୁ ନୟାଗଡ଼ ବିଧାୟକ ଓ ଜିଲାପାଳ ଅନୁରୂପ ଭାବେ ୧୦ ହଜାର ଟଙ୍କା ପୁରସ୍କାର ବାବଦରେ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ଓଡ଼ିଶା ଦିବସ

**ଆସିକା,୨।୪(ଡି.ଏନ.ଏ.)**

ଆସିକା ସହର ତଥା ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଓଡ଼ିଶା ଦିବସ ପାଳିତ ହୋଇଥିଲା । ଆସିକା ଏନ୍‌ଏସିର ବାଣୀବିହାରସ୍ଥିତ ବରିଷ୍ଠ ନାଗରିକ ଭବନଠାରେ ବରିଷ୍ଠ ନାଗରିକ ସଂଗଠନ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ଶର୍ମା, ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା, ଅଜିତ ପଟ୍ଟନାୟକ, ଲଳିତ ମୋହନ ଦାଶ, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଥିଲେ। ସେହିଭଳି ଆସିକା ବ୍ଲକର ଖାରିଆ ପଞ୍ଚାୟତରେ ସମ୍ଭାବନା ସାରସ୍ୱତ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଗାଁରେ ଓଡ଼ିଶା ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା।

# ଜନ ଆରୋଗ୍ୟ ସମିତି ବୈଠକ



**ନୟାଗଡ଼ ଅଫିସ,୨।୪**

ନୟାଗଡ଼ ବ୍ଲକ ଇଟାମାଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ରବିବାର ଜନ ଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ପରିଷଦ ସଭ୍ୟ ଆଶିଷ ଅଗ୍ରୱାଲା ମୁଖ୍ୟଅତିଥି ଭାବେ ଯୋଗ ଦେଇ ସମୀକ୍ଷା କରିଥିଲେ। ବଡପଣ୍ଡୁସର୍ ଗୋଷ୍ଠୀ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଆଶୁତୋଷ ପଟ୍ଟନାୟକ ଓ ରାଜେଶ ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଡାକ୍ତର ମନ୍ଦାକିନୀ ତ୍ରିପାଠୀ, ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱ ରଞ୍ଜନ ସୁବୁଦ୍ଧି ,ଦୀପକ ଦଳବେହେରା ଓ ଜନ ଆରୋଗ୍ୟ ସମିତି ସଦସ୍ୟ ଉପସ୍ଥିତ ଥିଲେ । ମେଡ଼ିକାଲରେ ନୂତନ ଘର ତିଆରି ଓ କର୍ମଚାରୀମାନଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଛି। କାୟକଳ୍ପ କାମରେ ମେଡିକାଲକୁ ଉନ୍ନତ ମାନର ଚାରା ରୋପଣ ପାଇଁ ପ୍ରସ୍ତାବ ଆସିଛି। ଜ୍ଞାନରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୈବିକ କୃଷକ ସମ୍ମିଳନୀ



ଅତିଥିମାନେ ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି।

**ପାରଳାଖେମୁଣ୍ଡି,୨।୪(ଡି.ଏନ୍.ଏ.)**

ପାରଳା ସହର ଉପକଣ୍ଠସ୍ଥ ଆର. ସୀତାପୁରସ୍ଥ ଆଲୁରି ନଗରରେ ଥିବା ସେଞ୍ଚୁରିୟନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ ପରିସରରେ ଏକ ଜୈବିକ କୃଷକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସେଞ୍ଚୁରିଆନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ଜୈବିକ ତଥା ପ୍ରାକୃତିକ କୃଷି ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଗ୍ରାମରୁ ପ୍ରାୟ ୫୦୦ କୃଷକ ଅଂଶଗ୍ରହଣ କରି ସେମାନଙ୍କ ଅଭିଜ୍ଞତା ବାଣ୍ଟିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଜୈବିକ ତଥା ପ୍ରାକୃତିକ କୃଷି ଆଞ୍ଚଳିକ କେନ୍ଦ୍ର, ଭୁବନେଶ୍ୱରର ନିର୍ଦ୍ଦେଶକ ଡା. ଭି. ବୀରେନ୍ଦ୍ର କୁମାର ବର୍ମା, ବରିଷ୍ଠ ସାଇଣ୍ଟିଫିକ୍ ଅଧିକାରୀ ଡା. ବାଚସ୍ପତି ପାଣ୍ଡେ, ସିୟୁଟିଏମ୍‌ର ରେଜିଷ୍ଟ୍ରାର ଡକ୍ଟର ଅନୀତା ପାତ୍ର, ସିୟୁଟିଏମ୍‌ର ଡିନ୍ ଆଡ୍‌ମିନିଷ୍ଟ୍ରେଶନ ସ୍କୁଲ ଅଫ୍ ଏଗ୍ରିକଲଚର ଡକ୍ଟର ଏସ୍.ପି. ନନ୍ଦ, ସିୟୁଟିଏମ୍‌ର ନିର୍ଦ୍ଦେଶକ ପ୍ରଶାସକ ଡା.ଦୁର୍ଗା ପ୍ରସାଦ ପାଢ଼ୀ, ଡେପୁଟି ରେଜିଷ୍ଟ୍ରାର ଟ୍ରେନିଂ ଆଣ୍ଡ ପ୍ଲେସ୍‌ମେଣ୍ଟର ଡକ୍ଟର ଏସ. କାମେଶ୍ୱର ରାଓ ଉପସ୍ଥିତ ଥିଲେ। ଜୈବିକ କୃଷକ ସମ୍ମିଳନୀର ମୂଳ ଲକ୍ଷ୍ୟ ଥିଲା କୃଷକମାନଙ୍କୁ ଜୈବିକ କୃଷି ବିଷୟରେ ଅବଗତ କରାଇବା ଏବଂ ଏହାର ବ୍ୟାଖ୍ୟା କରିବା ସହିତ ପରିବେଶ ଏବଂ ପରିବେଶ ଅନୁକୂଳ କୃଷି ସଂରକ୍ଷଣ ଉପରେ ଗୁରୁତ୍ୱ ଦେବା। ଓଡ଼ିଶା ସିଡ୍ ସାର୍ଟିଫିକେଶନ ଏଜେନ୍ସିର ଅବସରପ୍ରାପ୍ତ ମୁଖ୍ୟ ସିଡ୍ ସାର୍ଟିଫିକେଶନ ଅଫିସର ଡା. ଏକାଦଶୀ ନନ୍ଦୀ ଏବଂ ଗଜପତି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡା. ସଂଗ୍ରାମ ପରମଗୁରୁ ଜୈବିକ ଚାଷର ପଦ୍ଧତି ଏବଂ କୌଶଳ ଉପରେ ସେମାନଙ୍କର ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡା. ଶୁଭ୍ରମୟ ନାୟକଙ୍କ ମାର୍ଗଦର୍ଶନରେ ବିବିଏ ଏବଂ ଏମ୍‌ଏସ୍‌ସି ଏକ୍ସଟେନ୍ସନ ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବେ ଅଂଶଗ୍ରହଣ କରିଥିଲେ।

### କାର୍ ଧକ୍କାରେ ମହିଳା ମୃତ, ଗ୍ରାମବାସୀଙ୍କ ରାସ୍ତାରୋକୋ

**ପାରଳାଖେମୁଣ୍ଡି,୨।୪(ଡି.ଏନ୍.ଏ.)**

ମୋହନା ବ୍ଲକ ପୁଡାସଙ୍ଗି ନିକଟରେ ରବିବାର ରାସ୍ତା କଡରେ ଠିଆ ହୋଇଥିବା କୁମାରୀ ଶବର(୪୦)ଙ୍କ କାର୍ ଧକ୍କାରେ ମୃତ୍ୟୁ ଘଟିଛି। କୁମାରୀ କୌଣସି କାମରେ ଯାଉଥିବା ବେଳେ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା କାର (ନମ୍ବର ଓ ଡି୦୭ଏଫ) ମହିଳାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡିକୁ ଅଟକାଇ ଗ୍ରାମବାସୀ ରାସ୍ତା ରୋକୋ କରିଛନ୍ତି।

# ବିନା ନୋଟିସ୍‌ରେ ଉଚ୍ଛେଦକୁ ନେଇ ଅସନ୍ତୋଷ

**ବେଗୁନିଆପଡ଼ା,୨।୪**

ବିନା ନୋଟିସରେ ଉଚ୍ଛେଦକୁ ବିରୋଧ। ଗଞ୍ଜାମ ଜିଲା କୋଦଳା ଏନଏସିରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଦୀର୍ଘ ଦିନ ଧରି କୋଦଳା ବସଷ୍ଟାଣ୍ଡଠାରେ ଟିକେଟ୍ କାଉଣ୍ଟର କରି ଲୋକଙ୍କୁ ସେବା ପ୍ରଦାନ କରୁଥିବା ଏକ ଉଠା ଦୋକାନୀକୁ ବଳ ପୂର୍ବକ ଉଛେଦ କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର କୋଦଳା ତହସିଲଦାର, ପୋଲିସମାନଙ୍କୁ ନେଇ ଦୋକାନୀଙ୍କ ଅନୁପସ୍ଥିତିରେ କେବିନ୍‌କୁ ଟ୍ରାକ୍ଟରରେ ନେଇ ଯାଇଥିବା ଦେଖିବାକୁ ମିଳିଛି। ଏହା ପୂର୍ବରୁ ଦିଗାପଡା ରାସ୍ତାରେ ମଧ ସମାନ ଢଙ୍ଗରେ ଉଚ୍ଛେଦ କରିଥିଲେ ତହସିଲଦାର। ଯାହାକୁ ନେଇ କୋଦଳା ଅଞ୍ଚଳରେ ଅସନ୍ତୋଷ ଦାନା ବାନ୍ଧୁଛି। ତହସିଲଦାରଙ୍କ ବିନା



ଦୋକାନକୁ ଉଚ୍ଛେଦ କରାଯାଉଛି ।

ନୋଟିସରେ ଉଚ୍ଛେଦକୁ ଅନେକ ବିରୋଧ କରୁଥିବା ବେଳେ ଏବେ ଘଟଣା ଥାନାରେ ପହଞ୍ଚିଛି। ବିନା ନୋଟିସରେ ଉଚ୍ଛେଦକୁ ବେଆଇନ ଦର୍ଶାଇ ଥାନାରେ ଅଭିଯୋଗ କରିଥିବା କହିଛନ୍ତି କ୍ଷତିଗ୍ରସ୍ତ ହୋଇଥିବା ଟିକେଟ୍ କାଉଣ୍ଟର ଦୋକାନୀ ଟୁନା ପାଢୀ। ବେଆଇନ ଭାବେ ତାଙ୍କ ଦୋକାନ ଉଚ୍ଛେଦ ହୋଇଥିବା ଅଭିଯୋଗ କରି ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ନ୍ୟାୟ ଦାବି କରିଛନ୍ତି। ସେପଟେ ଏନେଇ କୋଦଳା ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲା ବେଳେ ପ୍ରତିକ୍ରିୟା ହସ୍ତଗତ ହୋଇପାରିନାହିଁ।

# ପଠାଣି ସାମନ୍ତଙ୍କ ଜନ୍ମପୀଠ ରୂପାନ୍ତରଣ ହେଉ

### ରାଜଧାନୀରେ ନୟାଗଡ଼ ଦିବସ

**ଭୁବନେଶ୍ୱର,୨।୪(ବ୍ୟୁରୋ)**

ରାଜ୍ୟରେ ବିଭିନ୍ନ ଐତିହ୍ୟସ୍ଥଳ, ମନ୍ଦିର ଓ ବିଶିଷ୍ଟ ବ୍ୟକ୍ତିଙ୍କ ଜନ୍ମପୀଠର ରୂପାନ୍ତରଣ କାର୍ଯ୍ୟ ଚାଲିଥିବାବେଳେ ଭାରତ ତଥା ବିଶ୍ୱସ୍ତରରେ ଓଡ଼ିଶା ପାଇଁ ପରିଚୟ ନିର୍ମାଣ କରିଥିବା ବିସ୍ମୟ ଜ୍ୟୋତିର୍ବିଦ୍ ପଠାଣି ସାମନ୍ତଙ୍କ ଜନ୍ମପୀଠ ଅବହେଳିତ ହୋଇ ପଡ଼ିରହିଛି। ଖଣ୍ଡପଡ଼ାଠାରେ ଥିବା ପଠାଣି ସାମନ୍ତଙ୍କ ଜନ୍ମପୀଠର ରୂପାନ୍ତରଣ ହେଉ ବୋଲି ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲା ପ୍ରତିଷ୍ଠା ଦିବସ ବା ନୟାଗଡ଼ ଦିବସ ପାଳନ ଅବସରରେ କଥାକାର ଓ ଶିଶୁ ସାହିତ୍ୟିକ ଦାଶ ବେନହୁର କହିଛନ୍ତି। ସାମନ୍ତଙ୍କ ମୃତ୍ୟୁର ୧୨୦ ବର୍ଷ ବିତି ଯାଇଥିବାବେଳେ ତାଙ୍କ ବାସସ୍ଥାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ସେଠାରେ ଏକ ଭବ୍ୟ ସ୍ମାରକୀ ନିର୍ମାଣ ପାଇଁ ସରକାରଙ୍କ ପାଖରେ ମଞ୍ଚ ଦୃଢ଼ ଦାବି କରୁ ବୋଲି ସେ ପରାମର୍ଶ ଦେଇଥିଲେ। ରବିବାର




ରାଜଧାନୀରେ ଆୟୋଜିତ ନୟାଗଡ଼ ପ୍ରତିଷ୍ଠାଦିବସରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ ।

ସ୍ଥାନୀୟ ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଅତିଥି ପ୍ରେମାନନ୍ଦ ମହାପାତ୍ର ନୟାଗଡ଼ ଜିଲାର ୪ ଗଡ଼ଜାତର ଇତିହାସ ଓ ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ସ୍ତମ୍ଭକାର ଓ ଲେଖକ ଜାନକୀଶ ବଡ଼ପଣ୍ଡା ଭୁବନେଶ୍ୱରରେ ନୟାଗଡ଼ ଏକାଠି ହେବା ପାଇଁ ଏକ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ। ସମାଜସେବୀ ନିବେଦିତା ଲେଙ୍କା ନୟାଗଡ଼ ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ସଭିଏଁ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। କଥାକାର ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ସାମ୍ବାଦିକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅମରେଶ ଚନ୍ଦ୍ର ଦାସ, ସୁବ୍ରତ କୁମାର ନାୟକ, ଅଭିଳାଷ ପଣ୍ଡା, ଆଶିଷ କୁମାର ରଥ, ସତ୍ୟେନ୍ଦୁ ଶେଖର ମିଶ୍ର, ସୁଧାଂଶୁ ଶେଖର ସାହୁ, ରାଜକିଶୋର ଡାକୁଆ ଓ ପ୍ରତ୍ୟୁଷ ଦେବାଶିଷ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଭୁବନେଶ୍ୱରରେ ରହୁଥିବା ୫୦ରୁ ଅଧିକ ନୟାଗଡ଼ ବାସିନ୍ଦା ଏହି ଉତ୍ସବରେ ଯୋଗଦେଇଥିଲେ। ଏପ୍ରିଲ ୧୧ରେ ଭୁବନେଶ୍ୱରରେ ଦ୍ୱିତୀୟ ଛେନାପୋଡ଼ ଦିବସ ପାଳନ ହେବା ପାଇଁ ଏହି ଅବସରରେ ନିଷ୍ପତ୍ତି ନିଆଯାଇଥିଲା।

## ସଂକ୍ଷେପରେ

### ଓଡ଼ିଶା ଦିବସ ପାଳିତ

ଯାଜପୁର ରୋଡ,୨।୪(ଡି.ଏନ.ଏ.): ବ୍ୟାସନଗର ସହରର ଉତ୍ସବ ପ୍ୟାଲେସ ମଣ୍ଡପଠାରେ ଉତ୍କଳ ଦିବସ ସମାରୋହ ସମିତି ପକ୍ଷରୁ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବ୍ୟାସନଗର ପୌରପରିଷଦ ଅଧକ୍ଷା ସଙ୍ଗୀତା ପିଙ୍ଗୁଆ, ମୁଖ୍ୟଅତିଥି ଭାବେ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ନିରଞ୍ଜନ ଶତପଥୀ, ସମ୍ମାନିତ ଅତିଥି ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାପିକା ଡ. ବାସନ୍ତୀ ମାହାନ୍ତି, ମୁଖ୍ୟବକ୍ତା ପୂର୍ବତନ ସହସମ୍ପାଦକ ଅରୁଣ କୁମାର ପଣ୍ଡା, ମୁଖ୍ୟ ଉପଦେଷ୍ଟା ଡ. ହେମନ୍ତ କିଶୋର ସାହୁ, ପୂର୍ବତନ ବ୍ୟାସନଗର ପୌର ଅଧକ୍ଷା ସବିତା ରାଉତ ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମିତି ସଭାପତି ଡ. ଦୁଷ୍ମନ୍ତ କୁମାର ନାୟକ ସଭାତିତ୍ୱରେ ଅନୁଷ୍ଠିତ ଏହି ସଭାରେ କମିଟି ସମ୍ପାଦିକା ବ୍ରଜେଶରୀ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜ୍ଞାନରଞ୍ଜନ ରାଉତ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ହାଇସ୍କୁଲ ଓ କଲେଜସ୍ତରର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଅଶୋକ ବୋଷ, ମାୟାଧର ନାୟକ, ରଞ୍ଜନ ନାୟକ, ପଣ୍ଡିତ ଯୁଗଳ କିଶୋର ମିଶ୍ର, ଅଶ୍ୱିନୀ ଦାସ, ନିରଞ୍ଜନ ଘଡେଇ, ପ୍ରତିଭା ପାତ୍ର, ମଦନ କର, ସୌରଭ ନାୟକ, ମିରିନା ମହାନ୍ତି, ମଞ୍ଜୁଲତା ନାୟକ, ଅଶାନ୍ତି ସାମଲ ଓ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଇଂ. ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଉଦ୍ଧାର ଆହତ ହରିଣର ମୃତ୍ୟୁ

ବାରିପଦା ଅଫିସ, ୨।୪: ଶିମିଳିପାଳ ଅଭୟାରଣ୍ୟରୁ ବାଟବଣା ହୋଇଥିବା ଏକ ହରିଣକୁ ବନ ବିଭାଗ ଉଦ୍ଧାର କରିବା ପରେ ଚିକିତ୍ସାଧୀନ ଅବସ୍ଥାରେ ତା'ର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଛି। ରବିବାର ବାରିପଦା ମଞ୍ଚାବନ୍ଧାସ୍ଥିତ ଲେଡି ହେମିଲଟନ ଆମ୍ବ ବାଗାନରେ ଏକ ହରିଣ ଗୁରୁତର ଅବସ୍ଥାରେ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ତାକୁ ଉଦ୍ଧାର କରି ଚିକିତ୍ସା ଆରମ୍ଭ କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ହରିଣର ମୃତ୍ୟୁ ଘଟିଛି। ଅନଭିଜ୍ଞ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ହେଉଥିବା ବନ୍ୟଜନ୍ତୁଙ୍କର ହୃଦ୍‌ଘାତଜନିତ କାରଣରୁ ମୃତ୍ୟୁ ଘଟୁଥିବା ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

# କାର୍ଯ୍ୟାନୁଷ୍ଠାନରେ ରଫାଦଫା

## ନକଲି ଜାତିଗତ ପ୍ରମାଣପତ୍ର ମାମଲା

- ପୁରୁଣା ରିପୋର୍ଟ ଆଧାରରେ ୯ ଶିକ୍ଷକଙ୍କୁ କ୍ଲିନଚିଟ୍
- ପୂର୍ବରୁ ନିଲମ୍ବିତ ହୋଇଛନ୍ତି ସମାନ ଜାତିର ୨ ଶିକ୍ଷକ
- ଲକ୍ଷାଧିକ ଟଙ୍କା ଅସୁଲି ସନ୍ଦେହ

ଯାଜପୁର ଅଫିସ/କୋରେଇ (ଡି.ଏନ୍.ଏ.),୨।୪

ନକଲି ଜାତିଗତ ପ୍ରମାଣପତ୍ର ଅଭିଯୋଗରେ ୨ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବାବେଳେ ସମାନ ଜାତିର ଅନ୍ୟ ୯ ଶିକ୍ଷକଙ୍କୁ କ୍ଲିନ୍‌ଚିଟ୍ ଦିଆଯାଇଛି। ଯାଜପୁର ଜିଲାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଆର୍‌ଡିସିଙ୍କ ନିର୍ଦ୍ଦେଶକୁ ତହସିଲ କର୍ତ୍ତୃପକ୍ଷ ଅତି ଚାଲାକିରେ ରଫାଦଫା କରିଥିବା ଚର୍ଚ୍ଚା ହେଉଛି। ଫଳରେ ଜିଲାର ଶତାଧିକ ନକଲି ପ୍ରମାଣପତ୍ରଧାରୀ ଶିକ୍ଷକ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ହାସଲ କରୁଥିବାବେଳେ ବାସ୍ତବ ମେଧାବୀ ଓ ଆଦିବାସୀ ଛାତ୍ରୀଛାତ୍ର ସେଥିରୁ ବଞ୍ଚିତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି।

ଜିଲାର କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ ୨୩।୯।୨୦୨୨ର ପତ୍ର ଆଧାରରେ ତହସିଲ କର୍ତ୍ତୃପକ୍ଷ ୯ ଜଣ ଶିକ୍ଷକଙ୍କ ଜାତିଗତ ସମ୍ପର୍କିତ ପୁରୁଣା କାଗଜପତ୍ର ତଥ୍ୟକୁ ଦର୍ଶାଇ ୬ ମାସ ପରେ ଥାଉ ୧୪।୨।୨୦୨୩ରେ ରିପୋର୍ଟ ଦାଖଲ କରିଛନ୍ତି। କୌଣସି କ୍ଷେତ୍ର ପରିଦର୍ଶନରେ ନ ଯାଇ କିମ୍ବା ମୂଳ ପରିବାର ସମ୍ପର୍କରେ ଛାନ୍‌ଭିନ୍ ନ କରି ରିପୋର୍ଟ ଦାଖଲ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ନକଲି ଜାତିଗତ ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ପିଛା ଲକ୍ଷାଧିକ ଟଙ୍କା ଅସୁଲି କରାଯାଇ ମାମଲାକୁ ଦବେଇ ଦେବାକୁ ଚକ୍ରାନ୍ତ ହୋଇଥିବା ଅଭିଯୋଗ ହେଉଛି।

ଯାଜପୁର ଜିଲାରେ ଶତାଧିକ ନକଲି ଶିକ୍ଷକ ଛପି ରହିଥିବା ଏକ ବେସରକାରୀ ସୂତ୍ରରୁ ଜଣାପଡିଛି। ତେବେ କେବଳ କୋରେଇ ବ୍ଲକ ଅସନଝର ପଞ୍ଚାୟତରେ ୧୦ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ନକଲି ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇ ଆସୁଛି। ନିଯୁକ୍ତି ସମୟରେ ସାଧାରଣବର୍ଗର ବ୍ୟକ୍ତି କିଛି ଜମି କିଣି ସେଥିରେ ଶବର ଜାତି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରୁଛନ୍ତି। ଅଭିଯୋଗ ଅନୁସାରେ ପଛିକୋଟ ହାଇସ୍କୁଲର ମାନସ କୁମାର ନାୟକ ଓ ତରପଦା ପ୍ରାଥମିକ ବିଦ୍ୟାଳୟର ଜ୍ୟୋତ୍ସ୍ନା ନାୟକଙ୍କ ଜାତିଗତ ପ୍ରମାଣପତ୍ର ଯାଞ୍ଚ କରିବାକୁ ୨୦୨୨ ମାର୍ଚ୍ଚରେ ଆର୍‌ଡିସିଙ୍କ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଉକ୍ତ ନିର୍ଦ୍ଦେଶ ଉପରେ ତଦନ୍ତ କରି ଏମାନେ ସାଧାରଣ ବର୍ଗର ବୋଲି ରିପୋର୍ଟ ଦାଖଲ କରିଥିଲେ। ଆର୍‌ଡିସିଙ୍କ ନିର୍ଦ୍ଦେଶ ପରେ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଭିଯୋଗ କ୍ରମେ ଶିକ୍ଷକ ମାନସ କୁମାର ନାୟକଙ୍କ ବିରୋଧରେ ମିସ୍ କେସ୍ ନଂ. ୧୧୪୭/୨୦୦୦ ଏବଂ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ନାୟକଙ୍କ ବିରୋଧରେ ମିସ୍ କେସ୍ ନଂ. ୧୧୪୮/୨୦୦୦ ରେ ନକଲି ମାମଲା ରୁଜୁ ହୋଇଥିଲା। ଏହାପରେ ଜିଲା ଶିକ୍ଷାଧିକାରୀ ୧୧।୩।୨୦୨୨ରେ ସେମାନଙ୍କୁ ଚାକିରିରୁ ନିଲମ୍ବିତ କରିଥିଲେ। ତେବେ ନିଲମ୍ବିତ ଶିକ୍ଷକ ଦ୍ୱୟ ଏବଂ ପଞ୍ଚାୟତର ଅନ୍ୟ ୯ ଜଣ ଶିକ୍ଷକ ସମାନ ଜାତିର ହୋଇଥିବାବେଳେ ମାମଲାକୁ ରଫାଦଫା କରାଯାଇଥିବା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି।

ଅଭିଯୋଗ ଅନୁସାରେ ୮।୮।୨୦୨୨ରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ଶୁଭଶ୍ରୀ ତ୍ରିପାଠୀ ଯାଜପୁର ଜିଲା ଶିକ୍ଷାଧିକାରୀ ଓ କୋରେଇ ବିଓଇଙ୍କୁ ନକଲି ଜାତିଗତ ପ୍ରମାଣପତ୍ରଧାରୀ ୯ ଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ୯ ଜଣ ଶିକ୍ଷକ ହେଲେ ଅନ୍ନପୂର୍ଣ୍ଣା ଦେହୁରୀ, ଭଗବତୀ ଦେହୁରୀ, ମୁରଲୀଧର ଦେହୁରୀ, ମଧୁସୂଦନ ନାୟକ, ସୁଶାନ୍ତ କୁମାର ନାୟକ, ବିପିନି ନାୟକ, ରାମଚନ୍ଦ୍ର ପ୍ରଧାନ, ପ୍ରକାଶ ଚନ୍ଦ୍ର ଯେନା ଓ ସରୋଜିନୀ ସ୍ୱାଇଁ। ଆରଡିସିଙ୍କ ତଦନ୍ତ ନିର୍ଦ୍ଦେଶ ଅନୁସାରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ ଅଭିଯୁକ୍ତ ୯ ଶିକ୍ଷକଙ୍କ ଜାତିଗତ ପ୍ରମାଣପତ୍ର ଅସଲି ବୋଲି କୋରେଇ ବିଇଓଙ୍କୁ ରିପୋର୍ଟ ଦେଇଛନ୍ତି। ସେଥିରୁ ୫ଜଣଙ୍କ ପ୍ରମାଣପତ୍ର ବ୍ୟାସନଗର ତହସିଲରୁ ଜାରି ହୋଇଥିବାବେଳେ ୪ ଜଣଙ୍କ ଏହି ତହସିଲରୁ ଦିଆଯାଇ ନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ଏ ସଂକ୍ରାନ୍ତରେ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀଙ୍କୁ ପଚାରିବାରୁ କୋରେଇ ବିଇଓଙ୍କ ପତ୍ର ଅନୁସାରେ ସେ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ତହସିଲ କାର୍ଯ୍ୟାଳୟରେ ଥିବା ନଥିପତ୍ରରେ ଯେଉଁ ତଥ୍ୟ ରହିଛି ତାହାକୁ ନେଇ ସେ ରିପୋର୍ଟ ଦାଖଲ କରାଯାଇଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର-୨୦୧୭ ପ୍ରଦାନ କରାଯାଉଛି।

ଧର୍ମଶାଳା,୨।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ପୋଦଲ ତରଞ୍ଜିଆସ୍ଥିତ ଲକ୍ଷ୍ମୀ ନାରାୟଣ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ଜେନାସାମନ୍ତଙ୍କୁ ରାଜ୍ୟ ଶିକ୍ଷକ ପୁରସ୍କାର-୨୦୧୭ ପ୍ରଦାନ କରାଯାଇଛି। ଜିଲା ସଦରମହକୁମାସ୍ଥିତ ଗୌତମବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଓଡ଼ିଶା ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ଦିବ୍ୟଲୋଚନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନଳିନୀପ୍ରଭା ଯେନା, ସମ୍ମାନିତ ଅତିଥି ଉପସଭାପତି ଗଣେଶ୍ୱର ବରାଳ, ଯାଜପୁର ପୌରାଧକ୍ଷା ରଞ୍ଜୁଲତା ହୋତା, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଉପଜିଲାପାଳ ଗୋପୀନାଥ କୁଅଁର, ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଡ. ଜେନାସାମନ୍ତଙ୍କ ଶିକ୍ଷକତା ଜୀବନ ଉପରେ ଆଲୋକପାତ କରିଥିଲେ। ଅତିଥିମାନେ ଡ. ଜେନାସାମନ୍ତଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର, ଉପଢୌକନ ଓ ଅର୍ଥରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସେ ରାଜ୍ୟ ଶିକ୍ଷକ ସମ୍ମାନ ପାଇଥିବାରୁ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଡ. ରାଜକିଶୋର ପାଢ଼ୀ, ଡ. ଭାଗ୍ୟଧର ସାହୁ, ଚାହାଣୀ ସମ୍ପାଦକ ଡ. ଚନ୍ଦ୍ରକାନ୍ତ ମହାନ୍ତି, ଶିକ୍ଷକ ନେତା ସୁନାକର ସାହୁ, ବରିଷ୍ଠ ଖବରଦାତା ବଟକୃଷ୍ଣ ପରିଫା ପ୍ରମୁଖ ଡ. ଜେନାସାମନ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ମୁକୁନ୍ଦପାତ୍ର ଜୁନିୟର କଲେଜ ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

## ମୁକୁନ୍ଦପାତ୍ର ଜୁନିୟର କଲେଜର ପ୍ରତିଷ୍ଠା ଦିବସ

ଧର୍ମଶାଳା,୨।୪(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିୟର କଲେଜର ୩୦ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅଧକ୍ଷ ହେମନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବ୍ୟାସନଗର ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ଅକ୍ଷୟ କୁମାର ମହାନ୍ତି, ସମ୍ମାନତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍କଳମଣି ଦାସ, ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୁଷଣ ସାହୁ, ଶିକ୍ଷାବିତ ଅଗଣି ମିଶ୍ର ଓ କୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କଲେଜ ପ୍ରତିଷ୍ଠାତ ସ୍ୱର୍ଗତ ବେଣୁଧର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ମନୋଜ କୁମାର ଧୀର ଅତିଥିଙ୍କୁ ସ୍ୱାଗତ ଜଣାଇଥିବାବେଳେ ଅଧ୍ୟାପକ ଅରୁଣ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ରାହୁଲ ଗାନ୍ଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

ଧର୍ମଶାଳା,୨।୪(ଡି.ଏନ.ଏ.):

ନିକଟରେ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟ ପଦ ରଦ୍ଦ କରାଯାଇଥିବା ବେଳେ ହଠାତ୍ ସରକାରୀ ଘର ଛାଡ଼ିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଭାରତୀୟ ଜାତୀୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଧର୍ମଶାଳା ଶାଖା ପକ୍ଷରୁ ଶନିବାର ଜାରକାସ୍ଥିତ ଧର୍ମଶାଳା ପ୍ରେସ କ୍ଲବ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ କଂଗ୍ରେସ ସଭାପତି କିଷାନ ପଣ୍ଡା ଯୋଗଦେଇ ଉପରୋକ୍ତ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ। ସେ କହିଥିଲେ, ରାହୁଲ ଭାଜପା ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ବିରୋଧ କରିବା ସହ ନିର୍ବାଚନ ସମୟରେ ପାର୍ଟି ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିବାରେ ବିଫଳ ହୋଇଥିବା ନେଇ ସ୍ୱର ଉଠାଇଥିଲେ। ତେଣୁ ଏଥିରେ ଭୟଭିତ ହୋଇ କେନ୍ଦ୍ର ସରକାର ରାହୁଲଙ୍କ ବିରୋଧରେ ଏପରି ହୀନ କାର୍ଯ୍ୟ କରିବାକୁ ପଛାଇନାହାନ୍ତି, ଯାହାକି ଏକଛତ୍ରବାଦ ଶାସନର ପ୍ରମାଣ ବୋଲି ସେ ଅଭିଯୋଗ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରଫୁଲ୍ଲ କୁମାର ରାୟ, ବସନ୍ତ ପରିଡ଼ା, ଦେବାଶିଷ ପରିଡ଼ା, ବାବୁଲି ମଲିକ ଓ କାର୍ତ୍ତିକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦି ସରକାରଙ୍କ ଉପରେ ବର୍ଷିଲେ କଂଗ୍ରେସ କର୍ମୀ



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା କଂଗ୍ରେସ ନେତା ଓ କର୍ମୀ।

ବିଞ୍ଝାରପୁର,୨।୪(ଡି.ଏନ.ଏ.):

ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟ ପଦ ରଦ୍ଦକୁ ନେଇ ବିରୋଧ ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ ଓ ଜିଲା ସଭାପତି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବିଞ୍ଝାରପୁର ବ୍ଲକ କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ଘଟଣାକୁ ନିନ୍ଦା କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳଙ୍କ ନେତୃତ୍ୱ ଓ ପ୍ରତାପ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ କନକଲତା ମଲିକ ଯୋଗଦେଇ ଭାଜପା ସରକାର ଅଗଣତାନ୍ତ୍ରିକ ଭାବେ ରାହୁଲଙ୍କ ସଭ୍ୟପଦ ରଦ୍ଦ କରିବା, ୨ ବର୍ଷ କାରାଦଣ୍ଡ ଓ ଆଦାନୀଙ୍କୁ ସାହାଯ୍ୟ ଉଦ୍ଦେଶ୍ୟରେ ଗଣତନ୍ତ୍ରକୁ ହତ୍ୟା କରିଥିବା ଅଭିଯୋଗ କରିବାସହ ମୋଦି ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପ୍ରବୋଧ ଦାସ, ସୁଦାମ ଚରଣ ସାମଲ, ମହେଶ୍ୱର ଦାସ ଓ ବିଜୟକେତନ ମହାନ୍ତିଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।


ବିଞ୍ଝାରପୁର ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକେଲ ପାଇଥିବା ଦିବ୍ୟାଙ୍ଗମାନେ।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ

ବିଞ୍ଝାରପୁର,୨।୪(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଛି। ବିଡିଓ ମିନତି ଜଗଦ୍ଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ରଞ୍ଜିତା ଦାସ ଯୋଗଦେଇ ଆଉଁରୀ ପଞ୍ଚାୟତର ଦିବ୍ୟାଙ୍ଗ ଟିକନ ମଲିକ, ବାସୁଦେବ ମଲିକ, ରଣପୁର ପଞ୍ଚାୟତର ଚନ୍ଦ୍ରମଣି ମଲିକ ଓ ପ୍ରୀତିପୁର ପଞ୍ଚାୟତର ପ୍ରିୟରଞ୍ଜନ ରାଉତ ପ୍ରମୁଖଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ। ବିଏସ୍‌ଏସ୍‌ଓ ଧର୍ମେନ୍ଦ୍ର ସାହୁ କାର୍ଯ୍ୟ ପରିଚାଳନା କରିଥିଲାବେଳେ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ଟ୍ରାକ୍ଟର ଧକ୍କାରେ ମହିଳାଙ୍କ ମୃତ୍ୟୁ

ଭୋଗରାଇ,୨।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଥାନାଛକ-ଦେଉଳାହାଟ ରାସ୍ତା ସରସ୍ୱତୀପୁରଠାରେ ରବିବାର ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଜୟରାମପୁର ପଞ୍ଚାୟତ ଖଡ଼ିକାବାଡ଼ିର ସାରଥୀ ଭୂୟାଁ(୩୫)। ସେ ସ୍କୁଟିରେ ପଶ୍ଚିମବଙ୍ଗସ୍ଥିତ ବନ୍ଧୁ ଘରକୁ ଯାଉଥିବା ବେଳେ ଟ୍ରାକ୍ଟର ଚାଳକ ଦ୍ରୁତ ଗତିରେ ଆସି ତାଙ୍କୁ ପଛପଟୁ ଧକ୍କା ଦେବାରୁ ଟ୍ରାକ୍ଟର ଚକା ତଳେ ଚାପି ହୋଇଯାଇଥିଲେ। ଭୋଗରାଇ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଯୁଗାନ୍ତର ସାଂସ୍କୃତିକ ପରିଷଦର ଓଡ଼ିଶା ଦିବସ

ଚଣ୍ଡିଖୋଲ,୨।୪(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିକୁଦାଠାରେ ଯୁଗାନ୍ତର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିଷଦ ସଭାପତି କିଶୋର ଚନ୍ଦ୍ର ଦାସ ପୌରୋହିତ୍ୟ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ଅପର୍ଣ୍ଣା ମହାନ୍ତି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଡ. ଭାଗ୍ୟଧର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପଦ୍ମଚରଣ ନାୟକ, ଡ. ଉପେନ୍ଦ୍ର ନାଥ କର, ଦେବେନ୍ଦ୍ର କୁମାର ବେହେରା, ବନଲତା ଜେନା, ହରପ୍ରିୟା ପାଣିଗ୍ରାହୀ, ବିଦ୍ୟୁତ୍ ପ୍ରଭା ଦାସ, ସରୋଜକାନ୍ତ ପରିଜା, ବିମଳ ପତି, ଅବିନେସ ସାମଲ, ଗୋପବନ୍ଧୁ ଦାସ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାନ ଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ। ଅପରାହ୍ନ ଅଧିବେଶନରେ ପଦ୍ମନାଭ ମହାପାତ୍ରଙ୍କ ସଭାପତିତ୍ୱରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ପ୍ରଭାକର ଶତପଥୀ, ଅର୍ଜୁନ ରାଉତ, ବିଷ୍ଣୁଚରଣ ମହାନ୍ତି, ରାମଚନ୍ଦ୍ର ସାମଲ, ମହେଶ୍ୱର ବଳ, ସୁରମୋହନ ମହାପାତ୍ର, ଅଜିତ ମହାନ୍ତି, ପାବକ ମହାପାତ୍ର, ରବୀନ୍ଦ୍ର ସାମଲ ଓ ଉମାକାନ୍ତ ବଳ ପ୍ରମୁଖ ଯୋଗ ଦେଇଥିଲେ। ବନ୍ଦିତା ମହାପାତ୍ର ଓ ବଟକୃଷ୍ଣ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଯୁଗାନ୍ତର ସାଂସ୍କୃତିକ ପରିଷଦର କର୍ମକର୍ତ୍ତା।

# ଦାବିପୂରଣ ପାଇଁ ହେବ ସାଲିସ ବିହୀନ ଲଢ଼େଇ

## ଓଡ଼ିଶା କୃଷକ ବିକାଶ ମଞ୍ଚ ବୈଠକ

ପ୍ରୀତିପୁର,୨।୪(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ୍ ଅଧୀନ ବରୁଣେଶ୍ୱର ପୀଠର ନାମ ମନ୍ଦିର ପରିସରରେ ଓଡ଼ିଶା ଦିବସ ଅବସରରେ ଓଡ଼ିଶା କୃଷକ ବିକାଶ ମଞ୍ଚ ବିଞ୍ଝାରପୁର ଶାଖାର ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅରେଇ ପୂର୍ବତନ ସରପଞ୍ଚ ଗୋବିନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକକୁ ସ୍ୱାମୀ ସଚ୍ଚିଦାନନ୍ଦ ମହାରାଜ ଉଦ୍‌ଘାଟନ କରିଥିଲେ।



ବୈଠକରେ ଉପସ୍ଥିତ ଓଡ଼ିଶା କୃଷକ ବିକାଶ ମଞ୍ଚର କର୍ମକର୍ତ୍ତା।

ବୈଠକରେ ଚାଷୀଙ୍କ ବହୁବିଧ ସମସ୍ୟା ଉପରେ ଉପସ୍ଥିତ କୃଷକ ନେତୃବୃନ୍ଦ ମତ ଦେବା ସହିତ କୃଷି ଓ କୃଷକର କଲ୍ୟାଣ ପାଇଁ ବିଭିନ୍ନ ଦାବିପୂରଣ ନିମନ୍ତେ ସାଲିସ ବିହୀନ ଲଢ଼େଇ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଷଣ୍ଢ, ମାଙ୍କଡ଼, ଗୋରୁଙ୍କ କବଳରୁ ଫସଲକୁ ସୁରକ୍ଷା ଦେବା ପାଇଁ ସରକାର ଠୋସ ପଦକ୍ଷେପ ନେବାକୁ ଦାବି କରି ମଞ୍ଚ ପକ୍ଷରୁ ଆସନ୍ତା ମାସରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଧାନର ଅଭାବୀ ବିକ୍ରି, ଚାଷୀଙ୍କ ଇନପୁଟ ସବସିଡି ପ୍ରଦାନରେ ବିଳମ୍ବ, ବଣ୍ଟନରେ ପାତରଅନ୍ତର ମନୋଭାବ ପୋଷଣ, ଜଳ ନିଷ୍କାସନ ସମସ୍ୟା, ବ୍ଲକରେ ବନ୍ଦୋବସ୍ତ ହୋଇ ନ ଥିବା ବହୁ ରାଜସ୍ୱ ଗ୍ରାମର ଜମିକୁ ବନ୍ଦୋବସ୍ତ କରିବା, ଚଳିତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଓ କୁଆପଥର ମାଡରେ ଚାଷୀଙ୍କ ମୁଗ, ଚିନା ବାଦାମ ଓ ପନିପରିବା ଫସଲ ନଷ୍ଟ ହୋଇଥିବାରୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ସହ ଆସନ୍ତା ଖରିଫ ଋତୁ ପାଇଁ ଚାଷୀ ଏବଂ ଭାଗ ଚାଷୀଙ୍କୁ ଅବିଳମ୍ବେ କୃଷି ଋଣ ପ୍ରଦାନ ପାଇଁ ଦାବି କରାଯାଇଥିଲା।

ବୈଠକରେ ମଞ୍ଚ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସନାତନ ସାହୁ, ଉପସଭାପତି ବଳରାମ ବଳ, ସମ୍ପାଦକ ଭାବେ ସୁଧୀର ଭୁଇଁଆ, ରବୀନ୍ଦ୍ର କୁମାର ଧଳ, ଧନେଶ୍ୱର ସାମଲ ଓ କୁଞ୍ଜ ବିହାରୀ ବେହେରାଙ୍କୁ ମନୋନୀତ କରାଯାଇଥିଲା। ଜିଲା କୃଷକ ମଞ୍ଚ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା ସଭା ପରିଚାଳନା କରିବା ସହିତ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ଭୁବନାନନ୍ଦ ସାମଲ କୃଷକଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ବିକ୍ରମ ରାଉତ, ମନୋଜ ଦାଶ, ଦୁର୍ଗାଚରଣ ବାରିକ, ଚୌଧୁରୀ ଯେନା, ପ୍ରଶାନ୍ତ ବେଉରିଆ, ପ୍ରଶାନ୍ତ ପଢିହାରୀ, ସ୍ମିତା ସାମଲ, ଜୟରାମ ନାୟକ, ଶ୍ରୀକାନ୍ତ ପ୍ରଧାନ, ଧନେଶ୍ୱର ସାମଲ, ସୁଧୀର ଭୁଇଁଆ, କୁଞ୍ଜ ବିହାରୀ ବେହେରା, ସନାତନ ସାହୁ, ବଳରାମ ବଳ ପ୍ରମୁଖ କୃଷକ ନେତୃବୃନ୍ଦ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ବିଦ୍ୟାଳୟର ଛାତ୍ରୀଙ୍କ ପରିବେଷଣ କରାଯାଇଥିଲା। କୃଷକ ନେତା ରବୀନ୍ଦ୍ର ସାହୁଙ୍କ ଦ୍ୱାରା ସଂଗ୍ରାମୀ ସଙ୍ଗୀତ ଗାନ କରାଯାଇଥିଲା।

# ବର୍ଷାରେ ଧସିଲା ୧୦ ନଂ. କେନାଲ ମାଟି

## ସଂକ୍ଷେପରେ

### ତୈଳ ବିଶୋଧନାଗାର ଫାଟକ ଆଗରୁ ମୃତ ହରିଣ ଜବତ



ପାରାଦୀପ,୨।୪(ସ୍ୱ.ପ୍ର.): ପାରାଦୀପ ତୈଳ ବିଶୋଧନାଗାର ଫାଟକ ଆଗରୁ ରବିବାର ଏକ ମୃତ ହରିଣକୁ କୁଜଙ୍ଗ ବନାଞ୍ଚଳ ବିଭାଗ ପକ୍ଷରୁ ଜବତ କରାଯାଇଛି। ହରିଣ ମୃତ୍ୟୁର କାରଣ ଜଣାପଡିନାହିଁ ବୋଲି ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି।

### ସ୍ୱତନ୍ତ୍ର ଓଡ଼ିଶା ଗଠନରେ ମହାପୁରୁଷଙ୍କ ଅବଦାନ ଅତୁଳନୀୟ

ବିରିଡି, ୨।୪(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ଉକୁନ୍ଦରା ପଞ୍ଚାୟତର ରାୟ ରଘୁନାଥପୁର ଯୁବ ଗୋଷ୍ଠୀ ପକ୍ଷରୁ ଶନିବାର ନାରାୟଣୀଙ୍କ ପୀଠରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଅଳକା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ବନମାଳୀ ବେହେରା ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାସ, ମୁଖ୍ୟବକ୍ତା ଭାବେ ମା'ରାମଚଣ୍ଡି ବିଦ୍ୟା ନିକେତନର ପ୍ରଧାନ ଶିକ୍ଷକ କଳିଙ୍ଗ କୁମାର ଦାସ, ସମ୍ମାନିତ ଅତିଥିଭାବେ ବିରିଡି ବ୍ଲକ ଏବିଡିଓ ପ୍ରକାଶ ଚନ୍ଦ୍ର ଦାସ ଏବଂ ଆଇନଜୀବୀ ରଶ୍ମୀକାନ୍ତ ବେହେରା ଯୋଗଦେଇଥିଲେ। ଅତିଥିମାନେ ଓଡ଼ିଶା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବାରେ ମହାପୁରୁଷଙ୍କ ଅବଦାନ ଅତୁଳନୀୟ ବୋଲି ସେମାନେ କହିଥିଲେ। ଏହି ଉତ୍ସବରେ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଆଇନଜୀବୀ ବେହେରା ଧନ୍ୟବାଦ ଦେଇଥିଲେ।

### ନକଲି ବିଦ୍ୟୁତ୍ ବିଲ୍ ଆଦାୟକାରୀ ସକ୍ରିୟ
#### ଥାନାରେ ଅଭିଯୋଗ

ବିରିଡି,୨।୪(ଡି.ଏନ୍.ଏ.): ବିରିଡି ଥାନା ଅଞ୍ଚଳରେ ନକଲି ବିଦ୍ୟୁତ୍ ବିଲ ଆଦାୟକାରୀ ସକ୍ରିୟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାପରେ ଥାନା ଅଧିକାରୀ ଅଭିଯୁକ୍ତମାନଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛନ୍ତି। ଅଭିଯୋଗ ଅନୁଯାୟୀ, ରଘୁନାଥପୁର ଇଲେକ୍ଟ୍ରିକାଲ ଏସ୍‌ଡିଓଙ୍କ ଅଧୀନରେ ଥିବା ବିରିଡି ବ୍ଲକ ୨୨ମୌଜା, ବନ୍ଧିଲୋ ଓ ନଇଁଲୋ ଗ୍ରାମରୁ ଶୁକ୍ରବାର ବିଦ୍ୟୁତ୍ ବିଲ୍ ଆଦାୟ କରିବା ପାଇଁ ଏକ ଟିମ୍ ଆସିଥିଲେ। ଏହି ସମୟରେ ଲୋକେ ପୂର୍ବରୁ ବିଲ୍ ଦେୟ ପୈଠ କରି ସାରିଥିବା କହିଥିଲେ। ଏହି ଦଳ ଆସିବାର କିଛିଦିନ ପୂର୍ବରୁ ଆଉ ଏକ ବିଦ୍ୟୁତ୍ ବିଲ୍ ଆଦାୟକାରୀ ଦଳ ଆସି ରସିଦ୍ ଦେଇ ଲୋକଙ୍କଠାରୁ ବିଲ୍ ଆଦାୟ କରିଥିବା ନେଇ ସୂଚନା ଦେଇଥିଲେ। ଏପରିକି ଲୋକେ ରସିଦ ମଧ୍ୟ ଦେଖାଇଥିଲେ। ମାତ୍ର ଏସବୁ ରସିଦ୍‌କୁ ନକଲି ବୋଲି କହି ବିଦ୍ୟୁତ୍ ବିଲ୍ ଆଦାୟକାରୀ ଟିମ୍ ତୁରନ୍ତ ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରିଙ୍କୁ ଫୋନ ଯୋଗେ ଅବଗତ କରାଇଥିଲେ। ଏହାପରେ ଦେହୁରି ଘଟଣାସ୍ଥଳରେ ପହଞ୍ଚି ସତ୍ୟତା ଯାଞ୍ଚ କରିବା ପରେ ନକଲି ବିଲ୍ ଆଦାୟକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ସେ କହିଛନ୍ତି।

---

**ଜଗତ୍‌ସିଂହପୁର ଅଫିସ, ୨।୪**

**ବକ୍ସ କଲଭର୍ଟ ନିର୍ମାଣରେ ମନମାନି ପ୍ରସଙ୍ଗ**
- ଟଳିନି ବିପଦ ଆଶଙ୍କା
- ବିଦ୍ୟୁତ୍ ଖୁଣ୍ଟକୁ ସାହା ବାଲିବସ୍ତା
- ଲୋକେ ଭୟଭୀତ

ଜଳ ସମ୍ପଦ ବିଭାଗ ଜଗତ୍‌ସିଂହପୁର ଡିଭିଜନର ମନମାନିକୁ ନେଇ ଅସନ୍ତୋଷ ବଢୁଛି। ଗତ ୨ ଦିନ ହେବ ବର୍ଷା ଯୋଗୁ ଜଗତ୍‌ସିଂହପୁର ସହର ବଙ୍ଗଳା ଛକ ନିକଟ ପୋଷ୍ଟ ଅଫିସ ଛକରୁ ଏଲ୍‌ଆଇସି କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିର୍ମାଣାଧୀନ ବକ୍ସ କଲଭର୍ଟ ପାର୍ଶ୍ୱ ୧୦ ନଂ. କେନାଲରୁ ମାଟି ଧସି ଯାଇଛି। ଫଳରେ ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଭୁଶୁଡି ପଡ଼ିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ଏ ନେଇ ଟାଟା ପାୱାରର ଯନ୍ତ୍ରୀମାନେ ଚିନ୍ତାରେ ପଡ଼ି ଯାଇଥିଲେ। କାରଣ ଯଦି ୩୩ କେ.ଭି., ୧୧ କେ.ଭି. ଆଦି ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡ଼ିଥାନ୍ତା କେବଳ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ନୁହେଁ, ଏହା ପାର୍ଶ୍ୱ ଦୋକାନୀ ଓ ବଜାରରେ ଯାତାୟାତ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିଲା। ଅନ୍ୟପକ୍ଷେ କେନାଲ ଉଭୟପାର୍ଶ୍ୱରୁ ମାଟି ଧସୁଥିବାରୁ ଜାତୀୟ ରାଜପଥ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡି) ରାସ୍ତା ପ୍ରଭାବିତ ହେବ ବୋଲି କୁହାଯାଉଥିଲା। ସୌଭାଗ୍ୟବଶତଃ ଖବର ଲେଖାହେଲା ବେଳକୁ ସେଭଳି କିଛି ଅଘଟଣ ଘଟିନାହିଁ। ଏହା ଭିତରେ ପାଗରେ ସୁଧାର ଆସିଛି। ଠିକାଦାର ବିଦ୍ୟୁତ୍ ଖୁଣ୍ଟକୁ ସୁରକ୍ଷା ଦେବା ପାଇଁ ମୂଳରେ ବାଲି ବସ୍ତା ଗଦାଇ ଦେଇଛନ୍ତି। କିନ୍ତୁ ଆଗକୁ ଯେ କିଛି ଅଘଟଣ ଘଟିବ ନାହିଁ ତାହା କହିବା କଷ୍ଟକର। ୩,୬୦,୬୮,୫୩୯ ଟଙ୍କା ବ୍ୟୟ ବରାଦରେ ଚାଲିଥିବା ବକ୍ସ କଲଭର୍ଟ ନିର୍ମାଣରେ ଅନିୟମିତତା ସହ ଏକାଧିକ ବ୍ୟତିକ୍ରମକୁ ନେଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କ କହିବା କଥା ହେଲା, ବକ୍ସ କଲଭର୍ଟ ନିର୍ମାଣ ପୂର୍ବରୁ ଯଦି କେନାଲ ପାର୍ଶ୍ୱ ଜାତୀୟ ରାଜପଥ, ଆର୍‌ଡି, ଟାଟା ପାୱାର, ବିଏସ୍‌ଏନ୍‌ଏଲ୍ ଓ ଜଗତ୍‌ସିଂହପୁର ପୌର ପରିଷଦ ସହ ସମନ୍ୱୟ ବୈଠକ କରାଯାଇଥାନ୍ତା ତେବେ ଭୟର ଆଶଙ୍କା କମ୍ ରହିଥାନ୍ତା। ଏ ସମ୍ପର୍କରେ ଟିପିସିଓଡିଏଲ୍ (ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍) ଜଗତ୍‌ସିଂହପୁର ଇଲେକ୍ଟ୍ରିକାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀ (ବିଦ୍ୟୁତ୍) ଅଶୋକ କୁମାର ମହାନ୍ତି କହିଛନ୍ତି, ଏ ମାସ ପ୍ରଥମ ସପ୍ତାହରେ ଜଳ ସମ୍ପଦ ଜଗତ୍‌ସିଂହପୁର ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଉଲ୍ଲେଖ ଥିଲା ୧୦ ନଂ. କେନାଲର କଲେଜ ସ୍କୋୟାରରୁ ପୁରୋହିତପୁର ପର୍ଯ୍ୟନ୍ତ ବାମପାର୍ଶ୍ୱରେ ୩୩ କେଭି, ୧୧ କେଭି, ଏଲ୍‌ଟି ଲାଇନ୍ ଏବଂ ଏସ୍/ଏସ୍ ରହିଛି। ଏବେ କେନାଲର ଉଭୟପାର୍ଶ୍ୱ ସମ୍ପ୍ରସାରଣ କାମ ଚାଲିଛି। ଏହାଦ୍ୱାରା ବିଦ୍ୟୁତ୍ ଲାଇନ ଓ ଏସ୍/ଏସ୍ ଯଥା ୩୩ କେଭି ଏଚ୍-ପୋଲ/ଜଏଣ୍ଟ ପୋଲ, ୧୧ କେଭି ପୋଲ କ୍ଷତିଗ୍ରସ୍ତ ହେବା ସହ ବିପଦଜନକ ପରିସ୍ଥିତି ସୃଷ୍ଟି ହୋଇପାରେ। ଏପରି କି ଯେକୌଣସି ସମୟରେ ଜୀବନ ଯିବାର ଆଶଙ୍କା ମଧ୍ୟ ରହିଛି। କେବଳ ଏତିକି ନୁହେଁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଗଲେ ଜଗତ୍‌ସିଂହପୁର ସହରର ୩୦% ଲୋକ ଅନ୍ଧାରରେ ରହିବେ। ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ। ଏହାର ନକଲ ମଧ୍ୟ ଜିଲାପାଳଙ୍କୁ ପଠାଯାଇଥିଲା। ସେହିପରି କାମ ଆରମ୍ଭ ପୂର୍ବରୁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବା ବିଏସ୍‌ଏନ୍‌ଏଲ୍ ଏସ୍‌ଡିଓ ପ୍ରଣବ କୁମାର ମଲ୍ଲିକ କହିବା ସହ ଜେସିବିରେ ଟେଲିଫୋନ୍ ତାର ଛିଡ଼ାଇ ଦିଆଯାଇଥିବାରୁ ଶତାଧିକ ଲୋକ ଟେଲିଫୋନ ଓ ଇଣ୍ଟରନେଟ୍ ସେବାରୁ ବଞ୍ଚିତ ହୋଇଛନ୍ତି ବୋଲି କହିଛନ୍ତି।

ସେହିପରି ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ବିଭାଗରୁ ବକ୍ସ କଲଭର୍ଟ ପାଇଁ ୫ କୋଟି ଟଙ୍କା ଆସିଥିଲା। ଏହି ଟଙ୍କା ଜଗତ୍‌ସିଂହପୁର ଜଳ ସମ୍ପଦ ଡିଭିଜନକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ କାମ ଆରମ୍ଭ ପୂର୍ବରୁ ଡିଭିଜନ ପରିଷଦକୁ ଅବଗତ କରିନାହିଁ। ସ୍ଥାନୀୟ ଶ୍ରୀକୃଷ୍ଣ (ଏସ୍‌କେ) ଏକାଡେମୀ ପ୍ରଧାନ ଶିକ୍ଷକ ସୁକଦେଶ ସାହୁ ଅନୁଷ୍ଠାନର ଖେଳ ପଡ଼ିଆରେ ରଡ କଟାଠାରୁ ବାଇଡିଂ ପର୍ଯ୍ୟନ୍ତ ଚାଲିବା ସହ ଗୋଡି, ସିମେଣ୍ଟ, ମେଟାଲ ଓ ବାଲି ଆଦି ଗଚ୍ଛିତ ରଖାଯାଇଛି ବୋଲି ଜଗତ୍‌ସିଂହପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏସବୁ ସତ୍ତ୍ୱେ ଠିକାଦାରଙ୍କ ମନମାନି କମିନାହିଁ। ଶ୍ରମିକମାନଙ୍କୁ ନିୟୋଜିତ ପୂର୍ବରୁ ଠିକାଦାର ସମସ୍ତ ଶ୍ରମ ଆଇନକୁ ଉଲ୍ଲଂଘନ କରିଛନ୍ତି। ଏ ନେଇ ପ୍ରଭାଗୀୟ ଶ୍ରମ ଆୟୁକ୍ତ (ଡିଏଲ୍‌ସି) ବାବା ଆନନ୍ଦ ରଞ୍ଜନ ଦାଶ ଅସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ଠିକାଦାରଙ୍କୁ ୭ ଦିନ ମହଲତ ଦେଇଛନ୍ତି। ଏହା ଭିତରେ ଠିକାଦାର ପଞ୍ଜୀକରଣ, ଲାଇସେନ୍ସ ସହ ସେସ୍ ଆଦି ଜମା କରିବାକୁ ନୋଟିସ ଜାରି କରିଛନ୍ତି। ନଚେତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଚଳିତମାସ ପ୍ରଥମ ସପ୍ତାହରେ ସେତେବେଳର ଭାରପ୍ରାପ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ଗତ ୨ ତାରିଖରେ ଧରିତ୍ରୀରେ ପ୍ରକାଶିତ ଖବରକୁ ନେଇ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ୭ ଦିନ ମଧ୍ୟରେ ତଥ୍ୟ ଭିତ୍ତିକ ଉତ୍ତର ମାଗିଥିଲେ। କିନ୍ତୁ ଇତିମଧ୍ୟରେ ମାସେ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ଅଧୀକ୍ଷଣ ଯନ୍ତ୍ରୀ ଉତ୍ତର ଦେଇ ନ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି। ତୁରନ୍ତ ଏ ନେଇ କାର୍ଯ୍ୟାନୁଷ୍ଠାନ ନେବା ସହ ନିର୍ମାଣଧୀନ ବକ୍ସ କଲଭର୍ଟ କାର୍ଯ୍ୟ ଠିକ୍ ଭାବେ କରିବାକୁ ଦାବି ହୋଇଛି।



ବର୍ଷାରେ ୧୦ନଂ. କେନାଲ ମାଟି ଭୁଶୁଡ଼ିଯାଇଛି।

# ଭାଷା ପ୍ରତି ମମତା ରହିଲେ ଜାତି ମହାନ୍ ହୁଏ




ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

**ଜଗତ୍‌ସିଂହପୁର ଅଫିସ, ୨।୪**

**ଜିଲାସ୍ତରୀୟ ଓଡ଼ିଶା ଦିବସ**

ଓଡ଼ିଆ ଜାତିର ପ୍ରାଣକେନ୍ଦ୍ର ହେଉଛନ୍ତି ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ଓଡ଼ିଆଙ୍କ ଜାତୀୟ ଚେତନା, ଜୀବନ, ଧର୍ମ, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସବୁକିଛି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛି। ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ଆମେ ଗର୍ବ କରୁଛେ। କିନ୍ତୁ ଆମ ଭିତରେ ପଠନ ବିମୁଖତା ଦୁଃଖ ଦେଉଛି। ଭାଷା ପ୍ରତି ମମତା ନ ରହିଲେ କୌଣସି ଜାତି ମହାନ ହୋଇ ନ ପାରେ। ତେଣୁ ଭାଷାକୁ ସମୃଦ୍ଧ ତଥା ଉଚ୍ଚକୋଟିର ସାହିତ୍ୟ ସୃଷ୍ଟିପାଇଁ ଓଡ଼ିଆ ଭାଷା ପ୍ରତିମମତା ବୃଦ୍ଧି ପାଇବା ଜରୁରୀ। ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ରେଭେନଶା ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ନଟବର ଶତପଥୀ ଏହା କହିଛନ୍ତି। ଏହି ଅବସରରେ ସେ ଓଡ଼ିଆ ଇତିହାସ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ ତଥ୍ୟ ଭିତ୍ତିକ ମତ ଉପସ୍ଥାପନ କରିଥିଲେ। ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଜଗତ୍‌ସିଂହପୁରର ଅବଦାନ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏକ ସମୟରେ ସାରା ରାଜ୍ୟରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ଏକ ଅନନ୍ୟ ଅନୁଭୂତି ବୋଲି କହିଥିଲେ। ଜିଲା ପରିଷଦ ସଭାପତି ମନୋଜ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁନ୍ଦର ଓ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରତ୍ୟେକଙ୍କ ସହଯୋଗ କାମନା କରିଥିଲେ। ଏମ୍‌ପି ରାଜଶ୍ରୀ ମଲ୍ଲିକ ସ୍ୱତନ୍ତ୍ର ପ୍ରଦେଶ ଗଠନର ଇତିହାସ ବଖାଣି ଥିଲେ। ଜିଲାପାଳ ପାରୁଲ ପଟାୱାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, ଜିଲା ପରିଷଦ ଉପାଧ୍ୟକ୍ଷ ସୁଜାତା ମହାନ୍ତି, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନରେ ପ୍ରତ୍ୟେକଙ୍କ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୨୦୧୭ ପାଇଁ ସିଙ୍ଗଟାଳିଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜ କୁମାର ସ୍ୱାଇଁ ଓ ବାଗଲପୁର ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅତୁଲ ବିକ୍ରମ ପ୍ରଧାନଙ୍କୁ ରାଜ୍ୟ କୃତି ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ଆୟୋଜିତ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦିଆଯାଇଥିଲା। ଏନ୍‌ୱାଇକେ ପକ୍ଷରୁ ନାଉଗାଁ ବ୍ଲକ ଗୋଠଦାସ୍ଥିତ ମା'ସରସ୍ୱତୀ ୟୁଥ କ୍ଲବକୁ ଜିଲାସ୍ତରୀୟ ଯୁବ ଅନୁଷ୍ଠାନ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା। ଉତ୍ସବରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରଦତ୍ତ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ସମ୍ପର୍କିତ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଡିଆଇପିଆର୍‌ଓ କାମିନୀ ରଞ୍ଜନ ପଟ୍ଟନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ଓ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ମେଗା ସ୍ୱାସ୍ଥ୍ୟ ଶିବିର: ୪୬୩ ରୋଗୀଙ୍କ ଚିକିତ୍ସା

**କୁଜଙ୍ଗ,୨।୪ (ଡି.ଏନ୍.ଏ.)**

ଜେଏସ୍‌ଡବ୍ଲ୍ୟୁ ପ୍ରସ୍ତାବିତ ପ୍ରକଳ୍ପ ଅଞ୍ଚଳ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ମୁମ୍ବାଇର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ କ୍ୟାନ୍‌ସର ଏଡ୍ ଫାଉଣ୍ଡେଶନ ଆନୁକୂଲ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଦିନିକିଆ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟତଃ କର୍କଟ ରୋଗ ନିରୁପଣ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ମଧୁମେହ, ରକ୍ତଚାପ, ବିଏମ୍‌ଆଇସିଜି ଭଳି ବିଭିନ୍ନ ରୋଗର ପରୀକ୍ଷା କରାଯାଇଥିଲା। ମୁମ୍ବାଇର ଟାଟା ମେମୋରିଆଲ ହସ୍ପିଟାଲର ଡା. ପ୍ରଫେସର ଶିଶୀର ଏନ୍ ସେଟୀ ରୋଗ ନିରୂପଣ କରିବା ସହ ରୋଗର ପରବର୍ତ୍ତୀ ଚିକିତ୍ସା ତଥା ଅସ୍ତ୍ରୋପଚାର ନେଇ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଶିବିରରେ ଜଗନ୍ନାଥ କ୍ୟାନସ୍‌ର ଏଡ୍ ଫାଉଣ୍ଡେଶନ ପକ୍ଷରୁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. କୁଶଲ ବର୍ମା, ଭେଷଜ ବିଶେଷଜ୍ଞ ଡ. ସମ୍ବିତ ସୁବୁଦ୍ଧି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା ଡା. ସ୍ମୃତି ରକ୍ଷାବଟନୀ ପ୍ରମୁଖ ଯୋଗଦେଇ ନୂଆଗାଁ ଗଡ଼କୁଜଙ୍ଗ ସମେତ ଆଖପାଖ ଗ୍ରାମର ୪୬୩ ଜଣ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ଜେଏସ୍‌ଡବ୍ଲ୍ୟୁର ସଭାପତି ତଥା ପାରାଦୀପ ୟୁନିଟ୍ ମୁଖ୍ୟ ଏମ୍. ପୁରୋହିତ, ସିଏସ୍‌ଆର ମୁଖ୍ୟ ଅଭିଜିତ ମହାନ୍ତି, ଜେଏସ୍‌ଡବ୍ଲ୍ୟୁ ଇନ୍‌ଫ୍ରାର ନରେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି ଶିବିର କିପରି ସୁରୁଖୁରୁରେ ଚାଲିବ ସେନେଇ ତଦାରଖ କରିଥିଲେ।

# ସୁବର୍ଣ୍ଣ ଜୟନ୍ତୀ ପାଳିବାକୁ ଏକାଠି ହେଲେ ପୂର୍ବତନ ଛାତ୍ରୀଛାତ୍ର

**କୁଜଙ୍ଗ,୨।୪ (ଡି.ଏନ୍.ଏ.)**

ସରକାରୀ ଉଚ୍ଚ ବିଦ୍ୟାଳୟ ବାପୁଜୀ ବିଦ୍ୟାପୀଠ ବାଲିଆର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ୧୯୯୦ ବ୍ୟାଚର ଛାତ୍ରୀଛାତ୍ର ରବିବାର ଏକାଠି ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବଂଶୀଧର ଦାଶ, ପୂର୍ବତନ ଶିକ୍ଷକ ଚକ୍ରଧର ସ୍ୱାଇଁ, ତ୍ରିଲୋଚନ ପତି, ଶରତ ଚନ୍ଦ୍ର ନାୟକ, ଗିରିଧାରୀ ସ୍ୱାଇଁ, ମହେଶ୍ୱର ନାୟକ, ସଂଯୁକ୍ତା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଗାରିମାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ସମସ୍ତେ ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ସରସ ସୁନ୍ଦର କରିବାକୁ ସହଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ର ରଶ୍ମି ରଞ୍ଜନ ବାରିକ, ପ୍ରଦୀପ୍ତ ପ୍ରଧାନ, ଭାନୁ ପ୍ରକାଶ ନନ୍ଦୀ, ଅନିରୁଦ୍ଧ ଚୌଧୁରୀ, ପ୍ରଶାନ୍ତ ସ୍ୱାଇଁ, ଭାଗ୍ୟଧର ରାଉତ, ମହେନ୍ଦ୍ର ଦାସ, ମମତା ଦାସ, ଦେବଜାନୀ ରାଜଗୁରୁ, ନିବେଦିତା ପାଣି ପ୍ରମୁଖ ଉପସ୍ଥିତ ରହି ଗୁରୁମାନଙ୍କ ବନ୍ଦନା କରିଥିଲେ। ଶେଷରେ ମହେନ୍ଦ୍ରନାଥ ଦାସ ଧନ୍ୟବାଦ ଦେଇଥିଲେ।

# ଗ୍ରାମାଞ୍ଚଳ ସାହିତ୍ୟ ସଙ୍ଗଠନ ବଣମଲ୍ଲୀ ପାଲଟିଛି



ପ୍ରତିଭା ପୂଜନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଏରସମା,୨।୪ (ସ୍ୱ.ପ୍ର.)**

**ପ୍ରତିଭା ପୂଜନ ଉତ୍ସବ**

ଏରସମା ବ୍ଲକ ମୁଖ୍ୟାଳୟ ପଞ୍ଚାୟତସ୍ଥିତ ସିହା ଗ୍ରାମରେ ରବିବାର ଆଞ୍ଚଳିକ ପୂଜ୍ୟପୂଜା ସଂସଦ ପକ୍ଷରୁ ଏକ ପ୍ରତିଭା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ପାଲା ଗାୟକ ଜଗନ୍ନାଥ ବେହେରା ଉତ୍ସବକୁ ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ସାହିତ୍ୟ ସଙ୍ଗଠନ ବଣମଲ୍ଲୀ ପାଲଟିଛି ବୋଲି କହିଥିଲେ। ଏହି ଅବସରରେ ସୁଶ୍ରୀଶୁଭଶ୍ରୀ ସାହିତ୍ୟ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଯଯାତି କେଶରୀ ସାମନ୍ତରାୟ ସ୍ୱାଗତ ଭାଷଣ ଓ ନଗେନ୍ଦ୍ରନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଅତିଥି ଭାବେ ଗବେଷକ ମହେନ୍ଦ୍ର ଆଚାର୍ଯ୍ୟ, ପ୍ରଫେସର ଉମାକାନ୍ତ ନାୟକ, ପୂର୍ବତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ଦାସ, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ରାଉତ, ଆଇନଜୀବୀ ମଞ୍ଜୁଲତା ରାଉତ, ସାମାଜିକ କର୍ମୀ ଅରୂପାନନ୍ଦ ସ୍ୱାଇଁ, ନରେନ୍ଦ୍ର କୁମାର ସ୍ୱାଇଁ, ସୁଶିଲ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଓଡ଼ିଆ ସାହିତ୍ୟର ବିକାଶ କ୍ଷେତ୍ରରେ ସୁଶ୍ରୀଶୁଭଶ୍ରୀ ସାହିତ୍ୟ ଅନୁଷ୍ଠାନର ଭୂମିକା ଉପରେ ଆଲୋକପାତ କରିଥିଲେ।

# ୨୦୨୨ରେ ୨୪୮ ଦୁର୍ଘଟଣାରେ ୧୦୭ ଜଣଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ, ୨।୪**

**ଜିଲାରେ ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ**

ଜଗତ୍‌ସିଂହପୁର ଜିଲାରେ ୨୦୨୨ରେ ୨୪୮ଟି ସଡ଼କ ଦୁର୍ଘଟଣା ଘଟି ୧୦୭ ଜଣଙ୍କ ମୃତ୍ୟୁ ଘଟିଛି। ଏହା ୨୦୨୧ ବର୍ଷ ଅପେକ୍ଷା ୦.୮% ଅଧିକ। ଜିଲା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ଏପ୍ରିଲ ୧ରୁ ଆରମ୍ଭ ହୋଇଥିବା ଶୂନ୍ୟ ସଡ଼କ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ ଅବସରରେ ଏହି ସୂଚନା ଦିଆଯାଇଛି। ଏହା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ସମ୍ପର୍କରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସିଆଇଡିଓ ଏବଂ ଓଡ଼ିଶା କ୍ରାଇମବ୍ରାଞ୍ଚ ତଥ୍ୟ ଅନୁସାରେ ୨୦୨୧ ତୁଳନାରେ ୨୦୨୨ରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ୭.୬୦ ବଢ଼ିଛି। ତେଣୁ ପ୍ରତ୍ୟେକ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସଚେତନ ରହିବା ଜରୁରୀ। ଯେପରି ରାସ୍ତାରେ ଯାତାୟାତ କରୁଥିବା ସମୟରେ ନିୟମ ମାନିବା, ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା, ୨ ଚକିଆ ଯାନ ଚଳାଉଥିବା ସମୟରେ ହେଲମେଟ୍‌ବ୍ୟବହାର, ୨ ଚକିଆ ଯାନରେ ୨ ଜଣରୁ ଅଧିକ ନ ବସିବା, ମାଦକ ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା, ୧୮ ବର୍ଷରୁ କମ୍ ପିଲାଙ୍କୁ ଗାଡ଼ି ଚଳାଇବାକୁ ଦିଆ ନ ଯିବା ଇତ୍ୟାଦି ବିଷୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏହାବାଦ୍ ଗାଡ଼ି ଚଳାଇବା ପୂର୍ବରୁ ବ୍ରେକ୍, ହର୍ଣ୍ଣ, ଇଣ୍ଡିକେଟର, ଟାୟାର ପ୍ରେସର, ଇଞ୍ଜିନ ତେଲ ପରୀକ୍ଷା ସହ ଗାଡ଼ି କାଗଜପତ୍ର ସାଙ୍ଗରେ ନେବା ବିଧେୟ। ୪ ଚକିଆ ଗାଡ଼ି ଚଳାଇବା ବେଳେ ସିଟ୍‌ବେଲ୍ଟ ବ୍ୟବହାର ସାଙ୍ଗକୁ ପାର୍କିଂ ପ୍ଲେସ୍‌ରେ ରଖିବାକୁ ବାର୍ତ୍ତା ଦିଆଯାଉଛି। ଗୃହପାଳିତ ପ୍ରାଣୀଙ୍କୁ ରାସ୍ତା ଉପରକୁ ଛାଡ଼ିବା ଉଚିତ ନୁହେଁ। ଏଥିସହ ଅଯଥା ରାସ୍ତା ଅବରୋଧ ନ କରିବାକୁ ପରାମର୍ଶ ଦିଆଯାଉଛି। ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟାଳୟ ନିକଟରେ କର୍କଶ ସ୍ୱରରେ ହର୍ଣ୍ଣ ବଜାଇବା ଆଦୌ ଗ୍ରହଣୀୟ ନୁହେଁ। ଆବଶ୍ୟକଠାରୁ ଅଧିକ ଗତିରେ ଗାଡ଼ି ଚଳାଇବା ବିପଦକୁ ଆମନ୍ତ୍ରଣ ସହ ସମାନ। ଅସୁସ୍ଥ ଥିଲେ ଗାଡ଼ି ଚଳାଇବା ନିରାପଦ ନୁହେଁ। କ୍ଷମତାଠାରୁ ଅଧିକ ଓଜନର ମାଲ୍, ଯାତ୍ରୀ ପରିବହନ ଉପରେ କଟକଣା ରହିଛି। ଯଦି ଏହି ନିୟମଗୁଡ଼ିକୁ କେହିଅବମାନନା କରନ୍ତି ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ସୂଚନା ଦେଇଛନ୍ତି।

### ୨ ଚକିଆ ଗାଡ଼ି ଯାଞ୍ଚ: ୪୮ ହଜାର ଜରିମାନା ଆଦାୟ



**ନାଉଗାଁ, (ସ୍ୱ.ପ୍ର.) :** ନାଉଗାଁ ଥାନା ଅନ୍ତର୍ଗତ ଶିଖର-ବାଲିଭଉଁରୀ ରାସ୍ତାର ଘୋଡାଂଶ ଛକ ନିକଟରେ ରବିବାର ୨ ଚକିଆ ଗାଡ଼ି ଯାଞ୍ଚ କରାଯାଇଛି। ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ ରଘୁନାଥ ଟୁଡୁ, ଏଏସ୍‌ଆଇ ଚନ୍ଦ୍ରମୋହନ ହାଁସଦାଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଯାଞ୍ଚରେ ସାମିଲ ହୋଇଥିଲେ। ଏହି ଅବସରରେ ହେଲମେଟ୍ ଓ ଲାଇସେନ୍ସ ନ ଥିବା ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଏ ନେଇ ମୋଟ୍ ୧୩ ଜଣ ବାଇକ୍ ଚାଳକଙ୍କଠାରୁ ୪୮ ହଜାର ଟଙ୍କାର ଚାଲାଣ କଟାଯାଇଛି ବୋଲି ଆଇଆଇ ନାୟକ କହିଛନ୍ତି।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨।୪:** କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ପୋଲିସ କୁମେଲସିଂ ଗାଁରେ ଚଢ଼ାଉ କରି ଜଣେ ବ୍ୟକ୍ତିଙ୍କ ଘରୁ ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପ୍ରବେଶ ଦିଗାଲଙ୍କୁ ଗିରଫ କରାଯାଇଛି । ଘରୁ ଗଞ୍ଜେଇ ଚାଲାଣ ପ୍ରସ୍ତୁତ ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ଏ ନେଇ ଥାନାରେ ନଂ.୫୩/୨୩ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ରିତ କୁମାର ମୁନି ସୂଚନା ଦେଇଛନ୍ତି ।

### ରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

**ଶେରଗଡ଼,୨।୪(ଡି.ଏନ୍.ଏ.):** ହରିକ୍ରୁଷ୍ଣପୁର ଗ୍ରାମରେ ଗତ ନଅ ଦିନ ଧରି ଚାଲିଥିବା ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରାମ ନବମୀ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରବଚକ ବିପ୍ର ଚରଣ ମିଶ୍ର ରାମ କଥାମ୍ରୁତ ଭକ୍ତ ମାନଙ୍କୁ ଶ୍ରବଣ କରାଇ ଥିଲେ। ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରବଚନ ଶୁଣୁଥିଲେ। ଉଦ୍‌ଯାପିତ ଅବସରରେ ରାମାୟଣ ଗ୍ରନ୍ଥ ଗୁଡିକ ପୁଜାବିଧାନ କରାଯାଇ ଥିଲା ପରେ ପୋଥି ଗୁଡିକ ମୁଣ୍ଡରେ ଧରି ଗ୍ରାମ ପରିକ୍ରମା କରି ଥିଲେ।

### ୟୁଥ୍ ଫର୍ ଭିଲେଜ୍ ପକ୍ଷରୁ କ୍ରିକେଟ୍ ମ୍ୟାଚ୍

**ଗଞ୍ଜାମ,୨।୪(ଡି.ଏନ.ଏ.):** ଓଡ଼ିଶା ଦିବସ ପାଳନ ଅବସରରେ ଗଞ୍ଜାମ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ୟୁଥ ଫର ଭିଲେଜ' ପକ୍ଷରୁ ପୋଇରାଣୀ ପଞ୍ଚାୟତର ତାରିଣୀପଲ୍ଲୀ ପଥର କୁଆଁରୀ ଖେଳ ପଡିଆରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଛି। ମ୍ୟାଚରେ ତାରିଣୀପଲ୍ଲୀ ଗ୍ରାମ ସଭାପତି ଚୈତନ୍ୟ ରେଡ଼ି, ୟୁଥ୍ ଫର୍ ଭିଲେଜ୍ ସଭାପତି କୈଳାଶ ସେଠୀ, ସମ୍ପାଦକ ସୁନିଲ ସେଠୀ, ଉପଦେଷ୍ଟା ଦୀପକ କୁମାର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଦଳ ଓ ପରାଜିତ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ପୁଆଣିଆଁ କ୍ରଶର ପାଇଁ ନାହିଁ ଆଇନ୍

**ନୟାଗଡ଼ ଅଫିସ,୨।୪**

- ଅବଧି ଶେଷ ପରେ ବି ଚାଲିଛି ଖଣିଜ ଉତ୍ତୋଳନ
- ସନ୍ଧ୍ୟାରେ ବ୍ଲାଷ୍ଟିଂ ସମୟରେ ମୃଦୁ ଭୂମିକମ୍ପ ଅନୁଭୂତ
- ଜଙ୍ଗଲ କାଟି କରାଯାଉଛି ରାସ୍ତା, ଗଛ ବିକ୍ରି
- ବର୍ଷକର ଟାର୍ଗେଟ ମାସକରେ ଶେଷ


ଖଣିରୁ ପଥର ଖନନ ଚାଲିଛି ।


ପ୍ରଦୁଷଣ ସୃଷ୍ଟି କରୁଥିବା କ୍ରଶର ।

ନୟାଗଡ଼ ଜିଲା ଓଡ଼ଗାଁ ତହସିଲ ଗୋଡିସାହି ଆରଆଇ ଅଫିସର ପୁଆଣିଆଁ ଅଞ୍ଚଳରେ କ୍ରଶର ଜଙ୍ଗଲକୁ ନଷ୍ଟ କରି ଚାଲିଛି ବୋଲି ଅଭିଯୋଗ ହେଉଛି । ଏଠାରେ ବର୍ଷକର ଟାର୍ଗେଟକୁ ମାସକରେ ଶେଷ କରି ସରକାରଙ୍କ ରାଜସ୍ୱ ହରିଲୁଟ୍ ଚାଲିଛି । ଦିନ ଦ୍ୱିପ୍ରହରରେ ଜଙ୍ଗଲରୁ ଗଛ କାଟି ରାସ୍ତା କରାଯାଉଛି । ପୁଣି ବେଆଇନ ଭାବେ ଗଛ କାଟି ଅବାଧରେ ବିକ୍ରି ଚାଲିଛି । ଏଭଳି ସମୟରେ ଗତ ମାର୍ଚ୍ଚ ୩୧ରୁ ଖଣିଖନନ କାର୍ଯ୍ୟାଦେଶର ତାରିଖ ଚାଲି ଯାଇଥିବାବେଳେ ସରକାରୀ ନିୟମକୁ ଅଣଦେଖା କରି ଖଣି ଖନନ ଚାଲିଛି । ତହସିଲଦାର ଅଥବା ଅନ୍ୟକେହି ଅଧିକାରୀ କ୍ଷେତ୍ର ପରିଦର୍ଶନରେ ଯାଉ ନ ଥିବାରୁ ଅବଧି ଶେଷ ପରେ ବି ବେଆଇନ ଭାବେ ଖଣିଜ ଚାଲାଣ ଚାଲିଛି। ଅନ୍ୟପକ୍ଷେ ବେଆଇନ ବ୍ଲାଷ୍ଟିଂ ଯୋଗୁ ପୁଆଣିଆଁରେ ମୃଦୁ ଭୂମିକମ୍ପ ପରି ଅନୁଭୂତ ହେଉଛି ବୋଲି ଓଡ଼ଗାଁ ତହସିଲଦାର, ନୟାଗଡ଼ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ପୁଆଣିଆଁ ଟାଙ୍ଗିରୀ ପାହାଡ଼ରେ କ୍ରଶର ଚାଲିବାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଥିବାବେଳେ ପ୍ରଶାସନ ଲୋକଙ୍କ ଅଭିଯୋଗକୁ ଅଣଦେଖା କରି ଆସୁଛି । ଏଠାରେ ଯେଉଁ କ୍ରସର ଚାଲୁଥିଲା ତାର ଅବଧି ୨୦୨୩ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଥିଲା । ତେବେ ସମୟ ଡେଇଁ ସାରିବା ପରେ ବି ପୁଆଣିଆଁ କ୍ରଶର ଚାଲୁଛି । ପ୍ରତିଦିନ ସନ୍ଧ୍ୟାରେ ମୁଣ୍ଡିଆରେ ବ୍ଲାଷ୍ଟିଂ ହେଉଛି । ବ୍ଲାଷ୍ଟିଂ ଯୋଗୁ ଛାତ ଘରେ ଫାଟ ସୃଷ୍ଟି ହେଲାଣି । ଶସ୍ୟକ୍ଷେତ୍ରରେ ପଥର ଖଣ୍ଡ ପଡି ଫସଲ ନଷ୍ଟ ହେଉଛି। ଗାଁରେ ସବୁବେଳେ ଟ୍ରକ୍, ହାଇୱା ପରି ଭାରିଯାନ ଯାତାୟତ ଯୋଗୁ ରାସ୍ତା ନଷ୍ଟ ହୋଇ ମରଣଯନ୍ତା ପାଲଟିଛି । ଅନ୍ୟପକ୍ଷେ ବର୍ଷକୁ ୧୯୮୦ କ୍ୟୁବିକ ମିଟର ଖନନ ପାଇଁ ନିର୍ଦ୍ଦେଶ ଥିବାବେଳେ ମାସକରେ ଏହାକୁ ଶେଷ କରି ୧୨ ଗୁଣା ଅଧିକ ଖନନ ଶେଷ ହେଲାଣି । ପୁଣି ବେଆଇନ ଭାବେ ରାସ୍ତା ନିର୍ମାଣ କରାଯାଉଛି । ଗଛ କାଟି ଜଙ୍ଗଲକୁ ପଦା କରାଚାଲିଛି । କ୍ରଶର ନେଇ ଅଭିଯୋଗ କଲେ ଅଭିଯୋଗକାରୀଙ୍କୁ ନାଲି ଆଖି, ଧମକଚମକ, ଟଙ୍କା ପଇସା ଓ ରାଜନୈତିକ ଚାପ ପକାଇ ଚୁପ୍ କରାଯାଉଛି । କେତେଜଣ ସ୍ଥାନୀୟ ବାସିନ୍ଦା ନିଜ ନାମ ଗୋପନ ରଖି କହିଛନ୍ତି, କ୍ରସର ଜଙ୍ଗଲକୁ ଖାଇ ଚାଲିଛି । କ୍ରଶରଟି ଜଣେ ପ୍ରଭାବଶାଳୀ ବିଧାୟକଙ୍କ ହୋଇଥିବାରୁ ବାରମ୍ବାର ଅଭିଯୋଗ କଲେ ସୁଫଳ ମିଳୁନି । ପ୍ରଶାସନିକ ଅଧିକାରୀ ଚାପରେ ଚେପା ହୋଇ ତଦନ୍ତକୁ ଭୁଲି ଯାଉଛନ୍ତି। ଗତ କିଛି ମାସ ତଳେ ଜିଲାପାଳ ଜିଲାର ବିଭିନ୍ନ ଖଣି ଖାଦାନ ଉପରେ ଚଢ଼ାଉ କରି ଲୋକଙ୍କ ପ୍ରିୟ ହୋଇଥିଲେ। ତେବେ ପୁଆଣିଆଁ କ୍ରଶର ଉପରେ ଚଢ଼ାଉ ପାଇଁ ଜିଲାପାଳ ସମୟ ଦେଇପାରୁ ନାହାନ୍ତି । ଏଣୁ ପୁଆଣିଆଁ କ୍ରସରକୁ ଆମ ମୁଣ୍ଡିଆରୁ ହଟାଇବା ଦରକାର ବୋଲି କହିଛନ୍ତି । ଏନେଇ ତହସିଲଦାର ଅନିଲ ଆଚାର୍ଯ୍ୟ କୁହନ୍ତି, ନିଲାମ ଅବଧି ଶେଷ ହୋଇଯାଇଥିବାରୁ ନୋଟିସ୍ ହୋଇଥିଲା। ଖଣି ଖନନ ଚାଲିଛି କି ନାଁ ତଦନ୍ତ ପରେ ଜଣାପଡିବ । ପୁଣି ବେଆଇନ କାର୍ଯ୍ୟର ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ଭାଷା ଭିତ୍ତିକ ରାଜ୍ୟ ଗଠନରେ ବରପୁତ୍ରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ନୟାଗଡ଼ ଅଫିସ,୨।୪**



ଅନନ୍ୟା ଫାଉଣ୍ଡେଶନ ପକ୍ଷରୁ ଶନିବାର ଓଡ଼ିଶା ଦିବସ ପାଳିତ ହୋଇ ଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଆସରରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁକ୍ତା ଯୋଜନା ଉପଦେଷ୍ଟା ମୀରା ପରିଡ଼ା ଓ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଭାଷା ଭିତ୍ତିକ ପ୍ରଥମ ରାଜ୍ୟ ଗଠନରେ ଓଡ଼ିଶାର ବରପୁତ୍ରମାନଙ୍କ ବଳିଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଆସରରେ ସାହିତ୍ୟିକ ଶରତ ଆଚାର୍ଯ୍ୟ, ସାମାଜିକ କର୍ମୀ ରଜତ ପଟ୍ଟନାୟକ, ବ୍ୟଙ୍ଗ କବି ଆର୍ତ୍ତତ୍ରାଣ ପ୍ରଧାନ, ସାମାଜିକକ କର୍ମୀ ରବୀନ୍ଦ୍ର ଜେନା, ନୀଳମଣି ସ୍ୱାଇଁ ଯୋଗ ଦେଇ ବରପୁତ୍ରମାନଙ୍କ ସ୍ମୃତି ଚାରଣ କରିବା ସହ ଅନନ୍ୟା ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିଥିଲେ। ପରେ ନଟରାଜ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା ଓଡ଼ିଶୀ ଓ ବିହୂ ନୃତ୍ୟ ପରିବେଷଣ କରାଯାଇଥିଲା। କଟକ ଜିଲାର କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା ।


ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମନ୍ଦିର ପରିସରରେ ଥିବା ରଘୁନାଥଜୀଉଙ୍କ ଗଙ୍ଗାପାର ବେଶ ।

# ଚାରିଅଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥି ପରସ୍କାର ପ୍ରଦାନ କରୁଛନ୍ତି ।

**ରଣପୁର,୨।୪(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ହାଟ ସାହି ଠାରେ ଥିବା ଚାରିଅଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ବିଶେଷ ଅତିଥି ଭାବେ ରଣପୁର ବ୍ଲକ ଅଧ୍ୟକ୍ଷା ନିର୍ମଳା ବେହେରା ଓ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ମୁଖ୍ୟବକ୍ତା ଭାବେ ରଣପୁର ବ୍ଲକ ଶିକ୍ଷା ଅଧିକାରିଣୀ ବନଲତା ବେହେରା, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ବସନ୍ତ କୁମାର ରାଉତ, ଓଡ଼ଗାଁ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ବିଦ୍ୟାଳୟର ଟ୍ରଷ୍ଟି ସୁପ୍ରଭା ପ୍ରଧାନ, ପ୍ରଭାତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହାପରେ ବିଦ୍ୟାଳୟ କୁନିକୁନି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଗୁରୁଜୀଗୁରୁମା, ଅଭିଭାବକମାନେ ସହଯୋଗ କରିଥିଲେ।

# ଗ୍ରାମତରଙ୍ଗ ଫୁଡ୍ ଟେଷ୍ଟିଂ ଓ ଲାବାରେଟୋରିଜ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି, ୨।୪ (ଡି.ଏନ୍.ଏ)**

ଓଡ଼ିଶା ଦିବସ ଉପଲକ୍ଷେ ସେଞ୍ଚୁରିୟନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗ୍ରାମତରଙ୍ଗ ଫୁଡ୍ ଟେଷ୍ଟିଂ ଓ ଲାବୋରୋଟୋରିଜ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ. ଭୀରରାଜୁ ଯୋଗଦେଇଥିବା ବେଳେ ସେଞ୍ଚୁରିୟନ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର, ଅଧ୍ୟାପକ ଡ. ସୁବା ରାଓ, ଅଧ୍ୟାପିକା ଡ. ପ୍ରିୟା ଭଦ୍ରା ମଧ୍ୟ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିନ୍ (ପ୍ରଶାସନ) ଡ. ଏସ.ପି.ନନ୍ଦ, ନିର୍ଦ୍ଦେଶକ (ପ୍ରଶାସନ) ଡ.ଦୁର୍ଗା ପାଢୀ ପ୍ରମୁଖ ଯୋଗଦେଇଥିଲା।

# ଶ୍ରୀରାମଙ୍କ ଦ୍ୱାରା ଗଣ୍ଡାବଧ

**ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା**

**ଦଶପଲ୍ଲା,୨।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ଦଶପଲ୍ଲାର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ରବିବାର ଥିଲା ଗଣ୍ଡାବଧ । ସୂର୍ଯ୍ୟବଂଶର ପ୍ରଥା ଅନୁଯାୟୀ ବିବାହ ପରେ ପିତୃଶ୍ରାଦ୍ଧ ଦିନ ଯୁବରାଜ ଓ ରାଜକୁମାରମାନେ ଗଣ୍ଡାବଧ କରି ସେମାନଙ୍କ ପୂର୍ବପୁରୁଷଙ୍କୁ ସମ୍ମାନ ପ୍ରଦର୍ଶନ କରିବା ବିଧି ବ୍ୟବସ୍ଥା ରହିଛି । ଏହି ପରମ୍ପରାକୁ ସମ୍ମାନ ଦେବାକୁ ଯାଇ ପ୍ରଭୁ ଶ୍ରୀରାମ ମଧ୍ୟ ନିଜ ଭାଇ ଓ ଚତୁରଙ୍ଗ ସେନାଙ୍କ ସହିତ ବିଶାଳ ପଟୁଆର ନେଇ ଗଣ୍ଡାବଧ ପାଇଁ ବନକୁ ଗମନ କରିଥିଲେ। ଏହା ମୁଖ୍ୟମଞ୍ଚଠାରୁ ପ୍ରାୟ ୨ କିଲୋମିଟର ଦୂର ଦୁର୍ଗାବଜାରସ୍ଥିତ ଶୃଙ୍ଗବେରପୁର ମଞ୍ଚରେ ତାହା ମଞ୍ଚସ୍ଥ ହୋଇଥିଲା । ବାଜା, ବାଣ ରୋଷଣୀ, ନୃତ୍ୟ ସଙ୍ଗୀତରେ ସୁସଜ୍ଜିତ ରଥ, ହାତୀ, ଘୋଡା, ଓଟ, କଳ ଘୋଡା, ବୁଢାବୁଢୀ ନାଚ, ବାଘଖେଳ,



ଫୁଲଗଛ, ମେଢ଼, ଶତାଧିକ ଢୋଲିଆଙ୍କ ଢୋଲବାଦ୍ୟର ତାଳେ ତାଳେ ଆୟୋଜିତ ହେଉଥିବା ଏହି ପଟୁଆରକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ ମୃଗୟା ସମୟରେ ଆପଣାର ସେନାଙ୍କଠାରୁ ଦୂରେଇ ଯାଇଥିଲେ । ସେଠାରେ ଶବର ରାଜା ଗୁହ୍ୟକ ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ରାଘବେନ୍ଦ୍ର ସରକାରଙ୍କ ମିତ୍ରତା ହୋଇଥିଲା। ଶବର ରାଜାଙ୍କ ଆତିଥ୍ୟ ଓ ଶବର ଶବରୁଣିଙ୍କ ନାଚରେ ପ୍ରଭୁ ଶ୍ରୀରାମ ନିମଗ୍ନ ହୋଇଯାଇଥିଲେ । ଶେଷରେ ପୁଣି ସେନାଙ୍କ ସହ ପ୍ରଭୁଙ୍କ ମିଳନ ହୋଇ ଅଯୋଧ୍ୟା ପ୍ରତ୍ୟାଗମନ କରିଥିଲେ । ଆଜିର ଏହି ନୀଳାଭିନୟ ଅତୀବ ମନୋରମ ଓ ଚିତ୍ତାକର୍ଷକ ହୋଇଥିଲା । ଏହି ଉତ୍ସବରେ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ସ୍ମରଣିକା ଜୟନ୍ତୀକା ଉନ୍ମୋଚିତ


ଅତିଥିମାନେ ସ୍ମରଣିକା ଜୟନ୍ତୀକାକୁ ଉନ୍ମୋଚନ କରୁଛନ୍ତି ।

**ଖଣ୍ଡପଡ଼ା,୨।୪(ସ୍ୱ.ପ୍ର)**

ଦୀର୍ଘ ୪୦ ବର୍ଷ କାଳ ଶିକ୍ଷାଦାନ କରିବା ସହ ଜଣେ ଦକ୍ଷ ତଥା କର୍ତ୍ତବ୍ୟନିଷ୍ଠ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ ସମ୍ପାଦନ କରି ଅବସର ଗ୍ରହଣ କରିଥିବା ଜୟନ୍ତୀ ସାହୁଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଏକ ସ୍ମରଣିକା ଜୟନ୍ତୀକା ଉନ୍ମୋଚନ ହୋଇଛି । ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଉକ୍ତ ସ୍ମରଣିକାକୁ ଉନ୍ମୋଚନ କରିଛନ୍ତି । ଏଥିରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ, ସମ୍ମାନୀତ ଅତିଥି ରୁପେ ନୟାଗଡ଼ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଭାପୁର ଓ ଗଣିଆ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ତ୍ରିପାଠୀ, ରବିନ୍ଦ୍ରନାଥ ରାଉତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସରୋଜ କୁମାର ଚୌଧୁରୀ, ମୋ ସ୍କୁଲ କମିଟି ସଭାପତି ତଥା ଶିଶୁକବି କାଶୀନାଥ ଦାସ, ପ୍ରାକ୍ତନ ପ୍ରଧାନଶିକ୍ଷକ ମହେଶ୍ୱର ନନ୍ଦ, କିଶୋର ଚନ୍ଦ୍ର ପରମଗୁରୁ, ଖଣ୍ଡପଡ଼ାର ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କ କର୍ତ୍ତବ୍ୟ ପରାୟଣତା, ଶିକ୍ଷାଦାନ ଶୈଳୀ, ସମୟାନୁବର୍ତ୍ତିତା, ବିଦ୍ୟାଳୟ ପରିଚାଳନାରେ ଦକ୍ଷତା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଅନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରାଧନଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରତାପ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଅଧିକାରୀଙ୍କ ଲିଖିତ ପ୍ରତିଶ୍ରୁତି ପାଣିରଗାର

**ନୂଆଗାଁ,୨।୪ (ଡି.ଏନ.ଏ.)**

- ଶେଷ ହୋଇପାରିଲାନି ପୋଲ ନିର୍ମାଣ
- ପୁଣି ଧୋଇଗଲା ଡାଇଭର୍ସନ ରୋଡ


ଅର୍ଦ୍ଧ ନିର୍ମିତ ପୋଲ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡ଼ା ଛକଠାରୁ ଗୌଡ ଚାଞ୍ଚେରାପଲି ଦେଇ ଯାଇଥିବା ଆର୍‌ଡି ରାସ୍ତାରେ ବେଲପା ନଦୀର ପୋଲ ଭୁଶୁଡିବାକୁ ପ୍ରାୟ ଅଢେଇ ବର୍ଷ ପୁରିଲାଣି । କିନ୍ତୁ ଠିକାଦାର ପୋଲ ନିର୍ମାଣ କରିବାରେ ଅବହେଳା କରୁଛନ୍ତି। ତେଣୁ ଉକ୍ତ ସ୍ଥାନରେ ଶୀଘ୍ର ପୋଲ ନିର୍ମାଣ କରିବା ଦାବିରେ ବାରମ୍ବାର ଆନ୍ଦୋଳନ ସହ ରାସ୍ତାରୋକୋ କରାଗଲାଣି। ନଦୀରେ ଶୀଘ୍ର ପୋଲ ନିର୍ମାଣ କାମ ଶେଷ କରିବା ଦାବି ନେଇ ଶତାଧିକ ମହିଳା ଓ ପୁରୁଷ ରାଜରାସ୍ତାରେ ବସିଥିଲେ । ୨ ଘଣ୍ଟା ଧରି ରାସ୍ତାରେ ବସି ରହିବା ପରେ ବିଭାଗୀୟ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ମାର୍ଚ୍ଚ ମାସ ଶେଷ ସୁଦ୍ଧା ନିଶ୍ଚିତ ଭାବେ ପୋଲ ନିର୍ମାଣ କାମ ସାରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିଥିଲେ । କିନ୍ତୁ କାମ ଶେଷ ହେବା ତ ଦୂରର କଥା ଅଦ୍ୟାବଧି ଅଧା କାମ ହୋଇ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଅଧିକାରୀମାନଙ୍କ କଥାକୁ ଭରସା କରି ଆମ୍ଭେମାନେ ଆନ୍ଦୋଳନରୁ ହଟିଥିଲୁ । ହେଲେ ସେମାନଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ଆମେ ଜାଣି ନ ଥିଲୁ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା ।

ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ, ଜାତୀୟ ରାଜପଥ ସୋରଡ଼ାଠାରୁ ଗୌଡ଼ ଚାଞ୍ଚେରାପଲୀ ଦେଇ ଯାଇଥିବା ଆର୍.ଡି.ରାସ୍ତାରେ ଥିବା ପୋଲ ଭାଙ୍ଗିବାର ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କାମ ଶେଷ ହୋଇ ପାରୁ ନାହିଁ । ଠିକାଦାର ନିଜ ମନ ଇଚ୍ଛା କାମ କରୁଛନ୍ତି । ଫଳରେ ଜାତୀୟ ରାଜପଥରୁ ଜଗନ୍ନାଥପ୍ରସାଦ, ଗୌଡଚାଞ୍ଚେରାପଲି, କନ୍ଦଳବ ସମେତ ୩ ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହେବା ସହିତ ଜଗନ୍ନାଥ ପ୍ରସାଦ ହାଇସ୍କୁଲରେ ପାଠ ପଢୁଥିବା ଲୁଣିସରା ଓ ସୋରଡା ଗ୍ରାମର ଛାତ୍ରୀଛାତ୍ରମାନେ ସ୍କୁଲ ଯିବାରୁ ବଞ୍ଚିତ ହେଉଛନ୍ତି । ତେଣୁ ପୋଲ ନିର୍ମାଣ ଦାବି କରି ଜଗନ୍ନାଥ ପ୍ରସାଦ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ଗତ ଜୁଲାଇ ୨୨ରେ ଜାତୀୟ ରାଜପଥ ଅବରୋଧ କରି ରାସ୍ତାରେ ବସିଥିଲେ। ଅଧିକାରୀମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିବା ସହ ଶୀଘ୍ର ପୋଲ ନିର୍ମାଣ କରିବାର ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନ ହଟିଥିଲା। ପ୍ରତିଶ୍ରୁତି ଦେବାର ୬ ମାସ ବିତିଥିଲେ ମଧ୍ୟ ପୋଲ ନିର୍ମାଣ ନ ହେବାରୁ ପୁନର୍ବାର ସ୍ଥାନୀୟ ଅଞ୍ଚଳର ମହିଳା ଓ ପୁରୁଷ ଖୋର୍ଦ୍ଧା-ବଲାଙ୍ଗିର ୫୭ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଆରଡି କାର୍ଯ୍ୟନିର୍ବାହୀ ଅଧିକାରୀ ସୌଭାଗ୍ୟ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ, ନୂଆଗାଁ ଥାନା ପୋଲିସ, ଠିକାଦାର ଆଦି ଘଟଣାସ୍ଥଳରେ ପହଞ୍ଚି ମାର୍ଚ୍ଚ ଶେଷ ସୁଦ୍ଧା ରାସ୍ତା ଓ ପୋଲ କାମ ଶେଷ କରିବାର ପ୍ରତିଶ୍ରୁତି ଦେବାରେ ଆନ୍ଦୋଳନକାରୀ ଶାନ୍ତ ପଡିଥିଲେ । କିନ୍ତୁ ଅଦ୍ୟାବଧି ଅଧପନ୍ତରିଆ ଭାବେ ରହିଛି ପୋଲ ନିର୍ମାଣ । ଶନିବାର ସାମାନ୍ୟ ବର୍ଷାରେ ଡାଇଭର୍ସନ ରୋଡ ଭାସି ଯାଇଛି । ଏ ବାବଦରେ ମତାମତ ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ଅଧିକାରୀମାନେ ଫୋନ ଉଠାଇ ନ ଥିଲେ ।

# ମାର୍ଚ୍ଚରେ ବେରୋଜଗାର ହାର ୭.୮ %

ନୂଆଦିଲ୍ଲୀ,୨।୪




ବିଗତ କିଛି ମାସ ହେବ ଦେଶର ବେରୋଜଗାର ହାର କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ମାସର ବେରୋଜଗାର ହାର ଗତ ୩ ମାସ ଅପେକ୍ଷା ସର୍ବାଧିକ ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମଆଇଇ)ର ରିର୍ପୋଟରେ ଉଲ୍ଲେଖ କରାଯାଇଛି। ବିଶେଷ କରି ରବିବାର ସିଆଇଏମଇ ପକ୍ଷରୁ ୨୦୨୩ ମାର୍ଚ୍ଚ ମାସର ରିପୋର୍ଟ ପ୍ରକାଶ କରାଯାଇଛି। ଉକ୍ତ ରିର୍ପୋଟ ଅନୁସାରେ ଭାରତର ବେରୋଜଗାରୀ ହାର ୨୦୨୩ ମାର୍ଚ୍ଚରେ ୭.୮% ରହିଛି। ଅପରପକ୍ଷରେ ୨୦୨୨ ଡିସେମ୍ବର ମାସରୁ ଦେଶରେ ବେରୋଜଗାର ହାର ଲଗାତର ଭାବେ ବଢ଼ି ଚାଲିଛି, ସେତେବେଳେ ଏହି ହାର ୮.୩୦% ଥିଲା। ଏପରିକି ୨୦୨୩ ଜାନୁୟାରୀରେ ଉକ୍ତ ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟି ୭.୧୪ ହୋଇଥିଲା। ହେଲେ୨୦୨୩ ଫେବୃୟାରୀରେ ଏହି ହାର ପୁଣି ବଢ଼ି ୭.୪୫% ହୋଇଥିଲା। ଉଲ୍ଲେଖଯୋଗ୍ୟ ୨୦୨୩ ମାର୍ଚ୍ଚରେ ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଅଧିକ ବେକାରି ସୃଷ୍ଟି ହୋଇଛନ୍ତି। ଏପରିକି ସହରାଞ୍ଚଳରେ ବେକାରି ହାର ୮.୪% ରହିଥିବା ବେଳେ ଗ୍ରାମାଞ୍ଚଳରେ ୭.୫% ରହିଛି। ଏ ସମ୍ପର୍କରେ ସିଏମଆଇଇର ଏମଡି ମହେଶ ବ୍ୟାସ କହିଛନ୍ତି, ଚଳିତ ବର୍ଷ ମାର୍ଚ୍ଚରେ ଭାରତୀୟ ଶ୍ରମ ବଜାରରେ ହ୍ରାସ ଦେଖିବାକୁ ମିଳିଛି, ଏହାର ପ୍ରଭାବ ଶ୍ରମ ଶକ୍ତିର ଭାଗିଦାରିତା (ଲେବର ଫୋର୍ସ ପାର୍ଟିସ୍ପେସନ)ଉପରେ ମଧ୍ୟ ପକାଇଛି। ବିଶେଷ କରି ଶ୍ରମ ଶକ୍ତିର ଭାଗିଦାରିତା ହାର ୩୯.୯% ରୁ ୩୯.୮%କୁ ହ୍ରାସ ହୋଇଛି। ଫଳରେ ନିଯୁକ୍ତି ହାର ଫେବୃୟାରୀ ମାସ ୩୬.୯% ରୁ ଖସି ମାର୍ଚ୍ଚରେ ୩୬.୭% ରେ କମିଛି, ନିଯୁକ୍ତି ସଂଖ୍ୟା ୪୦୯.୯ ମିଲିୟନରୁ ୪୦୭.୬ ମିଲିୟନ ଖସିଛି। ଅପରପକ୍ଷରେ ଦେଶରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ମଧ୍ୟରେ ହରିଆଣାରେ ସର୍ବାଧିକ ବେରୋଜଗାରୀ ରହିଛି। ଏଠାରେ ବେରୋଜଗାରୀ ହାର ୨୬.୮% ରହିଥିବା ବେଳେ ରାଜସ୍ଥାନ ୨୬.୪%, ଜମ୍ମୁ-କଶ୍ମୀର ୨୩.୧%, ସିକ୍କିମ୨୦.୭% , ବିହାର ୧୭.୬% ଏବଂ ଝାଡଖଣ୍ଡରେ ବେରୋଜଗାରୀ ହାର ୧୭.୫%ରେ ରହିଛି। ତେବେ ନିଯୁକ୍ତି ଦେବାରେ ଛତିଶଗଡ଼ ସରକାର ଭଲ ପ୍ରଦର୍ଶନ କରିଛନ୍ତି। ଦେଶରେ ଛତିଶଗଡ଼ରେ ବେରୋଜଗାରୀ ହାର ସବୁଠାରୁ କମ୍ ରହିଛି। ଏଠାରେ ମାତ୍ର ୦.୮% ବେରୋଜଗାରୀ ହାର ରହିଥିବା ବେଳେ ତା ପଛକୁ ୧.୫% ସହ ପୁଡୁଚେରୀ ୧.୮% ଗୁଜରାଟ ୨.୩ % କର୍ନାଟକ, ଓଡ଼ିଶା ଓ ମେଘାଳୟରେ ବେରୋଜଗାରୀ ହାର ୨.୬% ରହିଛି।

## ଟାଟା ଏଆଇଏ ଏନ୍ଏଫ୍ଓ ଶୁଭାରମ୍ଭ

ନୂଆଦିଲ୍ଲୀ,୨।୪

ଟାଟା ଏଆଇଏ ଲାଇଫ୍ ଇନ୍ସ୍ୟୁରାନ୍ସ ପକ୍ଷରୁ ଟାଟା ଏଆଇଏ ସଷ୍ଟେନେବିଲିଟି ଇକ୍ୱିଟି ଫଣ୍ଡ୍ ଓ ଟାଟା ଏଆଇଏ ଡାଇନାମିକ୍ ଆଡଭାଣ୍ଟେଜ୍ ଫଣ୍ଡର ଏନ୍ଏଫ୍ଓ ଶୁଭାରମ୍ଭ କରାଯାଇଛି। ଟାଟା ଏଆଇଏ ସଷ୍ଟେନେବିଲିଟି ଇକ୍ୱିଟି ଫଣ୍ଡ୍ର ପାଣ୍ଠିକୁ ନିରନ୍ତରତାକୁ କିମ୍ବା ପରିବେଶ, ସାମାଜିକ ଓ ଗଭର୍ଣ୍ଣାସ୍ (ଇଏସ୍ଜି)କୁ ଗ୍ରହଣ କରିଥିବା କମ୍ପାନୀଗୁଡ଼ିକରେ ନିବେଶ କରି ଦୀର୍ଘମିଆଦୀ ସମ୍ପତ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଟାଟା ଏଆଇଏ ଡାଇନାମିକ୍ ଆଡଭାଣ୍ଟେଜ୍ ଫଣ୍ଡ୍ରେ ବଜାର ଅସ୍ଥିରତା ଭଳି ସ୍ଥିତି ସତ୍ତ୍ୱେ ଦ୍ରୁତ ଓ ଉତ୍କୃଷ୍ଟ ରିଟର୍ନ ପ୍ରଦାନ କରିବାକୁ ଉଦ୍ୟମ କରାଯିବ। ଫଣ୍ଡ୍କୁ ଅତି ଚତୁରତାର ସହ ବଜାର ସ୍ଥିତିକୁ ନଜରରେ ରଖି ଡେବଟ୍ ଓ ଇକ୍ୱିଟି ମଧ୍ୟରେ ଆବଣ୍ଟନ କରାଯିବ। ଫର୍ଚ୍ଚୁନ୍ ପ୍ରୋ, ୱେଲ୍ଥ ପ୍ରୋ, ଫର୍ଚ୍ଚୁନ ମାକ୍ସିମା ଓ ୱେଲ୍ଥ ମାକ୍ସିମା ଭଳି ଟାଟା ଏଆଇଏର ୟୁଲିପ୍ ଜରିଆରେ ଏହି ଦୁଇ ଏନ୍ଏଫ୍ଓରେ ନିବେଶ କରାଯାଇପାରିବ।

## ଶାସନନୀତିରେ ସଚିବଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଭୁବନେଶ୍ୱର,୨।୪

ଇନ୍ଷ୍ଟିଟ୍ୟୁଟ୍ ଅଫ୍ କମ୍ପାନୀ ସେକ୍ରେଟାରି ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)ର ଭୁବନେଶ୍ୱର ଅଧ୍ୟାୟ ପକ୍ଷରୁ 'ଶକ୍ତିର ସଶକ୍ତୀକରଣ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା। ଏହି ଅବସରରେ ନାଲକୋର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, କମ୍ପାନୀର ଉତ୍ତମ ଶାସନ ନୀତି ପାଇଁ କମ୍ପାନୀ ସଚିବଙ୍କ ପରି ପ୍ରଫେସନାଲମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି ପାତ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ଭାରତୀୟ ରପ୍ତାନି ସଙ୍ଗଠନ ଫେଡେରେଶନ ଓଡିଶା ଅଧ୍ୟାୟର ମୁଖ୍ୟ କମଳାକାନ୍ତ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ନେଇ ଏକ୍ସାଇମ୍ ପଲିସି ଏବଂ ଔଦ୍ୟୋଗିକୀକରଣର ବହୁମୁଖୀ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଉଲ୍ଲେଖଯୋଗ୍ୟ ସିଏସ୍ ନେହା ସୋମାନି ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଏବଂ ଆର୍ବିଟ୍ରେସନ୍ ପଦ୍ଧତି ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉକ୍ତ କର୍ମଶାଳାରେ ପୂର୍ବାଞ୍ଚଳ କ୍ଷେତ୍ରୀୟ ଅଧ୍ୟକ୍ଷ ସିଏସ୍ ସୌମ୍ୟ ସୁଜିତ ମିଶ୍ର, ଭୁବନେଶ୍ୱର ଅଧ୍ୟାୟର ଅଧ୍ୟକ୍ଷ ସିଏସ୍ ବିମଳ ପ୍ରସାଦ ପଟ୍ଟନାୟକ, ଉପାଧ୍ୟକ୍ଷା ସିଏସ ସସ୍ମିତା ପଣ୍ଡା ଏବଂ ପରିଚାଳନା କମିଟି ସଦସ୍ୟ ସିଏସ୍ ନୀଳକଣ୍ଠ ସାମଲ ପ୍ରମୁଖ କର୍ମଶାଳାରେ ଅଂଶ ଗ୍ରହଣ କରି ବିସ୍ତୃତ ଆଲୋଚନା କରିଥିଲେ।

## କୋଇଲା ଉତ୍ପାଦନରେ ଏମ୍ସିଏଲ୍ର ରେକର୍ଡ

ଭୁବନେଶ୍ୱର,୨।୪

ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍ସିଏଲ୍) ପକ୍ଷରୁ ନିକଟରେ ଆୟୋଜିତ ବାର୍ଷିକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍ସିଏଲ୍ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂ କମ୍ପାନୀର ବାର୍ଷିକ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ ଏମସିଏଲ ମୋଟ ୧୯୩.୩ ମିଲିୟନ ଟନ କୋଇଲା ଉତ୍ପାଦନ କରିଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ଏମସିଏମଲ କୋଇଲା ଉତ୍ପାଦନରେ ସର୍ବକାଳୀନ ରେକର୍ଡ କରିଥିବା ସିଂ ମତପ୍ରକାଶ କରିଛନ୍ତି। ସେହିଭଳି କମ୍ପାନୀ ୧୯୩.୩ ମିଲିଅନ ଟନ୍ ଉତ୍ପାଦନ କରିବା ସହ ୧୯୨.୭ ମିଲିଅନ ଟନ୍ କୋଇଲା ଯୋଗାଇବାରେ ମଧ୍ୟ ନୂତନ ରେକର୍ଡ ସ୍ଥାପନ କରିଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଏମ୍ସିଏଲ୍ କୋଇଲା ଉତ୍ପାଦନରେ ୧୫% ଅଭିବୃଦ୍ଧି ହାସଲ କରିଛି । ଏଥିସହିତ କୋଇଲା ଉତ୍ତୋଳନରେ ଗତ ଆର୍ଥିକ ବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୯% ଅଭିବୃଦ୍ଧି ଘଟିଛି ବୋଲି ସିଂ ମତପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏମ୍ସିଏଲ୍ର ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପି. କେ. ପଟେଲ, ନିର୍ଦ୍ଦେଶକ (ବୈଷୟିକ) ଯୁଗଳ କୁମାର ବୋରା ଏବଂ ନିର୍ଦ୍ଦେଶକ (ଅର୍ଥ)ଅଜିତ କୁମାର ବେହୁରା ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଯୋଜନାଗୁଡ଼ିକୁ ସଫଳ କରାଇବାରେ କମ୍ପାନୀର ପ୍ରତ୍ୟେକ ସଦସ୍ୟଙ୍କର ସମନ୍ୱିତ ଏବଂ ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରିଥିଲେ ।

## ଅଭିବୃଦ୍ଧି ପଥରେ ପାରାଦୀପ ପୋର୍ଟ

ନୂଆଦିଲ୍ଲୀ,୨।୪



(ଫଟୋ- ବିକାଶ)

ପାରାଦୀପ ପୋର୍ଟ ଅଥର୍ଟି (ପିପିଏ) ପକ୍ଷରୁ ରବିବାର ବାର୍ଷିକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ପାରାଦୀପ ପୋର୍ଟର ଚେୟାରମ୍ୟାନ ପି.ଏଲ. ହାରାନନ୍ଦା ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ ଯେ କ୍ରମାଗତ ଭାବେ ପାରାଦୀପ ପୋର୍ଟ ଖାଲି ରାଜ୍ୟରେ ନୁହେଁ ଦେଶର ମଧ୍ୟ ଏକ ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି। ଏପରିକି ପ୍ରତି ବର୍ଷ ଅଭିବୃଦ୍ଧି ପଥରେ ପାରାଦୀପ ପୋର୍ଟ ଅଗ୍ରସର ହେଉଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ ପୋର୍ଟ ବ୍ୟାପକ ସଫଳତା ହାସଲ କରିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଅନେକ କାର୍ଯ୍ୟ ପୋର୍ଟକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ବେଶ୍ ସହାୟକ ହେବ ବୋଲି ହାରାନନ୍ଦା ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ହାରାନନ୍ଦା କହିଛନ୍ତି ୨୦୨୨-୨୩ ଆର୍ଥିକ ବର୍ଷରେ ପୋର୍ଟ ମୋଟ ୧୩୫.୩୬ ମିଲିୟନ ମେଟ୍ରିକ ଟନ ପଣ୍ୟ ବହନ (ଟ୍ରାଫିକ) କରିଛି। ଏପରିକି ଗତବର୍ଷ ଏହି ଅବଧି ମଧ୍ୟରେ ପୋର୍ଟ ୧୧୬.୧୩ ମିଲିୟନ ମେଟ୍ରିକ ଟନ ସଂଗ୍ରହ କରିଥିଲା। ଏହି ଆଧାରରେ ପୋର୍ଟ ଗତବର୍ଷ ତୁଳନାରେ ଚଳିତ ବର୍ଷ ମୋଟ ୧୯.୨ ମିଲିୟନ ମେଟ୍ରିକ ଟନର ଅଭିବୃଦ୍ଧି କରିପାରିଛି। ସେହିପରି ଉତ୍ପାଦନ (ବର୍ଥ ପ୍ରଡକ୍ଟିଭିଟି)ରେ ବିରଳ ସଫଳତା ହାସଲ କରିଛି। ପୋର୍ଟ ୨୦୨୨-୨୩ ବର୍ଷରେ ୩୧,୦୫୦ ଏମ୍ଟି ଉତ୍ପାଦନ କରିଛି। ପୂର୍ବ ଆର୍ଥିକ ବର୍ଷରେ ପୋର୍ଟ ୨୭,୨୯୫ ଏମଟି ଉତ୍ପାଦନ କରିଥିଲା। ଏପରିକି ବର୍ଷକ ଭିତରେ ୧୩.୭୬% ବୃଦ୍ଧି ଘଟିଛି।

## ଶ୍ରେଷ୍ଠ ୧୦ ଚକ୍ଷୁ ଗବେଷଣା ଅନୁଷ୍ଠାନ ମଧ୍ୟରେ ଏଲ୍ଭିପିଇଆଇ

ନୂଆଦିଲ୍ଲୀ,୨।୪

ଏଲ ଭି ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟ୍ (ଏଲଭିପିଇଆଇ)କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟସ୍ତରର ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯାଇଛି। ଏପରିକି ଏସସିଆଇଏମଏଜିଓ ର୍ୟାଙ୍କିଙ୍ଗ୍ ଏଜେନ୍ସି ପକ୍ଷରୁ ବିଶ୍ୱର ଶ୍ରେଷ୍ଠ ୧୦ଟି ଚକ୍ଷୁ ସ୍ୱାସ୍ଥ୍ୟ ଗବେଷଣା ଅନୁଷ୍ଠାନର ଫଳାଫଳ ପ୍ରକାଶ କରାଯାଇଛି। ବିଶେଷ କରି ଏସସିଆଇଏମଏଜିଓ ଇନଷ୍ଟିଚ୍ୟୁଟ ର୍ୟାଙ୍କିଙ୍ଗ୍-୨୦୨୩ରେ ଏଲଭିପିଇଆଇ ଚକ୍ଷୁ ବିଜ୍ଞାନ (ସ୍ୱାସ୍ଥ୍ୟ) ବର୍ଗରେ ବିଶ୍ୱର ୮ମ ସ୍ଥାନ ହାସଲ କରିଥିବା ବେଳେ ଏସିଆରେ ୨ୟ ସ୍ଥାନରେ ରହିଛି, ଭାରତର ଏକମାତ୍ର ଚକ୍ଷୁ ସ୍ୱାସ୍ଥ୍ୟ ଅନୁଷ୍ଠାନ ଭାବେ ବିଶ୍ୱର ଶ୍ରେଷ୍ଠ ୧୦ଟି ଚକ୍ଷୁ ଗବେଷଣା ଅନୁଷ୍ଠାନ ମଧ୍ୟରେ ତାଲିକାଭୁକ୍ତ ହୋଇଛି। ଏ ସମ୍ପର୍କରେ ଏଲ୍ ଭି ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ଗୁଲାପଲ୍ଲୀ ଏନ୍ ରାଓ କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ୧୦ଟି ଚକ୍ଷୁ ଗବେଷଣା ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇବା ଆମ ପାଇଁ ଅତ୍ୟନ୍ତ ଉତ୍ସାହଜନକ ବିଷୟ। ବିଶେଷ କରି ଏଲଭିପିଇଆଇ ଆରମ୍ଭ ହେବା ଦିନଠାରୁ ଗବେଷଣା ଓ ଉଦ୍ଭାବନରେ ଜଡିତ ହୋଇ ରହିଛି। ଏପରିକି ଏସସିଆଇଏମଏଜିଓ ଇନଷ୍ଟିଚ୍ୟୁଟସ ର୍ୟାଙ୍କିଙ୍ଗ ସମଗ୍ର ବିଶ୍ୱର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନର ସବୁଠାରୁ ବିସ୍ତୃତ ମାନ୍ୟତା ମଧ୍ୟରୁ ଅନ୍ୟତମ ଅଟେ। ସେହିଭଳି ପ୍ରଥମ ଭାରତୀୟ ଚକ୍ଷୁ ଚିକିତ୍ସା ଅନୁଷ୍ଠାନ ଭାବେ ଉକ୍ତ ତାଲିକାରେ ସ୍ଥାନ ପାଇବା ଭାରତୀୟ ଚକ୍ଷୁ ଓ ଚିକିତ୍ସା ଗବେଷଣା ପାଇଁ ଗର୍ବର ବିଷୟ ଏବଂ ଏକ ବଡ଼ ମାଇଲଖୁଣ୍ଟ ବୋଲି ରାଓ ମତବ୍ୟକ୍ତ କରିଛନ୍ତି।

ଫୁର୍ସତ୍

# ୱାର୍ଲ୍ଡ ରେକର୍ଡ ପାଇଁ ଜ୍ୱାଳାମୁଖୀ ଉପରେ ମାସେ

ମେକ୍ସିକୋ ସିଟି



ଏବେ ମହିଳାମାନେ ପୁରୁଷଙ୍କଠାରୁ କୌଣସି କ୍ଷେତ୍ରରେ କମ୍ ନୁହନ୍ତି। ବର୍ତ୍ତମାନ ସମୟରେ ବିଶ୍ୱର ସମସ୍ତ କୋଣରେ ମହିଳା ପହଞ୍ଚି ତାଙ୍କ ଦକ୍ଷତାର ପ୍ରମାଣ ଦେଇସାରିଲେଣି। ନିକଟରେ ଜଣେ ମହିଳା ୱାର୍ଲ୍ଡ ରେକର୍ଡ ସହ ଅନ୍ୟ ମହିଳାଙ୍କ ଲାଗି ପ୍ରରଣା ପାଲଟିବା ପାଇଁ ପର୍ବତ ଶିଖରରେ ଥିବା ଜ୍ୱାଳାମୁଖୀ ଉପରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଏପରି କରି ଅନ୍ୟମାନଙ୍କୁ ଦେଖାଇବାକୁ ଚାହୁଁଥିଲେ କି, ମହିଳାମାନେ ମଧ୍ୟ ଦୁର୍ବଳ ନୁହନ୍ତି। ମେକ୍ସିକୋରେ ରହୁଥିବା ଏହି ୩୧ ବର୍ଷୀୟା ମହିଳା ପେରଲା ଟିଜୋରିନା ନିଜକୁ କଠିନ ପରିସ୍ଥିତିରେ ପକାଇ ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବାକୁ ଉଦ୍ୟମ କରୁଛନ୍ତି। ପେରଲା ମେକ୍ସିକୋର ସବୁଠାରୁ ଉଚ୍ଚ ପର୍ବତ ପିକୋ ଦି ଓରିଜାବାର ଶିଖରରେ ରହିବାର ବ୍ୟବସ୍ଥା କରିଛନ୍ତି। ସମୁଦ୍ର ପତ୍ତନଠାରୁ ୧୮ ହଜାର ୪୯୧ ଫୁଟ୍ ଉଚ୍ଚ ଏହି ପର୍ବତ ଶିଖରରେ ସେ ୩୨ ଦିନ ରହି ବିଶ୍ୱ ରେକର୍ଡ କରି ମହିଳାଙ୍କ ପାଇଁ ପ୍ରେରଣା ପାଲଟିବାକୁ ଚାହୁଁଥିବା କହିଛନ୍ତି। ସେହି ପର୍ବତ ଶିଖରରେ ରହିବାକୁ ତାଙ୍କୁ ବହୁ କଷ୍ଟର ସାମ୍ନା କରିବାକୁ ପଡୁଛି। ସେଠାରେ ବରଫର ମୋଟା ଆସ୍ତରଣ ଉପରେ ରହି ଶୀତୁଆ ପବନ ସହିବା ଭଳି ବିଭିନ୍ନ କଠିନ ପରିସ୍ଥିତିକୁ ନ ଡରି ତାହାକୁ ସେ ସାମ୍ନା କରୁଛନ୍ତି।

## କାର୍ତ୍ତିକଙ୍କ ସହ ଅଭିନୟ କରିବାରେ କୌଣସି ଅସୁବିଧା ନାହିଁ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ସାରା ଅଲି ଖାନ୍ ଏବଂ କାର୍ତ୍ତିକ ଆର୍ୟନ ପ୍ରଥମଥର ପାଇଁ ଫିଲ୍ମ 'ଲଭ୍ ଆଜ୍କଲ୍'ରେ ବଡ଼ ପରଦାକୁ ଆସିଥିଲେ। ଏହା ମଧ୍ୟରେ ସେମାନେ ସ୍କ୍ରିନ୍ ଉପରେ ଲଭ୍ ବାର୍ଡ ରୂପରେ ନଜର ଆସିଥିଲେ। ଫିଲ୍ମ ଶୁଟିଂ ସେଟ୍ରେ ମଧ୍ୟ ଉଭୟ ସତସତିକା ଡେଟିଂ କରୁଥିଲେ। ହେଲେ ବକ୍ସ ଅଫିସରେ ଫିଲ୍ମ ଫ୍ଲପ୍ ହେବାପରେ ସେମାନଙ୍କ ଡେଟିଂରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ହେଲେ କାର୍ତ୍ତିକଙ୍କ ସହ କାମ କରିବାରେ କୌଣସି ସମସ୍ୟା ନାହିଁ ବୋଲି ନିକଟରେ ସାରା କହିଛନ୍ତି। ସେ ଏବେ ନିର୍ଦ୍ଦେଶକ ଅନୁରାଗ ବାସୁଙ୍କ ଆଗାମୀ ଫିଲ୍ମ 'ମେଟ୍ରୋ ଇନ୍ ଦିନୋ' ଶୁଟିଂରେ ବ୍ୟସ୍ତ ଅଛନ୍ତି, ଯାହା ଆସନ୍ତା ଡିସେମ୍ବର ୮ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ଅନୁରାଗ ତାଙ୍କ ଆଗାମୀ ଫିଲ୍ମ 'ଆଶିକି-୩' କାର୍ତ୍ତିକଙ୍କ ସହ ଆରମ୍ଭ କରିବେ। ହେଲେ ସେଥିନିମନ୍ତେ କୌଣସି ଅଭିନେତ୍ରୀଙ୍କୁ ଅନୁରାଗ ଏପର୍ଯ୍ୟନ୍ତ ବାଛିନାହାନ୍ତି। ଇତିମଧ୍ୟରେ ନିକଟରେ ସାରାଙ୍କୁ ଆଶିକି-୩ରେ ଯୋଗଦେବା ନେଇ ପ୍ରଶ୍ନ କରାଯାଇଥିଲା। ଏପର୍ଯ୍ୟନ୍ତ ତାଙ୍କୁ କୌଣସି ଅଫର ଆସିନାହିଁ। ଯଦି ଆସେ ତେବେ ସେ ହଁ କରିବେ ବୋଲି କହିଥିଲେ। ସାରାଙ୍କ ପାଖରେ ଏବେ ଗୁଡ଼ିଏ ପ୍ରୋଜେକ୍ଟ ଥିବା ଜଣାପଡ଼ିଛି।

## ରୋଲ୍ସ ରୟସି ଅଫ୍ ଅଟୋ

ନୂଆଦିଲ୍ଲୀ



ଗ୍ରାହକଙ୍କୁ ମନୋଲୋଭା କରାଇବା ପାଇଁ ଅନେକ କାର୍କୁ ଭିନ୍ନ ଟଚ୍ ଦିଆଯାଇଥାଏ। ତା' ମଧ୍ୟରେ ଅନେକ କାର୍ରେ ଛାତ ଖୋଲିବା ସିଷ୍ଟମ ଥାଏ। ଅନ୍ୟ କୌଣସି ଯାନବାହନରେ ଏପରି କିଛି ସିଷ୍ଟମ୍ ନ ଥାଏ। ତେବେ ନିକଟରେ ଜଣେ ଅଟୋଚାଳକ ତାଙ୍କ ଅଟୋକୁ ଭିନ୍ନ ଲୁକ୍ ଦେବାକୁ ଏକ ଡିଜାଇନ କରିଛନ୍ତି, ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଅଟୋଟିର ଛାତ ଲକ୍ଜୁରୀ କାର୍ ଭଳି ଖୋଲୁଛି। ଏହାର ରଙ୍ଗ ଗୋଲାପି ହୋଇଥିବାବେଳେ ମାଲିକ ତାଙ୍କ ଅଟୋର ଛାତ କିପରି ଖୋଲୁଛି, ତାହା ଦେଖାଉଛନ୍ତି। ଏପରି କର୍ଭଟେବଲ୍ ରୁଫ୍ ଅଟୋକୁ ଲୋକେ ଅଧିକ ପସନ୍ଦ କରିଛନ୍ତି। ଏଥିରେ ବସି ନୂଆ ଅନୁଭୂତି ନେବାକୁ ଲୋକେ ଉତ୍ସାହିତ ଥିବା ଅଟୋ ମାଲିକ କହିଛନ୍ତି। ଏହି ଭିଡିଓରେ ଅନେକ ମଜାଦାର କମେଣ୍ଟ ମଧ୍ୟ ମିଳିଛି। ଏହି ଅଟୋରେ ରୋଲ୍ସ ରୟାଲ ଫିଚର ଥିବାରୁ କେହି କେହି ଏହାକୁ 'ରୋଲ୍ସ ରୟସି ଅଫ୍ ଅଟୋ' ବୋଲି କହିଛନ୍ତି।

## ବିବାହ ମଣ୍ଡପରେ ବର ଫଟୋଗ୍ରାଫର

ନୂଆଦିଲ୍ଲୀ

ବିବାହ ସମସ୍ତଙ୍କ ପାଇଁ ବହୁତ ଖାସ୍ ହୋଇଥାଏ। ସେହି ଖାସ୍ ମୁହୂର୍ତ୍ତକୁ ସାଇତି ରଖିବା ପାଇଁ ବିବାହ ସମୟରେ ଫଟୋଗ୍ରାଫରଙ୍କୁ ଡକାଯାଇଥାଏ। ହେଲେ ନିକଟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ କି ଏକ ବିବାହ ଉତ୍ସବକୁ କୌଣସି ଫଟୋଗ୍ରାଫରଙ୍କୁ ଡକାଯାଇନି। ଫଟୋଗ୍ରାଫର ବଦଳରେ ମଣ୍ଡପରେ କନ୍ୟାଙ୍କ ଫଟୋ ନିଜେ ବର ଉଠାଇଥିବା ଦେଖିବାକୁ ମିଳିଛି।



ବର ଅୟାନ ସେନ୍ ଏବଂ କନ୍ୟା ପ୍ରିୟା ବଙ୍ଗାଳୀ ରୀତିନୀତିରେ ବିବାହ କରୁଥିବା ଭିଡିଓରୁ ଜଣାପଡ଼ିଛି। ପ୍ରିୟା ତାଙ୍କ ଓଢ଼ଣା ଟେକି ଧରିଥିବାବେଳେ ଅୟାନ ଫୋନ୍ ଟର୍ଚ୍ଚ ଲାଇଟ୍ ଦେଖାଇ କ୍ୟାମେରାରେ ଫଟୋ ଉଠାଉଛନ୍ତି। ଏହି ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାକୁ ନେଇ ବହୁତ କମେଣ୍ଟ ଆସିଛି। ଏଥିରେ ଜଣେ ଲେଖିଛନ୍ତି, ବର ଫଟୋଗ୍ରାଫର ହୋଇଥିଲେ ବହୁତ ଲାଭ। ପଇସା ବଞ୍ଚିଯିବ। ତେବେ ଭିଡିଓଟି କେଉଁଠାର ତାହା ଜଣାପଡ଼ିନାହିଁ।

## ପିଲା ଜନ୍ମ ପରେ ଲାଗିଲା ୨୦୦ ଟାଙ୍କା

**ଲଣ୍ଡନ:** ନିକଟରେ ଜଣେ ମହିଳା ତାଙ୍କର ତୃତୀୟ ସନ୍ତାନକୁ ଜନ୍ମ ଦେଇଛନ୍ତି। ହେଲେ ତାଙ୍କୁ ସେଥିପାଇଁ ୨୦୦ଟି ଟାଙ୍କା ଲଗାଇବାକୁ ପଡ଼ିଛି। ରିପୋର୍ଟ ମୁତାବକ, ବ୍ରିଟେନ୍ରେ ରହୁଥିବା ଡେନିୟଲ୍ ଲିଙ୍କନ ୩ ପିଲାଙ୍କ ମା' ଅଟନ୍ତି। ୬ ମାସର ଗର୍ଭବତୀ ଥିବାବେଳେ ସେ ତାଙ୍କ ତୃତୀୟ ଛୁଆକୁ ଜନ୍ମ ଦେଇଥିଲେ। ସାଧାରଣତଃ ନବଜାତ ପିଲାଙ୍କ ଓଜନ ୩ରୁ ସାଢ଼େ ୩ କିଲୋ ହୋଇଥାଏ। ହେଲେ ଡେନିୟଲ୍ଙ୍କ ତୃତୀୟ ସନ୍ତାନର ଓଜନ ୫ କିଲୋ ଥିଲା, ଯାହା ଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡେନିୟଲ୍ଙ୍କୁ ସେଥିପାଇଁ ୨୪ ଘଣ୍ଟା ଧରି କଷ୍ଟ ସହିବାକୁ ପଡିଥିଲା। ଛୁଆ ପ୍ରିମାଚ୍ୟୁଅର ଏବଂ ୫ କିଲୋ ଓଜନ ହୋଇଥିବାରୁ ଜନ୍ମ ପରେ ତାଙ୍କୁ ୨୦୦ଟି ଟାଙ୍କା ଲଗାଇବାକୁ ପଡ଼ିଥିଲା। ସେହି ଛୁଆର ମୁଣ୍ଡ ସାମାନ୍ୟଠାରୁ ଦେଖିବାକୁ ଟିକେ ବଡ଼। ପ୍ରଥମ ୨ ଛୁଆ ଜନ୍ମ ହେବାବେଳେ ତାଙ୍କୁ ଏପରି କଷ୍ଟ ସହ୍ୟ କରିବାକୁ ପଡି ନ ଥିବା ସେ କହିଛନ୍ତି।

# କଂଗ୍ରେସର ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି




କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଏଜି ଛକଠାରେ ରବିବାର ବିକ୍ଷୋଭ ପ୍ରଦର୍ଶନ। ପୋଲିସ ସହ କଂଗ୍ରେସ କର୍ମୀଙ୍କ ଧସ୍ତାଧସ୍ତି। (ଫଟୋ: ମୌସମ)

## ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ପ୍ରସଙ୍ଗ

ଭୁବନେଶ୍ୱର, ୨।୪(ବ୍ୟୁରୋ)

ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ନେଇ ଭୁବନେଶ୍ୱର ଏଜି ଛକରେ ରବିବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏପରି କି ବିଧାନସଭା ଘେରାଉ ପାଇଁ ଉଦ୍ୟମ କରାଯାଇଛି। ଘେରାଉ ବେଳେ ପୋଲିସ ସହ କଂଗ୍ରେସ କର୍ମୀମାନେ ଧସ୍ତାଧସ୍ତି ହୋଇଛନ୍ତି। ଏହାପରେ ଧାରଣାସ୍ଥଳରୁ କମିସନରେଟ ପୋଲିସ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସହ ବିଧାୟକ ସୁର ରାଉତରାୟ ଓ କେତେଜଣ କଂଗ୍ରେସ କର୍ମୀଙ୍କୁ ପୋଲିସ ଉଠାଇ ନେଇଛି।

କଂଗ୍ରେସର ଏସ୍‌ସି, ଏସ୍‌ଟି, ଓବିସି ଓ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ ନେଇ ମୋଦି ସରକାରଙ୍କ ବିରୋଧରେ କଂଗ୍ରେସ ରବିବାର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲା। ସେଠାରେ ଧାରଣାରତ କଂଗ୍ରେସ କର୍ମୀ କହିଛନ୍ତି, ଭାରତ ବର୍ଷରେ ଗଣତନ୍ତ୍ର ସୁରକ୍ଷିତ ନୁହେଁ। ସମ୍ବିଧାନ ଭାଙ୍ଗିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍ୟମ କରୁଛନ୍ତି। ରାହୁଲଙ୍କ ମାଇକ ବନ୍ଦ କରି ତାଙ୍କୁ ନୁହେଁ ବରଂ ପାର୍ଲାମେଣ୍ଟକୁ ପ୍ରଧାନମନ୍ତ୍ରୀ ମ୍ୟୁଟ୍ କରିଛନ୍ତି। ଆଦାନୀଙ୍କୁ ୨୦ ହଜାର କୋଟି ଟଙ୍କାର ହିସାବ ମାଗିବାରୁ ଷଡ଼ଯନ୍ତ୍ର କରି ତାଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି। ତାଙ୍କଠାରୁ ସରକାରୀ ବାସଭବନ ମଧ୍ୟ ଛଡ଼ାଇ ନିଆଯାଇଛି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରଧାନମନ୍ତ୍ରୀ କିଛି ମୁଷ୍ଟିମେୟ ପୁଞ୍ଜିପତିଙ୍କୁ ଧରି ଦେଶକୁ ଶାସନ କରିବାକୁ ଚାହୁଁଛନ୍ତି। ଏବେ ଶାସନ ବ୍ୟବସ୍ଥା, ଅର୍ଥନୈତିକ ଏବଂ ସବୁ ଦିଗରୁ କେଉଁ ପରିସ୍ଥିତିରେ ଭାରତ ଆଜି ପହଞ୍ଚିଲାଣି ସେକଥା ସମସ୍ତେ ଜାଣନ୍ତି। କଂଗ୍ରେସ ଏବଂ ଅନ୍ୟ ଦଳ ସହଯୋଗରେ ସମସ୍ତେ ଏକାଠି ହୋଇ ଦେଶର ଗଣତନ୍ତ୍ର ରକ୍ଷା କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

# ରାଜ୍ୟବାସୀଙ୍କୁ ଅପମାନିତ କରିଛନ୍ତି ବିରୋଧୀ ଦଳ ନେତା: ବିଜେଡି

ଭୁବନେଶ୍ୱର, ୨।୪(ବ୍ୟୁରୋ)

ରାଜ୍ୟ ସରକାରଙ୍କ ମେଟ୍ରୋ ଟ୍ରେନ୍ ସମ୍ପର୍କିତ ଘୋଷଣା ପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଏନେଇ ବର୍ଷିଥିଲେ। ୨୦୨୧ ମାର୍ଚ୍ଚରେ ବିଧାନସଭାରେ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଆଗାମୀ ୨୦ ବର୍ଷ ପର୍ଯ୍ୟନ୍ତ ମେଟ୍ରୋ ଟ୍ରେନ୍ ହେବାର ନ ଥିବା କହିଥିଲେ। ତେବେ ଏବେ ହଠାତ୍ ରାଜ୍ୟ ସରକାରଙ୍କ ଏ ସମ୍ପର୍କିତ ଘୋଷଣା ଏପ୍ରିଲ ଫୁଲ୍ ହେବନି ତ ବୋଲି ଜୟନାରାୟଣ ପ୍ରଶ୍ନ କରିଥିଲେ। ତେବେ ଜୟନାରାୟଣଙ୍କ ଏହି ମନ୍ତବ୍ୟ ଉପରେ ବିଜେଡି ରବିବାର କଡା ପ୍ରତିକ୍ରିୟା ରଖିଛି। ତେବେ ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ରାଜ୍ୟବାସୀଙ୍କୁ ବିରୋଧୀଦଳ ନେତା ଅପମାନିତ କରିଛନ୍ତି। ଏପ୍ରିଲ ପହିଲା ଦିନ ସାରା ଓଡିଶା ଉତ୍ସାହ ଓ ଉଦ୍ଦୀପନାର ସହ ଓଡିଶା ଦିବସ ପାଳନ କରୁଥିବାବେଳେ ମେଟ୍ରୋ ରେଳ ପ୍ରକଳ୍ପ ଘୋଷଣାକୁ ଏପ୍ରିଲ ଫୁଲ୍ ବୋଲି କହି ଉପହାସ କରି ଜୟନାରାୟଣ ତାଙ୍କ ଓଡିଶା ବିରୋଧୀ ମାନସିକତାକୁ ଦର୍ଶାଇଛନ୍ତି। ରାଜ୍ୟ ଭାଜପା ନେତାମାନେ ଓଡିଶାବାସୀଙ୍କୁ ଅପମାନିତ କରିବା ନୂଆ ନୁହେଁ। ପୂର୍ବରୁ ମଧ୍ୟ ସେମାନେ ଶାନ୍ତିପ୍ରିୟ ରାଜ୍ୟବାସୀଙ୍କୁ ଅରାଜକ ବୋଲି କହିଥିଲେ ଏବଂ ଓଡିଶାକୁ ଜାତୀୟ ସ୍ତରରେ ଅପମାନିତ କରିବାକୁ ଚେଷ୍ଟା କରିଥିଲେ। ଏପ୍ରିଲ୍ ପହିଲା ଓଡିଶା ଦିବସକୁ ଏପ୍ରିଲ ଫୁଲ୍ ବୋଲି ଅଭିହିତ କରିବା ବିରୋଧୀଦଳ ନେତାଙ୍କ ଓଡିଶା ପ୍ରତି ଅପମାନଜନକ ମନୋଭାବର ଅନ୍ୟ ଏକ ଉଦାହରଣ। କିଛିଦିନ ହେଲା ମାନସିକ ଭାରସାମ୍ୟ ହରାଇଥିବାରୁ ସେ ଏଭଳି ବାଉଳିଚାଉଳି ହେଉଛନ୍ତି। ରାଜ୍ୟ ଭାଜପା ତୁରନ୍ତ ତାଙ୍କର ମାନସିକ ଚିକିତ୍ସା କରାଉ, ନ ହେଲେ ସେ ଏଭଳି ଆତ୍ମଘାତୀ ମନ୍ତବ୍ୟ ଦେଇ ଭାଜପାକୁ ଓଡିଶାରୁ ସଫା କରିଦେବେ ବୋଲି ଲେନିନ୍ କହିଛନ୍ତି।

# କୋଟିଆ: ଭାଜପା-ବିଜେଡି ମୁହାଁମୁହିଁ

- ବିଜେଡି-କଂଗ୍ରେସ ସ୍ପଷ୍ଟ ମତ ରଖନ୍ତୁ: ଭାଜପା
- ବିଶ୍ୱଭୂଷଣ ଚାହିଁଥିଲେ ହେଇଥାନ୍ତା, ତେଣୁ ଶସ୍ତା ରାଜନୀତି କରନି: ବିଜେଡି

ଭୁବନେଶ୍ୱର, ୨।୪(ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତକରି ସେଠାରେ ଜଣେ ଆନ୍ଧ୍ର ଅଧିକାରୀଙ୍କୁ ଉକ୍ତ ସ୍ଥାନରୁ ଘଉଡ଼ାଇବା ସହିତ ଏହା ଓଡ଼ିଶାର ବୋଲି କହିଥିଲେ। ଏହାକୁ ନେଇ ରାଜ୍ୟ ରାଜନୀତି ଭିନ୍ନ ସରଗରମ ହୋଇଛି। ଅନ୍ୟପକ୍ଷରେ କୋଟିଆକୁ ନେଇ ଉଭୟ ବିଜେଡି ଏବଂ କଂଗ୍ରେସ ସ୍ପଷ୍ଟ ମତ ରଖନ୍ତୁ ବୋଲି ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର କହିଛନ୍ତି। ଏହାର ଉତ୍ତରରେ ବିଜେଡି କହିଛି ଯେ, ଭାଜପା କୋଟିଆ ପ୍ରତି କରିଥିବା ଅବହେଳାକୁ ଲୁଚାଇବାକୁ ଚେଷ୍ଟା କରିଛି।

ଭୃଗୁ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋରାପୁଟ ଜିଲା କୋଟିଆକୁ ଯାଇ ସେଠାରେ ଉତ୍କଳ ଦିବସ ପାଳନ କରି ଜଣେ ପ୍ରକୃତ ଓଡ଼ିଆର ପରିଚୟ ଦେଇଛନ୍ତି। ଓଡ଼ିଶାର ଐତିହ୍ୟ, କଳା ଓ ସୀମା ଆଜି ଅସୁରକ୍ଷିତ ସମୟରେ କେନ୍ଦ୍ରମନ୍ତ୍ରୀ ସେମାନଙ୍କ ପାଖରେ ପହଞ୍ଚି କୋଟିଆବାସୀଙ୍କ ମନୋବଳକୁ ବଢ଼ାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଜଣେ ଓଡ଼ିଆ ପୁଅ ଓ ଓଡ଼ିଶା ନାଗରିକ, ତା'ପରେ ସେ କେନ୍ଦ୍ରମନ୍ତ୍ରୀ। ଓଡ଼ିଶାକୁ ଓଡ଼ିଆ ଲୋକ ଶାସନ କରୁ ନ ଥିବାରୁ ରାଜ୍ୟ ସରକାର କୋଟିଆରେ ପଶିବା ପାଇଁ ଆନ୍ଧ୍ରପ୍ରଦେଶକୁ ପ୍ରଶ୍ରୟ ଦେଉଛନ୍ତି। କିଛିଦିନ ତଳେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓଡ଼ିଶା ଗସ୍ତରେ ହଠାତ୍ କାହିଁକି ଆସିଲେ। କେଉଁଥି ପାଇଁ ଓ କ'ଣ କଥା ହେଲେ ତାହାକୁ ଏପର୍ଯ୍ୟନ୍ତ ରାଜ୍ୟ ସରକାର ସାର୍ବଜନୀନ କରିଲେ ନାହିଁ। ସ୍ଥାନୀୟ ଗ୍ରାମବାସୀ ଓ ଭାଜପା ପକ୍ଷରୁ କୋଟିଆରେ ଉତ୍କଳ ଦିବସ ପାଳନ ସଭା ଚାଲିଥିବାବେଳେ ଆନ୍ଧ୍ରର ଅଫିସରମାନେ କୋଟିଆ ଅଞ୍ଚଳରେ ବୁଲୁଥିଲେ। ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପରେ ଆନ୍ଧ୍ରର ଉପଦ୍ରବ୍ୟ କୋଟିଆ ଭିତରେ ଅଧିକ ବଢ଼ିଛି। 'ଆନ୍ଧ୍ର ଗୋ ବ୍ୟାକ୍' ଭାଜପାର ସ୍ପଷ୍ଟ ମତ। ଏଥିରେ କୌଣସି ଦ୍ୱିମତ କିମ୍ବା ଦ୍ୱନ୍ଦ୍ୱ ନାହିଁ। ଭାଜପାର ବିଧାୟକମାନେ ବାରମ୍ବାର ବିଧାନସଭାରେ ବାଚସ୍ପତି ଓ ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି, ହାଉସ୍ କମିଟିକୁ ବାଚସ୍ପତିଙ୍କ ନେତୃତ୍ୱରେ ଥରେ କୋଟିଆ ଗସ୍ତ କରାନ୍ତୁ। କୋଟିଆକୁ ଆନ୍ଧ୍ର କବଜା କରିବାକୁ ମସୁଧା ଚଳାଇଥିବା ବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦିନେ ବି ସେଠାକୁ ନ ଯିବା ଦୁଃଖର ବିଷୟ ବୋଲି ଭୃଗୁ କହିଛନ୍ତି।

ବିଜେଡି ମୁଖପାତ୍ର ଈପ୍‌ସିତା ସାହୁ କହିଛନ୍ତି ଯେ, ରାଜ୍ୟ ଭାଜପା କୋଟିଆ ପ୍ରତି କରିଥିବା ଅବହେଳାକୁ ଘୋଡାଇବାକୁ ଚେଷ୍ଟା କରୁଛନ୍ତି। ବିଶ୍ୱଭୂଷଣ ହରିଚନ୍ଦନ ଯେତେବେଳେ ଆନ୍ଧ୍ର ରାଜ୍ୟପାଳ ଥିଲେ ସେ ଥରୁଟିଏ ମଧ୍ୟ କୋଟିଆ କଥା ଉଠାଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆନ୍ଧ୍ର ରାଜ୍ୟପାଳ ଥିବାବେଳେ ଚାହିଁଥିଲେ ସମସ୍ୟାର ସମାଧାନ କରିପାରିଥାନ୍ତେ। ତେଣୁ କୋଟିଆକୁ ନେଇ ଶସ୍ତା ରାଜନୀତି କରିବା ଆଗରୁ ଭାଜପା ନେତାଙ୍କୁ ଲଜ୍ଜା ଲାଗିବା ଉଚିତ ବୋଲି ସେ କହିଛନ୍ତି।

# ଧର୍ମେନ୍ଦ୍ରଙ୍କ ମନ୍ତବ୍ୟକୁ ସମାଲୋଚନା କଲେ ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ

ପଟ୍ଟାଙ୍ଗି, ୨।୪(ଡି.ଏନ.ଏ.)



ଆନ୍ଧ୍ର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା ସୂଚନା ଦେଉଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋରାପୁଟ ଜିଲା ଗସ୍ତକୁ ସମାଲୋଚନା କରିଛନ୍ତି ଆନ୍ଧ୍ର ପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା। ଶନିବାର କେନ୍ଦ୍ରମନ୍ତ୍ରୀ ପ୍ରଧାନ ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତ ଗସ୍ତରେ ଆସି ଓଡ଼ିଶା ଦିବସ ପାଳନ କରିବା ସହ ଫାଟୁସିନେରି ଗ୍ରାମ ପରିଦର୍ଶନ କରି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ସେ ଉପସ୍ଥିତ ଆନ୍ଧ୍ର ପୋଲିସକୁ ଗୋ ବ୍ୟାକ୍, ଓନଲି ଓଡିଶା କହି ଘଟଣା ସ୍ଥଳ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ଆନ୍ଧ୍ର ଉପ ମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା ଏକ ଭିଡିଓ ବାର୍ତ୍ତା ଜାରି କରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନଙ୍କ ମନ୍ତବ୍ୟକୁ ସମାଲୋଚନା କରିଛନ୍ତି।

ଜାରି ଭିଡିଓ ବାର୍ତ୍ତାରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଦୋରା କହିଛନ୍ତି, କେନ୍ଦ୍ରମନ୍ତ୍ରୀ ପ୍ରଧାନ ହେଉଛନ୍ତି ଭାରତର ମନ୍ତ୍ରୀ। ସେ ସବୁ ରାଜ୍ୟକୁ ସମାନ ଭାବେ ଦେଖିବା ଉଚିତ। ସୁପ୍ରିମକୋର୍ଟ ୨୦୦୬ ମାର୍ଚ୍ଚରେ ଦେଇଥିବା ରାୟକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମ୍ମାନ ଦେଇ ପାଳନ କରିବା ଉଚିତ ଥିଲା। ଭାରତର ଜଣେ ଦାୟିତ୍ୱସମ୍ପନ୍ନ ମନ୍ତ୍ରୀ ରୂପେ ସେ ଏପରି ମନ୍ତବ୍ୟ ଦେବା ଏବଂ ପୋଲିସକୁ ଘଉଡାଇବା ଠିକ୍ ନୁହେଁ ବୋଲି ଦୋରା ପ୍ରକାଶ କରିଛନ୍ତି। ସୀମାନ୍ତ କୋଟିଆ ପଞ୍ଚାୟତର ୨୧ ଖଣ୍ଡ ଗ୍ରାମ ଉପରେ ଓଡ଼ିଶାର ଯେତିକି ଅଧିକାର ରହିଛି, ସେତିକି ଆନ୍ଧ୍ରର ମଧ୍ୟ ରହିଛି। ଏପରି କ୍ଷେତ୍ରରେ କେହି କାହାକୁ ମନା କରିପାରିବେ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଦୋରା ଭିଡିଓ ବାର୍ତ୍ତାରେ କହିଛନ୍ତି। ଏଥିସହ ସେ କହିଲେ, ଆମ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଆପୋସ ଆଲୋଚନା ହୋଇଥିବାରୁ ଆମେ କୌଣସି କଡା ପଦକ୍ଷେପ ଗ୍ରହଣ କରୁନାହୁଁ। ଏଭଳି ସ୍ଥିତିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଦେଇଥିବା ମନ୍ତବ୍ୟ ଠିକ୍ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ଦୋରାଙ୍କ ଏପରି ଭିଡିଓ ଜାରି ହେବା ପରେ ବର୍ତ୍ତମାନ କୋଟିଆ ପଞ୍ଚାୟତ ପ୍ରତି ଆନ୍ଧ୍ର ସରକାରଙ୍କ କେଉଁ ଆଭିମୁଖ୍ୟ ରହିବ ସେନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି।

# ୨୫ ବର୍ଷ ଭାତ ଖାଇନାହାନ୍ତି ମାର୍କଣ୍ଡ



ବାବା ମାର୍କଣ୍ଡ ପଣ୍ଡା

ଭଣ୍ଡାରିପୋଖରୀ, ୨।୪ (ସ୍ୱ.ପ୍ର.)

୨୫ ବର୍ଷ ହେଲା ସେ ଭାତ ଖାଇନାହାନ୍ତି। ମୁଖ୍ୟତଃ ଫଳମୂଳକୁ ଆହାର ରୂପେ ଗ୍ରହଣ କରୁଥିବା ବେଳେ ପାଣି ସହ କେବଳ ଚା' ତାଙ୍କର ସର୍ବୋତ୍ତମ ଶକ୍ତି ବୋଲି କହନ୍ତି ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାର ସଂଲଗ୍ନ ମା' ନେଙ୍କୁଡ଼ିଶୁଣୀଙ୍କ ପୀଠରେ ଥିବା ଜଗନ୍ନାଥ ଆଶ୍ରମ ମୁଖ୍ୟ ପୁରୋଧା ବାବା ମାର୍କଣ୍ଡ ପଣ୍ଡା(୬୫)। ତାଙ୍କ ଘର ସ୍ଥାନୀୟ ଚନ୍ଦ୍ରଭାନୁପୁର ଗ୍ରାମରେ।

ସେ କହନ୍ତି, ୩୦ ବର୍ଷ ହେବ ସେ ସଂସାର ତ୍ୟାଗ କରିଛନ୍ତି। ପ୍ରଥମେ ପୁରୀ ଯାଇ ଗୁରୁ ରାମାନନ୍ଦଙ୍କଠାରୁ ଦୀକ୍ଷିତ ହେଲା ପରେ ନିଜ ଅଞ୍ଚଳରେ ଏକ ଝାଟିମାଟି ଆଶ୍ରମ ତିଆରି କରି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରୁଛନ୍ତି। ଗୁରୁ ଦେଇଥିବା ନାମ ଅନୁସାରେ ସେ ମୃତ୍ୟୁଞ୍ଜୟ ଦାସ ନାମରେ ନାମିତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ମାର୍କଣ୍ଡ ବାବା ବୋଲି ଡାକନ୍ତି। ପ୍ରତ୍ୟେକ ଦିନ ସକାଳୁ ରୀତିନୀତି ଅନୁଯାୟୀ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ପୂଜା କରିବା ସହ ମଧ୍ୟାହ୍ନ ଓ ସନ୍ଧ୍ୟାରେ ଭଗବାନଙ୍କୁ ନିୟମିତ ଆଳତି କରିଥାନ୍ତି। ପୂଜା ପ୍ରସାଦ ବ୍ୟତୀତ ଅନ୍ୟାନ୍ୟ ଖାଦ୍ୟ ସେ ବର୍ଜନ କରିଥାନ୍ତି। ପାଖାପାଖି ୩୦ବର୍ଷ ହେବ ଜଗନ୍ନାଥଙ୍କ ସେବାରେ ସମର୍ପିତ ହୋଇଥିବା ବେଳେ ୨୫ ବର୍ଷ ଧରି ଅନ୍ନ ଗ୍ରହଣ କରିନାହାନ୍ତି। ଭାତ ନ ଖାଇବା ପଛରେ ସେଭଳି କିଛି କାରଣ ନାହିଁ। ତେବେ ଏହାଦ୍ୱାରା କୌଣସି ସମସ୍ୟା ହୋଇ ନାହିଁ। ଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପି ଦେଇଥିବା ବେଳେ ଏକ ସୁସଜ୍ଜିତ ମନ୍ଦିର ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।

# ଟ୍ରକ୍‌କୁ ଧକ୍କା ଦେଲା ତୀର୍ଥଯାତ୍ରୀ ବସ୍, ୭ ଆହତ

ଭଦ୍ରକ ଅଫିସ, ୨।୪



ଦୁର୍ଘଟଣାଗ୍ରସ୍ତ ବସ୍।

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଡାହାଣୀଗଡ଼ିଆ ଛକ ପେଟ୍ରୋଲ ପମ୍ପ ନିକଟରେ ଶନିବାର ରାତିରେ ଏକ ତୀର୍ଥଯାତ୍ରୀ ବସ୍ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୭ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଶୁଭଲକ୍ଷ୍ମୀ ନାମକ ତୀର୍ଥଯାତ୍ରୀ ବସ୍ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିଲା। ରାତି ପ୍ରାୟ ୧୧ଟା ବେଳେ ଉକ୍ତ ପେଟ୍ରୋଲ ପମ୍ପ ନିକଟରେ ବସ୍ ଭାରସାମ୍ୟ ହରାଇ ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ଓ ହେଲ୍‌ପର ଫେରାର ହୋଇଯାଇଛନ୍ତି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ପ୍ରତିକାର ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ପୋଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

ରାଜ୍ୟ ଖବର

# ସୂର୍ଯ୍ୟଙ୍କ ରଥରେ ଗଜପତି ଛେରାପହଁରା କରୁଥିଲେ

ଐତିହ୍ୟର ଓଡ଼ିଶା

- କୋଣାର୍କରେ ମାହାରୀ ପରମ୍ପରା ଥିଲା
- ମାଣିକ୍ୟ ଖଞ୍ଜିବା ପାଇଁ ପୁରୁଷୋତ୍ତମଙ୍କ ବଣିଆ ଯାଇଥିଲେ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଗତ ସଂଖ୍ୟାରେ ଆଲୋଚିତ ହୋଇଥିଲା ସମଗ୍ର ଭାରତବର୍ଷରୁ ବଛାବଛା ଜାଣିବା ଲୋକଙ୍କୁ ମନ୍ଦିର ନିର୍ମାଣ ସମୟରେ ଗଜପତି କୋଣାର୍କକୁ ଆମନ୍ତ୍ରଣ କରିଥିଲେ। ଶ୍ରୀମନ୍ଦିର ଭଣ୍ଡାରରୁ ସୁନାମାଢ଼, ଖାଦ୍ୟ ପାଇଁ ଧାନ ଓ ମହାପ୍ରସାଦ ମଧ୍ୟ କୋଣାର୍କକୁ କିପରି ଯାଇଥିଲା ଆମେ ଜାଣିଲେ। ଏବେ ଜାଣିବା କୋଣାର୍କଠାରେ ଶ୍ରୀଆଦିତ୍ୟ ନାରାୟଣଙ୍କ ରଥଯାତ୍ରାରେ ଗଜପତି ଛେରାପହଁରା ସେବା କରୁଥିଲେ।

## ଗଜପତି ଓ ଛେରାପହଁରା:

ସ୍ନାନପୂର୍ଣ୍ଣିମା ପରେ ପରେ ଗଜପତି ପୁରୀରୁ କୋଣାର୍କ ଫେରି ଯାଇଥିଲେ। ଅଣସର ସମୟ ଆରମ୍ଭ ହୋଇଥିଲା। ଅଣସରରେ ବଡୁମହାପାତ୍ର ପୁରୁଷୋତ୍ତମ ମନ୍ଦିରରୁ ଗଜପତିଙ୍କ ପାଇଁ ପ୍ରସାଦ ନେଇ କୋଣାର୍କ ଯାଇଥିଲେ। କେଉଁ ପ୍ରସାଦ ନେଇଥିଲେ ଜଣାପଡୁ ନାହିଁ। ମହାପ୍ରଭୁ ଅଣସରରେ ଥିବାବେଳେ ସୁସ୍ଥ ହେବା ପରେ ଗଜପତିଙ୍କ ପାଖକୁ 'ଖଡ଼ିପ୍ରସାଦ' ବିଜେ କରାଯାଏ। ଉଦ୍ଦେଶ୍ୟ ମହାପ୍ରଭୁ ସୁସ୍ଥ ହେଲେ। ଏହି ପ୍ରଥା ଅନୁଯାୟୀ ଗଜପତିଙ୍କ ପାଖକୁ ଦଇତା ସେବକମାନେ 'ଖଡ଼ିପ୍ରସାଦ' ନେଇ ଯାଆନ୍ତି, କିନ୍ତୁ ପୋଥିରେ 'ବଡୁମହାପାତ୍ର ସେବକ' ନେଇଯିବା କଥା ଅଛି। ଏହା ଖଡ଼ିପ୍ରସାଦ କି ନାହିଁ ତାହା ଜଣାପଡୁ ନାହିଁ। ହୁଏତ ଅନ୍ୟ ଶୃଙ୍ଖଳା ପ୍ରସାଦ କିଛି ହୋଇପାରେ।

ଗଜପତି କୋଣାର୍କରେ ସ୍ନାନପୂର୍ଣ୍ଣିମାଠାରୁ ରଥଯାତ୍ରା ପର୍ଯ୍ୟନ୍ତ ମନ୍ଦିର ନିର୍ମାଣ ତଦାରଖ କରୁଥିଲେ। ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟା ଦିନ ହାତୀରେ ବସି ପୁରୀ ଫେରିଲେ ରଥଯାତ୍ରାରେ ଛେରାପହଁରା କରିବା ପାଇଁ। ଏଥିରୁ ସ୍ପଷ୍ଟ ହୁଏ ଯେ, ଛେରାପହଁରା ନୀତି ଗଙ୍ଗବଂଶ ଶାସନ କାଳରେ ପ୍ରଚଳିତ ଥିଲା।

## କୋଣାର୍କରେ ଶ୍ରୀମନ୍ଦିର ସେବକ:

- ଶ୍ରୀପଦ୍ମକେଶର ମନ୍ଦିରର ରତ୍ନମୁଦ କଳସରେ ମହାପ୍ରଭୁଙ୍କ ପ୍ରସାଦ ପକାଯାଇଥିଲା। ପୁରୁଷୋତ୍ତମ ବଡ଼ଦେଉଳରୁ ପଡିମହାପାତ୍ର ସେବକ ପ୍ରସାଦ ନେଇ କୋଣାର୍କରେ ପହଞ୍ଚିଥିଲେ।
- ଗୋଟିଏ ବର୍ଷ ପୁରୁଷୋତ୍ତମ କ୍ଷେତ୍ରକୁ ରଥକାର୍ଯ୍ୟ ପାଇଁ କୋଣାର୍କ ନିର୍ମାଣଶାଳାକୁ ବଢ଼େଇ ଆସିଥିବାର ଜଣାଯାଏ।
- ପଥରରେ ନିର୍ମିତ ପଦ୍ମରେ ମାଣିକ୍ୟ ଖଞ୍ଜାଯାଇଥିଲା। ଏହାକୁ ଖଞ୍ଜିବା ପାଇଁ ଗଜପତିଙ୍କ ଆଦେଶରେ ପୁରୁଷୋତ୍ତମରୁ 'ଚିହ୍ନରା' (ବଣିଆ) ମାଣିକ୍ୟ କାରିଗର କୋଣାର୍କକୁ ଯାଇଥିଲେ। ଆଦେଶ ଥିଲା– ଦାମୋଦର ବୈଠାରୁ ସୁନାପିଠିଆ ଚିଟାଣିଆ ମହାରଣା (ଚିହ୍ନୁରା) ଆସିବେ। ଦାମ ଚିହ୍ନରା (ଚିହ୍ନର) କୋଣାର୍କ ଯିବା ପରେ ଶିବେଇ ସାମନ୍ତରା ଓ ତାଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ତଦନୁଯାୟୀ ବୁଢ଼ା ଆଙ୍ଗୁଠି ମୋଟାର ୧୭ଟି ଅକଟା ମାଣିକ୍ୟ ୧୦୦ଟି ସୁନାଖଣ୍ଡ (ଅସରପି) କୋଷାଗାରରୁ ଦାମ ଚିହ୍ନରାଙ୍କୁ ଦିଆଯାଇଥିଲା। ସୁନାର ପାତ୍ର ମଝିରେ ମାଣିକ୍ୟ ଖଞ୍ଜା ହେବ, ତାହା ପକ୍ଷୀର ନଖ ପରି ବଙ୍କା ଆକୃତିରେ ରହିବ। ତୀକ୍ଷ୍ଣ ହେବ ମାଙ୍କଡ଼ର ନଖଯୁକ୍ତ ପାଦ ପରି। ଏହା ପଥର ପଦ୍ମରେ ଖଞ୍ଜା ହେବ ୮, ୬, ୩ ଖଣ୍ଡ କ୍ରମରେ।

ସିଂହାସନ ନିର୍ମାଣ ପରେ ଅକ୍ଷୟତୃତୀୟା ଦିନ ଗୋଟିଏ ଯଜ୍ଞ ହୋଇଥିଲା। ମନ୍ଦିରର ଉତ୍ତରପଟେ ଅନୁଷ୍ଠିତ ଯଜ୍ଞରେ ବାରଜଣ ଆଚାର୍ଯ୍ୟ ନିୟୋଜିତ ଥିଲେ। ୧୨ଜଣଯାକ ପୁରୁଷୋତ୍ତମରୁ କୋଣାର୍କ ଯାଇଥିଲେ। ସେମାନେ ଦୁଇ ଦଳ ହୋଇ ଯଜ୍ଞ କରିବା ପରେ ମନ୍ଦିର ଖପୁରିର ଶୀର୍ଷରେ କଳସ ଲାଗିଥିଲା। ଯଜ୍ଞ ପରେ ପୁରୀ ଫେରିବାର ପାଖାପାଖି ଦୁଇ ମାସ ପରେ ଅଣସର ସମୟରେ ବଡ଼ଦେଉଳ (ପୁରୀ)ର ମୁଖ୍ୟ ନିରୀକ୍ଷକ ପଟ୍ଟଯୋଶୀ ପରିଛା, ଦେଉଳକରଣ ମଧୁ ପଟ୍ଟନାୟକ ଓ କାଶୀ ରାଜଗୁରୁ କୋଣାର୍କରେ ପହଞ୍ଚି ଭଣ୍ଡାରଘର ପାଖରେ ଗୋଟିଏ ଘରେ ରହିଥିଲେ। ସେମାନଙ୍କ ସହାୟତା ପାଇଁ ଚାରିଜଣ ଖଞ୍ଜା ବ୍ୟବସ୍ଥା ହୋଇଥିଲା।

- ମନ୍ଦିର ନିର୍ମାଣରେ ବିଘ୍ନ ନ ଆସିବା ପାଇଁ ନିଜେ ଗଜପତି ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରାଜଗୁରୁଙ୍କୁ ସଙ୍ଗରେ ଧରି କୋଣାର୍କରେ ପହଞ୍ଚିଥିଲେ। ଏହିଦିନ ରଥ ଉପରେ ମହାପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହୁଏ। ସମ୍ଭାବନା ହୁଏ ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ ଏଇ ସୁନାବେଶ ରଥ ଉପରେ ହେଉ ନ ଥିଲା। ନଚେତ୍ ପୁରୀରେ ଉପସ୍ଥିତ ରହିଥାନ୍ତେ।
- ମନ୍ଦିରରେ ପଦ୍ମଦଣ୍ଡ ପ୍ରତିଷ୍ଠାବେଳେ ଗଜପତି ଓ ରାଜଗୁରୁ କୋଣାର୍କରେ ଉପସ୍ଥିତ ଥିଲେ। ରାଜଗୁରୁ ପଞ୍ଚାମୃତରେ ପଦ୍ମଦଣ୍ଡକୁ ସ୍ନାନ କରାଇବା ପରେ ନାଲି ଖଣ୍ଡୁଆ ବନ୍ଧାଯାଇଥିଲା। ଏହି ଅବସରରେ ମିଠା ପ୍ରସ୍ତୁତି ହୋଇଥିଲା। ପୁରୀରୁ ଜଣେ ମିଠା କାରିଗର ବିରି, ଖଣ୍ଡଗୁଡ଼ ଓ ଘିଅ ବ୍ୟବହାର କରି 'ତାଡ଼ିଆ' ପ୍ରସ୍ତୁତ କରିଥିଲେ। ଏହା ଥିଲା ଏକ ସାମୂହିକ ଭୋଜି। ୩୦ଟି ମଶାଲ ଜଳିଲା ଖାଇବାବେଳେ। ଗଜପତି, ରାଜଗୁରୁ ଓ ଅନ୍ୟମାନେ ହାତୀରେ ପୁରୀ ଫେରିଥିଲେ।
- ମନ୍ଦିର ପ୍ରତିଷ୍ଠା ସମୟରେ ଯଜ୍ଞ ପାଇଁ ୧୧ଟି 'ଶାଳା' ନିର୍ମାଣ ହୋଇଥିଲା। ସେହି ସମୟରେ ପୁରୁଷୋତ୍ତମ ବଡ଼ଦେଉଳରୁ –ଉତ୍ସବକାଳୀନ ଚାମର, – ୧୦୦ ତୋଳା କର୍ପୂର, –ଧଳା ଚନ୍ଦନକାଠ ୧୨ ଖଣ୍ଡ, – ଦୁଇ ମାଢ଼ ରକ୍ତଚନ୍ଦନ, – ଦୁଇ ମାଢ଼ର ଅର୍କ ସମିଧ କୋଣାର୍କରେ ପହଞ୍ଚିଥିଲା।

ବାୟା ଚକଡ଼ାର ଲେଖକ ଯେ କି ଶ୍ରୀମନ୍ଦିରର ଚଡ଼ଉକରଣ ମାସିକ ପୁରୁଷୋତ୍ତମ କ୍ଷେତ୍ରରୁ ସାତ ମାଢ଼ ସୁନା ଗ୍ରହଣ କରିଥିଲେ ୧୨ ବର୍ଷ ୧୦ ମାସ ୧୪ ଦିନ ଧରି। ଏହି ସମୟ ପୂର୍ବରୁ ଶ୍ରୀପଦ୍ମକେଶର ମନ୍ଦିରର ନିର୍ମାଣ କାର୍ଯ୍ୟ ୬ ବର୍ଷ ତିନି ମାସ ଚାଲିଥିଲା। ସେ ସମୟରେ ଲେଖିବା ଦାୟିତ୍ୱରେ ଥିଲେ ପୁରୁଷୋତ୍ତମ କ୍ଷେତ୍ରର ମୁଖ୍ୟ ପରିଦର୍ଶକ। ସେଇ ଛଅବର୍ଷ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରୁ କ'ଣ କ'ଣ ଯାଇଥିଲା, ଜଣାପଡୁ ନାହିଁ।



ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରାପହଁରା କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ମାହାରୀ ପରମ୍ପରା:

ଶ୍ରୀପଦ୍ମକେଶର ମନ୍ଦିର ପ୍ରତିଷ୍ଠା ସମୟରେ ୪ଜଣ ମାହାରୀ ପୁରୀରୁ କୋଣାର୍କ ଯାଇଥିଲେ। ଫାଲ୍‌ଗୁନ ମାସ କୃଷ୍ଣପକ୍ଷ ପ୍ରତିପଦା ଦିନ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହୋଇଥିଲା। ତହିଁ ମଧ୍ୟରୁ ତିନିଜଣ ମାହାରୀ ମୀନନାୟକଙ୍କ ମାର୍ଫତରେ ପୁରୀ ଫେରିଥିଲେ। ତିନି ତୋଳାର ଦୁଇଟି ଲେଖେଁ କାନଫୁଲ ତାଙ୍କୁ ଉପହାର ଦିଆଯାଇଥିଲା। ଜଣେ ମାହାରୀ କୋଣାର୍କରେ ବସବାସ କରି ରହିଲେ ମନ୍ଦିର ସେବା ପାଇଁ। କୋଣାର୍କରେ ଶ୍ରୀସୂର୍ଯ୍ୟଙ୍କ ମନ୍ଦିରରେ ମାହାରୀ ପ୍ରଥା ଉପାସନା ସମୟରୁ ହିଁ ପ୍ରଚଳିତ ହୋଇଥିଲା।

ଶ୍ରୀପଦ୍ମକେଶର ମନ୍ଦିରରେ ମହାଭାସ୍କରଙ୍କ ସନ୍ଧ୍ୟା ନୀତି ସରିବା ପରେ ବିଜେ ପ୍ରତିମାଙ୍କୁ ନାଟମନ୍ଦିରକୁ ଆଣି ବିଜେ କରାଯାଏ। ଆଳତି ପରେ ତିନୋଟି ରୁପାର ତୂରୀ ବାଜିଉଠେ। ତା' ପରେ ନାଟମନ୍ଦିରରେ ମାହାରୀ ବିଜେ ପ୍ରତିମାଙ୍କ ସାମ୍ନାରେ ନୃତ୍ୟ କରନ୍ତି। କେବଳ 'ମର୍ଦ୍ଦଳ' ବ୍ୟବହାର ହୁଏ ନୃତ୍ୟ ସମୟରେ।

ସେତେବେଳେ ଉତ୍ସବକାଳୀନ ଛତ୍ରି ଓ ବାଦ୍ୟ ବାଜୁଥାଏ। ନୃତ୍ୟ ସମାପ୍ତ ହେବା ପରେ ବିଜେ ପ୍ରତିମାଙ୍କୁ ନାଟମନ୍ଦିରରୁ ଅଣାଯାଇ ଶୟନ ସ୍ଥାନରେ ବିଜେ କରାଯାଏ। ରଥଯାତ୍ରା ସମୟରେ ରଥ ଫେରିଆସି ଶ୍ରୀପଦ୍ମକେଶର ମନ୍ଦିର ସାମ୍ନାରେ ଲାଗିଲେ ବିଜେ ପ୍ରତିମା ପାଲିଙ୍କିରେ ବିଜେ କରି ନାଟମଣ୍ଡପକୁ ଆସନ୍ତି। ଭୋଗ ଅର୍ପଣ ପରେ ମାହାରୀ ନୃତ୍ୟ ଆରମ୍ଭ ହୁଏ। ନୃତ୍ୟ ପରେ ମୁଖ୍ୟ ମନ୍ଦିରକୁ ବିଜେ କରନ୍ତି।

## ସୂର୍ଯ୍ୟଙ୍କ ରଥରେ ଛେରାପହଁରା:

ସ୍ମରଣଯୋଗ୍ୟ ଯେ କୋଣାର୍କରେ ସୂର୍ଯ୍ୟଙ୍କ ରଥଯାତ୍ରା ସମୟରେ ଛେରାପହଁରା ନୀତି ପ୍ରଚଳିତ ଥିଲା। ଗଜପତିଙ୍କ ଅବର୍ତ୍ତମାନରେ ଶ୍ରୀଜଗନ୍ନାଥଙ୍କ ରଥରେ 'ମୁଦିରସ୍ତ' ସେବକ ଛେରାପହଁରା କରିବା ପରମ୍ପରା ଥିବାବେଳେ ଶ୍ରୀମହାଭାସ୍କରଙ୍କ ରଥରେ ରାଜଗୁରୁ ଛେରାପହଁରା କରିବାର ପରମ୍ପରା ଥିଲା। ଏହି ଅବସରରେ ପୁରୁଷୋତ୍ତମ ମନ୍ଦିରରୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ପାଟ ପ୍ରତିବର୍ଷ କୋଣାର୍କକୁ ଯିବାର ବିଧି ପ୍ରଚଳିତ ଥିଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସରିବା ପରେ ୨୪ ହାତ ଉଚ୍ଚର ଗୋଟିଏ ରଥ ନିର୍ମାଣ ହୋଇଥିଲା। ୪୦ ଜଣ ବଢ଼େଇ ରଥ ଗଢ଼ିଥିଲେ। ରଥାକାର ନାରାୟଣ ମହାପାତ୍ର ଭଣ୍ଡାରରୁ ଏଥିପାଇଁ କାଠ ଆଣିଥିଲେ। ରଥରେ ଚିତ୍ର କରିବା ପାଇଁ ପୁରୀରୁ ୮ଜଣ ଚିତ୍ରକାର ସେବକ କୋଣାର୍କ ଯାଇଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଶ୍ରୀମାନ୍ ବଳରାମ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭର୍ଷ୍ଟାପେନ୍‌ଙ୍କୁ ପ୍ରଥମ ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଟାଇଟଲ

**ମେଲବୋର୍ନ, ୨।୪(ପି.ଟି.)**

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ତାଙ୍କ କ୍ୟାରିୟରରେ ପ୍ରଥମଥର ଅଷ୍ଟ୍ରେଲିଆନ୍ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିବାରେ ସଫଳ ହୋଇଛନ୍ତି। ୨୦୧୧ ପରେ ରେଡ୍‌ବୁଲ୍ ଟିମ୍‌ର ମଧ୍ୟ ଏହା ପ୍ରଥମ ସଫଳତା। ରବିବାର ସ୍ଥାନୀୟ ଆଲବର୍ଟ ପାର୍କଠାରେ ଅନୁଷ୍ଠିତ ଏହି ରେସ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ୭ଥର ବିଶ୍ୱଚାମ୍ପିୟନ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଚମତ୍କାର ଡ୍ରାଇଭ୍ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ପୋଡିୟମରେ ତୃତୀୟ ସ୍ଥାନରେ ରହିଥିଲେ ଆଷ୍ଟନ ମାର୍ଟିନ୍‌ର ଫର୍ନାଣ୍ଡୋ ଆଲୋଁସୋ। ରେସ୍‌ରେ ଅଂଶଗ୍ରହଣ କରିଥିବା ୨୦ ଡ୍ରାଇଭରଙ୍କ ମଧ୍ୟରୁ ୧୨ଜଣ ରେସ୍ ଶେଷ କରିପାରିଥିଲେ। ଅଷ୍ଟ୍ରେଲିଆର ଓସ୍କାର ପିଆଷ୍ଟ୍ରି ୮ମ ସ୍ଥାନ ଅଧିକାର କରିଥିବା ବେଳେ ମ୍ୟାକ୍‌ଲରେନ ଟିମ୍ ପାଇଁ ପ୍ରଥମ ଚାମ୍ପିୟନଶିପ୍ ପଏଣ୍ଟ ଆଣିଦେଇଥିଲେ। ରେସ୍‌ରେ ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ଲାନ୍ସ ଷ୍ଟ୍ରୋଲ(ଆଷ୍ଟନ ମାର୍ଟିନ), ସର୍ଗିଓ ପେରେଜ(ରେଡ୍‌ବୁଲ୍), ଲାଣ୍ଡୋ ନୋରିସ (ମ୍ୟାକ୍‌ଲରେନ) ଓ ନିକୋ ହଲ୍‌କେନ୍‌ବର୍ଗ(ହାସ୍)। ସେହିପରି ଆଲ୍‌ଫା ରୋମିଓର ଜୋ ଗୁଆନୟୁ ଏବଂ ଆଲ୍‌ଫା ଟାଉରିର ୟୁକି ସୁନୋଡା ୯ମ ଓ ୧୦ମ ସ୍ଥାନରେ ରହିଥିଲେ।


ମାକ୍ସ ଭର୍ଷ୍ଟାପେନ

# ସୁପର ଓଭରରେ ଜିତିଲା ଶ୍ରୀଲଙ୍କା

**ଅକ୍‌ଲାଣ୍ଡ, ୨।୪(ଏପି)**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦କୁ ସୁପର ଓଭରରେ ଜିତିନେଇଛି ଶ୍ରୀଲଙ୍କା। ନ୍ୟୁଜିଲାଣ୍ଡର ଟେଲ୍‌ଏଣ୍ଡର ଇଶ୍ ସୋଧି ୨୦ତମ ଓଭରର ଅନ୍ତିମ ବଲ୍‌ରେ ଏକ ଛକା ମାରିବା ପରେ ମ୍ୟାଚ୍ ଟାଇ ହୋଇଯାଇଥିଲା। ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୧୯୬ ରନ୍ କରିଥିଲା। ବିଜୟ ପାଇଁ ଶେଷ ଓଭରରେ ୧୩ ରନ୍ ଆବଶ୍ୟକ କରୁଥିଲା। ଅନ୍ତର୍ଜାତୀୟ ଟି୨୦ରେ ସୋଧିଙ୍କ ଆଭରେଜ୍ ୯.୬ ରହିଛି। ଶ୍ରୀଲଙ୍କା ଅଧିନାୟକ ଦସୁନ ଶାନକାଙ୍କ ଅନ୍ତିମ ବଲ୍ ସାମ୍ନା କରିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ସୁପର ଓଭରରେ ନ୍ୟୁଜିଲାଣ୍ଡ ୨ ଉଇକେଟ

**ପ୍ରଥମ ଟି୨୦**

ହରାଇ ୮ ରନ୍ କରିଥିଲା। ଶ୍ରୀଲଙ୍କା କୌଣସି ଉଇକେଟ ନ ହରାଇ ୧୨ ରନ୍ କରିଥିଲା। ଦଳ ପକ୍ଷରୁ କୁଶାଲ ମେଣ୍ଡିସ ଓ ଚାରିଥ ଆସାଲଙ୍କା ବ୍ୟାଟିଂ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର ବୋର୍ଡ**

ଶ୍ରୀଲଙ୍କା ଇନିଂସ: ୨୦ ଓଭରରେ ୧୯୬/୫ (ଚାରିଥ ଆସାଲାଙ୍କା-୬୭, କୁଶାଲ ପେରେରା-୫୩*, କୁଶାଲ ମେଣ୍ଡିସ-୨୫, ୱାନିନ୍ଦୁ ହସରଙ୍ଗା-୨୧*; ଜେମ୍ସ ନିଶାମ-୨/୩୦)। ନ୍ୟୁଜିଲାଣ୍ଡ ଇନିଂସ: ୨୦ ଓଭରରେ ୧୯୬/୮ (ଡେରିଲ୍ ମିଚେଲ -୬୬, ମାର୍କ ଚାପମ୍ୟାନ-୩୩, ଟମ୍ ଲଥାମ-୨୭; ଦସୁନ ଶାନକା-୨/୨୦, ୱାନିନ୍ଦୁ ହସରଙ୍ଗା-୨/୩୦, ପ୍ରମୋଦ ମଦୁସାନ-୨/୩୭)।

# ପ୍ରତ୍ୟୁଷ ନାୟକ ଚାମ୍ପିୟନ


ପୁରସ୍କାର ବିଜେତା ଛାତ୍ରୀଛାତ୍ର।

**ଭୁବନେଶ୍ୱର,୨।୪ (ସ୍ପୋର୍ଟ୍ସ ବ୍ୟୁରୋ)**

**ରାଜ୍ୟ ସ୍କୁଲ ଚେସ୍ ଚାମ୍ପିୟନଶିପ୍**

ସାଇ ବୀଣାପାଣି ଜ୍ଞାନ ମନ୍ଦିରରେ ଓଡ଼ିଶା ଚେସ୍ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ରାଜ୍ୟ ସ୍କୁଲ ଚେସ୍ ଚାମ୍ପିୟନଶିପରେ ଓଲ୍ଡ ଷ୍ଟିୱାର୍ଟ ସ୍କୁଲର ପ୍ରତ୍ୟୁଷ ନାୟକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତ୍ୟୁଷ ୫ ପଏଣ୍ଟ ଅର୍ଜନ କରିଥିବା ବେଳେ ଆଦିତ୍ୟ ବିକ୍ରମ ମିଶ୍ର ୪.୫ ଓ ଅଦିତି ମହାପାତ୍ର ୪.୦ ପଏଣ୍ଟ ସହ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି। ୭ ବର୍ଷରୁ କମ୍ ବୟସ ବର୍ଗରେ ଅକ୍ଷିତ ଆଚାର୍ଯ୍ୟ, ୯ ବର୍ଷରୁ କମ୍ ବୟସ ବର୍ଗରେ ସତ୍ୟ ସ୍ୱରୂପ ତ୍ରିପାଠୀ, ୧୧ ବର୍ଷରୁ କମ୍ ପୀୟୁଷ ଜେନା, ୧୩ ବର୍ଷରୁ କମ୍ ବୟସ ବର୍ଗରେ କ୍ରିପାଂଶି ଧଳ ଓ ବାଳିକା ବର୍ଗରେ ଓମ୍ କ୍ରିଷ୍ଟା ପ୍ରଧାନ ପ୍ରଥମ ସ୍ଥାନ ଅଳଙ୍କୃତ କରିଥିଲେ। ଚିଫ୍ ଆର୍ବିଟର ଭାବରେ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ଥିବା ବେଳେ ବଡଗଡ ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଟ୍ଟନାୟକ ଓ ରାଜ୍ୟ ଗୋଇନ୍ଦା ଇନ୍ସପେକ୍ଟର ପ୍ରିୟଦର୍ଶିନୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଇ ବୀଣାପାଣି ଜ୍ଞାନ ମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ।

# ପ୍ରଗତି ସ୍ପୋର୍ଟିଂ-ରାମେଶ୍ୱର ଯୁଗ୍ମ ବିଜେତା



ଅତିଥିଙ୍କ ସହ ଯୁଗ୍ମ ବିଜେତା ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂର ଖେଳାଳି।

**ଭୁବନେଶ୍ୱର,୨।୪ (ସ୍ପୋର୍ଟ୍ସ ବ୍ୟୁରୋ)**

**ପଞ୍ଚମ ରାମେଶ୍ୱର କପ୍ କ୍ରିକେଟ**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ରାମେଶ୍ୱର କପ୍ ତଥା କମଳା ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ପ୍ରବଳ ବର୍ଷା କାରଣରୁ ରାମେଶ୍ୱର ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ରାମେଶ୍ୱର ୩୦ ଓଭରରେ ୮ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ଶୁଭାଶିଷ ମଲିକ୍ ୫୮ ଓ ସ୍ନେହାଶିଷ ଚୌଧାରୀ ୪୨ ରନ୍ କରିଥିଲେ। ପ୍ରଗତି ପକ୍ଷରୁ ଅସୀମ ବରାଡ଼ ୨ ଉଇକେଟ ନେଇଥିଲେ। ଜବାବରେ ୧୦ ଓଭର ସୁଦ୍ଧା ପ୍ରଗତି ସ୍ପୋର୍ଟିଂ ୧ ଉଇକେଟରେ ୪୦ ରନ୍ କରିଥିବା ବେଳେ ବର୍ଷା କାରଣରୁ ଖେଳ ବନ୍ଦ ରହିଥିଲା। ଆଉ ଖେଳ ସମ୍ଭବ ନ ହେବାରୁ ଅମ୍ପାୟର ଏବଂ ଆୟୋଜକଙ୍କ ପକ୍ଷରୁ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲା। ଶୁଭାଶିଷ ମଲିକଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ଘୋଷଣା କରାଯାଇଥିଲା। ଅମନ ଦାସଙ୍କୁ ଶ୍ରେଷ୍ଠ ବ୍ୟାଟର, ଅସୀମ ବରାଡ଼ଙ୍କୁ ଶ୍ରେଷ୍ଠ ବୋଲର ଏବଂ କାର୍ତ୍ତିକ ନାୟକଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ଘୋଷଣା କରାଯାଇଥିଲା। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ବେହେରା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ, ଓଡ଼ିଶା କ୍ରିକେଟ ଆସୋସିଏଶନ୍ ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁଶୀଲ ପରିଡ଼ା ଓ ରବୀନ୍ଦ୍ର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

# କ୍ୱିଟୋଭାଙ୍କୁ ମାୟାମି ଓପନ ଟାଇଟଲ

**ମାୟାମି ଗାର୍ଡେନ୍ସ (ଫ୍ଲୋରିଡ଼ା), ୨।୪(ଏପି)**

ଦ୍ୱାଦଶ ସିଡ୍ ଚେକ୍ ରିପବ୍ଲିକ୍‌ର ପେଟ୍ରା କ୍ୱିଟୋଭା ତାଙ୍କ ୧୩ତମ ପଦାର୍ପଣରେ ପ୍ରଥମଥର ମାୟାମି ଓପନ ଟେନିସ୍ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ଏକ ମାରାଥନ ଟାଇବ୍ରେକରରେ ସେ ୭ମ ସିଡ୍ ଏଲିନା ରିବାକିନାଙ୍କୁ ୭-୬ (୧୪), ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ୩୩ ବର୍ଷୀୟା କ୍ୱିଟୋଭା ତାଙ୍କ ପ୍ରତିପକ୍ଷ ଖେଳାଳିଙ୍କଠାରୁ ବୟସରେ ୧୦ବର୍ଷ ବଡ଼। ଏଠାରେ ବିଜୟ ଦ୍ୱାରା ସେ ରିବାକିନାଙ୍କ କ୍ରମାଗତ ୧୩ ମ୍ୟାଚ୍ ବିଜୟରେ ବ୍ରେକ୍ ଲଗାଇଛନ୍ତି। କ୍ୱିଟୋଭାଙ୍କର ଏହା ହେଉଛି ୩୦ତମ ଡବ୍ଲ୍ୟୁଟିଏ ସିଙ୍ଗଲ୍ସ ଟାଇଟଲ ଏବଂ ମାଡ୍ରିଡ୍‌ରେ ୨୦୧୮ ପରେ ଏହା ପ୍ରଥମ। ଅନ୍ୟପକ୍ଷରେ ଏହା ଥିଲଶ ତାଙ୍କର ୪୧ତମ କ୍ୟାରିୟର ଡବ୍ଲ୍ୟୁଟିଏ ଫାଇନାଲ। ମାୟାମିରେ କିନ୍ତୁ ଏହା ଥିଲା ପ୍ରଥମ। ଆଗାମୀ ର୍ୟାଙ୍କିଙ୍ଗ୍ ତାଲିକାର ସେ ଟପ୍ ୧୦ରେ ପ୍ରବେଶ କରିବେ। ଏଠାରେ ଚାମ୍ପିୟନ ହୋଇ କ୍ୱିଟୋଭା ୧.୨୬ ନିୟୁତ ଡଲାର ପୁରସ୍କାର ରାଶି ହାସଲ କରିଛନ୍ତି। ବର୍ତ୍ତମାନ ଏହି ବୟସରେ ବଡ଼ ଟୁର୍ନାମେଣ୍ଟ ଜିତିପାରୁଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରୁଥିବା ୩୩ ବର୍ଷୀୟା ଏହି ଖେଳାଳି କହିଛନ୍ତି।


ଏଲିନା ରିବାକିନା (ବାମ) ଓ ପେଟ୍ରା କ୍ୱିଟୋଭା।

# ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ପ୍ଲେୟର ଆସୋସିଏଶନ

**ଭୁବନେଶ୍ୱର, ୨।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ପୁରାତନ ଫୁଟ୍‌ବଲ ଖେଳାଳି ତଥା କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକଙ୍କ ଉଦ୍ୟମରେ ଭୁବନେଶ୍ୱରର ବିଭିନ୍ନ ଫୁଟ୍‌ବଲ କ୍ଲବର ଭେଟେରାନ୍ ଖେଳାଳିମାନେ ସ୍ଥାନୀୟ ୟୁନିଟ୍-୧ସ୍ଥିତ ମଦର ପବ୍ଲିକ ସ୍କୁଲ୍‌ଠାରେ ଏକତ୍ରିତ ହୋଇଥିଲେ। ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର କିପରି ବିକାଶ ହୋଇପାରିବ ସେନେଇ ଏଠାରେ ଆଲୋଚନା ହୋଇଥିଲା। ଏହି ଭେଟେରାନ୍ ଖେଳାଳିମାନେ ପ୍ରତି ରବିବାର ୟୁନିଟ୍-୬ ହାଇସ୍କୁଲ ଖେଳପଡ଼ିଆରେ ଉପସ୍ଥିତ ରହି ଅଭ୍ୟାସ କରିବା ଲାଗି ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ୪୦ରୁ ଅଧିକ ପୂର୍ବତନ ଖେଳାଳି ଉପସ୍ଥିତ ଥିଲେ। ଏହି ଅବସରରେ ନବରଞ୍ଜନ ପଟ୍ଟନାୟକଙ୍କୁ ଭୁବନେଶ୍ୱର ଭେଟେରାନ୍ ଫୁଟ୍‌ବଲ ପ୍ଲେୟର ଆସୋସିଏଶନର ଚେୟାରମ୍ୟାନ୍ ଭାବେ ଚୟନ କରାଯାଇଥିଲା।


ଭେଟେରାନ ଫୁଟ୍‌ବଲ ପ୍ଲେୟର ଆସୋସିଏଶନ କର୍ମକର୍ତ୍ତା ଓ ସଦସ୍ୟମାନେ।

# ୱିଲିୟମ୍‌ସନ ଆଇପିଏଲ୍‌ରୁ ବାଦ୍

**ଅହମଦାବାଦ୍, ୨।୪(ପି.ଟି.)**

ଆଣ୍ଠୁରେ ଆଘାତପ୍ରାପ୍ତ ଯୋଗୁ ଗୁଜରାଟ ଟାଇଟନ୍ସ ବ୍ୟାଟର କେନ୍ ୱିଲିୟମ୍‌ସନ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ଫ୍ରାଞ୍ଚାଇଜ୍ ତରଫରୁ ଏହି ସୂଚନା ଦିଆଯାଇଛି। ନ୍ୟୁଜିଲାଣ୍ଡର ଏହି ଷ୍ଟାର ବ୍ୟାଟର ଗତ ଶୁକ୍ରବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚେନ୍ନାଇ ସୁପର କିଙ୍ଗ୍ସ(ସିଏସ୍‌କେ) ବିପକ୍ଷ ସିଜନ ଓପନର ଖେଳୁଥିବା ବେଳେ ଏକ କ୍ୟାଚ୍ ଧରିବାକୁ ଯାଇ ଆଘାତପ୍ରାପ୍ତ ହୋଇଥିଲେ। ଏହା ଗୁଜରାଟ ଟାଇଟନ୍ସର କ୍ରିକେଟ ନିର୍ଦ୍ଦେଶକ ବିକ୍ରମ ସୋଲାଙ୍କି କହିଛନ୍ତି। ଟୁର୍ନାମେଣ୍ଟ ଆରମ୍ଭରୁ କେନ୍‌ଙ୍କ ଇଞ୍ଜୁରି ଦୁଃଖଦାୟକ। ଆମେ ତାଙ୍କର ଶୀଘ୍ର ସୁସ୍ଥ କାମନା କରୁଛୁ। ସେ ଖୁବ୍‌ଶୀଘ୍ର ଖେଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆମେ ଆଶା କରୁଛୁ। ୱିଲିୟମ୍‌ସନ ବର୍ତ୍ତମାନ ତାଙ୍କ ଦେଶ ନ୍ୟୁଜିଲାଣ୍ଡକୁ ଫେରିଯିବେ। ସେଠାରେ ତାଙ୍କର ଆଉଥରେ ଯାଞ୍ଚ କରାଯିବ। ଏହି ଡାହାଣହାତୀ ବ୍ୟାଟରଙ୍କ ସ୍ଥାନରେ ଦଳ କେଉଁ ଖେଳାଳିଙ୍କୁ ନେବ ତାହା ଗୁଜରାଟ ଟାଇଟନ୍ସ ଠିକଣା ସମୟରେ ଘୋଷଣା କରିବ।

# ସିନ୍ଧୁ ରନରଅପ୍

**ମାଡ୍ରିଡ୍, ୨।୪(ପି.ଟି.)**

ଭାରତର ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ମାଡ୍ରିଡ୍ ସ୍ପେନ୍ ମାଷ୍ଟର୍ସ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ହୋଇ ତାଙ୍କ ଅଭିଯାନ ଶେଷ କରିଛନ୍ତି। ରବିବାର ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ବିଶ୍ୱର ୧୨ନମ୍ବର ଖେଳାଳି ଇଣ୍ଡୋନେସିଆର ଗ୍ରେଗୋରିଆ ମାରିସ୍କା ତୁନ୍‌ଜୁଙ୍ଗଙ୍କଠାରୁ ୮-୨୧, ୮-୨୧ ସେଟ୍‌ରେ ହାରିଯାଇଛନ୍ତି। ୫ ମାସ ଧରି ଇଞ୍ଜୁରି ସମସ୍ୟାରେ ରହିବା ପରେ ତାଙ୍କ ପ୍ରତ୍ୟାବର୍ତ୍ତନରେ ସିନ୍ଧୁ କେତୋଟି ଟୁର୍ନାମେଣ୍ଟର ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେବା ଦ୍ୱାରା ଗତ ମଙ୍ଗଳବାର ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକା ଏଲିଟ୍ ଟପ୍ ଟେନ୍‌ରୁ ବାଦ୍ ପଡ଼ିଛନ୍ତି। ଟାଇଟଲ ଜିତିପାରି ନ ଥିଲେ ମଧ୍ୟ ଭାରତର ଏହି ଡବଲ୍ ଅଲିମ୍ପିକ ପଦକ ବିଜେତା ଫାଇନାଲ ପ୍ରବେଶ ପଥରେ ଗୋଟିଏ ହେଲେ ଗେମ୍ ଡ୍ରପ୍ କରି ନ ଥିଲେ। କୋରିଆର ପାର୍କ ତାଏ ସାଙ୍ଗ୍ ତାଙ୍କୁ ଛାଡ଼ି ଚାଲିଯିବା ପରେ ସିନ୍ଧୁ ବର୍ତ୍ତମାନ ବିଧି ଚୌଧାରୀଙ୍କ ଅଧୀନରେ ଟ୍ରେନିଂ ନେଉଛନ୍ତି।


ପି.ଭି. ସିନ୍ଧୁ

# ଫକୀର ମାଝି ଚାମ୍ପିୟନ୍


ଅତିଥିଙ୍କ ସହ ଚାମ୍ପିୟନ ଖେଳାଳି।

**ଭୁବନେଶ୍ୱର,୨।୪ (ସ୍ପୋର୍ଟ୍ସ ବ୍ୟୁରୋ)**

ଦ୍ରୁମଶ୍ରିତା ଫାଉଣ୍ଡେସନ୍ ଓ ଏସ୍‌ଡିଏମ୍ ସଫ୍ଟୱେୟାର ପକ୍ଷରୁ ମିଳିତ ଭାବରେ ଆୟୋଜିତ ଅଲ ଓଡ଼ିଶା ଓପନ ଚେସରେ ଫକୀର ମାଝୀ ଚାମ୍ପିୟନ ଆଖ୍ୟା କରିଛନ୍ତି। ସିମ୍ଫୋନୀ ମଲ୍‌ରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି ଅର୍ଗସ ନ୍ୟୁଜର କାର୍ଯ୍ୟନିର୍ବାହୀ ସମ୍ପାଦକ ଦୁର୍ଗାଶିଷ ମୁଖ୍ୟ ବକ୍ତାଭାବରେ ଯୋଗ ଦେଇଥିଲେ। କିସ୍ ଛାତ୍ର ଫକୀର ମାଝୀ ପ୍ରଥମ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ପୋଷ୍ଟାଲର ସୌମ୍ୟରଞ୍ଜନ ମିଶ୍ର ଦ୍ୱିତୀୟ ଓ ରବୀନ୍ଦ୍ର ଓଝା ତୃତୀୟ ସ୍ଥାନରେ ରହିଥିଲେ। ତାପସ ମହାନ୍ତି ଓ ସନ୍ତୋଷ ମହାପାତ୍ର ଆର୍ବିଟର ଭାବରେ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନରେ ରହିଥିବା ଖେଳାଳିଙ୍କୁ ୨୭ ହଜାର ଟଙ୍କାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ୬,୭, ୯, ୧୧, ୧୩ ଓ ୧୫ ବର୍ଷ ବୟସ ବାଳକ ଓ ବାଳିକା ବର୍ଗରେ ବିଜେତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

**Classified Everyday**
0674-2580101, 2549949


REAL ESTATE

**SALE**

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

Duplex sale at Bhubaneswar @50 lakhs and apartment near Sum Hospital. 9777433701. D-74835

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Full Body massage by Experience Therapist @999 only- 9078484455. (Bhubaneswar).** D-3134

All types of professional body massage by professional therapy. Contact: 9556924059, 7077933109. D-3163

**LOST**
I, Yogesh Kumar had lost my 10th Class Original Certificate No.-1153451/ 125, Unique ID No.- 6014271 near my house at Sunderpada on 21.03.2023 while returning from Xerox Shop, if found please contact- 9007278281. D-73696

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଇନ୍ଦୁମତୀ ମହାନ୍ତି**
ପଲଟନ ପଡ଼ିଆ, ଖୋରଧା
ଆବିର୍ଭାବ : ୦୧.୦୫.୧୯୩୪
ତିରୋଧାନ : ୨୪.୦୩.୨୦୨୩

ଆଜି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

-: ଶୋକସନ୍ତପ୍ତ :-
ପୁତ୍ର-ବୋହୂ : ନରେଶ-କବିତା,
ଝିଅ-ଜ୍ୱାଇଁ : କଳ୍ପନା-ରାଜୀବ, କଲ୍ୟାଣୀ-ମିହିର,
ନାତି-ନାତୁଣୀ ବୋହୂ : ବର୍ଷି-ପ୍ରଜ୍ଞା, ମୁନା, ଚନ୍ଦନ-ବିଜୟଲକ୍ଷ୍ମୀ,
ନାତୁଣୀ-ନାତୁଣୀ ଜ୍ୱାଇଁ : ମାମା-ପାଗୁଲ, ସୋନୁ, ଗୁଲ୍‌ଗୁଲି-ପ୍ରଣବ,
ଅଣନାତି : ଗୁଡୁଲ, ପ୍ରଣୟ, ଅଭ୍ୟାନ୍ ଓ ପରିବାରବର୍ଗ
ଧ-୦୦୧୦

**CLASSIFIED DISPLAY** ALL EDITION - BW (Everyday)
MORE SPACE ' SAME PRICE
For Booking Contact 0674-2580385

**SONY MOBILE NETWORK**
ନିଜଛାତ,ଜମି,ଜଗିନ୍‌କୁ ରୋଜଗାର ପନ୍ଥା ବନାନ୍ତୁ 5G Network Tower ଲଗାନ୍ତୁ.
ପ୍ରତିମାସ, 20 ବର୍ଷର ଚୁକ୍ତି, ଚୁକ୍ତି ଶୁଳ୍କ 650/-ମାତ୍ର
ADVANCE : 30 LAKH
ଭଡା : ୧୫,୦୦୦/- ମାସିକ,
ଚାକିରି-୧ଜଣ, ଦରମା : ୧୫,୦୦୦/-
+ PF + Bonos + ବୋଲେରୋ ଗାଡି
6390061477
7380925927

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆବେଲ ପୁରସ୍କାର-୨୩



ଇଂ. ମାୟାଧର ସ୍ୱାଇଁ

"ଚଳିତ ବର୍ଷ ପାଇଁ ବ୍ରାଜିଲର ଗଣିତଜ୍ଞ ଲୁଇସ୍ କାଫାରେଲିଙ୍କୁ ଆବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ନରଓ୍ୱେ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ଅରୈଖିକ ଆଂଶିକ ଅବିକଳ ସମୀକରଣର ନିୟମିତତା ତତ୍ତ୍ୱ ଏବଂ ମୋଙ୍ଗେ-ଆମ୍ପିୟର ସମୀକରଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୌତିକ ପରି ଘଟଣାଗୁଡ଼ିକୁ ସହଜରେ ବୁଝି ହେବା ନିମିତ୍ତ ସେ ସମୀକରଣ ନିର୍ଣ୍ଣୟ କରିଛନ୍ତି। ଉଦାହରଣସ୍ୱରୂପ ବରଫ ଗଳନ, ତରଳ ପଦାର୍ଥ ପ୍ରବାହ, ଜନସଂଖ୍ୟା ବୃଦ୍ଧି ଆଦିକୁ ବୁଝିବା ପାଇଁ ସେ କେତୋଟି ସମୀକରଣ ପ୍ରକାଶ କରିଛନ୍ତି।"



ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ପ୍ରଦାନ କରାଯାଉଥିବା ଗୋଟିଏ ଅନ୍ତର୍ଜାତୀୟ ବିଶିଷ୍ଟ ପୁରସ୍କାର। ଏହାକୁ ନରଓ୍ୱେ ସରକାର ସେହି ଦେଶର ବିଶିଷ୍ଟ ଗଣିତଜ୍ଞ ନିଲ୍ସ ହେନେରିକ୍ ଆବେଲଙ୍କ ନାମରେ ପ୍ରତିଷ୍ଠା କରିଛନ୍ତି। ୨୦୦୩ରୁ ଅନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ଗଣିତଜ୍ଞଙ୍କୁ ଏହା ପ୍ରତିବର୍ଷ ପ୍ରଦାନ କରାଯାଉଛି। ଏହାକୁ ନୋବେଲ ପୁରସ୍କାର ମାନ୍ୟତା ଦିଆଯାଏ। ସୂଚନାଯୋଗ୍ୟ ଯେ, ଗଣିତ ପାଇଁ ନୋବେଲ ପୁରସ୍କାର ନାହିଁ।

ଚଳିତ ବର୍ଷ ପାଇଁ ବ୍ରାଜିଲର ଗଣିତଜ୍ଞ ଲୁଇସ୍ କାଫାରେଲିଙ୍କୁ ଆବେଲ ପୁରସ୍କାର ପ୍ରଦାନ କରାଯିବା ପାଇଁ ନରଓ୍ୱେ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ଅରୈଖିକ ଆଂଶିକ ଅବିକଳ ସମୀକରଣର ନିୟମିତତା ତତ୍ତ୍ୱ ଏବଂ ମୋଙ୍ଗେ-ଆମ୍ପିୟର ସମୀକରଣରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଭୌତିକ ପରି ଘଟଣାଗୁଡ଼ିକୁ ସହଜରେ ବୁଝି ହେବା ନିମିତ୍ତ ସେ ସମୀକରଣ ନିର୍ଣ୍ଣୟ କରିଛନ୍ତି। ଉଦାହରଣସ୍ୱରୂପ ବରଫ ଗଳନ, ତରଳ ପଦାର୍ଥ ପ୍ରବାହ, ଜନସଂଖ୍ୟା ବୃଦ୍ଧି ଆଦିକୁ ବୁଝିବା ପାଇଁ ସେ କେତୋଟି ସମୀକରଣ ପ୍ରକାଶ କରିଛନ୍ତି। ଆମ ଶରୀରର ଧୀର ଓ ଶୃଙ୍ଖଳିତ ରକ୍ତ ସଞ୍ଚାଳନ ହେଉ କିମ୍ବା ପାହାଡ଼ିଆ ଝରଣାର ପ୍ରବଳ ସ୍ରୋତ ହେଉ, ତରଳ ପଦାର୍ଥର ଏହି ଆଚରଣକୁ ସମୀକରଣ ଆକାରରେ ପ୍ରକାଶ କରିବା ପାଇଁ ତାଙ୍କର ଅନେକ ଅବଦାନ ରହିଛି। ଇଞ୍ଜିନିୟର, ପାଣିପାଗ ବିଜ୍ଞାନୀ, ଜୀବ ବିଜ୍ଞାନୀ, ପଦାର୍ଥ ବିଜ୍ଞାନୀ ଆଦି ବିଜ୍ଞାନର ବିଭିନ୍ନ ଶାଖାର ବ୍ୟକ୍ତିମାନେ ତରଳ ପଦାର୍ଥର ଜଟିଳ ଆଚରଣ ସଂସ୍ପର୍ଶରେ ପ୍ରତିଦିନ ଆସିଥାଆନ୍ତି। କାଫାରେଲିଙ୍କ କାର୍ଯ୍ୟ ସେମାନଙ୍କୁ ବହୁଳ ଭାବରେ ସାହାଯ୍ୟ କରିଛି।



ଲୁଇସ୍ କାଫାରେଲି

ଆବେଲ କମିଟିର ଅଧ୍ୟକ୍ଷ ହେଲ୍‌ଗେ ହୋଲ୍‌ଡେନ୍ ପ୍ରକାଶ କରିଛନ୍ତି ଯେ, "ଗଣିତ ହେଉଛି ସୁଇଜରଲାଣ୍ଡର ସାମରିକ ଛୁରି ଭଳି, ଯାହାକୁ ଅନେକ ସମସ୍ୟାରେ ପ୍ରୟୋଗ କରାଯାଇଥାଏ। ସେହିଭଳି କାଫାରେଲିଙ୍କ ଅନୁଯନ୍ତ୍ରତା ବା ତତ୍ତ୍ୱକୁ ଗଣିତ ଓ ପଦାର୍ଥ ବିଜ୍ଞାନର ଅନେକ ଅଙ୍ଗରେ ପ୍ରୟୋଗ କରାଯାଇଥାଏ। ଏଥିରେ ପ୍ରକୃତିକୁ ବୁଝାଇବା ପାଇଁ ସମୀକରଣ ଏବଂ ଅର୍ଥ ସମ୍ବନ୍ଧୀୟ ଗଣିତ ଅନ୍ତର୍ଭୁକ୍ତ ଅଛି।"

କାଫାରେଲି ଆର୍ଜେଣ୍ଟିନା ରାଜଧାନୀ ବୁଏନ୍‌ସ ଏରିସ୍‌ଠାରେ ୧୯୪୮ ଡିସେମ୍ବର ୮ରେ ଜନ୍ମଗ୍ରହଣ କରିଥିଲେ। ସେ ବୁଏନ୍‌ସ ଏରିସ୍ ବିଶ୍ୱବିଦ୍ୟାଳୟରୁ ୧୯୬୮ ମସିହାରେ ସ୍ନାତକୋତ୍ତର ଓ ୧୯୭୨ରେ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ୧୯୭୩ ରେ ଯୁକ୍ତରାଷ୍ଟ୍ର ଆମେରିକା ଯାଇ ସେଠାରେ ପ୍ରିନ୍ସଟନ୍‌ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଷ୍ଟଡିଜ୍ ସମେତ କେତୋଟି ଅନୁଷ୍ଠାନରେ ଅଧ୍ୟାପନା କରିଛନ୍ତି। ସେ ବର୍ତ୍ତମାନ ଅଷ୍ଟିନ୍‌ଠାରେ ଟେକ୍ସାସ୍ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପତ୍ନୀ ମାର୍ଟିନେଜ୍ ଗାମ୍ବା ହେଉଛନ୍ତି ଆର୍ଜେଣ୍ଟିନାର ଏବଂ ସେ ମଧ୍ୟ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ଅଛନ୍ତି। ଆସନ୍ତା ମାସ ୨୩ ତାରିଖରେ ନରଓ୍ୱେର ଓସଲୋଠାରେ ତାଙ୍କୁ ପଦକ ଓ ୭୬ ନିୟୁତ ନରଓ୍ୱେ କ୍ରୋନର (୭୦୦,୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯିବ। ଏହି ପୁରସ୍କାର ପାଇବାରେ ସେ ହେଉଛନ୍ତି ଦକ୍ଷିଣ ଆମେରିକାର ପ୍ରଥମ ବ୍ୟକ୍ତି।

ଆଂଶିକ ଅବିକଳ ସମୀକରଣଗୁଡ଼ିକର ନିୟମିତତା ଉପରେ କାଫାରେଲିଙ୍କ କାର୍ଯ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଥିରେ ଏକାଧିକ ଚଳରାଶି ଥାଏ। ଗଣିତ ଓ ପଦାର୍ଥ ବିଜ୍ଞାନରେ ଏହି ସମୀକରଣଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ଅଛି। କାଫେରେ ପ୍ରଥମେ ବରଫ ଗଳନର ନିୟମିତତାର ପ୍ରମାଣ ଦେଇଥିଲେ। ଖଣ୍ଡେ ବରଫ ଜଳରେ ପରିଣତ ହେଲେ ବରଫର ପୃଷ୍ଠ ପ୍ରାୟତଃ ମସୃଣ ରହିଥାଏ। ସେ ଏହାର ପ୍ରମାଣ ଗାଣିତିକ ସମୀକରଣ ଦ୍ୱାରା ୧୯୭୭ ମସିହାରେ ଦର୍ଶାଇଥିଲେ। ତାଙ୍କର ଏହି ଗବେଷଣା ଫଳକୁ ସୁଇଜରଲାଣ୍ଡର ଗଣିତଜ୍ଞ ତଥା ଫିଲ୍ଡ ପରଦ ବିଜେତା ଆଲେସିଓ ଫିଗାଲି ୨୦୨୧ ମସିହାରେ ଉନ୍ନତି କରିଥିଲେ।

କାଫାରେଲି ଗାଣିତିକ ପଦାର୍ଥ ବିଜ୍ଞାନର ଅନ୍ୟ ଭୌତିକ ପରି ଘଟଣାକୁ ମଧ୍ୟ ସମୀକରଣରେ ପ୍ରକାଶ କରିଥିଲେ। ତାହା ହେଉଛି ତରଳ ପଦାର୍ଥର ପ୍ରବାହ। ସେ ୧୯୮୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଲୁଇସ୍ ନିରେନବର୍ଗ ଏବଂ ରବର୍ଟ କୋନ୍‌ଙ୍କ ସହିତ ମିଶି ଏହି କାର୍ଯ୍ୟ କରିଥିଲେ। ସେମାନେ ଏହାକୁ ଆଂଶିକ ଭାବରେ ପ୍ରମାଣ କରିଥିଲେ। ଏହାର ସମ୍ପୂର୍ଣ୍ଣ ପ୍ରମାଣ ଏ ପର୍ଯ୍ୟନ୍ତ ଆସିନାହିଁ। ଏଥିପାଇଁ ଆମେରକାର କ୍ଲେ ଗଣିତ ଅନୁଷ୍ଠାନ 'ସାତଟି ସହସ୍ରାବ୍ଦୀର ଅଙ୍କ' ମଧ୍ୟରେ ଏହାକୁ ସ୍ଥାନ ଦେଇଛି ଏବଂ ଏହାକୁ ସମାଧାନ କରିବା ବ୍ୟକ୍ତିଙ୍କୁ ଏକ ନିୟୁତ ଡଲାର ପୁରସ୍କାର ଘୋଷଣା କରିଛି। ଏହା 'ନେଭିୟର ଷ୍ଟୋକ୍‌ସ ସମୀକରଣ' ଭାବରେ ଜଣା।

କାଫାରେଲି ମୋଙ୍ଗେ-ଆମ୍ପିୟର ସମୀକରଣ ସମେତ ସମ୍ପୂର୍ଣ୍ଣ ରୂପେ ଅରୈଖିକ ଲିପ୍‌ଟିକାଲ୍ ଆଂଶିକ ଅବିକଳ ସମୀକରଣର ଅନେକ ନିୟମିତତା ଫଳରେ ବିକାଶ କରିଛନ୍ତି। ଜ୍ୟାମିତିରେ ଏହାର ଗୁରୁତ୍ୱ ଅଛି। ପଚାଶ ବର୍ଷରୁ ଅଧିକ ସମୟ ଧରି ସେ ଆଂଶିକ ଅବିକଳ ସମୀକରଣ ଉପରେ ଗବେଷଣା କରୁଛନ୍ତି ଏବଂ ଏହି କ୍ଷେତ୍ରରେ ସେ ହେଉଛନ୍ତି ଜଣେ ଅଗ୍ରଣୀ ଗଣିତଜ୍ଞ।

କାଫାରେଲି ୧୯୯୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଜାତୀୟ ବିଜ୍ଞାନ ଏକାଡେମୀକୁ ଓ ୨୦୧୨ ମସିହାରେ ଆମେରିକା ଗଣିତ ସୋସାଇଟିକୁ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଆର୍ଜେଣ୍ଟିନା, ସ୍ପେନ୍, ଫ୍ରାନ୍ସ, ଜର୍ମାନୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର କେତୋଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ ଉପାଧି ପାଇଛନ୍ତି। ତାଙ୍କର କୃତିତ୍ୱ ପାଇଁ ତାଙ୍କୁ ଆମେରିକା ଗଣିତ ସୋସାଇଟିର ବୋଚେର ସ୍ମୃତି ପୁରସ୍କାର (୧୯୮୪), ସୁଇଡେନ୍ ବିଜ୍ଞାନ ଏକାଡେମୀର ରୋଲ୍ ସାକ୍ ପୁରସ୍କାର (୨୦୦୫), ଆମେରିକା ଗଣିତ ସୋସାଇଟିର ଲେରୋଏ ଷ୍ଟିଲେ ପୁରସ୍କାର (୨୦୦୯), ଇସ୍ରାଏଲ ଉଲ୍‌ଫ ଫାଉଣ୍ଡେଶନର ଉଲ୍‌ଫ ପୁରସ୍କାର (୨୦୧୭) ଏବଂ ହଂକଂର ସାଓ ପୁରସ୍କାର ଫାଉଣ୍ଡେଶନର ସାଓ ପୁରସ୍କାର (୨୦୧୮) ପ୍ରଦାନ କରାଯାଇଛି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ଆଷ୍ଟିବଡି ଓ ଚିନାବାଦାମ



ଶରୀରକୁ ସୁସ୍ଥ ରଖିବା ପାଇଁ ଚିନାବାଦାମର ଭୂମିକା ରହିଛି। କାରଣ ଏଥିରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଯଦି ଜଣେ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତି ତେବେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଏହାକୁ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିଥାଏ। ତା'ସହ ହୃଦ୍‌ରୋଗ ଆଶଙ୍କା କମାଇବା ସହ କୋଲେଷ୍ଟରଲ୍ ପରିମାଣକୁ ସନ୍ତୁଳିତ ରଖେ। ଏଥିରେ ପ୍ରୋଟିନ୍, ମ୍ୟାଗ୍ନେସିୟମ୍, ଫାଇବର୍, ଓମେଗା-୩, ଓମେଗା-୬ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ପୋଟାସିୟମ୍, ଜିଙ୍କ୍, କ୍ୟାଲସିୟମ୍ ଇତ୍ୟାଦି ଭରପୂର ହୋଇ ରହିଛି। ଭିଟାମିନ୍ ଓ ଖଣିଜ ଲବଣ ଏଥିରେ ଅଧିକ ପରିମାଣରେ ଥିବାରୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଆଖି ତଳ କଳା ପଡ଼ିବା, ଆଖି କୁଣ୍ଡେଇ ହେବା ଆଦି ସମସ୍ୟାରୁ ଏହା କେତେକାଂଶରେ ରକ୍ଷା କରିଥାଏ। ସବୁଠାରୁ ଖାସ୍ କଥା ହେଲା, ଚିନାବାଦାମରେ ଓମେଗା ଫ୍ୟାଟି ଏସିଡ ଓ ଖଣିଜ ଲବଣ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତି ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଚିନାବାଦାମରେ ଭିଟାମିନ୍-ବି ମଧ୍ୟ ରହିଛି। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଏହାକୁ ଖାଇଲେ ତାହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଏହାର ଆଉ ଏକ ଉପକାରୀ ତତ୍ତ୍ୱ ରହିଛି। ତାହା ହେଲା, ଚିନାଦାଦାମ ମସ୍ତିଷ୍କରେ ଥିବା କୋଷଗୁଡ଼ିକୁ ଉପଯୁକ୍ତ ପୋଷଣ ପ୍ରଦାନ କରେ।

## ପାଞ୍ଚଟି କଥା



ଆମେ ନିଜକୁ ସୁସ୍ଥ ରଖିବାକୁ ହେଲେ କେତେଗୁଡ଼ିଏ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ତେବେ ନିମ୍ନୋକ୍ତ ପାଞ୍ଚଟି କଥାକୁ ଯଦି ଅନୁସରଣ କରୁଛନ୍ତି ତେବେ ଆପଣ ନିଜକୁ କେତେକାଂଶରେ ନୀରୋଗ ରଖିପାରିବେ। ପ୍ରଥମତଃ ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। କାରଣ ଏହା ଅନେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ବିଶେଷଭାବରେ ଏଭଳି ଅଭ୍ୟାସ ଥିଲେ ହାର୍ଟଆଟାକ୍‌ର ଆଶଙ୍କା ଅଧିକ ଥାଏ। ତା'ସହ ରକ୍ତଚାପ ମଧ୍ୟ ଅସନ୍ତୁଳିତ ରହିଥାଏ। ଦ୍ୱିତୀୟତଃ ଅଧିକ ଲୁଣ କିମ୍ବା ଚର୍ବି ଜାତୀୟ ଖାଦ୍ୟ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ। ତୃତୀୟ କଥା ହେଲା ପ୍ରତିଦିନ ରାତିରେ କ୍ଷୀର ପିଇବା ଦ୍ୱାରା ପୋଟାସିୟମ୍‌ର ପରିମାଣ ବଢ଼ିଥାଏ। ଏହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଚତୁର୍ଥ କଥା ହେଲା, ସବୁବେଳେ ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହା ପାଇଁ ଆପଣ ରୋଗରେ ପୀଡ଼ିତ ହେବେ ଏବଂ ଅଯଥା ଖର୍ଚ୍ଚାନ୍ତ ହେବ। ପଞ୍ଚମ ବିଷୟଟି ହେଉଛି- ନିଜକୁ ସୁସ୍ଥ ରଖିବା ଲାଗି ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। କୌଣସି ରୋଗର କାରଣକୁ ଅବହେଳା କରନ୍ତୁ ନାହିଁ। କାରଣ ଜାଣିବା ମାତ୍ରେ ତାହାର ଚିକିତ୍ସା କରାଇ ନିଅନ୍ତୁ।

## ବାତ ମାରୁଥିଲେ...

କୌଣସି ଛୋଟ ପିଲା କିମ୍ବା ବ୍ୟକ୍ତିଙ୍କୁ ବାତ ମାରୁଥିଲେ କେତୋଟି ବିଷୟ ପ୍ରତି ପ୍ରାଥମିକତା ଦେବା ନିହାତି ଜରୁରୀ। ଗୋଟିଏ କଥା ମନେରଖନ୍ତୁ ଯେ, ବାତ ମାରିବା ଲକ୍ଷଣ ଅସ୍ଥାୟୀ ଏବଂ ତାହା ମନକୁ ମନ ଉପଶମ ହୋଇଯାଏ। ବାତ ମାରିବା ସମୟରେ ହିଁ ରୋଗୀ ଉପରେ ସତର୍କ ନଜର ରଖନ୍ତୁ। କାରଣ ବାତ ମାରିଲେ ରୋଗୀ ହଠାତ୍ ତଳେ ପଡ଼ିଯାଇପାରେ ଏବଂ ଏହାଦ୍ୱାରା ତା' ଶରୀରରେ ଆଘାତ ଲାଗିପାରେ। ବିଶେଷଭାବରେ ଏହି ସମୟରେ ତାହାର ମୁଣ୍ଡ ଯେପରି ବାଡ଼େଇ ହୋଇ ନ ଯାଏ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ରୋଗୀ ପାଖରେ କୌଣସି କଠିନ କିମ୍ବା ଧାରୁଆ ବସ୍ତୁ ରଖନ୍ତୁ ନାହିଁ। ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ଏହି ସମୟରେ ତାଙ୍କୁ କଡ଼ ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ରୋଗୀର ଶ୍ୱାସକ୍ରିୟା ଠିକ୍ ଭାବରେ ହୋଇଥାଏ। ବାତ ମାରିବା ସମୟରେ ପାଟି ଭିତରେ ଆଙ୍ଗୁଠି କିମ୍ବା ଚାମଚ ପୁରାନ୍ତୁ ନାହିଁ। ଏହି ସମୟରେ ନିଜେ ନିଜେ ଶାନ୍ତ ରୁହନ୍ତୁ ଏବଂ ଅନ୍ୟମାନଙ୍କୁ ଶାନ୍ତ ରହିବାକୁ ପରାମର୍ଶ ଦିଅନ୍ତୁ। ଯଦି ବାତ ମାରିବା ବନ୍ଦ ନ ହେଲା କିମ୍ବା ରୋଗୀର ଚେତା ନ ଫେରିଲା ତେବେ ବିଳମ୍ବ ନ କରି ତାଙ୍କୁ ନିକଟସ୍ଥ ହସପିଟାଲକୁ ନେଇଯାଆନ୍ତୁ।



## ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆ ଶରୀର ପାଇଁ କେତେ ଉପକାରୀ ତାହା କହିବା ଅନାବଶ୍ୟକ। ଗୋଟିଏ ଦିନର ଆରମ୍ଭ କେବଳ ଏଥିରୁ ହିଁ କରନ୍ତୁ। ପ୍ରଥମେ ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନିର୍ଦ୍ଧାରଣ କରନ୍ତୁ। ସକାଳୁ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା ଏଥିରେ ସବୁବେଳେ ହାଲୁକା ଖାଦ୍ୟ ସାମିଲ କରନ୍ତୁ। କାରଣ ଏପରି ଖାଦ୍ୟ ସହଜରେ ହଜମ ହୋଇଥାଏ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ସାମିଲ କରନ୍ତୁ। ତଟକା ଫଳମୂଳରେ ପ୍ରସ୍ତୁତ ଜୁସ୍ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ବ୍ରେକ୍‌ଫାଷ୍ଟରେ ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ, ଯାହାଦ୍ୱାରା ଆଳସ୍ୟତା ଲାଗିବ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ। ତା'ସହ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ।



ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ, ବ୍ରେଡ୍, ବିସ୍କୁଟ ଆଦି ଖାଆନ୍ତୁ। ଏହି ତାଲିକାରେ କଦାପି ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➢ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

➢ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଏହା ଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଯଥେଷ୍ଟ ଆଶଙ୍କା ରହିଛି।

➢ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ଅନ୍ୟତମ ଉତ୍ସ ହେଉଛି ସୂର୍ଯ୍ୟକିରଣ। ତେଣୁ ପ୍ରତିଦିନ ସକାଳେ କିଛି ସମୟ ଖରାରେ ଛିଡ଼ା ହେବା ନିହାତି ଦରକାର।

➢ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ଏହାସହ ଦୈନନ୍ଦିନ ଜୀବନରେ ବ୍ୟାୟାମକୁ ସାମିଲ୍ କରନ୍ତୁ।

➢ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ନ ହେଲେ ଜୀବାଣୁଗୁଡ଼ିକ ଶରୀର ମଧ୍ୟକୁ ଯାଇ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

➢ଘରେ ଯଦି ମେଡିସିନ୍ ରଖୁଛନ୍ତି ତେବେ ତାହାର ନାମ ସହ ଏକ୍ସପାୟରୀ ତାରିଖ ଡାଏରୀରେ ଟିପି ରଖନ୍ତୁ।



## ଆମଲଏଡ୍ ପ୍ରୋଟିନ ମାତ୍ରା ବୃଦ୍ଧି ପାଇଲେ...

ଠିକ୍ ସମୟରେ ଶୋଇବା ଏବଂ ଠିକ୍ ସମୟରେ ଉଠିବା ଆମକୁ କେତେକାଂଶରେ ସୁସ୍ଥ ରଖିଥାଏ। ତେବେ କେତେକ ବ୍ୟକ୍ତି ବିଳମ୍ବରେ ଉଠନ୍ତି। ଯେତେବେଳେ ଏହା ଏକ ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ଏହାର ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ଏହାଦ୍ୱାରା ଏଭଳି ଏକ ପ୍ରୋଟିନ୍‌ର ମାତ୍ରା ବୃଦ୍ଧିପାଏ, ଯାହା ପରବର୍ତ୍ତୀ ସମୟରେ ଆଲଜିମର୍ସର କାରଣ ସାଜିଥାଏ। ଏହି ପ୍ରୋଟିନ ହେଉଛି 'ଆମ୍‌ଲଏଡ୍'। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାରୁ ଏ କଥା ଜଣାପଡ଼ିଛି। ଏଭଳି ପ୍ରୋଟିନ୍ ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମସ୍ତିଷ୍କ ଭିତରେ ଥିବା ସ୍ନାୟୁଗୁଡ଼ିକ ଉପରେ ପଡ଼ିଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟଧାରା ବାଧାପ୍ରାପ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ସ୍ମରଣଶକ୍ତି ପ୍ରଭାବିତ ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଅନ୍ୟ ଗ୍ରହରେ ଜୀବନ ସନ୍ଧାନ

(ଶେଷ ଭାଗ)

ସୂର୍ଯ୍ୟଙ୍କଠାରୁ ଦୂରତାକ୍ରମରେ ଚତୁର୍ଥ ଏବଂ ପୃଥିବୀ ନିକଟରେ ଥିବା ଅନ୍ୟ ଗ୍ରହଟି ହେଉଛି ମଙ୍ଗଳ ବା ଲୋହିତ ଗ୍ରହ। ଏହି ଗ୍ରହଟି ସୌର ମଣ୍ଡଳର 'ଗୋଲଡିଲକ୍' ଜୋନ୍ ବାହାରେ ଥିଲେ ମଧ୍ୟ ୨୦୧୫ ମସିହାରେ 'ନାସା'ର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ଜଳ ତରଳ ଅବସ୍ଥାରେ ଥିବା ଘୋଷଣା କରି ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛନ୍ତି। 'ନାସା' ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଥିଲା ଯେ, ମଙ୍ଗଳ ଏକ ଶୁଷ୍କ ଗ୍ରହ ନୁହେଁ। 'ରୋଭର' ଯାନରୁ ମଙ୍ଗଳ ପୃଷ୍ଠରୁ ପଠାଯାଇଥିବା ମାଟି ବେଶ୍ ଆର୍ଦ୍ର ରହିଛି ଏବଂ ଏଥିରେ ଭରପୂର ମାତ୍ରାରେ ଜଳୀୟ ଅଂଶ ଅଛି। ୨୦୧୮ ଜୁନ୍ ମାସରେ ମଙ୍ଗଳ ଗ୍ରହର ଉତ୍ତର ଗୋଲାର୍ଦ୍ଧରେ ମିଥେନ୍ ଗ୍ୟାସ୍‌ର ସନ୍ଧାନ ମିଳିଛି। ସାଧାରଣତଃ ଜୀବ, କ୍ଷୁଦ୍ରଜୀବ, ଅଣୁଜୀବମାନଙ୍କଠାରୁ ମିଥେନ୍ ଗ୍ୟାସ୍ ନିର୍ଗତ ହୋଇଥାଏ। ମଙ୍ଗଳ ଗ୍ରହରେ ମିଥେନ୍ ଗ୍ୟାସ୍‌ର ଆବିଷ୍କାର ଏବଂ ଜଳ ଥିବାର ସୂଚନା ମିଳିବା ପରେ ସେଠାରେ ଏକଦା ଜୀବସତ୍ତା ତିଷ୍ଠି ରହିଥିବାର ସମ୍ଭାବନାକୁ ନେଇ ମହାକାଶ ବିଜ୍ଞାନୀମାନେ ବେଶ୍ ଆଶାୟୀ ହୋଇପଡ଼ିଛନ୍ତି। ୨୦୩୦ ବେଳକୁ ମନୁଷ୍ୟ ମଙ୍ଗଳ ଗ୍ରହରେ ପଦାର୍ପଣ କରି ବସତି ସ୍ଥାପନ କରିବାର ଆଶା ଉଜ୍ଜୀବିତ ହୋଇଛି।

ଗାଲିଲିଓ ୧୬୧୦ ମସିହାରେ ଆବିଷ୍କାର କରିଥିବା ଗ୍ରହରାଜ ବୃହସ୍ପତିଙ୍କର ଚାରୋଟି ଉପଗ୍ରହ ମଧ୍ୟରୁ 'ୟୁରୋପା' ଅନ୍ୟତମ, ଯାହାର ବରଫାବୃତ୍ତ ପୃଷ୍ଠଦେଶ ତଳେ ତରଳ ଲବଣ ସମୁଦ୍ର ରହିଛି। ପୃଥିବୀର ସାମୁଦ୍ରିକ ଜଳରାଶି ଏହାର ଦୁଇ ଗୁଣ ହେବ। ଆମ ସୌରମଣ୍ଡଳରେ ୟୁରୋପାର ପରିବେଶ ଜୀବସତ୍ତାର ବିକାଶ ପାଇଁ ବିଶେଷଭାବେ ଅନୁକୂଳ ବୋଲି ବୈଜ୍ଞାନିକମାନେ ଆଶାପ୍ରକାଶ କରୁଛନ୍ତି। ଆମ ସୌରମଣ୍ଡଳର ଅନ୍ୟ କୌଣସି ଗ୍ରହ ବା ଉପଗ୍ରହରେ କିମ୍ବା ସୌର ମଣ୍ଡଳ ବାହାରେ ଅନ୍ୟ ଗ୍ରହ ବା ଉପଗ୍ରହରେ ଓ ସୌର ମଣ୍ଡଳ ବାହାରେ ଅନ୍ୟ କେଉଁ ଗ୍ରହରେ ଜୀବସତ୍ତା ତିଷ୍ଠି ରହିଛି ବା ଜୀବନର ଉନ୍ମେଷର ସମ୍ଭାବନା ଅଛି କି ନାହିଁ- ମହାକାଶବିଜ୍ଞାନୀମାନଙ୍କ ଦ୍ୱାରା ଜାରି ରହିଥିବା ଅନୁସନ୍ଧାନ ଭବିଷ୍ୟତରେ ଏହାର ଉତ୍ତର ଦେଇପାରେ। ଉତ୍ତର 'ହଁ' ବା 'ନା' ହୋଇପାରେ। କିନ୍ତୁ ଆମ ନିକଟରେ ବର୍ତ୍ତମାନ ଜୀବସତ୍ତାରେ ଭରପୂର ଗୋଟିଏ ମାତ୍ର ପୃଥିବୀ ରହିଛି, ଯାହାର ସଂରକ୍ଷଣ ସର୍ବୋପରି ଜରୁରୀ।

-ଡ. ବିଜୟ କେତନ ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ, ଓଡ଼ିଶା
ମୋ: ୯୪୩୭୦୦୦୯୦୪



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଏପ୍ରିଲ ୩/୨୦୨୩ Bhubaneswar, Monday, April 3/ 2023

# ମୁମ୍ବାଇକୁ ହରାଇଲା ବାଙ୍ଗାଲୋର

**ବେଙ୍ଗାଲୁରୁ,୨।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ରବିବାର ଡବଲ୍ ହେଡରର ଦ୍ୱିତୀୟ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ଧୂଳି ଚଟାଇଛି ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)। ତିଳକ ବର୍ମାଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ମୁମ୍ବାଇ ୧୭୧ ରନ୍ କରିଥିବା ବେଳେ ୮ ଉଇକେଟ ଓ ୨୨ ବଲ୍ ଥାଇ ମ୍ୟାଚ୍ ଜିତି ନେଇଥିଲା ଆରସିବି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ତିଳକ ଅପରାଜିତ ୮୪ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୭୧ ରନ୍ କରିଥିଲା। ଜବାବରେ ୧୬.୨ ଓଭରରେ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା ବିରାଟ କୋହଲି ୮୨* ଓ ଅଧିନାୟକ ଫାଫ ଡୁ ପ୍ଲେସି ୭୩ ରନ୍ କରିଥିଲେ। ୩ ବର୍ଷ ପରେ ପ୍ରଥମ ଥର ଚିନ୍ନାସ୍ୱାମୀ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଆରସିବି ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ମହମ୍ମଦ ସିରାଜ ଓ ରିସି ଟପ୍‌ଲେଙ୍କ ଘାତକ ବୋଲିଂ ବଳରେ ମୁମ୍ବାଇର ପ୍ରାରମ୍ଭିକ ବିପର୍ଯ୍ୟୟ ଘଟିଥିଲା। ସିରାଜ ପ୍ରଥମ ସ୍ପେଲରେ ୩ ଓଭରରେ ୫ ରନ୍ ଦେଇ ଇଶାନ କିଶନଙ୍କୁ ଆଉଟ କରିଥିଲେ। ପାୱାର ପ୍ଲେ ସୁଦ୍ଧା ୩ ଉଇକେଟ ହରାଇଥିବା ମୁମ୍ବାଇ ୪୮ ରନ୍‌ରେ ଏହାର ଚତୁର୍ଥ ଉଇକେଟ ହରାଇଥିଲା। ଟପ୍ ଅର୍ଡରରେ ରୋହିତ ଶର୍ମା ୧, ଇଶାନ କିଶନ୍ ୧୦,କାମେରୁନ୍ ଗ୍ରୀନ୍-୫ ଓ ସୂର୍ଯ୍ୟକୁମାର ଯାଦବ ୧୫ ରନ୍ କରିଥିଲେ। ୨୦ ବର୍ଷୀୟ ତିଳକ୍ ବର୍ମା ଓ ପ୍ରଥମ ଆଇପିଏଲ ମ୍ୟାଚ୍ ଖେଳୁଥିବା ନେହାଲ ୱଧେରା ମୁମ୍ବାଇ ଇଣ୍ଡିଆନ୍ସକୁ ସଙ୍କଟରୁ ଉଦ୍ଧାର କରି ୫ମ ଉଇକେଟରେ ୫୦ ରନ୍ ଯୋଡିଥିଲେ। ୮୪ ରନ୍ କରି ଶେଷ ଯାଏ ଅପରାଜିତ ରହିଥିବା ତିଳକ ୪୬ ବଲ୍ ଖେଳିଥିଲେ। ତାଙ୍କ ଇନିଂସରେ ସାମିଲ ଥିଲା ୯ ଚୌକା ଓ ୪ ଛକା। ଆରସିବି ପକ୍ଷରୁ କର୍ନ ଶର୍ମା ୨ ଉଇକେଟ ନେଇଥିଲେ। ୧୭୨ ରନ୍ ଜବାବରେ କୋହଲି ଓ ଡୁପ୍ଲେସି ପ୍ରଥମ ଉଇକେଟରେ ୧୪୮ ରନ୍ ଯୋଡିଥିଲେ। ବିରାଟ କୋହଲି ନିଜର ଚମତ୍କାର ଫର୍ମ ବଜାୟ ରଖି ୪୯ ବଲ୍‌ରୁ ୮୨ ରନ୍ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୫ ଛକା ସାମିଲ ଥିଲା। ଅନ୍ୟପକ୍ଷରେ ଡୁ ପ୍ଲେସି ୪୩ ବଲ୍ ଖେଳି ୫ ଚୌକା ଓ ୬ ଛକା ମାରିଥିଲେ। ଉଭୟଙ୍କ ଆକ୍ରମଣର ଜବାବ କୌଣସି ମୁମ୍ବାଇ ବୋଲରଙ୍କ ନିକଟରେ ନଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅର୍ଶଦ ଖାନ୍ ଓ କାମେରୁନ୍ ଗ୍ରୀନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଅପରାଜିତ ୮୨ ରନ୍‌ର ଇନିଂସ୍ ଅବସରରେ ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୪/୬(ତିଳକ ବର୍ମା-୮୪*, ନେହାଲ ୱଧେରା-୨୧, ଅର୍ଶଦ୍ ଖାନ୍-୧୫*, କର୍ନ ଶର୍ମା-୨/୩୨, ରିସି ଟପ୍‌ଲେ-୧/୧୪, ମହମ୍ମଦ ସିରାଜ-୧/୨୧)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୬.୨ ଓଭରରେ ୧୭୨/୨ (ବିରାଟ କୋହଲି-୮୨*, ଫାଫ୍ ଡୁ ପ୍ଲେସି-୭୩, ଅର୍ଶଦ ଖାନ୍-୧/୨୮, କାମେରୁନ୍ ଗ୍ରୀନ୍-୧/୩୦)।

# ରୟାଲ୍ସର ବୃହତ ବିଜୟ

**ହାଇଦ୍ରାବାଦ,୨।୪**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ରବିବାର ଡବଲ୍ ହେଡରର ପ୍ରଥମ ମ୍ୟାଚରେ ବୃହତ ବିଜୟ ହାସଲ କରିଛି ରାଜସ୍ଥାନ ରୟାଲ୍ସ। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଦଳ ୭୨ ରନ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୨୦ ଓଭରରେ ୫ ଉଇକେଟ ହରାଇ ୨୦୩ ରନ୍ କରିଥିବା ବେଳେ ସମାନ ଓଭରରେ ସନରାଇଜର୍ସ ୮ ଉଇକେଟ ହରାଇ ୧୩୧ ରନ୍‌ରେ ସୀମିତ ରହିଥିଲା। ରୟାଲ୍ସ ପକ୍ଷରୁ ଜୋସ୍ ବଟଲର, ଯଶସ୍ୱୀ ଜୟସ୍ୱାଲ ଓ ସଞ୍ଜୁ ସାମସନ୍ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ୟୁଜବେନ୍ଦ୍ର ଚହଲ ୪ ଉଇକେଟ ନେଇଥିଲେ।

**ବଟଲରଙ୍କ ପାୱାର ପ୍ଲେ:** ବିଗତ ସିଜନର ଅରେଞ୍ଜ କ୍ୟାପ୍ ବିଜେତା ଜୋସ୍ ବଟଲର ସମ୍ପୂର୍ଣ୍ଣ ଷ୍ଟାଇଲରେ ଇନିଂସ ଆରମ୍ଭ କରିଥିଲେ। ସନରାଇଜର୍ସର ଷ୍ଟାଣ୍ଡ ଇନ୍ କ୍ୟାପ୍‌ଟେନ୍ ଭୁବନେଶ୍ୱର କୁମାର ପ୍ରଥମେ ବୋଲିଂ ନେଇଥିବା ବେଳେ ପାୱାର ପ୍ଲେରେ ରାଜସ୍ଥାନ ୧ ଉଇକେଟ ହରାଇ ୮୫ ରନ୍ କରିଥିଲା। ସନରାଇଜର୍ସ ବୋଲରଙ୍କୁ ନିର୍ଦ୍ଧୂମ ପ୍ରହାର କରିବା ସହିତ ୨୦ ବଲ୍‌ରୁ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ ବଟଲର। ପାୱାର ପ୍ଲେ ଶେଷ ହେବାର ଗୋଟିଏ ବଲ୍ ପୂର୍ବରୁ ଫଜଲ୍ଲହକ୍ ଫାରୁକିଙ୍କ ବଲରେ ସେ ବୋଲ୍ଡ ହୋଇଥିଲେ। ଓପନିଂ ଯୋଡରେ ଜୟସ୍ୱାଲ(୫୪)ଙ୍କ ସହିତ ସେ ୩୫ ବଲ୍‌ରୁ ୮୫ ରନ୍ ଯୋଡିଥିଲେ। ବଟଲର(୫୪, ୭ଚୌକା ଓ ୩ଛକା) ମାରି ଏକ ଦୃଢ ମୂଳଦୂଆ ପ୍ରଦାନ କରିଥିଲେ। ବଟଲର ଆଉଟ ହେବା ପରେ ସଞ୍ଜୁ ସାମସନ୍ କ୍ରିଜ୍‌ରେ ଯୋଗ ଦେଇଥିଲେ। ଦଳର ଟପ୍ ସ୍କୋରର ରହିଥିବା ସାମ୍‌ସନ ୫୫ ରନ୍ କରିଥିଲେ। ୩୨ ବଲ୍ ଖେଳି ସେ ୩ ଚୌକା ଓ ୪ଛକା ମାରିଥିଲେ। ଏକଦା ୨୩୦-୪୦ ରନଖ କରିବା ପରି ଲାଗୁଥିବା ରାଜସ୍ଥାନ ଶେଷ ୪ ଓଭରରେ ମାତ୍ର ୩୩ ରନ୍ କରିବାରେ ସମର୍ଥ ହୋଇଥିଲା। ଶେଷ ଆଡକୁ ସିମରନ୍ ହେଟମେୟର ୨୨* ରନ୍ କରିଥିଲେ। ଟି ନଟରାଜନ, ଫଜଲ୍ଲହକ୍ ଫାରୁକି ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ଉମ୍ରାନ୍ ମଲିକ ଗୋଟିଏ ଉଇକେଟ ନେଇଥିଲେ। ଫଜଲ୍ଲହକ୍ ଫାରୁକିଙ୍କ ସ୍ଥାନରେ ଅବଦୁଲ ସମଦ ଓ ଯଶସ୍ୱୀ ଜୟସ୍ୱାଲଙ୍କ ସ୍ଥାନରେ ନବଦୀପ ସଇନି ଇମ୍ପାକ୍ଟ ସବଷ୍ଟିଚ୍ୟୁଟ୍ ଭାବରେ ସ୍ଥାନ ପାଇଥିଲେ।

**ଚହଲଙ୍କ ମ୍ୟାଜିକ୍:** ୨୦୪ ରନ୍‌ର ପିଛା କରୁଥିବା ସନରାଇଜର୍ସ ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରରେ ଖାତା ଖୋଲିବା ପୂର୍ବରୁ ଦଳ ଦୁଇ ଉଇକେଟ ହରାଇଥିଲା। ତେବେ ଚହଲ ୪ ଉଇକେଟ ନେଇ ମ୍ୟାଚକୁ ରୟାଲ୍ସ ସପକ୍ଷକୁ ଆଣିଥିଲେ। ଟି୨୦ରେ ୩୦୦ ଉଇକେଟ ପୂରଣ କରିଥିବା ଚହଲ ୧୭ ରନ୍ ଦେଇ ୪ ଉଇକେଟ ନେଇଥିଲେ।ସନରାଇଜର୍ସ ପକ୍ଷରୁ ଅବଦୁଲ ସମଦ ଅପରାଜିତ ୩୨ ରନ୍ କରିଥିବା ବେଳେ ମୟଙ୍କ ଅଗ୍ରୱାଲ ୨୭ ରନ୍ କରିଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଜୋସ୍ ବଟଲର। ୪ ଉଇକେଟ ନେଇଥିବା ୟୁଜବେନ୍ଦ୍ର ଚହଲ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**ଚେନ୍ନାଇ ବନାମ ଲକ୍ଷ୍ମୌ**
ସ୍ଥାନ-ଚେନ୍ନାଇ,
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଚହଲଙ୍କ ବ୍ୟତିତ ଟ୍ରେଣ୍ଟ ବୋଲ୍ଟ ୨, ଆର. ଅଶ୍ୱିନ ଓ ଜାସନ୍ ହୋଲ୍ଡର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଭାବୀ ବ୍ୟାଟିଂ ପାଇଁ ଜୋଶ ବଟଲରଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୦୩/୫ (ସଞ୍ଜୁ ସାମସନ୍-୫୫,ଜୋସ୍ ବଟଲର-୫୪, ଯଶସ୍ୱୀ ଜୟସ୍ୱାଲ-୫୪, ଟି ନଟରାଜନ-୨/୨୩, ଫଜଲ୍ଲହକ୍ ଫାରୁକି-୨/୪୧, ଉମ୍ରାନ୍ ମଲିକ୍-୧/୩୨)। ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୩୧/୮ (ଅବଦୁଲ ସମଦ-୩୨*, ମୟଙ୍କ ଅଗ୍ରୱାଲ-୨୭, ଉମ୍ରାନ୍ ମଲିକ-୧୯, ୟୁଜବେନ୍ଦ୍ର ଚହଲ-୪/୧୭, ଟ୍ରେଣ୍ଟ ବୋଲ୍ଟ-୨/୨୧, ଜାସନ୍ ହୋଲ୍ଡର-୧/୧୬)।

# କ୍ରିକେଟର ଅଘୋଷିତ ରାଜକୁମାରଙ୍କ ଦେହାନ୍ତ

**ନୂଆଦିଲ୍ଲୀ,୨।୪(ପି.ଟି.)**

ଭାରତର କିମ୍ବଦନ୍ତୀ କ୍ରିକେଟର ସଲିମ୍ ଦୁରାନୀଙ୍କ ପରଲୋକ। ୮୮ ବର୍ଷ ବୟସରେ ରବିବାର ସଲିମ୍ ପ୍ରାଣ ହରାଇଛନ୍ତି। ୬୦ ଦଶକର ଏହି ଲୋକପ୍ରିୟ କ୍ରିକେଟର ଜଣଙ୍କ ନିଜ ଆକ୍ରମଣାତ୍ମକ କ୍ରିକେଟ ଖେଳ ଏବଂ ଯାଦୁକରୀ ସ୍ପିନ୍ ବୋଲିଂ ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ। ଶେଷ ସମୟରେ ସେ ଭାଇ ଜାହାଙ୍ଗୀର ଦୁରାନୀଙ୍କ ସହ ଗୁଜରାଟର ଜାମନଗରରେ ବାସ କରୁଥିଲେ। ଗତବର୍ଷ ଜାନୁୟାରୀରେ ତାଙ୍କର ଜଂଘ ହାଡ଼ ଭାଙ୍ଗିଯାଇଥିବାରୁ ତାହା ଅପରେଶନ କରାଯାଇଥିଲା। କାବୁଲରେ ଜନ୍ମିତ ଏହି ଅଲ୍‌ରାଉଣ୍ଡର ଜଣକ ଭାରତ ପାଇଁ ୨୯ ଟେଷ୍ଟ ଖେଳି ୧୨୦୨ ରନ୍ କରିଥିବା ବେଳେ ବାମହାତୀ ଅର୍ଥୋଡକ୍ସ ସ୍ପିନ୍ ଜରିଆରେ ୭୪ ଉଇକେଟ ନେଇଥିଲେ। ୨୯ ଟେଷ୍ଟରେ ସେ ଗୋଟିଏ ଶତକ ଓ ୭ ଅର୍ଦ୍ଧଶତକ ମଧ୍ୟ ହାସଲ କରିଥିଲେ। ୬୦ ଦଶକରେ ଦୁରାନୀ ନିଜ କ୍ରିକେଟ ଲାଗି ଯେତିକି ଚର୍ଚ୍ଚିତ ଥିଲେ ସମାନ ଭାବରେ ନିଜର ଡ୍ରେସିଂ ସେନ୍ସ ଓ ହ୍ୟାଣ୍ଡସମ୍ ଚେହେରା ପାଇଁ ଚର୍ଚ୍ଚାରେ ରହିଥିଲେ। ୧୯୬୧-୬୨ରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଭାରତ ୨-୦ରେ ଜିତିଥିଲା। କୋଲକାତା ଓ ମାଡ୍ରାସ ଟେଷ୍ଟରେ ସେ ଯଥାକ୍ରମେ ୮ ଓ ୧୦ ଉଇକେଟ ନେଇ ଏହି ସିରିଜ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଐତିହାସିକ ଇଂଲଣ୍ଡ ସିରିଜ୍ ବିଜୟର ଏକ ଦଶନ୍ଧି ପରେ ୱେଷ୍ଟଇଣ୍ଡିଜର ପୋର୍ଟ ଅଫ୍ ସ୍ପେନ୍‌ରେ ଭାରତ ବିଜୟୀ ହୋଇଥିଲା। କ୍ଲାଇଭ୍ ଲଏଡ୍ ଓ ସାର୍ ଗାରଫିଲ୍ଡ ସୋବର୍ସଙ୍କ ଉଇକେଟ ନେଇ ସେ ଭାରତକୁ ବିଜୟୀ କରାଇଥିଲେ। ଏହାସହିତ ୧୯୭୩ ମସିହାରେ ପରବିନ୍ ବାବିଙ୍କ ସହ ଚରିତ୍ର ନାମକ ଏକ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ। ୧୯୬୦ ମସିହାରେ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜ କ୍ୟାରିୟର ଆରମ୍ଭ କରିଥିବା ବେଳେ ସମାନ ଷ୍ଟାଡିୟମରେ ୧୩ ବର୍ଷ ପରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ କ୍ୟାରିୟରର ଶେଷ ମ୍ୟାଚ୍। ଦୁରାନୀଙ୍କ ଉଚ୍ଚତା କାରଣରୁ ସେ ଯେକୌଣସି ପିଚ୍‌ରେ ପ୍ରଭାବୀ ବୋଲିଂ କରୁଥିବା ବେଳେ ବ୍ୟାଟିଂରେ ମଧ୍ୟ ବିପକ୍ଷ ଦଳକୁ ଅସୁବିଧାରେ ପକାଇବାରେ ସକ୍ଷମ ହେଉଥିଲେ। ଏପରି କି ଦୁରାନୀଙ୍କ ଅନେକ ସାଥୀ ଖେଳାଳି ତାଙ୍କୁ ଦର୍ଶକଙ୍କ କ୍ରିକେଟର ଭାବେ ବିବେଚନା କରନ୍ତି। ଦର୍ଶକଙ୍କ ଦାବି ଅନୁସାରେ ଦୁରାନୀ ଛକା ଓ ଚୌକା ମାରିବାରେ ସଫଳ ହୁଅନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟରେ ଦୁରାନୀ ୧୪ ଶତକ ସହ ୮୫୪୫ ରନ୍ ଓ ୪୮୪ ଉଇକେଟ ନେଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ୩ ଥର ୫ ଉଇକେଟ ସଫଳତା ପାଇଥିବା ବେଳେ ପ୍ରଥମ ଶ୍ରେଣୀ କ୍ରିକେଟରେ ସେ ୨୧ ଥର ଏହି ସଫଳତା ହାସଲ କରିଛନ୍ତି। ପ୍ରଥମ ଭାରତୀୟ କ୍ରିକେଟର ଭାବେ ସେ ଅର୍ଜୁନ ପୁରସ୍କାର ହାସଲ କରିଥିଲେ। ଦର୍ଶକଙ୍କ ଫେଭରିଟ୍ କ୍ରିକେଟର ରହିଥିବା ଦୁରାନୀଙ୍କୁ ଏକଦା କାନପୁର ଟେଷ୍ଟରେ ଦଳରୁ ବାଦ୍ ଦିଆଯାଇଥିବା ବେଳେ ଦର୍ଶକ ଗ୍ୟାଲେରିରେ ‘ନୋ ଦୁରାନୀ ନୋ ଟେଷ୍ଟ’ର ପ୍ଲା କାର୍ଡ ଦେଖିବାକୁ ମିଳିଥିଲା। ୨୫ ବର୍ଷ ଘରୋଇ କ୍ରିକେଟ ଖେଳିଥିବା ଦୁରାନୀ ଗୁଜରାଟ, ରାଜସ୍ଥାନ ଓ ସୌରାଷ୍ଟ୍ର ପାଇଁ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।


ସଲିମ୍ ଦୁରାନୀ


କିମ୍ବଦନ୍ତୀ କ୍ରିକେଟର ସଲିମ୍ ଦୁରାନୀଙ୍କ ପରଲୋକରେ ରାଜସ୍ଥାନ ରୟାଲ୍ସ ଓ ସନରାଇଜର୍ସ ହାଇଦ୍ରାବାଦ ଦଳର ଖେଳାଳିଙ୍କ ସହିତ ମ୍ୟାଚ୍ ଅଫିସିଆଲଙ୍କ ନୀରବ ପ୍ରାର୍ଥନା।

# ସଲିମ୍ ଦୁରାନୀ ଏକ ଅନୁଷ୍ଠାନ: ମୋଦି


୨୦୦୪ରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କ ସହ ସଲିମ୍ ଦୁରାନୀ।

**ନୂଆଦିଲ୍ଲୀ,୨।୪(ପି.ଟି.)**

ଭାରତର କିମ୍ବଦନ୍ତୀ କ୍ରିକେଟର ସଲିମ୍ ଦୁରାନୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ ଦୁରାନୀଙ୍କୁ ଜଣେ କିମ୍ବଦନ୍ତୀ ଭାବେ ବର୍ଣ୍ଣନା କରିବା ସହ ନିଜ ମଧ୍ୟରେ ଏକ ଅନୁଷ୍ଠାନ ବୋଲି କହିଥିଲେ। କ୍ରିକେଟ୍‌ରେ ଭାରତର ଉନ୍ନତିରେ ଦୁରାନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଫିଲ୍ଡ ଭିତରେ ହେଉ କି ବାହାରେ ତାଙ୍କର ଷ୍ଟାଇଲ ସ୍ୱତନ୍ତ୍ର ଥିଲା ବୋଲି କହିଛନ୍ତି ମୋଦି। ଦୁରାନୀ ସୌରାଷ୍ଟ୍ର ଓ ଗୁଜରାଟ ପାଇଁ କ୍ରିକେଟ ଖେଳିଥିବା ବେଳେ ଗୁଜରାଟରେ ଅବସ୍ଥାନ କରନ୍ତି। ଏହା ପୂର୍ବରୁ ତାଙ୍କ ସହ ସାକ୍ଷାତ୍ କରିବାର ସୁଯୋଗ ପାଇଥିବାରୁ ମୁଁ ଗର୍ବିତ ବୋଲି ମୋଦି କହିଛନ୍ତି। କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର, ବିସିସିଆଇ ସମ୍ପାଦକ ଜୟ ଶାହା, କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର ଓ ପୂର୍ବତନ ଭାରତୀୟ କ୍ରିକେଟ ଦଳ କୋଚ୍ ରବି ଶାସ୍ତ୍ରୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ‘ଆସ୍କ ଫର୍ ଏ ସିକ୍ସ’

**ନୂଆଦିଲ୍ଲୀ,୨।୪(ପି.ଟି.)**

କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ସଲିମ୍ ଦୁରାନୀଙ୍କ ବିଷୟରେ କହିଛନ୍ତି ଯେ ଯଦି ଦୁରାନୀଙ୍କ ଆତ୍ମଜୀବନୀ ଲେଖାଯାଏ ତେବେ ଏହାର ନାଁ ‘ଆସ୍କ ଫର ଏ ସିକ୍ସ’ ରଖାଯିବ। ୬୦ ଓ ୭୦ ଦଶକରେ ଦିନିକିଆ କ୍ରିକେଟ ନ ଥିଲେ ମଧ୍ୟ ଦୁରାନୀ ନିଜ ଆକ୍ରମଣାତ୍ମକ ବ୍ୟାଟିଂ ପାଇଁ ଦର୍ଶକଙ୍କ ଫେଭରିଟ୍ ଥିଲେ। ଦର୍ଶକଙ୍କ ଡିମାଣ୍ଡରେ ଦୁରାନୀ ଚୌକା ଓ ଛକା ମାରୁଥିବାରୁ ତାଙ୍କୁ ଏଭଳି ଟାଇଟଲ ପ୍ରଦାନ କରିଥିଲେ ଗାଭାସ୍କର। ସେ ଲେଖିଥିଲେ, ଥରେ ଇଡେନ୍ ଗାର୍ଡେନ୍ସର ୯୦ ହଜାର ଦର୍ଶକ ସିକ୍ସର ସିକ୍ସର ଚିଲାଉଥିବା ବେଳେ ସେ ତାଙ୍କ ପରବର୍ତ୍ତୀ ବଲ୍‌ରେ ଛକା ମାରିଥିଲେ। ୱେଷ୍ଟଇଣ୍ଡିଜରେ ୧୯୭୧ରେ ଅଜିତ ୱାଦେକରଙ୍କ ନେତୃତ୍ୱରେ ଭାରତୀୟ ଦଳ ସିରିଜ୍ ଜିତିଥିଲା। ଗାଭାସ୍କର ଏହି ସିରିଜ୍‌ରେ ୭୭୪ ରନ୍ କରିଥିଲେ ମଧ୍ୟ ପୋର୍ଟ ଅଫ୍ ସ୍ପେନ୍‌ରେ ଦୁରାନୀଙ୍କ ୨/୨୧ର ସ୍ପେଲ୍ ସମସ୍ତଙ୍କୁ ଚକିତ କରିଦେଇଥିଲା। କ୍ଲାଇଭ୍ ଲଏଡ୍ ଓ ସାର୍ ଗାରଫିଲ୍ଡ ସୋବର୍ସଙ୍କ ମହତ୍ୱପୂର୍ଣ୍ଣ ଉଇକେଟ ନେଇ ସେ ବିଜୟ ପକ୍କା କରିଥିଲେ। ସେ ସମୟରେ ଗୋଟିଏ ଟେଷ୍ଟ ମ୍ୟାଚ୍ ପାଇଁ ୩୦୦ ଟଙ୍କା ମିଳୁଥିବା ବେଳେ ଦୁରାନୀ କିନ୍ତୁ ଖେଳ ପ୍ରତି ଥିବା ତାଙ୍କ ଭଲପାଇବା ଲାଗି ଖେଳୁଥିଲେ ବୋଲି କହିଛନ୍ତି ଗାଭାସ୍କର। ଦୁରାନୀଙ୍କ କ୍ୟାରିୟରର ଶେଷଆଡ଼କୁ ବିଶନ ସିଂ ବେଦୀ, ଭଗୱତ ଚନ୍ଦ୍ର ଶେଖର, ଏରାପଲ୍ଲୀ ପ୍ରସନ୍ନା ଓ ଏସ୍. ଭେଙ୍କଟରାଘବନଙ୍କ ଉତ୍ଥାନ ଘଟିବା ସହିତ ଭାରତୀୟ ସ୍ପିନ୍ ବୋଲିଂ ଏକ ନୂତନ ଶିଖର ଛୁଇଁଥିଲା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ